

ଆଇପିଏଲ୍ ସୁପରଷ୍ଟାର
ସୂର୍ଯ୍ୟବଂଶୀ
▸ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-334 •TUESDAY •2 JUNE 2026 •PAGE-12 •₹ 7.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୩୩୪ •ମଙ୍ଗଳବାର •୨ ଜୁନ୍ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦





# ୧୬ ବର୍ଷରୁ କମ୍ ପିଲାଙ୍କ ପାଇଁ ସାମାଜିକ ଗଣମାଧ୍ୟମ ବ୍ୟାନ୍ କଲା ମାଲେସିଆ



କୁଆଲାଲମ୍ପୁର, ୧।୬(ଏଜେନ୍ସି): ଶିଶୁମାନଙ୍କ ଅନଲାଇନ୍ ସୁରକ୍ଷାକୁ ଅଧିକ ମଜଭୁତ କରିବା ପାଇଁ ମାଲେସିଆ ସରକାର ସୋମବାରଠାରୁ ଏକ ବଡ଼ ନିୟମ ଲାଗୁ କରିଛନ୍ତି। ନୂତନ ନିୟମ ଅନୁଯାୟୀ, ୧୬ ବର୍ଷରୁ କମ୍ ବୟସର ପିଲାମାନଙ୍କ ପାଇଁ ସାମାଜିକ ଗଣମାଧ୍ୟମ (ସୋସିଆଲ୍ ମିଡିଆ) ଆକାଉଣ୍ଟ ଖୋଲିବା ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଯାଇଛି। ଫେସବୁକ୍, ଇନଷ୍ଟାଗ୍ରାମ, ଟିକଟକ୍ ଏବଂ ୟୁଟ୍ୟୁବ୍ ଭଳି ୮ ମିଲିୟନରୁ ଅଧିକ ବ୍ୟବହାରକାରୀ ଥିବା ପ୍ରତିଟି ପ୍ରମୁଖ ପ୍ଲାଟଫର୍ମକୁ ଏବେ ବୟସ ଯାଞ୍ଚ ପ୍ରଣାଳୀ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସରକାରଙ୍କ କହିବା ଅନୁଯାୟୀ, ପିଲାମାନଙ୍କୁ ସାଇବର ବୁଲିଂ, କ୍ଷତିକାରକ ବିଷୟବସ୍ତୁ ଏବଂ ସୋସିଆଲ ମିଡିଆର ଅତ୍ୟଧିକ ବ୍ୟବହାରରୁ ରକ୍ଷା କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ଏହି ନିୟମ ଉଲ୍ଲଂଘନ କଲେ ସମ୍ପୃକ୍ତ କମ୍ପାନୀଗୁଡ଼ିକ ଉପରେ ୧୦ ମିଲିୟନ୍ ରିଙ୍ଗିଟ୍ (ପ୍ରାୟ ୨.୫ ମିଲିୟନ୍ ଆମେରିକୀୟ ଡଲାର) ପର୍ଯ୍ୟନ୍ତ ଜରିମାନା କରାଯିବାର ବ୍ୟବସ୍ଥା ରହିଛି। ତେବେ ଯଦି କୌଣସି ପିଲା ଏହି ନିୟମକୁ ଏଡ଼ାଇ ଆକାଉଣ୍ଟ ଖୋଲିବାରେ ସଫଳ ହୁଏ, ତେବେ ସେଥିପାଇଁ ପିତାମାତାଙ୍କୁ ଦଣ୍ଡିତ କରାଯିବ ନାହିଁ। ଅଷ୍ଟ୍ରେଲିଆ, ବ୍ରାଜିଲ ଏବଂ ଇଣ୍ଡୋନେସିଆ ଭଳି ଦେଶ ପରେ ମାଲେସିଆ ଏହି ଗ୍ଲୋବାଲ୍ ଟ୍ରେଣ୍ଡରେ ସାମିଲ ହୋଇଛି, ଯଦିଓ ଏହା ଦ୍ୱାରା ବ୍ୟକ୍ତିଗତ ତଥ୍ୟର ସୁରକ୍ଷା (ଡାଟା ପ୍ରାଇଭେସି) କୁ ନେଇ କେତେକ ବିଶେଷଜ୍ଞ ଚିନ୍ତା ପ୍ରକଟ କରିଛନ୍ତି।

## ଅନ୍‌ଲାଇନ୍ ପ୍ରେମ ପାଇଁ ଗିରଫ ହେଲେ ପିଓକେ ଯୁବକ

ଉରି, ୧।୬(ଏଜେନ୍ସି): ସାମାଜିକ ଗଣମାଧ୍ୟମରେ ଗଢ଼ି ଉଠିଥିବା ପ୍ରେମ ସମ୍ପର୍କ ପାଇଁ ଜଣେ ୨୨ ବର୍ଷୀୟ ଯୁବକ ବିଶ୍ୱର ସୀମା ପାର୍ କରି ଭାରତୀୟ ସୀମାରେ ପ୍ରବେଶ କରିଛନ୍ତି। ଜମ୍ମୁ-କାଶ୍ମୀରର ଉରି ସେକ୍ଟରରେ ନିଜ ପ୍ରେମିକାକୁ ଭେଟିବାକୁ ଚେଷ୍ଟା କରୁଥିବା ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ) ର ଏହି ଯୁବକଙ୍କୁ ଭାରତୀୟ ସେନା ସୀମା ପାର୍ ହେବାର କିଛି ସମୟ ମଧ୍ୟରେ ହିଁ ଗିରଫ କରିଛି। ରବିବାର ସକାଳ ପ୍ରାୟ ୯ଟା ୩୦ ମିନିଟରେ ଉରିର ସିଲିକୋଟ୍ ଅଞ୍ଚଳରେ ନିୟନ୍ତ୍ରଣ ରେଖା (ଏଲ୍‌ଓସି) ପାର୍ ହୋଇ ଜଣେ ବ୍ୟକ୍ତି ଭାରତୀୟ ସୀମା ଆଡ଼କୁ ଆସୁଥିବା ସେନା ଜବାନମାନେ ଦେଖିବାକୁ ପାଇଥିଲେ। ପରେ ତାଙ୍କୁ ସେଠାରେ ଅଟକ ରଖାଯାଇଥିଲା। ପଚରାଉଚରା ସମୟରେ ଯୁବକ ଜଣକ ନିଜର ପରିଚୟ ପିଓକେର ମୁଜାଫରାବାଦ ନିବାସୀ ଜୀଶାନ୍ ଅହମ୍ମଦ ମୀର ବୋଲି ଦେଇଛନ୍ତି ଏବଂ ତାଙ୍କ ନିକଟରୁ ଏକ ପାକିସ୍ତାନୀ ପରିଚୟ ପତ୍ର ମଧ୍ୟ ମିଳିଛି। ଜୀଶାନ୍ ସୁରକ୍ଷାକର୍ମୀଙ୍କୁ ଜଣାଇଛନ୍ତି ଯେ, ସାମାଜିକ ଗଣମାଧ୍ୟମ ଜରିଆରେ ଉରି ଅଞ୍ଚଳର ଇରମ୍ ବାନୋ ନାମକ ଜଣେ ଯୁବତୀଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ସେହି ଯୁବତୀଙ୍କୁ ଦେଖା କରିବା ପାଇଁ ସେ ଏଭଳି ବିପଜ୍ଜନକ ପଦକ୍ଷେପ ନେଇ ସୀମା ପାର୍ ହୋଇଛନ୍ତି। ବର୍ତ୍ତମାନ ସୁରକ୍ଷା ଏଜେନ୍ସିଗୁଡ଼ିକ ଯୁବକ ଏବଂ ସମ୍ପୃକ୍ତ ଯୁବତୀ ଦୁହିଁଙ୍କୁ ପଚରାଉଚରା କରିବା ସହ ସେମାନଙ୍କ ମଧ୍ୟରେ ହୋଇଥିବା ଅନ୍‌ଲାଇନ୍ କଥାବାର୍ତ୍ତାର ଡିଜିଟାଲ୍ ତଥ୍ୟ ଯାଞ୍ଚ କରୁଛନ୍ତି।

# ଗଛ ଉପରୁ ମାଙ୍କଡ଼ର 'ଟଙ୍କା ବର୍ଷା'



■ ବ୍ୟାଗ୍ ଛଡ଼ାଇ ଗଛରୁ ନୋଟ୍ ଉଡ଼ାଇଲା
■ ନୋଟ୍ ଗୋଟାଇବାକୁ ଲୋକଙ୍କ ଭିଡ଼

ଲକ୍ଷ୍ନୌ, ୧।୬(ଏଜେନ୍ସି): ଉତ୍ତରପ୍ରଦେଶର ବୁଲନ୍ଦସହର ଜିଲ୍ଲା ଅଦାଲତ ପରିସର ନିକଟରେ ଏକ ଅଜବ ଓ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି। ଏକ ମାଙ୍କଡ଼ ଜଣେ ବ୍ୟକ୍ତିଙ୍କ ହାତରୁ ୨,୦୦,୦୦୦ ଟଙ୍କା ଥିବା ବ୍ୟାଗ୍ ଛଡ଼ାଇ ନେଇ ଗଛ ଉପରୁ ନୋଟ୍ ବର୍ଷା କରିଛି। ଏହି ଦୃଶ୍ୟ ଦେଖି ସେଠାରେ ଉପସ୍ଥିତ ଥିବା ଲୋକଙ୍କ ମଧ୍ୟରେ ଟଙ୍କା ଗୋଟାଇବା ପାଇଁ ପ୍ରତିଯୋଗିତା ଓ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ଶନିବାର ଦିନ ଜଣେ ବ୍ୟକ୍ତି ଜମି କିଣାବିକା ସମ୍ପର୍କିତ କାଗଜପତ୍ର କାମ ପାଇଁ ଅଦାଲତ ପରିସରରେ ଥିବା ଜଣେ ଓକିଲଙ୍କ ପ୍ରକୋଷ୍ଠକୁ ଆସିଥିଲେ। ସେ ନିଜ ସାଙ୍ଗରେ ବ୍ୟାଗ୍‌ରେ ୨,୦୦,୦୦୦ ଟଙ୍କା ନେଇ ଆସିଥିବା ବେଳେ ହଠାତ୍ ଏକ ମାଙ୍କଡ଼ ତାଙ୍କ ହାତରୁ ବ୍ୟାଗ୍‌ଟିକୁ ଝାମ୍ପି ନେଇ ଦ୍ରୁତ ଗତିରେ ପାଖରେ ଥିବା ଏକ ଗଛ ଉପରକୁ ଚଢ଼ି ଯାଇଥିଲା। ଗଛ ଉପରେ ବସି ମାଙ୍କଡ଼ଟି ଖାଦ୍ୟ ସନ୍ଧାନରେ ବ୍ୟାଗ୍‌ଟିକୁ ଖୋଜାଖୋଜି କରିବା ଆରମ୍ଭ କରିଥିଲା। ହେଲେ ଖାଦ୍ୟ ବଦଳରେ ସେଥିରୁ ୫୦୦ ଟଙ୍କିଆ ନୋଟ୍‌ର ବିଡ଼ା ବାହାରିଥିଲା। ଏହାପରେ ମାଙ୍କଡ଼ଟି ନୋଟ୍ ବିଡ଼ାଗୁଡ଼ିକୁ ଚିରି ଆକାଶରୁ ବର୍ଷା ହେବା ଭଳି ତଳକୁ ଫିଙ୍ଗିବାକୁ ଲାଗିଲା। ମାତ୍ର କିଛି ମିନିଟ୍ ମଧ୍ୟରେ ଗଛ ତଳେ ଏବଂ ଆଖପାଖ ରାସ୍ତାରେ ନୋଟ୍ ଉଡୁଥିବାର ଦେଖି ପ୍ରବଳ ଭିଡ଼ ଜମିଯାଇଥିଲା। ଏହି ସମଗ୍ର ଘଟଣାର ଏକ ୫୩ ସେକେଣ୍ଡର ଭିଡିଓ ବର୍ତ୍ତମାନ ସାମାଜିକ ଗଣମାଧ୍ୟମରେ ଖୁବ୍ ଭାଇରାଲ୍ ହେବାରେ ଲାଗିଛି। ବ୍ୟାଗ୍‌ର ମାଲିକ ଜଣକ ନିଜର ଟଙ୍କା ବଞ୍ଚାଇବା ପାଇଁ ଚିତ୍କାର କରିଥିବା ବେଳେ ସେଠାରେ ଥିବା ସ୍ଥାନୀୟ ଲୋକେ ଏବଂ ପ୍ରତ୍ୟକ୍ଷଦର୍ଶୀମାନେ ଟଙ୍କା ଗୋଟାଇବାରେ ଲାଗିପଡ଼ିଥିଲେ। ତେବେ ପରବର୍ତ୍ତୀ ସମୟରେ ସ୍ଥାନୀୟ ଲୋକଙ୍କ ସହାୟତାରେ ବ୍ୟାଗ୍ ମାଲିକ ନିଜର ପ୍ରାୟ ୧,୯୮,୦୦୦ ଟଙ୍କା ଫେରସ୍ତ ପାଇବାରେ ସଫଳ ହୋଇଛନ୍ତି। ମାଙ୍କଡ଼ର ଏଭଳି କାଣ୍ଡ ପୁରା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

## ଗର୍ଭବତୀ ପତ୍ନୀଙ୍କ ପାଇଁ ରାସ୍ତା ଉପରେ ସ୍ୱାମୀଙ୍କ ଧାରଣା



ବେଙ୍ଗାଲୁର, ୧।୬(ଏଜେନ୍ସି): ବେଙ୍ଗାଲୁରୁର ଅତି ଜଟିଳ ଟ୍ରାଫିକ୍ ସମସ୍ୟା ମଧ୍ୟରେ ଜଣେ ସାଧାରଣ ନାଗରିକଙ୍କ ଅଭିନବ ବିରୋଧ ପ୍ରଦର୍ଶନର ଭିଡିଓ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। କର୍ଣ୍ଣାଟକର ରାଜ୍ୟପାଳ ଥାୱରଚାନ୍ଦ ଗେହଲଟଙ୍କ ଗସ୍ତ ପାଇଁ ଓଲ୍ଡ ଏୟାରପୋର୍ଟ ରୋଡ୍‌ରେ ଦୀର୍ଘ ସମୟ ଧରି ଟ୍ରାଫିକ୍ ଅଟକାଇ ଦିଆଯାଇଥିଲା। ଏହି ସମୟରେ ଗାଡ଼ିରେ ନିଜ ଗର୍ଭବତୀ ପତ୍ନୀଙ୍କ ସହ ଯାତ୍ରା କରୁଥିବା ଜଣେ ବ୍ୟକ୍ତି ଅତିଷ୍ଠ ହୋଇ ଗାଡ଼ିରୁ ଓହ୍ଲାଇ ରାସ୍ତା ମଝିରେ ବସି ପଡ଼ିଥିଲେ ଏବଂ ରାଜ୍ୟପାଳଙ୍କ କାରକେଡ୍ ଅର୍ଥାତ ଗାଡ଼ିର ଶୋଭାଯାତ୍ରାକୁ ଆଗୁ ଯିବାରେ ବାଧା ସୃଷ୍ଟି କରିଥିଲେ। ରାସ୍ତାରେ ବସି ରହିଥିବା ସେହି ବ୍ୟକ୍ତି ଜଣକ ଟ୍ରାଫିକ୍ ପୁଲିସ ସହ ଯୁକ୍ତିତର୍କ କରି କହିଥିଲେ, 'ମୋ ପତ୍ନୀ ଗର୍ଭବତୀ ଅଛନ୍ତି। ଆମର ମଧ୍ୟ ଜରୁରୀ କାମ ଅଛି। କେବଳ ରାଜ୍ୟପାଳ ଜଣେ ବଡ଼ ବ୍ୟକ୍ତି ବୋଲି ଆମେ କ'ଣ କେହି ନୁହଁ?' ପୁଲିସ ଅଫିସର ଜଣକ ତାଙ୍କୁ ବୁଝାଇବାକୁ ଚେଷ୍ଟା କରି ଆପଣ ମଧ୍ୟ ଜଣେ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତି ବୋଲି କହିଥିଲେ ଏବଂ ସେଠାରୁ ଉଠିଯିବାକୁ ଅନୁରୋଧ କରିଥିଲେ, କିନ୍ତୁ ଯୁବକ ଜଣକ ସେଠାରୁ ହଟିବାକୁ ସିଧା ମନା କରିଦେଇଥିଲେ। ପରେ ପୁଲିସ ଗାଡ଼ି ଡକାଯିବା ପରେ ଏହି ସ୍ଥିତି ଶାନ୍ତ ପଡ଼ିଥିଲା। ଏହି ଘଟଣାଟି ଦେଶରେ ପୁଣି ଥରେ 'ଭିଆଇପି ସଂସ୍କୃତି' ଏବଂ ଏହା ଦ୍ୱାରା ସାଧାରଣ ଜନତା ଭୋଗୁଥିବା ଅସୁବିଧାକୁ ନେଇ ଏକ ବଡ଼ ବିତର୍କ ସୃଷ୍ଟି କରିଛି।

## ତାମିଲନାଡୁ ରାଜନୀତି ସରଗରମ, ବିଜେପି ଛାଡ଼ିବେ ଅନ୍ନାମଲାଇ!

ଚେନ୍ନାଇ, ୧।୬(ଏଜେନ୍ସି): ତାମିଲନାଡୁ ରାଜନୀତିରୁ ଏକ ବଡ଼ ଖବର ସାମ୍ନାକୁ ଆସିଛି। ଦକ୍ଷିଣ ଭାରତରେ ବିଜେପି'ର ପ୍ରମୁଖ ତଥା ଚର୍ଚ୍ଚିତ ଚେହେରା ଭାବେ ଜଣାଶୁଣା ପୂର୍ବତନ ପ୍ରଦେଶ ସଭାପତି କେ. ଅନ୍ନାମଲାଇ ଦଳରୁ ଇସ୍ତଫା ଦେବାକୁ ନିଷ୍ପତ୍ତି ନେଇଛନ୍ତି। ବିଜେପିର ବରିଷ୍ଠ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ସେ ମଙ୍ଗଳବାର ଦିନ ଦିଲ୍ଲୀରେ ଦଳର ଜାତୀୟ ମୁଖ୍ୟ ନିତିନ ନବୀନଙ୍କୁ ଭେଟି ଆନୁଷ୍ଠାନିକ ଭାବେ ନିଜର ଏହି ନିଷ୍ପତ୍ତି ଜଣାଇବେ। ଅନ୍ନାମଲାଇ ସୋମବାର ରାତିରେ ହିଁ ଦିଲ୍ଲୀରେ ପହଞ୍ଚିବାକୁ ଥିବା ବେଳେ ତାଙ୍କର ଏହି ଗସ୍ତ କେବଳ ଏକ ରାଜନୈତିକ ବୈଠକ ନୁହେଁ, ବରଂ ଗତ ୬ ବର୍ଷର ସାଧାରଣ ଜୀବନ ମଧ୍ୟରେ ବିଜେପି ପକ୍ଷରୁ ମିଳିଥିବା ସୁଯୋଗ ପାଇଁ କୃତଜ୍ଞତା ଜଣାଇବାର ଏକ ମାଧ୍ୟମ ବୋଲି କୁହାଯାଉଛି। ଭାରତୀୟ ପୁଲିସ ସେବା (ଆଇପିଏସ) ପଦବୀରୁ ଇସ୍ତଫା ଦେଇ ରାଜନୀତିରେ ପ୍ରବେଶ କରିଥିବା ଅନ୍ନାମଲାଇଙ୍କର ଏହି ନିଷ୍ପତ୍ତି ରାଜ୍ୟ ରାଜନୀତିରେ ହଲଚଲ ସୃଷ୍ଟି କରିଛି। ଅଭିନେତାରୁ ନେତା ବନିଥିବା ସି. ଜୋସେଫ୍ ବିଜୟଙ୍କ ନିର୍ବାଚନୀ ବିଜୟ ପରେ ତାମିଲନାଡୁର ରାଜନୈତିକ ସମୀକରଣ ବଦଳିବାରେ ଲାଗିଛି।

## ଧୁରନ୍ଧର ଚଳଚ୍ଚିତ୍ରକୁ ନେଇ ଦାଉଦ୍ ଗ୍ୟାଙ୍ଗ କ୍ଷୁବ୍ଧ

ମୁମ୍ବାଇ, ୧।୬(ଏଜେନ୍ସି): ବଲିଉଡର ସୁପରହିଟ୍ ଗୁପ୍ତଚର ଭିତ୍ତିକ ଚଳଚ୍ଚିତ୍ର ଧୁରନ୍ଧର'କୁ ନେଇ ଅଣ୍ଡରୱାର୍ଲ୍ଡ ଡନ୍ ଦାଉଦ୍ ଇବ୍ରାହିମର ଆତଙ୍କବାଦୀ ସଂଗଠନ ଡି-କମ୍ପାନୀ କ୍ଷୁବ୍ଧ ହୋଇପଡ଼ିଛି। ଚଳଚ୍ଚିତ୍ରରେ ଜଣେ ଚରିତ୍ରକୁ ଦାଉଦ୍ ଭଳି ଦେଖାଯିବା ସହ ତାଙ୍କର ମୃତ୍ୟୁ ଶଯ୍ୟା ଦୃଶ୍ୟକୁ ଦେଖାଯାଇଥିବାରୁ, ଦାଉଦ୍ ଏବେ ବି ଜୀବିତ ଅଛି ବୋଲି ପ୍ରମାଣ କରିବାକୁ ଏହି ଗ୍ୟାଙ୍ଗ ମୁମ୍ବାଇରେ ନିଜର ସକ୍ରିୟତା ବଢ଼ାଇଥିଲା। ତେବେ ଭାରତୀୟ ସୁରକ୍ଷା ଏଜେନ୍ସି ଏହି ବଡ଼ ଆତଙ୍କବାଦୀ ଷଡ଼ଯନ୍ତ୍ରକୁ ପଣ୍ଡ କରିଦେଇଛନ୍ତି। ସୂତ୍ର ଅନୁସାରେ, ପାକିସ୍ତାନରେ ରହୁଥିବା ଦାଉଦ୍‌ର ସଂଗଠନ ନିଜର ଅସ୍ତିତ୍ୱ ବଞ୍ଚାଇବା ପାଇଁ ଭାରତରେ ଏକ ବଡ଼ ଧରଣର ଆକ୍ରମଣ କିମ୍ବା କୌଣସି ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ଟାର୍ଗେଟ୍ କରିବାକୁ ଯୋଜନା କରୁଥିଲା। ଏଥିପାଇଁ ମୁମ୍ବାଇର ରାସ୍ତାରୁ ସାଧାରଣ ଯୁବକମାନଙ୍କୁ ଭୁଲ୍ ବୁଝାଇ ଦଳରେ ସାମିଲ କରାଯାଉଥିଲା। ପାକିସ୍ତାନର ଗୁପ୍ତଚର ସଂସ୍ଥା ଏହି ନୂତନ ସଦସ୍ୟମାନଙ୍କୁ ପ୍ରଶିକ୍ଷଣ ଓ ଅସ୍ତ୍ରଶସ୍ତ୍ର ଯୋଗାଇବା ଦାୟିତ୍ୱ ନେଇଥିଲା। ନିକଟରେ ଦିଲ୍ଲୀ ପୁଲିସ ଏହି ଆତଙ୍କବାଦୀ ନେଟୱର୍କର ପର୍ଦ୍ଦାଫାଶ କରିବା ସହ ପାକିସ୍ତାନୀ ଗୁପ୍ତଚର ସଂସ୍ଥା ଏବଂ ମୁମ୍ବାଇ ଅଣ୍ଡରୱାର୍ଲ୍ଡ ମଧ୍ୟରେ ଥିବା ସମ୍ପର୍କକୁ ସାମ୍ନାକୁ ଆଣିଛି।

## ଶୁଭେନ୍ଦୁ ଅଧିକାରୀ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ, ମନ୍ତ୍ରୀ ହେଲେ ଆଉ ୩୫ ବିଧାୟକ

କୋଲକାତା, ୧।୬(ଏଜେନ୍ସି): ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ମନ୍ତ୍ରୀମଣ୍ଡଳର ପ୍ରଥମ ସମ୍ପ୍ରସାରଣ ହୋଇଛି। ସୋମବାର ଲୋକ ଭବନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ବିଜେପିର ୩୫ ଜଣ ବିଧାୟକଙ୍କୁ ରାଜ୍ୟପାଳ ଆର.ଏନ. ରବି ମନ୍ତ୍ରୀ ଭାବେ ଶପଥ ପାଠ କରାଇଛନ୍ତି। ଏହି ନୂତନ ସଦସ୍ୟମାନଙ୍କ ସାମିଲ ହେବା ପରେ ପଶ୍ଚିମବଙ୍ଗ ମନ୍ତ୍ରୀମଣ୍ଡଳର ସଦସ୍ୟ ସଂଖ୍ୟା ୪୧ରେ ପହଞ୍ଚିଛି। ୨୯୪ ଆସନ ବିଶିଷ୍ଟ ବିଧାନସଭା ନିୟମ ଅନୁଯାୟୀ ଏଠାରେ ସର୍ବାଧିକ ୪୪ ଜଣ ମନ୍ତ୍ରୀ ରହିପାରିବେ। ଏହି ସମ୍ପ୍ରସାରଣରେ ସ୍ୱପନ ଦାସଗୁପ୍ତ, ତାପସ ରାୟ, ମନୋଜ ଓରାଓଁ ଏବଂ ଶଙ୍କର ଘୋଷଙ୍କ ଭଳି ପ୍ରମୁଖ ବିଧାୟକମାନେ କ୍ୟାବିନେଟ୍ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ସେହିପରି ୩ ଜଣଙ୍କୁ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ଏବ ୧୧ ଜଣଙ୍କୁ ରାଷ୍ଟ୍ରମନ୍ତ୍ରୀ ଭାବେ ଦାୟିତ୍ୱ ମିଳିଛି। ସୂଚନାଯୋଗ୍ୟ ଯେ, ଗତ ମେ ୯ ତାରିଖରେ ଶୁଭେନ୍ଦୁ ଅଧିକାରୀ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ। ପଶ୍ଚିମବଙ୍ଗ ନିର୍ବାଚନରେ ବିଜେପି ୨୦୮ଟି ଆସନ ଜିତି ସଂଖ୍ୟାଗରିଷ୍ଠତା ହାସଲ କରିବା ସହ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସର ୧୫ ବର୍ଷର ଶାସନର ଅନ୍ତ ଘଟାଇ ପ୍ରଥମ ଥର ପାଇଁ ରାଜ୍ୟରେ ସରକାର ଗଠନ କରିଛି।

# ଇରାନ ଉପରେ ଆମେରିକାର ପୁଣି ଆକ୍ରମଣ



ତେହରାନରେ ଆମେରିକା ବିରୋଧରେ ବିକ୍ଷୋଭ

ୱାଶିଂଟନ, ୧।୬(ଏଜେନ୍ସି): ଆମେରିକା ଏବଂ ଇରାନ ମଧ୍ୟରେ ଉତ୍ତେଜନା ଏବେ ଚରମ ସୀମାରେ ପହଞ୍ଚିଛି। ଗତ ସପ୍ତାହ ଶେଷରେ ଆମେରିକା ସେନା ଇରାନର ଗୋରୁକ୍ ଏବଂ କେଶ୍ମ ଦ୍ୱୀପପୁଞ୍ଜରେ ଥିବା ରାଡାର ଏବଂ ଡ୍ରୋନ୍ ନିୟନ୍ତ୍ରଣ କେନ୍ଦ୍ରଗୁଡ଼ିକ ଉପରେ ଜବାବୀ ଆକ୍ରମଣ ବା 'ଆତ୍ମରକ୍ଷା ମୂଳକ ଏୟାର ଷ୍ଟ୍ରାଇକ୍' କରିଛି। ଆମେରିକାର ସେଣ୍ଟ୍ରାଲ କମାଣ୍ଡ (ସେଣ୍ଟକମ୍) ଅନୁଯାୟୀ, ଇରାନର ଆକ୍ରମଣାତ୍ମକ ଆଭିମୁଖ୍ୟର ଜବାବରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଆଶ୍ଚର୍ଯ୍ୟର ବିଷୟ ହେଉଛି, ଏହି ଆକ୍ରମଣ ଏଭଳି ସମୟରେ ହୋଇଛି ଯେତେବେଳେ ଦୁଇ ଦେଶ ମଧ୍ୟରେ ଯୁଦ୍ଧବିରତି ଏବଂ ହର୍ମୁଜ ପ୍ରଣାଳୀ ଖୋଲିବା ପାଇଁ ଶାନ୍ତି ଆଲୋଚନା ଚାଲିଛି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସେଣ୍ଟକମ୍ ପକ୍ଷରୁ ସୂଚନା ଦିଆଯାଇଛି ଯେ, ଆନ୍ତର୍ଜାତୀୟ ଜଳସୀମା ଉପରେ ଉଡ଼ାଣ ଭରୁଥିବା ଆମେରିକାର ଏକ 'ଏମକ୍ୟୁ-୧ ପ୍ରେଡେଟର' ଡ୍ରୋନକୁ ଇରାନ ଗୁଳି କରି ଖସାଇ ଦେଇଥିଲା। ଏହାର ପ୍ରତିଶୋଧ ନେବାକୁ ଯାଇ ଆମେରିକାର ଯୁଦ୍ଧ ବିମାନଗୁଡ଼ିକ ଇରାନର ବାୟୁ ପ୍ରତିରକ୍ଷା ବ୍ୟବସ୍ଥା, ଗୋଟିଏ ଗ୍ରାଉଣ୍ଡ କଣ୍ଟ୍ରୋଲ ଷ୍ଟେସନ ଏବଂ ୨ ଟି ଆକ୍ରମଣକାରୀ ଡ୍ରୋନ୍‌କୁ ସମ୍ପୂର୍ଣ୍ଣ ଭାବେ ଧ୍ୱଂସ କରିଦେଇଛନ୍ତି। ତେବେ ଏହି ଆକ୍ରମଣରେ ଆମେରିକାର କୌଣସି ସେନା କର୍ମଚାରୀ ଆହତ ହୋଇନାହାନ୍ତି। ଗତ ସପ୍ତାହରେ ମଧ୍ୟ ଦୁଇ ଦେଶ ମଧ୍ୟରେ ଏଭଳି ଆକ୍ରମଣ ପ୍ରତିଆକ୍ରମଣ ଦେଖିବାକୁ ମିଳିଥିଲା। ଅପରପକ୍ଷରେ ଇରାନର ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କୋର୍ପସ (ଆଇଆରଜିସି) ଦାବି କରିଛି ଯେ, ଆମେରିକା ଯେଉଁ ଏୟାରବେସ୍‌ରୁ ଇରାନର ସିରିକ୍ ଦ୍ୱୀପରେ ଥିବା ଏକ ଟେଲିକମ୍ ଟାୱାର ଉପରେ ଆକ୍ରମଣ କରିଥିଲା, ସେମାନେ ସେହି ଏୟାରବେସ୍‌କୁ ଟାର୍ଗେଟ କରି ଧ୍ୱଂସ କରିଦେଇଛନ୍ତି। ଏହି ଆକ୍ରମଣ ସମ୍ଭବତଃ କୁୱେତରେ ଥିବା ଆମେରିକା ସେନା ବେସ୍ ଉପରେ ହୋଇଥିବା ଅନୁମାନ କରାଯାଉଛି। କୁୱେତ ସରକାର ମଧ୍ୟ ସୋମବାର ସକାଳେ ସେମାନଙ୍କର ବାୟୁ ପ୍ରତିରକ୍ଷା ପ୍ରଣାଳୀ କିଛି କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣକୁ ପଣ୍ଡ କରିଥିବା ସ୍ପଷ୍ଟ କରିଛି।

## ଲେବାନନ୍ ଉପରେ ଇସ୍ରାଏଲ ଆକ୍ରମଣର ପ୍ରତିବାଦ: ଆମେରିକା ଆଲୋଚନା ସ୍ଥଗିତ କଲା ଇରାନ

ତେହରାନ, ୧।୬(ଏଜେନ୍ସି): ଲେବାନନ୍ ଉପରେ ଇସ୍ରାଏଲ୍ କରୁଥିବା ସାମରିକ ଆକ୍ରମଣର ପ୍ରତିବାଦରେ ଇରାନ ଆମେରିକା ସହ ଚାଲିଥିବା ଶାନ୍ତି ଆଲୋଚନାକୁ ସ୍ଥଗିତ ରଖିଛି। ଇରାନର ସରକାରୀ ସମ୍ବାଦ ସଂସ୍ଥା 'ତାସନିମ୍' ଅନୁସାରେ, ଯେପର୍ଯ୍ୟନ୍ତ ଏହି ଆଲୋଚନାରେ ଇରାନ ଏବଂ ତାର ସହଯୋଗୀ ସଂଗଠନଗୁଡ଼ିକର ସ୍ୱାର୍ଥକୁ ଗୁରୁତ୍ୱ ଦିଆଯାଇନାହିଁ, ସେପର୍ଯ୍ୟନ୍ତ ଏହି ସ୍ଥଗିତାଦେଶ ବଳବତ୍ତର ରହିବ। ଇରାନର ଏହି ନିଷ୍ପତ୍ତି ପରେ ୱାସିଂଟନ ଏବଂ ତେହେରାନ ମଧ୍ୟରେ ଚାଲିଥିବା ଅସ୍ଥାୟୀ ଯୁଦ୍ଧବିରତି ପ୍ରକ୍ରିୟା ଉପରେ ବଡ଼ ଚାପ ସୃଷ୍ଟି ହୋଇଛି। ଏହି ଖବର ସାମ୍ନାକୁ ଆସିବା ପରେ ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ (କ୍ରୁଡ୍ ଅଏଲ) ଦର ପ୍ରାୟ ୫ ପ୍ରତିଶତ ବୃଦ୍ଧି ପାଇ ବ୍ୟାରେଲ୍ ପିଛା ପ୍ରାୟ ୯୬ ଡଲାରରେ ପହଞ୍ଚିଛି। ଗତ ଏପ୍ରିଲ ମାସରୁ ଆରମ୍ଭ ହୋଇଥିବା ଯୁଦ୍ଧବିରତିର ଅବଧିକୁ ଆଉ ୬୦ ଦିନ ବଢ଼ାଇବା ପାଇଁ ଦୁଇ ଦେଶ ମଧ୍ୟସ୍ଥିମାନଙ୍କ ଜରିଆରେ ଆଲୋଚନା କରୁଥିଲେ। ଏହି ସମୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସାମାଜିକ ଗଣମାଧ୍ୟମରେ ଲେଖିଛନ୍ତି ଯେ ଇରାନ ପ୍ରକୃତରେ ଏକ ଚୁକ୍ତି କରିବାକୁ ଚାହୁଁଛି, ଯାହା ଆମେରିକା ପାଇଁ ଭଲ ସାବ୍ୟସ୍ତ ହେବ। ଅନ୍ୟପଟେ, ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁ ଏବଂ ପ୍ରତିରକ୍ଷା ମନ୍ତ୍ରୀ ଲେବାନନ୍‌ର ରାଜଧାନୀ ବେରୁଟର ଦକ୍ଷିଣ ଉପକଣ୍ଠରେ ଥିବା ଇରାନ ସମର୍ଥିତ ହିଜବୁଲ୍ଲା ସଂଗଠନର ଆଡ୍ଡା ଉପରେ ଆକ୍ରମଣକୁ ଆହୁରି ଜୋରଦାର କରିବାକୁ ସେନାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଟିଏମସିରୁ ଦୁଇ ବିଧାୟକ ନିଲମ୍ବିତ

କଲିକତା, ୧।୬(ଏଜେନ୍ସି): ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୋମବାର ତାର ଦୁଇ ନବନିର୍ବାଚିତ ବିଧାୟକ ସନ୍ଦୀପନ ଶାହା ଏବଂ ରିତବ୍ରତ ବାନାର୍ଜୀଙ୍କୁ ଦଳ ବିରୋଧୀ କାର୍ଯ୍ୟ ପାଇଁ ନିଲମ୍ବିତ କରିଛି। ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଏକ ସାମ୍ବାଦିକ ସମ୍ମିଳନୀରେ ଦଳୀୟ ଚିଠିରେ ଜାଲ୍ ଦସ୍ତଖତ ହୋଇଥିବା ଅଭିଯୋଗ କରିବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ରାଜ୍ୟ ବିଧାନସଭାରେ ବିରୋଧୀ ଦଳ ନେତା ଭାବେ ଶୋଭନଦେବ ଚଟ୍ଟୋପାଧ୍ୟାୟଙ୍କ ନାମକୁ ସୁପାରିଶ କରିବା ପାଇଁ ଟିଏମସି ପକ୍ଷରୁ ଏକ ପ୍ରସ୍ତାବ ଦିଆଯାଇଥିଲା। ଏଥିରେ ୭୦ ଜଣ ବିଧାୟକଙ୍କ ଦସ୍ତଖତ ଥିବା ଦାବି କରାଯାଇଥିଲା। କିନ୍ତୁ ସନ୍ଦୀପନ ଏବଂ ରିତବ୍ରତ ସେମାନେ କୌଣସି ଏଭଳି ପ୍ରସ୍ତାବରେ ସ୍ୱାକ୍ଷର କରିନାହାଁନ୍ତି ବୋଲି ସ୍ପଷ୍ଟ କରିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଚିଠିରେ ୧୪ଟି ଦସ୍ତଖତ ଥିବାବେଳେ ଏବଂ ୩ ଜଣ ବିଧାୟକଙ୍କ ଜାଲ ଦସ୍ତଖତ ହୋଇଥିବା ଅଭିଯୋଗ କରିଥିଲେ।

## ବିବାହର ମାତ୍ର କେଇ ଘଣ୍ଟା ପରେ ହେଲିକପ୍ଟର ଦୁର୍ଘଟଣା; ବର ମୃତ

ୱାଶିଂଟନ, ୧।୬(ଏଜେନ୍ସି): ଆମେରିକାର ଜର୍ଜିଆଠାରେ ଏକ ମର୍ମନ୍ତୁଦ ହେଲିକପ୍ଟର ଦୁର୍ଘଟଣାରେ ଜଣେ ୨୬ ବର୍ଷୀୟ ଭାରତୀୟ ବଂଶୋଦ୍ଭବ ପାଇଲଟ୍‌ଙ୍କ ଆକାଳରେ ମୃତ୍ୟୁ ହୋଇଛି। ମୃତ ଯୁବକଜଣକ ହେଉଛନ୍ତି ଡେଲ୍ଟା ଏୟାରଲାଇନ୍ସର ପାଇଲଟ୍ ଡେଭ୍ ଫିଜି, ଯାହାଙ୍କ ପରିବାର କେରଳର ବୋଲି ଜଣାପଡ଼ିଛି। ବିବାହର ମାତ୍ର କେଇ ଘଣ୍ଟା ପରେ ପତ୍ନୀଙ୍କ ସହ ହନିମୁନ୍ ପାଇଁ ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଛି। ଗତ ଶୁକ୍ରବାର ଦିନ ଡେଭ୍‌ଙ୍କର ଜେସନିଙ୍କ ସହ ବିବାହ ସମ୍ପନ୍ନ ହୋଇଥିଲା। ବିବାହ ଉତ୍ସବ ପରେ ଉଭୟ ଏକ ରବିନ୍‌ସନ୍ ଆର-୬୬ ହେଲିକପ୍ଟର ଯୋଗେ ଆଟଲାଣ୍ଟାର ଏକ ହୋଟେଲ ଅଭିମୁଖେ ବାହାରିଥିଲେ। ତେବେ ଖରାପ ପାଗ ଓ ଶୂନ୍ୟ ଦୃଶ୍ୟମାନତା ଯୋଗୁଁ ବିମାନ ବନ୍ଦରରେ ପହଞ୍ଚିବା ପୂର୍ବରୁ ହିଁ ଜଙ୍ଗଲ ମଧ୍ୟରେ ହେଲିକପ୍ଟରଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଡେଭ୍ ଏବଂ ହେଲିକପ୍ଟରର ପାଇଲଟ୍‌ଙ୍କର ମୃତ୍ୟୁ ହୋଇଛି। ପେଶାରେ ଜଣେ ନର୍ସ ଥିବା ଡେଭ୍‌ଙ୍କ ନବବିବାହିତା ପତ୍ନୀ ଜେସନି ଆହତ ଅବସ୍ଥାରେ ଏହି ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି। ସେ ପ୍ରାୟ ୬ ଘଣ୍ଟା ଧରି ହେଲିକପ୍ଟର ଭଙ୍ଗା ଅଂଶ ମଧ୍ୟରେ ଫସି ରହିଥିଲେ ଏବଂ ବର୍ତ୍ତମାନ ଚିକିତ୍ସିତ ହେଉଛନ୍ତି।



ପୂର୍ତ୍ତ ବିଭାଗ କର୍ମଚାରୀମାନେ ସୋମବାର ଦିନ କୋଲକାତାରେ ଆର୍ଜେଣ୍ଟିନାର ଫୁଟବଲ୍ କିମ୍ବଦନ୍ତୀ ଲିଓନେଲ୍ ମେସିଙ୍କ ଏକ ପ୍ରତିମୂର୍ତ୍ତିକୁ ଏକ ଗାଡ଼ି ସାହାଯ୍ୟରେ ସ୍ଥାନାନ୍ତର କରୁଛନ୍ତି।

## ପହଲଗାମ ଆକ୍ରମଣର ମୋବାଇଲ୍ ରହସ୍ୟ
# ୪ ବର୍ଷ ବନ୍ଦ ଥିବା ପାକିସ୍ତାନୀ ଫୋନ୍ ହୋଇଥିଲା ସକ୍ରିୟ



ନୂଆଦିଲ୍ଲୀ, ୧।୬(ଏଜେନ୍ସି): ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଏବଂ ଜମ୍ମୁ-କାଶ୍ମୀର ପୁଲିସର ମିଳିତ ତଦନ୍ତରୁ ୨୦୨୫ ପହଲଗାମ ଆତଙ୍କବାଦୀ ଆକ୍ରମଣର ପର୍ଦ୍ଦାଫାଶ ହୋଇଛି। ଏନକାଉଣ୍ଟରରେ ନିହତ ହୋଇଥିବା ଆତଙ୍କବାଦୀଙ୍କ ନିକଟରୁ ଜବତ ଦୁଇଟି ମୋବାଇଲ୍ ଫୋନରୁ ଜଣାପଡ଼ିଛି ଯେ ଏହି ଆକ୍ରମଣ ପାଇଁ ପାକିସ୍ତାନରେ ବହୁ ବର୍ଷ ପୂର୍ବରୁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଜବତ ହୋଇଥିବା ଦୁଇଟି ଯାକ ଫୋନ୍ ପାକିସ୍ତାନରୁ ଆସିଥିଲା। ସେଥିମଧ୍ୟରୁ ଗୋଟିଏ ଫୋନ୍ ୨୦୨୧ ମସିହାରେ କରାଚିର ଏକ କମ୍ପାନୀ ଦ୍ୱାରା ବୈଧ ଭାବେ ଅଣାଯାଇଥିଲା ଏବଂ ଏଥିପାଇଁ ଆତଙ୍କବାଦୀ ପାଣ୍ଠି ସହ ଜଡ଼ିତ ଅଭିଯୋଗ ଥିବା ଫୈସଲ ବ୍ୟାଙ୍କ ଆର୍ଥିକ ସହାୟତା କରିଥିଲା। ଆଶ୍ଚର୍ଯ୍ୟର କଥା ହେଉଛି, ପାକିସ୍ତାନ ଆସିବା ପରେ ଦୀର୍ଘ ୪ ବର୍ଷ ଧରି ଏହି ଫୋନରେ କୌଣସି ସିମ୍ କାର୍ଡ ପଡ଼ିନଥିଲା କିମ୍ବା ଏହାକୁ ଅନ୍ କରାଯାଇ ନ ଥିଲା। ଆକ୍ରମଣର ଠିକ୍ ପୂର୍ବରୁ ଏହାକୁ ହଠାତ୍ ସକ୍ରିୟ କରାଯାଇଥିଲା। ଦ୍ୱିତୀୟ ଫୋନଟି ୨୦୨୩ରେ ଲାହୋରରୁ ଅଣଯାଇଥିଲା ଏବଂ ତାହା ମଧ୍ୟ ଆକ୍ରମଣ ପୂର୍ବ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ତଦନ୍ତକାରୀ ସଂସ୍ଥା ଅନୁସାରେ, ଏହି ଫୋନଗୁଡ଼ିକୁ ବିଶେଷ ଭାବେ ଆତଙ୍କବାଦୀ ଆକ୍ରମଣ ପାଇଁ ହିଁ ସୁରକ୍ଷିତ ରଖାଯାଇଥିଲା। ଫୋନରେ କୌଣସି କଲ୍ ରେକର୍ଡ ବା ମେସେଜ୍ ନ ମିଳିବାର କାରଣ ହେଉଛି ଆତଙ୍କବାଦୀମାନେ ଯୋଗାଯୋଗ ପାଇଁ ଇଣ୍ଟରନେଟ୍ ବଦଳରେ ଦୂରଗାମୀ ରେଡିଓ ତରଙ୍ଗ ପ୍ରଯୁକ୍ତିର ବ୍ୟବହାର କରୁଥିଲେ। ଗତ ବର୍ଷ ପହଲଗାମରେ ହୋଇଥିବା ଏହି ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ପର୍ଯ୍ୟଟକ ପ୍ରାଣ ହରାଇଥିଲେ, ଯାହାକୁ ନେଇ ଭାରତ ଏବଂ ପାକିସ୍ତାନ ମଧ୍ୟରେ ସାମରିକ ସଂଘର୍ଷ ଦେଖାଦେଇଥିଲା। ବର୍ତ୍ତମାନ ଏହି ମୋବାଇଲ୍ ଲିଙ୍କ୍ ମିଳିବା ପରେ ପାକିସ୍ତାନର ସମ୍ପୃକ୍ତିକୁ ନେଇ ଭାରତୀୟ ସଂସ୍ଥାଗୁଡ଼ିକ ତଦନ୍ତକୁ ଆହୁରି ଜୋରଦାର କରିଛନ୍ତି।

## ୬ରେ ଭାରତ ଫେରି ଆନ୍ଦୋଳନ କରିବେ 'କକ୍ରୋଚ୍ ଜନତା ପାର୍ଟି'ର ପ୍ରତିଷ୍ଠାତା



ନୂଆଦିଲ୍ଲୀ, ୧।୬(ଏଜେନ୍ସି): କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରି ଆସନ୍ତା ଜୁନ୍ ୬ ତାରିଖରୁ ପ୍ରତିବାଦ ପ୍ରଦର୍ଶନ କରିବ 'କକ୍ରୋଚ୍ ଜନତା ପାର୍ଟି' (ସିଜେପି)। ସୋସିଆଲ୍ ମିଡିଆରେ ବେଶ୍ ଚର୍ଚ୍ଚିତ ବ୍ୟଙ୍ଗାତ୍ମକ ଆନ୍ଦୋଳନ କରିଥିବା 'କକ୍ରୋଚ୍ ଜନତା ପାର୍ଟି'ର ପ୍ରତିଷ୍ଠାତା ଅଭିଜିତ ଦୀପ୍‌କେ ଏକ ଭିଡିଓ ବାର୍ତ୍ତା ଜରିଆରେ ଏହି ଘୋଷଣା କରିଛନ୍ତି। ସେ ଆମେରିକାର ବୋଷ୍ଟନରୁ ଜୁନ୍ ୬ ସକାଳେ ଦିଲ୍ଲୀ ବିମାନବନ୍ଦରରେ ପହଞ୍ଚିବା ପରେ ସେଠାରୁ ସମର୍ଥକମାନଙ୍କ ସହ ଜନ୍ତର ମନ୍ତରଠାରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିବା ପାଇଁ ଅନୁମତି ମାଗିବେ। ମନ୍ତ୍ରୀଙ୍କ ଇସ୍ତଫା ପାଇଁ ହୋଇଥିବା ଅନଲାଇନ୍ ଅଭିଯାନରେ ୬ ଲକ୍ଷ ଦସ୍ତଖତ ସଂଗ୍ରହ ହୋଇଥିବା ସେ କହିଛନ୍ତି। ଅଭିଜିତ ଅଭିଯୋଗ କରିଛନ୍ତି ଯେ, ନିଟ୍, ସିବିଏସ୍‌ଇ, ସିୟୁଇଟି ଏବଂ ଏସ୍‌ଏସ୍‌ସିଜିଡି ଭଳି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାରେ ଦେଖାଦେଇଥିବା ବିବାଦ ଓ ଅନିୟମିତତା ଯୋଗୁଁ ଦେଶର ୧ କୋଟିରୁ ଅଧିକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଇଛି। ଏତେ ବଡ଼ ବିବାଦ ସତ୍ତ୍ୱେ ସରକାରଙ୍କ ପକ୍ଷରୁ କୌଣସି ଜବାବ ଦିଆଯାଇନାହିଁ। କିଛି ଦିନ ପୂର୍ବେ ସୁପ୍ରିମକୋର୍ଟଙ୍କ ଏକ ଶୁଣାଣି ସମୟରେ ଆସିଥିବା ଏକ ବିବାଦୀୟ ମନ୍ତବ୍ୟକୁ ନେଇ ଏହି ବ୍ୟଙ୍ଗାତ୍ମକ 'କକ୍ରୋଚ୍ ଜନତା ପାର୍ଟି'ର ସୃଷ୍ଟି ହୋଇଥିଲା, ଯାହା ଇନ୍‌ଷ୍ଟାଗ୍ରାମରେ କୋଟି କୋଟି ଯୁବପିଢ଼ିଙ୍କ ସମର୍ଥନ ପାଇଛି। ବର୍ତ୍ତମାନ ଏହି ଆକାଉଣ୍ଟକୁ ବନ୍ଦ କରାଯିବା ନେଇ କୋର୍ଟରେ ଆଇନଗତ ଲଢେଇ ମଧ୍ୟ ଚାଲିଛି।

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-334 ◆TUESDAY ◆2 JUNE 2026 ◆PAGE-12 ◆₹ 7.00

◆ବର୍ଷ-୪୩ ◆ସଂଖ୍ୟା-୩୩୪ ◆ମଙ୍ଗଳବାର ◆୨ ଜୁନ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦



ଜୁନ୍ ୧୫ରେ 'ବଟୱାରା ୧୯୪୭'ର ଟିଜର୍

▶ପୃଷ୍ଠା ୧୨ ଦେଖନ୍ତୁ...

## ଅନ୍‌ଲାଇନ୍ ପରୀକ୍ଷା ଆବେଦନକୁ ସୁପ୍ରିମକୋର୍ଟଙ୍କ ଅଗ୍ରାହ୍ୟ

■ ନୂଆଦିଲ୍ଲୀ, ୧।୬(ଏଜେନ୍ସି): ଆସନ୍ତା ଜୁନ୍ ୨୧ ତାରିଖରେ ହେବାକୁ ଥିବା ନିଟ୍ ପୁନଃ-ପରୀକ୍ଷାକୁ ଅନ୍‌ଲାଇନ୍ (ସିବିଟି) ମାଧ୍ୟମରେ କରିବା ପାଇଁ ଆବେଦନକୁ ସୁପ୍ରିମକୋର୍ଟ ଆଜି ଅଗ୍ରାହ୍ୟ କରିଦେଇଛନ୍ତି। ଜଷ୍ଟିସ୍ ପିଏସ୍ ନରସିଂହ ଏବଂ ଜଷ୍ଟିସ୍ ଅରବିନ୍ଦ କୁମାରଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରି କହିଛନ୍ତି ଯେ ବର୍ତ୍ତମାନ ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥାଗୁଡ଼ିକ ଚାପରେ ଅଛନ୍ତି। ତେଣୁ ଏହି ସମୟରେ ପରୀକ୍ଷା ପଦ୍ଧତିରେ ପରିବର୍ତ୍ତନ କରିବା ସମ୍ଭବ ନୁହେଁ। ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ମାସରେ କରିବାକୁ ଧାର୍ଯ୍ୟ କରିଛନ୍ତି। ଗତ ମେ ୩ ତାରିଖରେ ଦେଶବ୍ୟାପୀ ଅନୁଷ୍ଠିତ ନିଟ୍ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ଅଭିଯୋଗ ଆସିବା ପରେ ମେ ୧୨ ରେ ପରୀକ୍ଷାକୁ ବାତିଲ କରାଯାଇଥିଲା। ପ୍ରଶ୍ନପତ୍ର ଲିକ୍ ମାମଲାର ତଦନ୍ତ ସିବିଆଇ କରୁଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧୩ ଜଣଙ୍କୁ ଗିରଫ କରାଯାଇଛି। ଆରଜେଡି ସାଂସଦ ସୁଧାକର ସିଂହଙ୍କ ଦ୍ୱାରା

**ନିଟ୍ ପୁନଃ-ପରୀକ୍ଷା ପୂର୍ବଭଳି କାଗଜକଲମ ମାଧ୍ୟମରେ ହେବ**

ଦାଖଲ ହୋଇଥିବା ଏହି ଆବେଦନରେ ପରୀକ୍ଷା ପରିଚାଳନା ସଂସ୍ଥା ଏନ୍‌ଟିଏ ବଦଳରେ ଏକ ନୂତନ ସ୍ୱାଧୀନ ସଂସ୍ଥା ଗଠନ କରିବା ଏବଂ ପରୀକ୍ଷାରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ତଥା ▶ପୃଷ୍ଠା-୭



## ସ୍ୱେଚ୍ଛାକୃତ ବେଶ୍ୟାବୃତ୍ତି ବେଆଇନ ନୁହେଁ: ସୁପ୍ରିମକୋର୍ଟ

■ ନୂଆଦିଲ୍ଲୀ, ୧।୬(ଏଜେନ୍ସି): ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇ ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ ନିଜ ଇଚ୍ଛାରେ ବେଶ୍ୟାବୃତ୍ତି କରୁଥିବା ପ୍ରାପ୍ତବୟସ୍କଙ୍କ ଉପରେ ପୁଲିସ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ

**ପ୍ରାପ୍ତବୟସ୍କଙ୍କୁ ହଇରାଣ କରିପାରିବ ନାହିଁ ପୁଲିସ**

ଗ୍ରହଣ କରିପାରିବେ ନାହିଁ କିମ୍ବା ସେମାନଙ୍କୁ ହଇରାଣ କରିପାରିବ ନାହିଁ। ଯୌନ ଶୋଷଣ ପାଇଁ ଚାଲାଣର ଶିକାର ହେଉଥିବା କର୍ମୀଙ୍କ ସୁରକ୍ଷା ଓ ଅଧିକାରକୁ ଦୃଷ୍ଟିରେ ରଖି ଅଦାଲତ କହିଛନ୍ତି ଯେ ସେମାନଙ୍କର ପୁନର୍ବାସ, ସମାଜରେ ପୁନଃସ୍ଥାପନ ଏବଂ ସୁରକ୍ଷିତ ଗୃହରେ ରଖିବା ନିଷ୍ପତ୍ତିରେ ସମ୍ପୃକ୍ତ ବୟସ୍କ ଯୌନକର୍ମୀଙ୍କ ସମ୍ମତିକୁ ସବୁଠାରୁ ଅଧିକ ପ୍ରାଧାନ୍ୟ ଦିଆଯିବା ଉଚିତ। ଅନୈତିକ ଚାଲାଣ ପ୍ରତିରୋଧ ଅଧିନିୟମର ସମୀକ୍ଷା କରି ସୁପ୍ରିମକୋର୍ଟ କହିଛନ୍ତି ଯେ, ଏହି ୭୦ ବର୍ଷ ପୁରୁଣା ଆଇନ ପୁଲିସକୁ ସ୍ୱେଚ୍ଛାକୃତ ଯୌନକର୍ମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କ୍ଷମତା ଦେଇନାହିଁ। କୋର୍ଟ ଆହୁରି ମଧ୍ୟ କହିଛନ୍ତି ଯେ ବେଶ୍ୟାଳୟ ଚଲାଇବା ନିଶ୍ଚିତ ଭାବେ ବେଆଇନ, ମାତ୍ର ଚଢ଼ଉ ସମୟରେ ଧରାପଡ଼ିଥିବା ସ୍ୱେଚ୍ଛାକୃତ ଯୌନକର୍ମୀଙ୍କୁ ଅପରାଧୀ ବିବେଚନା କରାଯାଇ ପାରିବ ନାହିଁ କିମ୍ବା ସେମାନଙ୍କୁ ଗିରଫ କରାଯାଇ ପାରିବ ନାହିଁ। ବିଚାରପତି ଜେ ବି ▶ପୃଷ୍ଠା-୭

### ବିବାଦରେ କବିସୂର୍ଯ୍ୟନଗର ଥାନା ପୁଲିସ

# ଥାର୍ଡ ଡିଗ୍ରୀ ଦେଇ ଦିବ୍ୟାଙ୍ଗଙ୍କୁ ମାରିଦେଲେ

■ ବ୍ରହ୍ମପୁର/କବିସୂର୍ଯ୍ୟନଗର, ୧।୬ (ସମିସ): ରାଜ୍ୟର ଏକାଧିକ ଥାନାରେ 'ଥାର୍ଡ ଡିଗ୍ରୀ' ପାଇଁ ବିବାଦରେ ଫସିଥିବା ଓଡ଼ିଶା ପୁଲିସ୍ ପାଇଁ ପୁଣି ନୂଆ ସମସ୍ୟା ସୃଷ୍ଟି କରିଛି ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା। ଏଠାରେ ଜଣେ ଦିବ୍ୟାଙ୍ଗ ଯୁବକଙ୍କୁ ପୁଲିସ ୭ ଦିନ ଧରି ଥାନାରେ ଅଟକ ରଖି ଅମାନୁଷିକ ନିର୍ଯାତନା ଦେବା ଏବଂ ଏଥିଯୋଗୁଁ ତାଙ୍କର ମୃତ୍ୟୁ ହେବା ଭଳି ଏକ ସାଂଘାତିକ ଅଭିଯୋଗ ପଦାକୁ ଆସିବା ପରେ ରାଜ୍ୟବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି। ମୃତକ ହେଲେ, କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ସୁବୁଲିଆ ଗାଁର ସୁଶାନ୍ତ କୁମାର ସାହୁ (୩୩)। ଉଦ୍‌ବେଗର ବିଷୟ ହେଲା, ସୁଶାନ୍ତଙ୍କ ମୃତ୍ୟୁ ପରେ ଘଟଣାକୁ ଚପାଇବାକୁ କବିସୂର୍ଯ୍ୟନଗର ପୁଲିସ ଜୋର୍‌ଦାର୍ ଉଦ୍ୟମ କରିଥିଲା। ସୁଶାନ୍ତଙ୍କ ବାପା ଓ ଭାଇଙ୍କୁ ଥାନାକୁ ଡାକି ଧମକଚମକ ଦେବା ସହ ସାଦା କାଗଜରେ ଦସ୍ତଖତ ପାଇଁ ଚାପ ପକାଇଥିଲା। ଏଥିରେ ରାଜି ନ ହେଲେ, ସେମାନଙ୍କ ବିରୋଧରେ ମାମଲା ରୁଜୁ କରାଯିବ ବୋଲି ପୁଲିସ ଧମକ ଦେଇଥିବା ସୁଶାନ୍ତଙ୍କ ପରିବାରଲୋକ ଅଭିଯୋଗ କରିଛନ୍ତି। ପୁଲିସର ଏହି କାରନାମା ପଦାକୁ ଆସିବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ବାରଙ୍ଗ ଥାନା ପୁଲିସର ଥାର୍ଡ ଡିଗ୍ରୀ ଘଟଣାକୁ ▶ପୃଷ୍ଠା-୭

**୭ ଦିନ ଧରି ଥାନାରେ ଅଟକ ରଖିଥିଲେ**

**ପ୍ରୋବେସନର ଆଇପିଏସ୍‌ଙ୍କୁ ବଦଳି, ୩ ପୁଲିସ ନିଲମ୍ବିତ**

**ଥାନା ଓ ଫାଣ୍ଡି ଖାଲି କରିବାକୁ ଆଇଜିଙ୍କ ନିର୍ଦ୍ଦେଶ**

**ଲୋକଙ୍କ ଆସ୍ଥା ହରାଉଛି ପୁଲିସ**



## ଆତ୍ମସୁରକ୍ଷା ଲାଗି ଅଧସ୍ତନଙ୍କୁ ବଳି

■ ଭୁବନେଶ୍ୱର ୧।୬ (ସମିସ): ଥାନା କାର୍ଯ୍ୟ ତଦାରଖ, ସମ୍ବେଦନଶୀଳ ମାମଲାର ତଦନ୍ତ, ଅପରାଧ ନିୟନ୍ତ୍ରଣ ପାଇଁ ନୀତି ପ୍ରସ୍ତୁତି ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଆଇପିଏସ୍ ଅଧିକାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଥାନାରେ ପୁଲିସଠାରୁ ନ୍ୟାୟ ନ ମିଳିଲେ ପୀଡ଼ିତ ବରିଷ୍ଠ ଅଧିକାରୀ ପଦରେ ଅବସ୍ଥାପିତ ଆଇପିଏସ୍‌ଙ୍କ ଦ୍ୱାରସ୍ଥ ହୋଇଥାଆନ୍ତି। ମାତ୍ର କ୍ଷେତ ବାଡ଼ ଖାଇବା ପରି ଓଡ଼ିଶାରେ ଅନେକ ଘଟଣାରେ ଖୋଦ୍ ଆଇପିଏସ୍ ଅଧିକାରୀଙ୍କ ସମ୍ପୃକ୍ତି ଏବେ ରାଜ୍ୟ ପ୍ରଶାସନର ଶିରପିଡ଼ା ହୋଇଛି। ▶ପୃଷ୍ଠା-୭

## ଗାନ୍ଧୀ ମାର୍ଗରେ ବିଷ ପିଇଲେ ଦୁଇ ଆନ୍ଦୋଳନକାରୀ ମହିଳା

■ ଭୁବନେଶ୍ୱର, ୧।୬ (ସମିସ): ରାଜ୍ୟରେ ଅଭିଯୋଗ ଶୁଣାଣି ବ୍ୟବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଛି। ସ୍ଥାନୀୟ ଅଞ୍ଚଳରେ ପ୍ରଶାସନ କିମ୍ବା ରାଜନୈତିକ ମହଲରେ କେହି କିଛି ଶୁଣୁ ନାହାନ୍ତି। ତେଣୁ ଲୋକେ ନ୍ୟାୟ ପାଇଁ ରାଜଧାନୀ ମୁହାଁ ହେଉଛନ୍ତି। ସରକାର, ମନ୍ତ୍ରୀ, ବଡ଼ ଅଫିସରଙ୍କୁ ଭେଟି ନ୍ୟାୟ ଦାବି କରୁଛନ୍ତି। ମାତ୍ର ଜଟିଳ ବ୍ୟବସ୍ଥା ଯୋଗୁଁ ସେମାନଙ୍କୁ ନ୍ୟାୟ ମିଳୁନାହିଁ ଓ ଅନନ୍ୟୋପାୟ ହୋଇ ପୀଡ଼ିତ ଲୋକମାନେ ଆତ୍ମହତ୍ୟା ପାଇଁ ଉଦ୍ୟମ କରୁଛନ୍ତି। ରାଜଧାନୀରେ ଏପରି ଏକ ଘଟଣା ସମଗ୍ର ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନ୍ୟାୟ ନ ପାଇ ଗୋଟିଏ ପରିବାରର ଦୁଇଜଣ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଅତ୍ୟନ୍ତ ସଙ୍କଟାପନ୍ନ ଅବସ୍ଥାରେ ସେମାନଙ୍କୁ କ୍ୟାପିଟାଲ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁସାରେ ଘରୋଇ ଗଣ୍ଡଗୋଳ ଏବଂ ଜମିବାଡ଼ି ବିବାଦକୁ ନେଇ ବାଣପୁର ଅଞ୍ଚଳରୁ ଏକ ପରିବାର ଗାନ୍ଧୀମାର୍ଗରେ ଧାରଣାରେ ▶ପୃଷ୍ଠା-୭



### ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଘଟଣ

## ବୃଦ୍ଧଙ୍କ ଆତ୍ମଦାହ ଉଦ୍ୟମ

■ ଯାଜପୁର, ୧।୬ (ସମିସ): ବାରମ୍ବାର ଅଭିଯୋଗ ପରେ ବି କେହି ଶୁଣିନଥିଲେ। ଭାବିଥିଲେ, ଯୁଗ୍ମ ଜନଶୁଣାଣିରେ ତାଙ୍କ ସମସ୍ୟାର ସମାଧାନ ହୋଇଯିବ। କିନ୍ତୁ ସେଠାରେ ବି ତାଙ୍କୁ ନିରାଶାର ମୁହଁ ଦେଖିବାକୁ ପଡ଼ିଲା। ସବୁଆଡ଼ୁ ନିରାଶ, ହତାଶ ହେବା ପରେ ଜୀବନ ହାରିବାକୁ ଚେଷ୍ଟା କରି ଆଜି ଜଣେ ବୃଦ୍ଧ ଆତ୍ମଦାହ ଉଦ୍ୟମ କରିଛନ୍ତି। ଯାଜପୁର ଜିଲ୍ଲା ପ୍ରଶାସନର ଯୁଗ୍ମ ଜନଶୁଣାଣି ଶିବିର ବେଳେ ଏପରି ଏକ ଅଭାବନୀୟ ଘଟଣା ଘଟିଛି। ଆତ୍ମଦାହ ଉଦ୍ୟମ କରିଥିବା ବୃଦ୍ଧଜଣଙ୍କ ହେଲେ, ଦଶରଥପୁର ବ୍ଲକ ଆନ୍ଦୋଳା ଗାଁର ଯୋଗେନ୍ଦ୍ର ନାୟକ। ସେ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମଦାହ ପାଇଁ ଉଦ୍ୟମ କରିବା ବେଳେ ଘଟଣାସ୍ଥଳରେ ଉପସ୍ଥିତ ପୁଲିସ ତାଙ୍କୁ କାବୁ କରିନେଇଥିଲେ। ଜମିବାଡ଼ି ବିବାଦ ସମାଧାନ ପାଇଁ ଯୋଗେନ୍ଦ୍ର ବାରମ୍ବାର ଜିଲ୍ଲା ପ୍ରଶାସନ ନିକଟକୁ ଦୌଡ଼ିଥିଲେ ହେଁ କୌଣସି ସୁଫଳ ମିଳିନଥିଲା। ତେଣୁ, ସେ ଆଜି ଜିଲ୍ଲା ପରିଷଦ ସମ୍ମିଳନୀ ▶ପୃଷ୍ଠା-୭



## କଟକ ମାଛ ଗୋଦାମରେ ନିଆଁ



■ କଟକ, ୧।୬(ସମିସ): ମଧୁପାଟଣା ଥାନା ଅନ୍ତର୍ଗତ ପ୍ରେସ୍‌ଛକ ନିକଟସ୍ଥ ମାଛ ଗୋଦାମରେ ଗତ ରାତି ୧ଟା ୪୦ ମିନିଟ୍‌ରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଏଠାରୁ ନିଆଁ ବ୍ୟାପି ପାଖରେ ଥିବା ୩ ମହଲା ବିଲ୍ଡିଂ ସମ୍ପୂର୍ଣ୍ଣ ଜଳିପୋଡ଼ି ପାଉଁଶ ହୋଇଯାଇଛି। ଏହି ବିଲ୍ଡିଂର ତଳ ମହାଲାରେ ଥିବା ରଙ୍ଗ ଗୋଦାମ, ଦ୍ୱିତୀୟ ମହାଲାରେ ଥିବା ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଏବଂ ତୃତୀୟ ମହାଲାରେ ଥିବା ରଙ୍ଗ ଗୋଦାମ ଷ୍ଟୋର୍‌ରୁମ୍ ଜଳିଯାଇଛି। ତେବେ ୧୯ଟି ମାଛ ଗୋଦାମରେ ଥିବା ଲକ୍ଷ ଲକ୍ଷ ଟଙ୍କାର ମାଛ, ଆଲମାରି ଓ କ୍ୟାସ୍‌ବାକ୍ସରେ ଥିବା ୨୦ଲକ୍ଷରୁ ଅଧିକ ଟଙ୍କା ଏବଂ ସମସ୍ତ ଆସବାବପତ୍ର ଭସ୍ମୀଭୂତ ହୋଇଛି। ଦୀର୍ଘ ୩୫ ବର୍ଷ ହେବ, ମାଛ ବ୍ୟବସାୟ କରୁଥିବା ୧୯ଟି ପରିବାର ସର୍ବସ୍ୱାନ୍ତ ହୋଇଯାଇଛନ୍ତି।

ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ସମସ୍ତ କାଗଜପତ୍ର, କମ୍ପ୍ୟୁଟର୍, ଏସି, ଇଲେକ୍ଟ୍ରିକ୍ ୱେୟାରିଂ, ସୋଫା ସମେତ ସମସ୍ତ ଅଫିସିଆଲ୍ ଆସବାବପତ୍ର ଜଳିଯାଇଛି। ବ୍ୟାଙ୍କ୍ ଲକର୍‌ରେ ରହିଥିବା ସୁନା ଓ ଟଙ୍କାର ଆକଳନ କରାଯାଇ ନଥିବା ବେଳେ ଖୁବଶୀଘ୍ର ଏହାର ଆକଳନ କରାଯିବ ବୋଲି ବ୍ୟାଙ୍କ୍ ▶ପୃଷ୍ଠା-୭

**ପୋଡ଼ିଗଲା କୁଇଣ୍ଟାଲ କୁଇଣ୍ଟାଲ ମାଛ**

**ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ବି ଭସ୍ମୀଭୂତ: ପୋଡ଼ି ଯାଇଥିବା ଲକ୍ଷ ଲକ୍ଷ ଟଙ୍କାର ଆକଳନ ହୋଇନାହିଁ**

## ପୁଲିସ, କ୍ରାଇମ୍‌ବ୍ରାଞ୍ଚ ଓ ଜିଆର୍‌ପି ଅଧିକାରୀଙ୍କୁ ଏନ୍‌ଏଚ୍‌ଆର୍‌ସିର ଜେରା

■ ଭୁବନେଶ୍ୱର, ୧।୬ (ସମିସ): ରାଜଧାନୀ ଉପକଣ୍ଠ ବାଲିଅନ୍ତାରେ ଜିଆର୍‌ପି କନଷ୍ଟେବଲ ସୌମ୍ୟରଞ୍ଜନ ସ୍ୱାଇଁ ହତ୍ୟା ଘଟଣାରେ ଖୋଳତାଡ଼ ଆରମ୍ଭ କରିଛନ୍ତି ଜାତୀୟ ମାନବାଧିକାର କମିସନ। କମିସନଙ୍କ ଦୁଇ ଜଣିଆ ସଦସ୍ୟ ରାଜେନ୍ଦ୍ର ସିଂ ଏବଂ ଅବିନାଶ କୁମାର ଆଜି ଏହି ମାମଲାରେ କ୍ରାଇମ୍‌ବ୍ରାଞ୍ଚ ଏସ୍‌ପି ଅନିରୁଦ୍ଧ ରାଉତରାୟ, ଡିଏସ୍‌ପି ରତ୍ନପ୍ରଭା ଶତପଥୀ, ବାଲିଅନ୍ତା ଥାନା ପୂର୍ବତନ ଆଇଆଇସି ଅନିଲ ପରିଡ଼ା ଓ ଜିଆର୍‌ପି ଏସ୍‌ପି ଭବାନୀ ଶଙ୍କର ଉଦ୍‌ଗାତାଙ୍କୁ ଜେରା କରିଛନ୍ତି। ରାଜ୍ୟ ଅତିଥି ଭବନରେ ଦୀର୍ଘ ସମୟ ଧରି ଭିଡ଼ ହତ୍ୟା ସମ୍ପର୍କରେ ଏହି ଅଧିକାରୀମାନଙ୍କୁ ପଚରାଉଚରା କରାଯାଇଛି। ଏନ୍‌ଏଚ୍‌ଆର୍‌ସିର ସଦସ୍ୟଦ୍ୱୟ ▶ପୃଷ୍ଠା-୭

**ବାଲିଅନ୍ତା ଭିଡ଼ହତ୍ୟା**



## ୭ ଦିନିଆ ଦିଲ୍ଲୀ ଗସ୍ତରେ ନବୀନ

■ ଭୁବନେଶ୍ୱର, ୧।୬ (ସମିସ): ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ସୋମବାର ୭ ଦିନିଆ ନୂଆଦିଲ୍ଲୀ ଗସ୍ତରେ ଯାଇଛନ୍ତି। ଏହି ଗସ୍ତ ସମୟରେ ସେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ ଓ ୭ ତାରିଖରେ ସେ ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିବେ ବୋଲି ଜଣାପଡ଼ିଛି। ବରିଷ୍ଠ ବିଜେଡି ନେତା ଦେବୀ ପ୍ରସାଦ ମିଶ୍ରଙ୍କ ସୂଚନା ଅନୁସାରେ ଏହା ଏକ ରୁଟିନ ଗସ୍ତ। ପ୍ରାୟ ସପ୍ତାହେ ବ୍ୟାପି ସେ ଦିଲ୍ଲୀରେ ରହିବେ ଓ ବିଭିନ୍ନ ନିର୍ଦ୍ଧାରିତ କାର୍ଯ୍ୟକ୍ରମରେ ସାମିଲ ହେବା ସହ ଏକାଧିକ ରାଜନୈତିକ ଓ ବ୍ୟକ୍ତିଗତ କାର୍ଯ୍ୟକ୍ରମରେ ଯୋଗଦେବେ। ଅପରପକ୍ଷେ ନବୀନ ପଟ୍ଟନାୟକ ଏହି ଗସ୍ତ ସମୟରେ କିଛି କେନ୍ଦ୍ରୀୟ ନେତାଙ୍କୁ ଭେଟିପାରନ୍ତି ବୋଲି ସୂଚନା ମିଳିଛି। ଦିଲ୍ଲୀ ଗସ୍ତ ବେଳେ ଆଜି ବିମାନବନ୍ଦରରେ ▶ପୃଷ୍ଠା-୭



### ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍‌ର ଦିଶାହୀନ ଗତି

## ୨୪ ଘଣ୍ଟିଆ ପାଣି ସୁନିଶ୍ଚିତ କରିପାରୁନି ୱାଟ୍‌କୋ

■ ଭୁବନେଶ୍ୱର, ୧।୬ (ସମିସ): ନବୀନ ସରକାର ସମୟରେ ଓଡ଼ିଶାର "ଡ୍ରିଙ୍କ ଫ୍ରମ ଟ୍ୟାପ୍' ସାରା ଦେଶ ପାଇଁ ରୋଲ ମଡେଲ୍ ହୋଇଥିଲା। ଦେଶର ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ସରକାର ଲୋକମାନଙ୍କୁ ସିଧା ନଳରୁ ପିଇବା ପାଣି ବ୍ୟବସ୍ଥା କରିଥିଲେ। ପ୍ରଥମ ସହର ଭାବେ ପୁରୀରେ ଏହି ଯୋଜନା ଆରମ୍ଭ ହୋଇ ଅନ୍ୟ ସହରାଞ୍ଚଳରେ କାର୍ଯ୍ୟକାରୀ ହୋଇଥିଲା। ଅନ୍ୟ ରାଜ୍ୟଗୁଡ଼ିକ ପାଇଁ ଓଡ଼ିଶାର "ଡ୍ରିଙ୍କ ଫ୍ରମ ଟ୍ୟାପ୍' ମିସନ କେବଳ ଜଳ ଯୋଗାଣ ନୁହେଁ, ଏକ ସ୍ୱାସ୍ଥ୍ୟ ଓ ବିକାଶର ମଡେଲ୍ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ଏହାକୁ ବହୁ ରାଜ୍ୟ ଆପଣାଇଥିଲେ। ମାତ୍ର ୨ ବର୍ଷ ମଧ୍ୟରେ ତତ୍‌କାଳୀନ ସରକାରଙ୍କ ଏହି ମହତ୍ୱାକାଂକ୍ଷୀ ଯୋଜନା ଏବେ ଦିଗହରା ହୋଇ ପଡ଼ିଛି। ୨୪ ଘଣ୍ଟିଆ ଜଳ ଯୋଗାଣ ବ୍ୟବସ୍ଥାରେ ଏବେ ଘୋର ସମସ୍ୟା ସୃଷ୍ଟି ହୋଇଛି। ଖୋଦ୍ ରାଜଧାନୀରେ ଏହି ବ୍ୟବସ୍ଥାର କାର୍ଯ୍ୟକାରିତା ଉପରେ ଗୁରୁତର ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ କେଉଁଠି ଦିନରେ ଦୁଇ ଥର ତ କେଉଁଠି ଦିନରେ ଥରେ ପାଣି ଆସୁଛି। ଯଦିଓ ଏହାର ମାନକୁ ନେଇ ବିଶେଷ କିଛି ବଡ଼ ସମସ୍ୟା ସୃଷ୍ଟି ହୋଇ ନାହିଁ, ହେଲେ ଅନେକ ସ୍ଥାନରେ 'ଆର୍‌ଓ' ମାନର ପାଣି ବଦଳରେ ପାଣି ଗୁଣ୍ଡି କିମ୍ବା ସାମାନ୍ୟ ହଳଦିଆ ପାଣି ଆସୁଥିବା ଅଭିଯୋଗ ହୋଇଛି। ଭୁବନେଶ୍ୱରର ଲେକ୍‌ଭେଲି ଅଞ୍ଚଳରେ ଏବେ ସକାଳେ ଓ ସନ୍ଧ୍ୟାରେ ପାଣି ଆସୁଛି। ଅନ୍ୟ କେତେକ ସ୍ଥାନରେ ପାଣି ଅଭାବ ହେତୁ ୨୪ ଘଣ୍ଟିଆ ଜଳ ଯୋଗାଣ ହେଉ ନ ଥିବା ଅଭିଯୋଗ ହୋଇଛି।

୨୦୧୭ ମସିହାରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଟ୍ୟାପ୍‌ରେ ଘରକୁ ସିଧାସଳଖ ପାନୀୟ ଜଳ ଯୋଗାଇବା ଲକ୍ଷ୍ୟ ରଖାଯାଇଥିଲା। ବିନା କୌଣସି ଫିଲ୍ଟରରେ ଲୋକେ ଆର୍‌ଓ ମାନର ପାଣି ପିଇବେ ବୋଲି ଲକ୍ଷ୍ୟ ରଖି ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଯୋଜନାର ଶୁଭାରମ୍ଭ କରିଥିଲେ। ଭାରତର ପ୍ରଥମ ସହର ଭାବେ ପୁରୀରେ ପୂର୍ଣ୍ଣରୂପେ ଏହି ଯୋଜନା କାର୍ଯ୍ୟକ୍ଷମ ହୋଇଥିବା ବେଳେ ବିଶ୍ୱସ୍ତରରେ ଏହାର ପ୍ରଶଂସା କରାଯାଇଥିଲା। ▶ପୃଷ୍ଠା-୭

**ଯୋଜନାରେ ସାମିଲ ହୋଇପାରୁନି ଅନ୍ୟ ସହର**



SIKSHA 'O' ANUSANDHAN
SAAT-2026
Empowering students for a brighter future
AGRICULTURAL PROGRAMMES
■ B.Sc. (H) Agriculture
■ M.Sc. Agriculture
APPROVAL & RECOGNITIONS
■ Approved by UGC
■ Accredited by ICAR
■ Re-accredited by NAAC with A++ Grade
■ Granted with Category-1 Graded Autonomy by UGC
NIRF INDIA RANKINGS 2025
■ 15th Best in University Category
■ 25th Best in Overall Category
INTERNATIONAL RANKINGS 2026
■ Ranked in QS World Rankings 2026
■ Ranked in Times World Rankings 2026
To apply for admission through SAAT, Please visit: www.soa.ac.in





# ଜାତୀୟ ରାଜପଥରେ ବଢୁଛି ବେଆଇନ ପାର୍କିଂ

## ପାଳନ ହେଉନି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

**୩ ବର୍ଷରେ ୮୦୦ରୁ ଅଧିକ ଜୀବନ ଗଲାଣି**

କଟକ, ୧।୬(ସମିସ)

ରାଜ୍ୟରେ ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁସଂଖ୍ୟା ହ୍ରାସ କରିବା ପାଇଁ ସରକାର ଓ ପରିବହନ ବିଭାଗ ପକ୍ଷରୁ ବିଭିନ୍ନ ସମୟରେ 'ସଡ଼କ ସୁରକ୍ଷା ସପ୍ତାହ' ଓ ସଚେତନତା କାର୍ଯ୍ୟକ୍ରମ ବ୍ୟାପକ ଭାବେ ପାଳନ କରାଯାଉଥିଲେ ହେଁ, ବାସ୍ତବ କ୍ଷେତ୍ରରେ ସ୍ଥିତିରେ କୌଣସି ସୁଧାର ଆସୁନାହିଁ। ଜାତୀୟ ରାଜପଥ କଡ଼ରେ ବେଆଇନ ଭାବେ ଗାଡ଼ି ପାର୍କିଂ ଏବେ ସାଧାରଣ ପଥଚାରୀ ଓ ଯାତ୍ରୀଙ୍କ ପାଇଁ ମରଣଯନ୍ତା ପାଲଟିଛି। ଏହି ସଙ୍ଗୀନ ସମସ୍ୟା ଉପରେ ସୁପ୍ରିମକୋର୍ଟଙ୍କର କଡ଼ା ନିର୍ଦ୍ଦେଶନାମା ରହିଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନ ଓ ପୁଲିସର ନିଷ୍କ୍ରିୟତା ଯୋଗୁଁ ତାହା କେବଳ କାଗଜପତ୍ରରେ ସୀମିତ ରହିଯାଇଛି। ବିଶେଷକରି, ଯାଜପୁର, କଟକ, ଖୋର୍ଦ୍ଧା ଏବଂ ଗଞ୍ଜାମ ଜିଲ୍ଲା ଦେଇ ଯାଇଥିବା ୧ ନମ୍ବର ଜାତୀୟ ରାଜପଥର (ଏନଏଚ-୧୬) ପାହାଳ, ଜଗତପୁର, ଟାଙ୍ଗୀ, ମଙ୍ଗୁଳି ଏବଂ ଛତିଆ ଅଞ୍ଚଳ ସବୁଠାରୁ ଅଧିକ ବିପଦପୂର୍ଣ୍ଣ 'ବ୍ଲାକ୍ ସ୍ପଟ୍' ଭାବେ ଚିହ୍ନଟ ହୋଇଛି। ଏହିସବୁ ଅଞ୍ଚଳରେ ରାଜପଥ କଡ଼ରେ ରାତିଦିନ ଅତି ବିପଜ୍ଜନକ ଭାବେ ଠିଆ ହୋଇ ରହିଥିବା ଶହ ଶହ ଭାରୀ ଟ୍ରକ୍ ପ୍ରତିଦିନ ଛୋଟ ବଡ଼ ଭୟାବହ ଦୁର୍ଘଟଣାର ମୁଖ୍ୟ କାରଣ ସାଜୁଛନ୍ତି। ସରକାରୀ ପରିସଂଖ୍ୟାନ ଅନୁଯାୟୀ, ଗ୍ରାଉଣ୍ଡ ଜିରୋରେ ପ୍ରଶାସନିକ ସମନ୍ୱୟର ଅଭାବ ଯୋଗୁଁ ଗତ ୩ ବର୍ଷ ମଧ୍ୟରେ କେବଳ ବେଆଇନ ପାର୍କିଂ ଯୋଗୁଁ ୧୦୦୦ରୁ ଅଧିକ ସଡ଼କ ଦୁର୍ଘଟଣା



ଘଟି ପ୍ରାୟ ୮୦୦ରୁ ଅଧିକ ନିରୀହ ଲୋକ ନିଜର ପ୍ରାଣ ହରାଇଲେଣି। ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ୧୬ ନମ୍ବର ଜାତୀୟ ରାଜପଥ କଡ଼ରେ ବେଆଇନ ଭାବେ ଛତୁ ଫୁଟିଲା ଭଳି ଶତାଧିକ ହୋଟେଲ ଓ ଢାବା ଗଢ଼ି ଉଠିଛି। ଦୂରଗାମୀ ଟ୍ରକ୍ ଚାଳକମାନେ ବିଶ୍ରାମ ନେବା ଓ ଖାଇବା ଉଦ୍ଦେଶ୍ୟରେ ମୁଖ୍ୟ ରାସ୍ତା ଉପରେ ହିଁ ନିଜ ଗାଡ଼ିକୁ ପାର୍କିଂ କରୁଛନ୍ତି। ଏହା ସହିତ ମଙ୍ଗୁଳି, ଜଗତପୁର ଏବଂ ଛତିଆ ଅଞ୍ଚଳରେ ଟ୍ରକ୍ ମାଲିକମାନଙ୍କର ନିଜସ୍ୱ ପାର୍କିଂ ସ୍ଥଳ ନ ଥିବାରୁ, ସେମାନେ ମୁଖ୍ୟ ଜାତୀୟ ରାଜପଥ ସମେତ ପାର୍ଶ୍ୱବର୍ତ୍ତୀ 'ସର୍ଭିସ୍ ରୋଡ୍' ଉପରେ ହିଁ ଗାଡ଼ି ଠିଆ କରି ସାମଗ୍ରୀ ଲୋଡିଂ ଓ ଅନଲୋଡିଂ କରୁଛନ୍ତି, ଯାହା ସର୍ଭିସ୍ ଲେନ୍‌କୁ ସମ୍ପୂର୍ଣ୍ଣ ଜାମ୍ କରିଦେଉଛି। ରାଜପଥରେ ଏଭଳି ସଙ୍କଟକୁ ରୋକିବା ପାଇଁ ସୁପ୍ରିମକୋର୍ଟ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ ଯେ, ହାଇ-ସ୍ପିଡ୍ ଏକ୍ସପ୍ରେସ ୱେ କିମ୍ବା ମୁଖ୍ୟ ଜାତୀୟ ରାଜପଥକୁ କୌଣସି ପରିସ୍ଥିତିରେ 'ବିପଦର କରିଡର' ହେବାକୁ ଦିଆଯାଇପାରିବ ନାହିଁ; ଭାରୀ ବ୍ୟାବସାୟିକ ଗାଡ଼ିଗୁଡ଼ିକୁ କେବଳ ନିର୍ଦ୍ଧାରିତ ପାର୍କିଂ ଟର୍ମିନାଲ ବା 'ଟ୍ରକ୍ ବେ'ରେ ହିଁ ରଖାଯିବ। ମାତ୍ର ପ୍ରମୁଖ ସ୍ଥାନମାନଙ୍କରେ ସରକାରଙ୍କ ପକ୍ଷରୁ କୌଣସି 'ଟ୍ରକ୍ ବେ' ନିର୍ମାଣ କରାଯାଇ ନ ଥିବାରୁ ଏହି ସଙ୍କଟ ଆହୁରି ଜଟିଳ ରୂପ ଧାରଣ କରିଛି। ଏହାବ୍ୟତୀତ ରାଜପଥରେ ପ୍ରତିଦିନ ବୁଲା ଗୋରୁଗାଈଙ୍କ ପ୍ରାଦୁର୍ଭାବ ଯୋଗୁଁ ମଧ୍ୟ ଅନେକ ଲୋକ ଅକାଳରେ ଆଖି ବୁଜୁଛନ୍ତି। ପରିବହନ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନା ଅନୁଯାୟୀ, ରାସ୍ତାରୁ ପରିତ୍ୟକ୍ତ ଏବଂ ବେଆଇନ ଭାବେ ଠିଆ ହୋଇଥିବା ଗାଡ଼ିଗୁଡ଼ିକୁ ହଟାଇବା ପାଇଁ ସମସ୍ତ ଆରଟିଓମାନଙ୍କୁ କ୍ରେନ୍ ଯୋଗାଇ ଦିଆଯିବା ସହ କଠୋର ଆଦେଶ ଦିଆଯାଇଛି। ଓଡ଼ିଶା ପୁଲିସକୁ ମଧ୍ୟ ହାଇୱେ ପାଟ୍ରୋଲିଂ ଗାଡ଼ି ସହ ମୋଟର ଯାନ ଆକ୍ଟ ଅନୁଯାୟୀ ମାତ୍ରାଧିକ ଜରିମାନା କରିବାକୁ କ୍ଷମତା ଦିଆଯାଇଛି। ଏହା ସହ ଜାତୀୟ ରାଜପଥ ପ୍ରାଧିକରଣର ପାଟ୍ରୋଲିଂ ଟିମ୍‌କୁ ମଧ୍ୟ ବେଆଇନ ପାର୍କିଂ ଦେଖିଲେ ତୁରନ୍ତ ପୁଲିସକୁ ସୂଚନା ଦେବାକୁ ନିର୍ଦ୍ଦେଶ ହୋଇଛି, ମାତ୍ର ବାସ୍ତବ କ୍ଷେତ୍ରରେ ପୁଲିସ ଓ ପରିବହନ ବିଭାଗର କାର୍ଯ୍ୟାନୁଷ୍ଠାନ ଆଦୌ ଆଖିଦୃଶିଆ ହେଉନାହିଁ। ତେବେ ସାଧାରଣ ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ନିକଟରେ ଅନୁଷ୍ଠିତ ଜିଲ୍ଲା ସଡ଼କ ସୁରକ୍ଷା କମିଟିର ବୈଠକରେ ରାଜପଥ କଡ଼ରେ ଥିବା ସମସ୍ତ ବେଆଇନ ହୋଟେଲ ଓ ଢାବାଗୁଡ଼ିକୁ ଜବରଦଖଲମୁକ୍ତ କରି ସମ୍ପୂର୍ଣ୍ଣ ଭାବେ ହଟାଇବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି। ଯଦି ଏହି ନିଷ୍ପତ୍ତିକୁ ତୁରନ୍ତ ଗ୍ରାଉଣ୍ଡସ୍ତରରେ କାର୍ଯ୍ୟକାରୀ କରା ନ ଯାଏ, ତେବେ ଆଗାମୀ ଦିନରେ ଜାତୀୟ ରାଜପଥରେ ମୃତ୍ୟୁର ଶୋଭାଯାତ୍ରାକୁ ରୋକିବା ଅସମ୍ଭବ ହୋଇପଡ଼ିବ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

● ଦୁଇ ଦିନିଆ କୁଳପତି ସମ୍ମିଳନୀ ଉଦଯାପିତ

# ବିଶ୍ୱବିଦ୍ୟାଳୟ ଜମି ଜବରଦଖଲ ରୋକିବାକୁ ରାଜ୍ୟପାଳଙ୍କ ଗୁରୁତ୍ୱ

ଭୁବନେଶ୍ୱର, ୧।୬(ସମିସ):ଉଚ୍ଚଶିକ୍ଷାର ଦୀର୍ଘକାଳୀନ ବିକାଶ ପାଇଁ ବିଶ୍ୱବିଦ୍ୟାଳୟର ସମ୍ପତ୍ତି ସୁରକ୍ଷିତ ରଖିବା ଅତ୍ୟନ୍ତ ଜରୁରୀ। ଏଥିପାଇଁ ବିଶ୍ୱବିଦ୍ୟାଳୟର ଜମିକୁ ଜବରଦଖଲରୁ ରକ୍ଷା କରିବା ପାଇଁ ଦୃଢ଼ ପଦକ୍ଷେପ ନେବାକୁ ଦୁଇଦିନିଆ କୁଳପତି ସମ୍ମିଳନୀର ଉଦଯାପନୀ ସମାରୋହରେ ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟ କୁଳାଧିପତି ଡ. ହରି ବାବୁ କମ୍ଭମପାଟି କୁଳପତିମାନଙ୍କୁ ଆହ୍ୱାନ ଦେଇଛନ୍ତି। ରାଜ୍ୟପାଳ ଆହୁରି କହିଛନ୍ତି ଯେ, ଅନେକ ବିଶ୍ୱବିଦ୍ୟାଳୟ ଜମି ଜବରଦଖଲ ସମସ୍ୟା ଭୋଗୁଛନ୍ତି। ଏଥିପାଇଁ କୁଳପତିମାନେ ସତର୍କ ରହିବା ଆବଶ୍ୟକ। ଭବିଷ୍ୟତରେ ଜବରଦଖଲ ରୋକିବା ପାଇଁ ଆବଶ୍ୟକ ବ୍ୟବସ୍ଥା କରିବାକୁ ସେ ପରାମର୍ଶ ଦେଇଛନ୍ତି। ସେହିପରି କ୍ୟାମ୍ପସର ସ୍ଥାୟୀ ବିକାଶ ଓ ସ୍ୱାବଲମ୍ବୀ କରିବା ପାଇଁ ନବୀକରଣଯୋଗ୍ୟ ଶକ୍ତି ବ୍ୟବହାରକୁ ରାଜ୍ୟପାଳ ଗୁରୁତ୍ୱ ଦେଇଛନ୍ତି। ବିଶେଷକରି ସୌରଶକ୍ତି ବ୍ୟବହାର ପାଇଁ ପ୍ରୋତ୍ସାହିତ କରିଛନ୍ତି। ବିଶ୍ୱବିଦ୍ୟାଳୟଗୁଡ଼ିକରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପ୍ରାଧାନ୍ୟ ଦେଇ ପ୍ରତି ମାସରେ ପ୍ରଧାନମନ୍ତ୍ରୀଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମ ଶୁଣିବା ପାଇଁ ବ୍ୟବସ୍ଥା କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ, ରାଜ୍ୟପାଳଙ୍କ ପରାମର୍ଶକୁ ସକ୍ରିୟ ଭାବେ କାର୍ଯ୍ୟାନ୍ୱୟନ କରାଯିବ। ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକରେ ଦକ୍ଷତା ବିକାଶ ଭିତ୍ତିଭୂମିକୁ ବିସ୍ତାର କରାଯିବ ବୋଲି ମଧ୍ୟ ମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ବିଭାଗ ସଚିବ ଅରବିନ୍ଦ ଅଗ୍ରୱାଲ ଏବଂ ଦକ୍ଷତା ବିକାଶ ବିଭାଗ ଶାସନ ସଚିବ ଭୂପେନ୍ଦ୍ର ସିଂହ ପୁନିଆ ବକ୍ତବ୍ୟ ପ୍ରଦାନ କରିଥିବାବେଳେ ରାଜ୍ୟପାଳଙ୍କ କମିଶନର ଡ. ରୂପା ରୋଶନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

# ପ୍ରଫେସର ଡାକ୍ତର ସୀତାରାମ ମହାପାତ୍ର ହାଇଟେକ୍ ମେଡିକାଲ୍‌ର ନୂଆ ଅଧୀକ୍ଷକ ନିଯୁକ୍ତ



ଭୁବନେଶ୍ୱର, ୧।୬(ସମିସ): ବରିଷ୍ଠ ଚିକିତ୍ସାବିତ୍ ତଥା ପ୍ୟାଥୋଲୋଜି ବିଭାଗର ପ୍ରଫେସର ଡାକ୍ତର ସୀତାରାମ ମହାପାତ୍ର, ହାଇଟେକ୍ ମେଡିକାଲ୍ କଲେଜ୍ ଓ ହସ୍‌ପିଟାଲ ଭୁବନେଶ୍ୱରରେ ନିର୍ଦ୍ଦେଶକ ପ୍ରଶାସନ ଓ ମେଡିକାଲ୍ ଅଧୀକ୍ଷକ ଭାବରେ ନିଯୁକ୍ତି ପାଇଛନ୍ତି। ଚିକିତ୍ସା ସହ ପ୍ରଶାସନିକ କ୍ଷେତ୍ରରେ ଡାକ୍ତର ସୀତାରାମ ମହାପାତ୍ରଙ୍କ ଦୀର୍ଘ ବର୍ଷର ଦକ୍ଷତା ଓ ଅଭିଜ୍ଞତା ରହିଛି। ଏହା ପୂର୍ବରୁ ଡାକ୍ତର ମହାପାତ୍ର ରାଜ୍ୟ ସରକାରଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ ପଦରେ ନିଷ୍ଠାର ସହ କାର୍ଯ୍ୟ କରିଛନ୍ତି। ବର୍ତ୍ତମାନ ଯାଜପୁରର ମହାରାଜା ଯଯାତୀ କେଶରୀ ମେଡିକାଲ୍ କଲେଜ୍ ଓ ହସ୍‌ପିଟାଲର ଡିନ୍ ଓ ଅଧକ୍ଷ ଭାବରେ କାର୍ଯ୍ୟ କରୁଥିବା ବେଳେ, ଜଣେ ସୁନାମଧନ୍ୟ ଚିକିତ୍ସାବିତ୍ ଓ ପ୍ରଶାସକ ଭାବରେ ଡାକ୍ତର ସୀତାରାମ ମହାପାତ୍ରଙ୍କ ଖ୍ୟାତି ରହିଛି। ପୂର୍ବରୁ ସେ ଓଜେଇଇର ଅଧୀକ୍ଷକ ଓ ଡିଏମ୍‌ଇଟି ଭାବରେ କାର୍ଯ୍ୟର କରି ପରୀକ୍ଷା ଓ ଶିକ୍ଷାଗତ ଢାଞ୍ଚାରେ ଅନେକଗୁଡିଏ ପରିବର୍ତ୍ତନ ଆଣିବାରେ ସକ୍ଷମ ହୋଇଛନ୍ତି। ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡକ୍ଟର ତିରୁପତି ପାଣିଗ୍ରାହୀ, ମ୍ୟାନେଜିଂ ଟ୍ରଷ୍ଟି ସୁରେଶ ପାଣିଗ୍ରାହୀ, ପାରଳାଖେମୁଣ୍ଡି ବିଧାୟକ ଇଞ୍ଜିନିୟର ରୂପେଶ ପାଣିଗ୍ରାହୀ, ନିର୍ଦ୍ଦେଶକ ଡାକ୍ତର ରାକେଶ ପାଣିଗ୍ରାହୀ, ନିର୍ଦ୍ଦେଶିକା ସାବିତ୍ରୀ ପାଣିଗ୍ରାହୀ, ନିର୍ଦ୍ଦେଶିକା ମଧୁସ୍ମିତା ପାଣିଗ୍ରାହୀ, ଡାକ୍ତର ସୀତାରାମ ମହାପାତ୍ରଙ୍କ ନିଯୁକ୍ତିକୁ ସ୍ୱାଗତ କରିବା ସହ ହାଇଟେକ୍ ମେଡିକାଲ୍ କଲେଜ୍ ଓ ହସ୍‌ପିଟାଲରେ ପ୍ରଫେସର ଡାକ୍ତର ମହାପାତ୍ରଙ୍କ କାର୍ଯ୍ୟକାଳ ନିଶ୍ଚିତ ରୂପରେ ହାଇଟେକ୍‌ର ସୁନାମକୁ ଦ୍ୱିଗୁଣିତ କରିବ ବୋଲି ଆଶା କରିଛନ୍ତି।

# ସଫଳତା ସାଉଁଟୁଛି ଏକଲବ୍ୟ ମଡେଲ୍ ଆବାସିକ ବିଦ୍ୟାଳୟ

## ୩ ପୂର୍ବତନ ଛାତ୍ରଛାତ୍ରୀ ପାଇଲେ ଓପିଏସ୍‌ସି

ଭୁବନେଶ୍ୱର, ୧।୬(ସମିସ): ଓଡ଼ିଶା ସିଭିଲ୍ ସର୍ଭିସ୍ (ଓସିଏସ୍) ପରୀକ୍ଷାରେ ଏକଲବ୍ୟ ମଡେଲ୍ ଆବାସିକ ବିଦ୍ୟାଳୟ ଛାତ୍ରଛାତ୍ରୀମାନେ ଉଲ୍ଲେଖନୀୟ ସଫଳତା ପାଇଛନ୍ତି। ଏହି ଅନୁଷ୍ଠାନର ତିନି ଜଣ ପୂର୍ବତନ ଛାତ୍ରଛାତ୍ରୀ ସଫଳତା ହାସଲ କରିଛନ୍ତି। ଆଦିବାସୀ ସମ୍ପ୍ରଦାୟର ପିଲାମାନେ ଗୁଣାତ୍ମକ ଶିକ୍ଷା ଗ୍ରହଣ କରି କୃତିତ୍ୱ ଅର୍ଜନ କରୁଥିବାବେଳେ ଏକଲବ୍ୟ ବିଦ୍ୟାଳୟ ପୁଣି ଥରେ ପ୍ରଶଂସିତ ହୋଇଛି। କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ନୂଆଗାଁର ଗଣ୍ଡ ଜନଜାତିର ନୀଳିମା କୁମାରୀ ନାୟକ ଓସିଏସ୍ ପରୀକ୍ଷାରେ ୧୯୪ତମ ର୍‍ୟାଙ୍କ୍ ହାସଲ କରିଛନ୍ତି। ସେ ୨୦୧୭ରେ ଏହି ଅନୁଷ୍ଠାନରୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପୂରଣ କରିଥିଲେ। ବର୍ତ୍ତମାନ ସେ ସହକାରୀ ଶ୍ରମ ଅଧିକାରୀ ଭାବେ କାର୍ଯ୍ୟରତ ଅଛନ୍ତି। ସେହିପରି କେନ୍ଦୁଝର ଜିଲ୍ଲା ପଞ୍ଚୁଗୋଛିଆ ଗ୍ରାମର ସାନ୍ତାଳ ଜନଜାତିର କୃଷ୍ଣ ଚନ୍ଦ୍ର ହେମ୍ବ୍ରମ ମଧ୍ୟ କୃତୀ ପରୀକ୍ଷାର୍ଥୀଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ସେ ଯାଜପୁର ଅନ୍ତର୍ଗତ ଏକଲବ୍ୟ ବିଦ୍ୟାଳୟର ପୂର୍ବତନ ଛାତ୍ର ହୋଇଥିବାବେଳେ ୧୮୫ତମ ର୍‍ୟାଙ୍କ ହାସଲ କରିଛନ୍ତି। ଅନୁରୂପ ଭାବେ ନବରଙ୍ଗପୁର ଜିଲ୍ଲା ସାନବାର୍ଲି ଗ୍ରାମର ଭତ୍ରା ଜନଜାତିର କେଶବ ମାଝୀ ମଧ୍ୟ ଓଡ଼ିଶା ସିଭିଲ୍ ସର୍ଭିସେସ୍ ପରୀକ୍ଷାର ୧୮୨ତମ ର୍‍ୟାଙ୍କ ହାସଲ କରି ସଫଳତା ପାଇଛନ୍ତି।

● ସେକ୍ସ ର୍‍ୟାକେଟ୍ ଠାବ

# ଦୁଇ ଯୁବକ ଅଟକ, ୨ ଯୁବତୀଙ୍କୁ ଉଦ୍ଧାର କଲା ପୁଲିସ

କଟକ, ୧।୬(ସମିସ): ମଧୁପାଟଣା ଥାନା ଅନ୍ତର୍ଗତ ରାଜେନ୍ଦ୍ର ନଗରର ଏକ ଭଡ଼ାଘରେ ଚାଲିଥିବା ଏକ ସେକ୍ସ ର୍‍ୟାକେଟକୁ ଆଜି ଅପରାହ୍ନରେ ଠାବ କରାଯାଇଛି। ଘଟଣାସ୍ଥଳରୁ ୨ ଜଣ ଯୁବତୀଙ୍କୁ ଉଦ୍ଧାର କରାଯିବା ସହିତ ୨ ଜଣ ଯୁବକଙ୍କୁ ଥାନାରେ ଅଟକ ରଖାଯାଇଛି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ସାଢ଼େ ୩ଟା ସମୟରେ ଜଣେ ମହିଳା ଥାନାକୁ ଫୋନକରି ଜଣାଇଥିଲେ ଯେ ରାଜେନ୍ଦ୍ରନଗରର ଜଣେ ବ୍ୟକ୍ତିଙ୍କ ଭଡ଼ାଘରେ ଦେହ ବ୍ୟବସାୟ ଚାଲିଛି। ତଦନୁଯାୟୀ ପାଖଆଖରେ ପାଟ୍ରୋଲିଂ କରୁଥିବା ପୁଲିସଟିମ୍ ତୁରନ୍ତ ସୂଚନା ମୁତାବକ ଘରେ ଚଢ଼ଉ କରିଥିଲା। ଫଳରେ ୨ ଯୁବତୀଙ୍କ ସହିତ ୨ଜଣ ଯୁବକ ଧରାପଡ଼ିଥିଲେ। ଏହାପରେ ପୁଲିସ ସେମାନଙ୍କୁ ନେଇ ପଚରାଉଚରା ଜାରି ରଖିଛି। ଉଦ୍ଧାର ଯୁବତୀଙ୍କ ମଧ୍ୟରେ ଜଣେ କଲକାତାର ଯୁବତୀ ରହିଛନ୍ତି। ଅନ୍ୟପକ୍ଷରେ ଘଟଣାକୁ ପୁଲିସ ଏକପ୍ରକାର ଅସ୍ୱିକାର କରିଛି। ଉକ୍ତ ଘରେ ଚଢ଼ଉ କରାଯାଇଥିଲେ ହେଁ ଦେହ ବ୍ୟବସାୟ ନେଇ ସେପରି କୌଣସି ଆପତ୍ତିଜନକ ଜିନିଷ ମିଳିନାହିଁ ବୋଲି ପୁଲିସ କହୁଛି। ସ୍ଥାନୀୟ ଅଧିବାସୀଙ୍କ କହିବା ଅନୁଯାୟୀ ଉକ୍ତ ଦୀର୍ଘମାସ ହେଲାଣି ଦିନ/ରାତି ଅଚିହ୍ନା ଯୁବକ ଓ ଯୁବତୀଙ୍କ ଯା'ଆସ ରହିଛି। ଫଳରେ ସେଠାରେ ଦେହ ବ୍ୟବସାୟ ଚାଲିଥିବା ସମ୍ପର୍କରେ ପୂର୍ବରୁ ଅବଗତ କରାଯାଇଥିଲେ ହେଁ ପୁଲିସ ଏ ଦିଗରେ କୌଣସି ପଦକ୍ଷେପ ନ ନେବା ସମସ୍ତଙ୍କୁ ଚକିତ କରିଛି।

# ନାଇଜେରିଆ ନାଗରିକଙ୍କୁ ଦୋଷମୁକ୍ତ ରାୟ ରଦ୍ଦ

● ସାନି ବିଚାର ପାଇଁ ଅଦାଲତଙ୍କ ନିର୍ଦ୍ଦେଶ

କଟକ, ୧।୬(ସମିସ): ଏକ ସାଇବର ଠକେଇ ମାମଲାରେ ଉପଯୁକ୍ତ ପ୍ରମାଣ ଅଭାବରୁ ନାଇଜେରିଆର ନାଗରିକ ଓରାଜାକା ପାଟ୍ରିକ ଚିଜୋରାମଙ୍କୁ ଦୋଷମୁକ୍ତ କରି ଜେଏମଏଫସି ଅଦାଲତ ଦେଇଥିବା ରାୟକୁ କଟକ ଦ୍ୱିତୀୟ ଅତିରିକ୍ତ ଦୌରା ଜଜ୍ ଅଦାଲତ ରଦ୍ଦ କରିଛନ୍ତି। ରାଜ୍ୟ ସରକାର ଓ ଏତଲାକାରୀଙ୍କ ଆବେଦନର ଏକତ୍ର ଶୁଣାଣି କରି ବିଚାରପତି ପ୍ରିୟରଞ୍ଜନ ମିଶ୍ର ଏହି ନିର୍ଦ୍ଦେଶ ଦେଇଛନ୍ତି। ପ୍ରସିକ୍ୟୁସନକୁ ଗୁରୁତ୍ୱପୂର୍ଣ୍ଣ ସାକ୍ଷୀଙ୍କ ସାକ୍ଷ୍ୟଗ୍ରହଣ ପାଇଁ ପୁନର୍ବାର ସୁଯୋଗ ଦିଆଯିବା ସହ ଜେଏମଏଫସି ଅଦାଲତ ମାମଲାର ସାନି (ନୂତନ) ରାୟ ପ୍ରକାଶ କରିବେ ବୋଲି କୋର୍ଟ କହିଛନ୍ତି। ସୂଚନାଯୋଗ୍ୟ ଯେ, ଭାରତରେ ଅନଧିକୃତ ଭାବେ ରହିବା ଅଭିଯୋଗ ଯୋଗୁଁ ଓରାଜାକାଙ୍କୁ ବର୍ତ୍ତମାନ ଆଠଗଡ଼ସ୍ଥିତ ରାଜ୍ୟ ହୋଲ୍ଡିଂ ସେଣ୍ଟରରେ ରଖାଯାଇଛି। ଘଟଣାରୁ ପ୍ରକାଶ ଯେ, ଅଭିଯୁକ୍ତ ଓରାଜାକା ଇନଷ୍ଟାଗ୍ରାମ୍‌ରେ ନିଜକୁ ନେଦରଲ୍ୟାଣ୍ଡର ନାଗରିକ ପରିଚୟ ଦେଇ ଭୁବନେଶ୍ୱରର ଜଣେ ଯୁବତୀଙ୍କ ସହ ବନ୍ଧୁତା ସ୍ଥାପନ କରିଥିଲେ ଏବଂ ତାଙ୍କଠାରୁ ପ୍ରାୟ ୨୮.୬୭ ଲକ୍ଷ ଟଙ୍କା ଠକି ନେଇଥିଲେ। ଏ ନେଇ ୨୦୨୨ ନଭେମ୍ବରରେ ସିଆଇଡି ସିବି ସାଇବର ଥାନାରେ ଅଭିଯୋଗ ହେବା ପରେ ପୁଲିସ ଡିସେମ୍ବର ୧୩ରେ ତାଙ୍କୁ ଗିରଫ କରିଥିଲା। ପରବର୍ତ୍ତୀ ସମୟରେ ୨୦୨ ଜାନୁଆରି ୨୯ରେ ଜେଏମଏଫସି କୋର୍ଟ ତାଙ୍କୁ ଦୋଷମୁକ୍ତ କରିଥିଲେ, ଯାହା ବିରୋଧରେ ରାଜ୍ୟ ସରକାର ଅପିଲ୍ କରିଥିଲେ। ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର ପ୍ରଦୀପ୍ତ କୁମାର ସାମଲ ଏହି ମାମଲା ପରିଚାଳନା କରୁଥିଲେ।

## ଲୋକଙ୍କ ଅଭିଯୋଗ ଶୁଣିଲେ ମୁଖ୍ୟମନ୍ତ୍ରୀ

# ଗ୍ରୀଷ୍ମ ପରେ ବ୍ୟାପକ ହେବ ଶୁଣାଣି କାର୍ଯ୍ୟକ୍ରମ

ଭୁବନେଶ୍ୱର, ୧।୬(ସମିସ): ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ୧୮ତମ ପାଳିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି (ସୋମବାର) ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହିତ ୧୩ଜଣ ବରିଷ୍ଠ ମନ୍ତ୍ରୀ ମଧ୍ୟ ଉପସ୍ଥିତ ରହି ଅଭିଯୋଗ ଶୁଣିଥିଲେ। ପ୍ରଥମେ ୩୦ ଜଣ ଦିବ୍ୟାଙ୍ଗ ଓ ଦୂରାରୋଗ୍ୟରେ ପୀଡ଼ିତ ଲୋକଙ୍କୁ ଭେଟି ସେମାନଙ୍କ ସମସ୍ୟା ଶୁଣିଥିଲେ। ବିଭିନ୍ନ ରୋଗରେ ପୀଡ଼ିତ ପ୍ରାୟ ୧୩ ଜଣଙ୍କ ପାଇଁ ମୁଖ୍ୟମନ୍ତ୍ରୀ ସିଙ୍ଗିଲ୍ ୱିଣ୍ଡୋ ସିଷ୍ଟମ ଜରିଆରେ ୩.୬୦ ଲକ୍ଷ ଟଙ୍କା ଚିକିତ୍ସା ସହାୟତା ରାଶି ମଞ୍ଜୁର କରିଛନ୍ତି। ସେହିପରି ପୁଅର ଦୁର୍ଘଟଣା ଜନିତ ମୃତ୍ୟୁ ପାଇଁ ନୟାଗଡ଼ ଜିଲ୍ଲାର କାମାକ୍ଷୀ ସାହୁଙ୍କୁ ମୁଖ୍ୟମନ୍ତ୍ରୀ ୨ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ମଞ୍ଜୁର କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସରକାରଙ୍କ ଅଭିଯୋଗ ଶୁଣାଣି ପ୍ରକ୍ରିୟା ପ୍ରଶାସନିକ ବ୍ୟବସ୍ଥାର ଅଭିନ୍ନ ଅଙ୍ଗ ପାଲଟିଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ପାଇଁ ଶିଥୀଳ ହୋଇଥିବା ଏହି କାର୍ଯ୍ୟକ୍ରମକୁ ଗ୍ରୀଷ୍ମ ପରେ ଆହୁରି ବ୍ୟାପକ କରାଯିବ। ଭୁବନେଶ୍ୱର ବାହାରେ ବିଭିନ୍ନ ଜିଲ୍ଲାରେ ଅଭିଯୋଗ ଶୁଣାଣି ହେବ। ପ୍ରଶାସନ ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କ ସମସ୍ୟା ଶୁଣିବ। ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜଙ୍ଗଲ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ, ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଏହାସହ ସଚିବ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣିରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ଆଜି ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନରେ ୬୦୦ରୁ ଅଧିକ ଅଭିଯୋଗ ପତ୍ର ଗ୍ରହଣ କରାଯାଇଛି। ପୂର୍ବ ୧୭ ପାଳି ସୁଦ୍ଧା ଅଭିଯୋଗ ପ୍ରକୋଷ୍ଠରେ ପ୍ରତ୍ୟକ୍ଷ ଅଭିଯୋଗ କରିଥିବା ୧୪,୬୫୧ ଟି ଅଭିଯୋଗ ମଧ୍ୟରୁ ୧୪,୦୪୬ ଅର୍ଥାତ ୯୬ ପ୍ରତିଶତ ଅଭିଯୋଗର ସମାଧାନ କରାଯାଇଛି। ସେହିପରି ଜିଲ୍ଲାସ୍ତରରେ ଏପ୍ରିଲ ସୁଦ୍ଧା ୨.୪୦ ଲକ୍ଷ ଅଭିଯୋଗ ଶୁଣାଣି ହୋଇ ୯୨ ପ୍ରତିଶତ ସମାଧାନ ହୋଇଛି।

# ମୃତକ ପରିବାରକୁ କ୍ଷତିପୂରଣ ଦାବିରେ ରାସ୍ତାରୋକ

ବାରଙ୍ଗ, ୧।୬(ସମିସ): ରବିବାର ରାତିରେ ରଘୁନାଥପୁର ଗାଁ ମୁଣ୍ଡରେ ଏକ କାର ଧକ୍କାରେ ସାଇକଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ସୋମବାର ରାତିରେ ମୃତଦେହ ଘରକୁ ଆସିବା ପରେ ମୃତଦେହକୁ ରାସ୍ତା ଉପରେ ରଖି ପରିବାର ଲୋକ ରାସ୍ତାରୋକ କରିଥିଲେ। ଯାହାଫଳରେ ଗାଡିମଟର ଯାତାୟାତରେ ବାଧା ସୃଷ୍ଟି ହୋଇଥିଲା। ନନ୍ଦନକାନନ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାରକୁ ବୁଝାସୁଝା କରିବା ସହ ୬୦ ହଜାର ଟଙ୍କାର କ୍ଷତିପୂରଣ ଦେବାର ପ୍ରତିଶ୍ରୁତି ଦେବା ପରେ ୧ ଘଣ୍ଟା ପରେ ରାସ୍ତାରୋକ ଉଠିଥିଲା।

ପ୍ରକାଶ ଯେ ରବିବାର ରାତିରେ ରଘୁନାଥପୁର ଗ୍ରାମ ଶବରସାହିର ପଞ୍ଚାନନ ନାୟକ ନାମକ ବ୍ୟକ୍ତି ଦୂଲାଦେଇ ଛକରୁ ସାଇକଲରେ ଚାଉଳ ନେଇ ଘରକୁ ଆସୁଥିଲେ। ଏହି ସମୟରେ ପଛପଟୁ ଓଡ଼ି ୦୫ ବିଏଫ୍ ୦୪୬୪ ନମ୍ବର କାରଟି ଦ୍ରୁତଗତିରେ ଆସି ପଛପଟୁ ତାଙ୍କୁ ଧକ୍କା ଦେଇଥିଲା। ଧକ୍କା ପରେ କାରଟି ତାଙ୍କୁ କିଛିଦୂର ପର୍ଯ୍ୟନ୍ତ ଘୋଷାଡ଼ି ନେଇଯାଇଥିଲା। ପଞ୍ଚାନନ ଚେତାଶୂନ୍ୟ ହୋଇ ରକ୍ତାକ୍ତ ଅବସ୍ଥାରେ ରାସ୍ତାରେ ପଡ଼ିରହିଥିଲେ। ଦୁର୍ଘଟଣା ପରେ ସ୍ଥାନୀୟ ଲୋକମାନେ ଗୁରୁତର ଆହତ ପଞ୍ଚାନନଙ୍କୁ ଉଦ୍ଧାର କରି ହସ୍ପିଟାଲକୁ ପଠାଇଥିଲେ। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ସେଠାରେ ମୃତ୍ୟୁ ଘଟିଥିଲା। ମୃତଦେହ ବ୍ୟବଚ୍ଛେଦ ହୋଇ ସୋମବାର ରାତିରେ ମେଡିକାଲରୁ ଘରକୁ ଆସିଥିଲା। ଏହାପରେ ଗ୍ରାମବାସୀ ମୃତଦେହକୁ ରାସ୍ତାରେ ରଖି ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି କରି ଭୁବନେଶ୍ୱର କଟକ ରାସ୍ତାକୁ ରଘୁନାଥପୁର ଗାଁ ମୁଣ୍ଡରେ ଅବରୋଧ କରିଥିଲେ। ଯାହାଫଳରେ ଉଭୟ ପଟରୁ ଶହଶହ ଗାଡିମଟର ଅଟକି ରହିଥିଲା। ଦୀର୍ଘ ୧ ଘଣ୍ଟା କାଳ ରାସ୍ତା ଅବରୋଧ ପରେ ନନ୍ଦନକାନନ ଆଇଆଇସି ବିଭୂତିଭୂଷଣ ମୁଦୁଲି ଆସି ଉତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାସୁଝା କରିଥିବା ସହ ମୃତକ ପରିବାରକୁ ୬୦ ହଜାର ଟଙ୍କାର କ୍ଷତିପୂରଣ ଦେବାର ପ୍ରତିଶ୍ରୁତି ଦେବାରୁ ରାସ୍ତା ଅବରୋଧ ଉଠିଥିଲା। ଅନ୍ୟପଟେ ମୃତ ପଞ୍ଚାନନଙ୍କ ଭାଇ ଲକ୍ଷ୍ମୀଧର ନାୟକଙ୍କ ଅଭିଯୋଗକ୍ରମେ ନନ୍ଦନକାନନ ଥାନାରେ ୨୪୫/୨୬ କେସ ନମ୍ବର ରୁଜୁ କରି ନନ୍ଦନକାନନ ଥାନା ପୁଲିସ ଦୁର୍ଘଟଣା ଘଟାଇଥିବା ଗାଡ଼ି ଚାଳକ ବଡମ୍ବା ଅଞ୍ଚଳର ଅଭିମାନପୁର ଗ୍ରାମର କାର ଚାଳକ ଅଭିଷେକ ପଣ୍ଡା (୨୮ ବର୍ଷ)କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି।

● ଓମଫେଡ୍ ଡାଏରୀରେ ବିଶ୍ୱ ଦୁଗ୍ଧ ଦିବସ ପାଳିତ

# ଗୋପାଳକଙ୍କ ଉନ୍ନତି ପାଇଁ ସରକାର ପ୍ରତିବଦ୍ଧ



କଟକ, ୧।୬(ସମିସ): କଟକ ଅରିଲୋସ୍ଥିତ ଓମଫେଡ୍ ଡାଏରୀ ପରିସରରେ ଆଜି ଜିଲ୍ଲାସ୍ତରୀୟ ବିଶ୍ୱ ଦୁଗ୍ଧ ଦିବସ ବେଶ୍ ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି କହିଥିଲେ ଯେ, ଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟର ୪ ଲକ୍ଷ ୧୬ ହଜାରରୁ ଅଧିକ ଗୋପାଳକଙ୍କୁ ୩୨୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ଦୁଗ୍ଧ ଉତ୍ପାଦନ ବୃଦ୍ଧି ନିମନ୍ତେ ରାଜ୍ୟ ବାହାରୁ ୨୪ ହଜାରରୁ ଅଧିକ ଉଚ୍ଚ ଉତ୍ପାଦନକ୍ଷମ ଗାଈ ଅଣାଯାଇଛି। ଆର୍ଥିକ ବର୍ଷ ୨୦୨୫-୨୬ରେ ଓମଫେଡ୍‌ର ଦୈନିକ ଦୁଗ୍ଧ ସଂଗ୍ରହ ପ୍ରାୟ ୬ ପ୍ରତିଶତ ବୃଦ୍ଧି ପାଇଛି। ବର୍ତ୍ତମାନ ୪, ୪୫୫ଟି ପ୍ରାଥମିକ ଦୁଗ୍ଧ ସମବାୟ ସମିତି ଜରିଆରେ ଦୈନିକ ପ୍ରାୟ ୬ ଲକ୍ଷ ୭୦ ହଜାର ଲିଟର ଦୁଗ୍ଧ ସଂଗ୍ରହ କରାଯାଉଥିବା ବେଳେ ଆଗାମୀ ଦିନରେ ଏହାକୁ ଆହୁରି ବଢ଼ାଯିବ। ଏଥିସହ ଓମଫେଡ୍ ପରିସରରେ ସୋଲାର ପ୍ଲାଣ୍ଟ ଏବଂ ମିଲ୍କ ପାଉଡର ପ୍ଲାଣ୍ଟ ଭଳି ନୂତନ ପ୍ରକଳ୍ପ ସ୍ଥାପନ ପାଇଁ ପ୍ରସ୍ତାବ ରହିଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଏହି ସ୍ୱତନ୍ତ୍ର ଉତ୍ସବରେ କଟକ ସାଂସଦ ଭର୍ତ୍ତୃହରି ମହତାବ, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ଓମଫେଡ୍ ସଭାପତି କିଶୋର ଚନ୍ଦ୍ର ପ୍ରଧାନୀ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗର ଶାସନ ସଚିବ ପ୍ରେମ କୁମାର ଚୌଧୁରୀ, ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ଏବଂ କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ପ୍ରମୁଖ ମାନ୍ୟଗଣ୍ୟ ଅତିଥି ଭାବେ ମଞ୍ଚରେ ଉପସ୍ଥିତ ଥିଲେ।

## ୪୮ ଟି ଜାତୀୟ ରାଜପଥ ପ୍ରକଳ୍ପର ସମୀକ୍ଷା କଲେ ପୂର୍ତ୍ତ ମନ୍ତ୍ରୀ

# ରାଜ୍ୟରେ ଆଉ ୪୭ଟି ନୂଆ ପ୍ରକଳ୍ପର ହେବ ଭିତ୍ତିପ୍ରସ୍ତର ସ୍ଥାପନ

ଭୁବନେଶ୍ୱର,୧।୬(ସମିସ)

ରାଜ୍ୟରେ ୫୦ କୋଟିରୁ ଅଧିକ ବ୍ୟୟ ଅଟକଳ ଥିବା ୪୮ ଟି ଜାତୀୟ ରାଜପଥ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିଛନ୍ତି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଲୋକସେବା ଭବନ କନ୍‌ଭେନ୍‌ସନ୍ ହଲ୍‌ଠାରେ ଆୟୋଜିତ ସମୀକ୍ଷା ବୈଠକରେ ଅଧକ୍ଷତା କରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି, ୧୭୨୧ କୋଟି ମୂଲ୍ୟର ୪୯ଟି ପ୍ରକଳ୍ପ ନିକଟରେ ଶେଷ ହୋଇଛି, ଯାହା ଖୁବ୍‌ଶୀଘ୍ର ଲୋକାର୍ପିତ ହେବ। ସେହିପରି ୧୨୧୦୨ କୋଟି ମୂଲ୍ୟର ୪୭ଟି ନୂଆ ପ୍ରକଳ୍ପର ଭିତ୍ତିପ୍ରସ୍ତର ଖୁବ୍‌ଶୀଘ୍ର ସ୍ଥାପନ ହେବାକୁ ଯାଉଛି।

ବୈଠକରେ ନିର୍ମାଣ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ କହିଛନ୍ତି ଯେ ଜମି ଅଧିଗ୍ରହଣ, ଜଙ୍ଗଲ ଜମି ଅନୁମୋଦନ, ୟୁଟିଲିଟି ସିଫ୍ଟିଂ, ସଠିକ୍ ପ୍ଲାନିଂ ଓ ଡିଜାଇନ୍ ସହ ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷା କରି ପ୍ରକଳ୍ପ କାର୍ଯ୍ୟ ଆଗେଇ ନେବା ପାଇଁ ଆମକୁ ଅଧିକ ଦକ୍ଷତା ପ୍ରଦର୍ଶନ କରିବାକୁ ପଡ଼ିବ। ଆଜିର ବୈଠକରେ ୩୦ଟି ଚାଲୁ ରହିଥିବା ପ୍ରକଳ୍ପ, ୧୪ଟି କାର୍ଯ୍ୟାଦେଶ ହେବାକୁ ଥିବା ପ୍ରକଳ୍ପ ଏବଂ ୪ଟି ଟେଣ୍ଡର ପ୍ରକ୍ରିୟାରେ ଥିବା ପ୍ରକଳ୍ପ ବିଷୟରେ ଆଲୋଚନା ହୋଇଥିଲା। ଏଥିମଧ୍ୟରେ ଭଞ୍ଜନଗରରୁ ଆସ୍କା ରୋଡ୍, ରିଆମାଳ ବାଇପାସ୍ ରୋଡ୍, ବ୍ରହ୍ମପୁର ବାଇପାସ୍, ଖରିଆର ରୋଡ୍ ଆରଓବି, ପୁରୀ-ମାଟିଆପଡ଼ା ଆର୍‌ଓବି, ନୟାଗଡ଼ ବାଇପାସ୍, କେସିଙ୍ଗା ଆର୍‌ଓବି, ମାଲକାନଗିରି-ମୋଟୁ ରାସ୍ତାରେ ଥିବା ହାଇଲେବୁଲ୍ ବ୍ରିଜ, କନ୍ଦରପୁର-ବାଲିକୁଦା ରାସ୍ତା, କୋଟପାଡ଼ ବାଇପାସ ରାସ୍ତା, କୁଆଖିଆ-ମଙ୍ଗଳପୁର ରାସ୍ତା, ଟିଟିଲାଗଡ଼ ବାଇପାସ୍ ରାସ୍ତା, ବୈତରଣୀ ନଦୀରେ ହାଇଲେବୁଲ୍ ବ୍ରିଜ, ନବରଙ୍ଗପୁର ବାଇପାସ, ତେଲ ନଦୀରେ ହାଇଲେବୁଲ୍ ବ୍ରିଜ, ଝାରସୁଗୁଡ଼ା ବାଇପାସ ରାସ୍ତା, ରାଇରଙ୍ଗପୁର ବାଇପାସ୍, ଦଶପଲ୍ଲା ବାଇପାସ୍ ଆଦି ଚାଲୁଥିବା ପ୍ରକଳ୍ପ ରହିଥିଲା। ଏଥି ସହିତ କାର୍ଯ୍ୟାଦେଶ ହେବାକୁ ଥିବା ଏବଂ ଟେଣ୍ଡର ପ୍ରକ୍ରିୟାରେ ଥିବା ପ୍ରକଳ୍ପ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା।

ଏହି ବୈଠକରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ପୂର୍ତ୍ତ ବିଭାଗର ଇଆଇସି ତଥା ସ୍ୱତନ୍ତ୍ର ଶାସନ ସଚିବ ଇଂ ଏଲ୍‌କେ ପାଢ଼ୀ, ଅର୍ଥ ପରାମର୍ଶଦାତା ରତିକାନ୍ତ ମହାପାତ୍ର, ଜାତୀୟ ରାଜପଥ ମୁଖ୍ୟଯନ୍ତ୍ରୀ-୧ ଇଂ ନାରାୟଣ ପଟେଲ, ମୁଖ୍ୟଯନ୍ତ୍ରୀ-୨ ଇଂ ଦୀପକ କୁମାର ପାଣିଗ୍ରାହୀଙ୍କ ସମେତ ବିଦ୍ୟୁତ ବିଭାଗ, ଓପିଟିସିଏଲ୍, କେନ୍ଦ୍ର ସରକାରଙ୍କ ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ଏବଂ ଅନ୍ୟ ସମ୍ପୃକ୍ତ ବିଭାଗର ଅଧିକାରୀ, ବିଭିନ୍ନ ଜୋନ୍‌ର ଅଧୀକ୍ଷଣ ଯନ୍ତ୍ରୀ ଏବଂ ଠିକା ସଂସ୍ଥାର କାର୍ଯ୍ୟନିର୍ବାହୀମାନେ ଉପସ୍ଥିତ ଥିଲେ। (ପ୍ରଦୀପ)





## ପ୍ରେସ୍‌ଛକ ମାଛ ମାର୍କେଟ ଓ ବ୍ୟାଙ୍କ୍‌ରେ ଅଗ୍ନିକାଣ୍ଡ ଘଟଣା

# ଭାଙ୍ଗିଗଲା ମେରୁଦଣ୍ଡ: ଜଳିଗଲା ଜୀବିକା














କଟକ,୧।୬(ସମିସ):

ପ୍ରେସ୍‌ଛକ ମାଛ ମାର୍କେଟ ଓ ନିକଟସ୍ଥ ବିଲ୍ଡିଂରେ ଥିବା ବ୍ୟାଙ୍କ୍ ଅଫ୍ ଇଣ୍ଡିଆରେ ନିଆଁ ଲାଗିଲା ପରେ ଉଭୟ ମାଛ ବ୍ୟବସାୟୀ ଓ ବ୍ୟାଙ୍କ୍ ଗ୍ରାହକଙ୍କ ମଧ୍ୟରେ ଆଶଙ୍କା ସୃଷ୍ଟି ହୋଇଛି। ମାଛ ବ୍ୟବସାୟୀଙ୍କ ଭାଙ୍ଗି ଯାଇଛି ମେରୁଦଣ୍ଡ ଓ ଜଳିଯାଇଛି ଜୀବିକା। ଅଗ୍ନିକାଣ୍ଡ ପୂର୍ବ ଦିନ ରବିବାର ହୋଇଥିବା ବେଳେ ଜମିଥିଲା ମାଛ ବେପାର। ହେଲେ ଦିନକ ପରେ ସବୁ ପୋଡ଼ି ଛାରଖାର ହୋଇଗଲା। ସେହି ଜଳି ଯାଇଥିବା ପାଉଁଶ ଭିତରୁ ନିଜ ଜୀବିକାକୁ ଖୋଜିବାରେ ବ୍ୟସ୍ତ ଥିବା ବ୍ୟବସାୟୀମାନେ ଆଖିରେ ଲୁହ ଓ ମନରେ କୋହ ଚାପି ରଖି ଏଭଳି ପରିସ୍ଥିତିର ସାମ୍ନା କରିଛନ୍ତି। ଲକ୍ଷ ଲକ୍ଷ ଟଙ୍କା ଗୋଦାମରେ ଥିଲା ଏବଂ ତାହା ଜଳିପୋଡ଼ି ଗଲା ବୋଲି କହି କାନ୍ଦି ପକାଉଛନ୍ତି। ଭାଗ୍ୟର ବିଡମ୍ବନା ଯେ, ଯେଉଁ ବ୍ୟାଙ୍କରୁ ୧୯ ଜଣ ମାଛ ବ୍ୟବସାୟୀ ଋଣ ନେଇଥିଲେ, ସେହି ବ୍ୟାଙ୍କ୍ ବି ଜଳିଯାଇଛି। ବ୍ୟବସାୟୀଙ୍କ ପେଟ ପାଟଣାକୁ ଜାଳି ଦେଇଛି ଏହି ଭୟଙ୍କର ନିଆଁ।

ଏହି ମାଛ ବ୍ୟବସାୟ ରୋଜଗାରରେ ଘର ଚଳୁଥିଲା, ପିଲା ପାଠ ପଢୁଥିଲେ ଏବଂ ଆସନ୍ତା କାଲି ପାଇଁ ସ୍ୱପ୍ନ ଦେଖୁଥିଲେ। ହେଲେ ଏବେ ସେମାନେ ସର୍ବସ୍ୱାନ୍ତ ହୋଇଯାଇଥିବା କୋହଭରା କଣ୍ଠରେ କହିଛନ୍ତି। ବ୍ୟାଙ୍କ୍‌ରୁ ଆଣିଥିବା ଋଣ ବୋଝ ସେମାନଙ୍କୁ ଆହୁରି ବ୍ୟସ୍ତବିବ୍ରତ କରି ପକାଇଛି। ମହାନଗର ନିଗମ ଓ ଜିଲ୍ଲା ପ୍ରଶାସନକୁ ସେମାନେ ନିବେଦନ କରିଛନ୍ତି, ବ୍ୟବସାୟ ପାଇଁ ଘର ଯୋଗାଇ ଦେବାକୁ। ଅନ୍ୟପଟେ ମାଛ ମାର୍କେଟ କଡ଼ରେ

**ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ଡାଟା-ସର୍ଭର ପୋଡ଼ିଗଲା ପରେ ଭୟରେ ଗ୍ରାହକ**

**୫୦ବର୍ଷ ତଳ ପୁରୁଣା ବିଲ୍ଡିଂକୁ ନେଇ ଉଠିଲା ପ୍ରଶ୍ନ**

**ଭୟ ଓ ଆଶଙ୍କାରେ ମାଛ ବ୍ୟବସାୟୀ: କ୍ଷତି ପୂରଣ ପାଇଁ ଦାବି**

ରହିଥିବା ୫୦ ବର୍ଷର ପୁରୁଣା କୋଠା ନେଇ ଉଠିଛି ଏବେ ବଡ଼ ପ୍ରଶ୍ନ। ସରକାରୀ ଫାୟାର ଅଫିସର ପ୍ରଶାନ୍ତ କୁମାର ଧଳ ଏନେଇ ସଙ୍ଗୀନ୍ ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି ଏହି କୋଠାର ଫାୟାର୍ ସେଫ୍ଟି ବ୍ୟବସ୍ଥା ନଥିଲା। ଏହି ଅଗ୍ନିକାଣ୍ଡ ଘଟଣା ପରେ ବ୍ୟାଙ୍କ୍ ପାଇଁ ବି ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି। ବ୍ୟାଙ୍କ୍‌ର ଡାଟା ସର୍ଭର ଜଳିଗଲା ପରେ ହଜାର ହଜାର ଗ୍ରାହକଙ୍କ ଡାଟା କେମିତି ରିକଭରି ହେବ, ତାହା ବ୍ୟାଙ୍କ୍ କର୍ତ୍ତୃପକ୍ଷଙ୍କୁ ଅଡୁଆରେ ପକାଇଛି।

### ଘଟଣାର ତୁରନ୍ତ ତଦନ୍ତ ହେବ...

ମାଛ ଗୋଦାମ ସହ ନିକଟରେ ଥିବା ଏକ ୩ମହାଲା ବିଲ୍ଡିଂରେ ଅଗ୍ନିକାଣ୍ଡ ଘଟିଛି। ଉକ୍ତ କୋଠାଟି ୫୦ ବର୍ଷର ପୁରୁଣା ବୋଲି ଜଣାପଡ଼ିଛି। ଅଗ୍ନିକାଣ୍ଡ ସମୟରେ ନିଆଁ ନବ୍ୟାପିବା ନେଇ ସମସ୍ତ ପ୍ରକାର ଉଦ୍ୟମ କରାଯାଇଥିଲା। ଉକ୍ତ କୋଠାର ସେଫ୍ଟି ଯାଞ୍ଚ କରିବା ପାଇଁ ଆର୍‌ଆଣ୍ଡବି ବିଭାଗକୁ ଯାଞ୍ଚ କରିବାକୁ କୁହାଯାଇଛି। ଖୁବଶୀଘ୍ର ଏହି କୋଠାକୁ ଅନ୍‌ସେଫ୍ ଘୋଷଣା କରାଯିବ। ଏତେ ଭୟାବହ ଅଗ୍ନିକାଣ୍ଡ କିଭଳି ହେଲା ତାହାର ତଦନ୍ତ କରାଯିବ।

ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, ଜିଲ୍ଲାପାଳ

### କ୍ଷତିପୂରଣ ନେଇ ନିଷ୍ପତ୍ତି ନିଆଯିବ...

କେଉଁ କାରଣ ଓ କେଉଁଭଳି ଅଗ୍ନିକାଣ୍ଡ ଘଟିଲା ତାହା ତଦନ୍ତରୁ ଜଣାପଡ଼ିବ। ମାଛ ଗୋଦାମକୁ ଲାଗି ରହି ଥିବା ତିନିମହଲା କୋଠା ସୁରକ୍ଷିତ କି ଅସୁରକ୍ଷିତ ଥିବା ନେଇ କୌଣସି ତଥ୍ୟ ମିଳି ନାହିଁ। ଏହି ପୁରୁଣା କୋଠାର ସ୍ଥିତି ସମ୍ପର୍କରେ ଯାଞ୍ଚ କରାଯିବ ଯଦି ଏହା ଅସୁରକ୍ଷିତ ତେବେ ପରବର୍ତ୍ତି ସମୟରେ ଏହାକୁ ଭାଙ୍ଗିବା ପାଇଁ ତୁରନ୍ତ ପଦକ୍ଷେପ ନିଆଯିବ। ଏହାସହ କ୍ଷତିଗ୍ରସ୍ତ ବ୍ୟବସାୟୀଙ୍କୁ ଥଇଥାନ ନେଇ ଆଲୋଚନା କରାଯିବା ପରେ କ୍ଷତିପୂରଣ ନେଇ ନିଷ୍ପତ୍ତି ନିଆଯିବ।

କିରଣଦୀପ କୌର ସହୋତା, ସିଏମସି କମିଶନର

### ନିଆଁ ଲିଭାଇଲା ଅତ୍ୟାଧୁନିକ ଆର୍ଟିକୁଲେଟ୍ ଓ ରୋବଟିକ୍ ମନିଟର୍...

ମାଛ ଗୋଦାମ ସମେତ ୩ ମହଲା ବିଲ୍ଡିଂରେ ନିଆଁ ବ୍ୟାପିବାକୁ ଲାଗିଥିବାବେଳେ ଏହାକୁ ଆୟତ୍ତ କରିବାକୁ ଅଗ୍ନିଶମ ବାହିନୀର ପ୍ରାୟ ୭୦ରୁ ଅଧିକ କର୍ମଚାରୀ ନିୟୋଜିତ ରହିଥିଲା। ଉକ୍ତ ଜାଗାଟି ସମ୍ପୂର୍ଣ୍ଣ ଜନଗହଳିପୂର୍ଣ୍ଣ ଥିଲା। ଏପରିକି ଅଗ୍ନିଶମ କର୍ମଚାରୀମାନେ ନିଆଁ ଲିଭାଇବାକୁ ନୟାନ୍ତ ହୋଇ ଯାଇଥିଲେ। କିଛି ଘଣ୍ଟା ପରେ ଅଗ୍ନିଶମ ବିଭାଗ ପକ୍ଷରୁ ଆର୍ଟିକୁଲେଟ୍ ଓ ରୋବଟିକ୍ ମନିଟର ଆସିଥିଲା। ଏହି ଅତ୍ୟାଧୁନିକ ରୋବଟ୍ ସହିତ ହାଇଡ୍ରୋଲିକ୍ ପ୍ଲାଟଫର୍ମ ଯୋଗୁଁ ନିଆଁକୁ ୯ ଘଣ୍ଟାରେ ଆୟତ୍ତ କରାଯାଇଥିଲା।

### ଲକ୍ଷାଧିକ ଟଙ୍କାର କ୍ଷତି ହୋଇଛି...

ରବିବାର ମାଛ ବେପାର ସାରି ଗୋଦାମରେ ଟଙ୍କା ରଖିଥିଲେ। ସୋମବାର ହେଲେ ବ୍ୟାଙ୍କରେ ଟଙ୍କା ଦାଖଲ କରିଥାନ୍ତେ। ହେଲେ ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ସବୁ ଜଳି ପୋଡ଼ି ଯାଇଛି। ଟଙ୍କା ସହ ଗୋଦାମରେ ଥିବା ମାଛ ମଧ୍ୟ ପୋଡ଼ି ଯାଇଛି। ବହୁ କ୍ଷତି ସହିବାକୁ ପଡ଼ିଛି। ସରକାରୀ ସହାୟତା ପ୍ରଦାନ କରାଗଲେ ଏଭଳି କ୍ଷତିରୁ ବାହରି ପାରିବୁ।

ପ୍ରମୋଦ କୁମାର ଭୋଳ, ମାଛ ବ୍ୟବସାୟୀ

### ଆର୍ଥିକ ସହାୟତା ଯୋଗାଇବାକୁ ନିବେଦନ..

ଆଜିକୁ ୧୯ ବର୍ଷ ହେବ ଲିଙ୍କରୋଡ୍ ଠାରେ ମାଛ ଗୋଦାମ ରହିଛି। ଗୋଦାମ ସମ୍ପୂର୍ଣ୍ଣ ଭାବେ ପୋଡ଼ି ଯାଇଥିବାରୁ ବହୁ କ୍ଷତି ହୋଇଛି। ଟଙ୍କା ସହ ଗୋଦାମ ହିସାବ ଖାତା ମଧ୍ୟ ଜଳି ଯାଇଛି। ସରକାର ଆମ ସମସ୍ତ ବ୍ୟବସାୟୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ସହ ମାଛ ଗୋଦାମ ପାଇଁ ପ୍ରଶାସନ ଖୋଲା ଯାଗା ଯୋଗାଇ ଦେବାକୁ ଅନୁରୋଧ କରୁଛୁ।

ରବିନାରାୟଣ ସାହୁ, ମାଛ ବ୍ୟବସାୟୀ

### ଅଗ୍ନିକାଣ୍ଡ ପୀଡ଼ିତଙ୍କ ସହ ସାକ୍ଷାତ କରି ସହାୟତା ଦାବି କଲେ ମେୟର...

ମାଛ ମାର୍କେଟ ରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡ ଘଟଣା ପରେ ମେୟର ସୁବାସ ସିଂହ ଆଜି ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିର ସମୀକ୍ଷା କରିଥିଲେ। ସେ ପୀଡ଼ିତ ପରିବାରବର୍ଗଙ୍କ ସହ ଆଲୋଚନା କରି ସେମାନଙ୍କ ଦୁଃଖ ଓ କ୍ଷତି ସମ୍ପର୍କରେ ଅବଗତ ହୋଇଥିଲେ। ମେୟର ଶ୍ରୀ ସିଂହ ଅଗ୍ନିଶମ ବିଭାଗ, କଟକ ମହାନଗର ନିଗମ ଓ ପ୍ରଶାସନିକ ଅଧିକାରୀମାନଙ୍କ ସହ ଘଟଣାର ବିସ୍ତୃତ ସମୀକ୍ଷା କରିଥିଲେ। ପୀଡ଼ିତମାନଙ୍କୁ ସମସ୍ତ ପ୍ରକାର ସହାୟତା ଓ ଆବଶ୍ୟକ ସୁବିଧା ଯୋଗାଇ ଦେବା ପାଇଁ ସମ୍ପୃକ୍ତ ବିଭାଗକୁ ସେ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଶ୍ରୀ ସିଂହ କହିଥିଲେ ଯେ, ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ପରିବାରମାନଙ୍କ ସହ କଟକ ମହାନଗର ନିଗମ ସର୍ବଦା ରହିଛି ଏବଂ ସେମାନଙ୍କ ପୁନର୍ବାସ ଓ ଆବଶ୍ୟକ ସହାୟତା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ।

## ମୌସୁମୀ ପୂର୍ବରୁ ଡ୍ରେନ ସଫେଇ କାର୍ଯ୍ୟ ସାରିବାକୁ ମେୟରଙ୍କ ନିର୍ଦ୍ଦେଶ

କଟକ,୧।୬(ସମିସ): ଆସନ୍ତା ମୌସୁମୀ ଋତୁକୁ ଦୃଷ୍ଟିରେ ରଖି କଟକ ସହରରେ ଚାଲୁଥିବା ପଙ୍କ ଉଦ୍ଧାର ଓ ଡ୍ରେନ ସଫେଇ କାର୍ଯ୍ୟର ଅଗ୍ରଗତି ନେଇ ସୋମବାର ସକାଳେ ମେୟର ସୁବାସ ସିଂହ ସହରର ବିଭିନ୍ନ ୱାର୍ଡ ବୁଲି ସମୀକ୍ଷା କରିଛନ୍ତି। ସହରର ମୁଖ୍ୟ ଓ ଉପ-ଡ୍ରେନଗୁଡ଼ିକର ସ୍ଥଳ



ପରିଦର୍ଶନ କରିବା ସହ କାର୍ଯ୍ୟର ଗୁଣାତ୍ମକ ମାନ ସମ୍ପର୍କରେ ସେ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ମୌସୁମୀ ବର୍ଷା ଆରମ୍ଭ ହେବା ପୂର୍ବରୁ ସମସ୍ତ ନାଳରୁ ପଙ୍କ ଓ ଆବର୍ଜନା ସମ୍ପୂର୍ଣ୍ଣ ଭାବେ ସଫା କରିବାକୁ ସେ କଡ଼ା ନିର୍ଦ୍ଦେଶ ଦେଇଛନ୍ତି, ଯଦ୍ୱାରା ବର୍ଷା ଜଳର ସ୍ୱାଭାବିକ ନିଷ୍କାସନ ହୋଇପାରିବ ଏବଂ ସହରରେ ଜଳବନ୍ଦୀ ସମସ୍ୟା ଉପୁଜିବ ନାହିଁ। ମେୟର ସୂଚନା ଦେଇଛନ୍ତି ଯେ, ବର୍ଷା ସମୟରେ କୌଣସି ଅଞ୍ଚଳରେ ଯଦି ପାଣି ଜମେ, ତେବେ ତାହାକୁ ଯଥାଶୀଘ୍ର ନିଷ୍କାସନ କରିବା ପାଇଁ ପୂର୍ବ ପ୍ରସ୍ତୁତି ସରିଛି ଏବଂ ସିଏମସି ଏକ ସ୍ୱଚ୍ଛ ଓ ଜଳବନ୍ଦୀମୁକ୍ତ କଟକ ଗଠନ ପାଇଁ ପ୍ରତିବଦ୍ଧ। ଏହି ସମୀକ୍ଷା ଗସ୍ତ ସମୟରେ ସାନିଟେସନ୍ ବିଭାଗର ଡେପୁଟି କମିଶନର ଜୁବୁଲି ଚରଣ ବେହେରା, ସୌମ୍ୟ ଦର୍ଶନ ବେହେରାଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, କର୍ମଚାରୀ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

## ବାରବାଟୀ ଦୁର୍ଗ ଓ ଗୋରାକବରରେ କଟକ ଐତିହ୍ୟ ପଦଯାତ୍ରା

କଟକ,୧।୬(ସମିସ): ସହରର ସାଂସ୍କୃତିକ ଗୌରବକୁ ଉଜ୍ଜୀବିତ ରଖିବା ଉଦ୍ଦେଶ୍ୟରେ କଟକ ଐତିହ୍ୟ ପଦଯାତ୍ରାର ୮୨ତମ ସଂସ୍କରଣ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରାରେ ୩୦ରୁ ଅଧିକ ଐତିହ୍ୟପ୍ରେମୀ ସାମିଲ ହୋଇ ପ୍ରଥମେ ଐତିହାସିକ ବାରବାଟୀ ଦୁର୍ଗ ଏବଂ ପରେ ୧୮୨୨ ଖ୍ରୀଷ୍ଟାବ୍ଦରେ ପ୍ରତିଷ୍ଠିତ ଗୋରାକବର ପରିଦର୍ଶନ କରିଥିଲେ। ଏହି ଅବସରରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସମାଧିପୀଠ ପରିସରରେ ଏକ ସ୍ୱତନ୍ତ୍ର ପୁସ୍ତକ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଯୁବ ଗବେଷକ ମହେଶଚନ୍ଦ୍ର ଭୋଇଙ୍କ ଦ୍ୱାରା ଲିଖିତ ତଥ୍ୟଭିତ୍ତିକ ପୁସ୍ତକ



"ଦ ଲଷ୍ଟ ଇକୋ ଅଫ୍ ଗୋରାକବର ସିମେଟ୍ରି"କୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ପ୍ରଫେସର ନଟବର ଶତପଥୀ ଆନୁଷ୍ଠାନିକ ଭାବେ ପାଠକାର୍ପଣ କରିଥିଲେ। କାର୍ଯ୍ୟକ୍ରମରେ କଟକ ହେରିଟେଜ୍ ୱାକ୍‌ସର ଆବାହକ ଡ. ଦୀପକ ସାମନ୍ତରାୟ ଲେଖକଙ୍କ ପରିଚୟ ପ୍ରଦାନ କରିଥିବା ବେଳେ, ଲେଖକ ଶ୍ରୀ ଭୋଇ ସମାଧିପୀଠ ପ୍ରତି ତାଙ୍କ ମନରେ ଥିବା କୌତୁହଳ ଓ ପୁସ୍ତକ ରଚନା ପଛର ଆଗ୍ରହ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅଭିନବ ଉଦ୍ୟମକୁ ଉପସ୍ଥିତ ସମସ୍ତେ ଉଚ୍ଚ ପ୍ରଶଂସା କରିଥିଲେ। ଉତ୍ସବରେ ଓଡ଼ିଶା ପ୍ରକାଶକ ସଂଘର ସଭାପତି ମନୋଜ ମହାପାତ୍ର, ଶିବାଶିଷ କର, ମନୋଜ ପତି, ରାଜା ପରିଜା, ସୁବ୍ରତ ବଳ, ସୁରେଶ ପ୍ରସାଦ ମିଶ୍ର, କିଶୋର ବିଟ୍, କବିତା ପଟ୍ଟନାୟକ, ବିଶ୍ୱବନ୍ଦିତା ସ୍ୱାଇଁ, ମୀନତି ବିଶ୍ୱାଳ ଏବଂ ମନୀଷା ପରିଜା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ମଧୁସ୍ମୃତି ସୁରକ୍ଷା ମଞ୍ଚର ଆବାହକ ସନ୍ତୋଷ ମହାରଣା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଆସନ୍ତା ୧୪ରୁ ରଘୁନାଥପୁର ରଜ ମହୋତ୍ସବ




ବାରଙ୍ଗ,୧।୬(ସମିସ): ଭୁବନେଶ୍ୱର ଉପକଣ୍ଠ ରଘୁନାଥପୁର ଗ୍ରାମରେ ଚଳିତ ବର୍ଷ ୧୩ ତମ ରଜ ମହୋତ୍ସବ ବେଶ୍ ମହା ଆଡ଼ମ୍ବର ସହକାରେ ପାଳନ କରାଯିବ। ଆସନ୍ତା ଜୁନ୍ ୧୪ରୁ ୧୭ ତାରିଖ ପର୍ଯ୍ୟନ୍ତ ଚାରି ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବକୁ ଅଧିକ ସୁସଂଗଠିତ ଓ ଆକର୍ଷଣୀୟ କରିବା ନେଇ ରଘୁନାଥପୁର ବଡ଼ ଭଗତଘରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। କମିଟିର ସମ୍ପାଦକ ଶ୍ରୀନିବାସ ପଢ଼ିହାରି କହିଛନ୍ତି ଯେ, ଚଳିତ ବର୍ଷ ମହୋତ୍ସବରେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଛୋଟବଡ଼ ଦୋଳି ସାଙ୍ଗକୁ ପ୍ରତିଦିନ ସନ୍ଧ୍ୟାରେ ରାଜ୍ୟର ନାମୀଦାମୀ କଳାକାରମାନଙ୍କୁ ନେଇ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ନୂତନ ପୀଢ଼ିକୁ ଓଡ଼ିଆ ପରମ୍ପରା ଓ ରଜର ମୂଲ୍ୟବୋଧ ସହ ଯୋଡ଼ିବା ପାଇଁ ଏଥର ବିଲୁପ୍ତ ହୋଇଯାଉଥିବା ପାରମ୍ପରିକ ଚାଷ ଏବଂ ଘରୋଇ ଉପକରଣଗୁଡ଼ିକୁ ନେଇ ଏକ ସ୍ୱତନ୍ତ୍ର ମ୍ୟୁଜିୟମ ପ୍ରଦର୍ଶନୀ କରାଯିବ ବୋଲି ସହ ସମ୍ପାଦକ ଶଶିକାନ୍ତ ନାୟକ ଓ ସଭାପତି ପ୍ରମୋଦ ଜେନା ପ୍ରକାଶ କରିଛନ୍ତି। ଉଦ୍‌ଯାପନୀ ଦିବସରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କ ସମେତ ସ୍ଥାନୀୟ ବରିଷ୍ଠ ନାଗରିକ, ସମାଜସେବୀ ଓ ମହିଳାମାନଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏହି ସମ୍ମିଳନୀରେ କମିଟିର ଉପସଭାପତି ଅଜୟ ବେହେରା ଓ ଅଜିତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶା ନାରୀ ସେବା ସଂଘ ପକ୍ଷରୁ ଡ. ଜୟନ୍ତୀ ମଞ୍ଜରୀ ରଥଙ୍କ ସ୍ମୃତି ସଭା




କଟକ,୧।୬(ସମିସ): ଦୂରଦର୍ଶନ କେନ୍ଦ୍ରର ଅବସରପ୍ରାପ୍ତ ନିର୍ଦ୍ଦେଶିକା ତଥା ଓଡ଼ିଶା ନାରୀ ସେବା ସଂଘର କାର୍ଯ୍ୟକାରୀ କମିଟି ସଭ୍ୟା ଡ. ଜୟନ୍ତୀ ମଞ୍ଜରୀ ରଥଙ୍କ ବିୟୋଗରେ ସଂଘ ପକ୍ଷରୁ ଏକ ଭାବପୂର୍ଣ୍ଣ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ସଂଘର ସମ୍ପାଦିକା ଆଭା କାନୁନଗୋଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାର ପ୍ରାରମ୍ଭରେ ସ୍ୱର୍ଗତ ରଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରାଯିବା ସହ ଅମର ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ସଭାରେ ଉପସ୍ଥିତ ସଦସ୍ୟାମାନେ ସ୍ୱର୍ଗୀୟ ରଥଙ୍କୁ ଜଣେ ଦକ୍ଷ ନିର୍ଦ୍ଦେଶିକା, ପରୋପକାରୀ, ମିଷ୍ଟଭାଷୀ ଓ ଧର୍ମପରାୟଣ ମହିଳା ଭାବେ ସ୍ମରଣ କରିବା ସହ ତାଙ୍କ କର୍ମମୟ ଜୀବନର ସ୍ମୃତିଚାରଣ କରିଥିଲେ। ଏହି ସ୍ମୃତି ସଭାରେ ସଂଘର କାର୍ଯ୍ୟକାରୀ କମିଟି ସଭ୍ୟା ଡ. ମଞ୍ଜୁଶ୍ରୀ ପଟ୍ଟନାୟକ, ଡ. ରୀତା ଦାସ୍, ଡ. ଶାନ୍ତିଲତା ନାୟକ, କୋଷାଧ୍ୟକ୍ଷା ନୟନତାରା ନନ୍ଦ, ନିଶି ଶ୍ରୀଗୋପାଳ ଦାସ୍, ହଲ୍ ସମ୍ପାଦିକା ମଞ୍ଜୁ ସିଂହ, ଇନ୍ଦିରା ଅରୋରା ଏବଂ ସଙ୍ଗଠନ ସମ୍ପାଦିକା ମୀରା ବେଉରା ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ୫୮ ନଂ ୱାର୍ଡରେ ଓଡ଼ିଶା ଜନତା କଂଗ୍ରେସର କର୍ମୀ ସମ୍ମିଳନୀ

କଟକ,୧।୬(ସମିସ):

ସଦର କଟକ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଟକ ମହାନଗର ନିଗମର ୫୮ ନମ୍ବର ୱାର୍ଡ ସ୍ଥାନୀୟ ଭଟ୍ଟସାହିଠାରେ ଓଡ଼ିଶା ଜନତା କଂଗ୍ରେସ ପାର୍ଟିର ଏକ ଗୁରୁତ୍ୱପୂର୍ଣ୍ଣ କର୍ମୀ ସମ୍ମିଳନୀ ତଥା ସାଙ୍ଗଠନିକ ପ୍ରସ୍ତୁତି ବୈଠକ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ହାଇପ୍ରୋଫାଇଲ୍ ବୈଠକରେ ଓଡ଼ିଶା ଜନତା କଂଗ୍ରେସର ରାଜ୍ୟ ସଭାପତି ତଥା ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍ ମୁଖ୍ୟଅତିଥି ଭାବେ ଯୋଗଦେଇ ଦଳୀୟ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଆଗାମୀ ପୌର ନିର୍ବାଚନକୁ ଦୃଷ୍ଟିରେ ରଖି କିପରି ଦଳକୁ ତୃଣମୂଳସ୍ତରରୁ ଆହୁରି ସଂଗଠିତ ଓ ଶକ୍ତିଶାଳୀ କରାଯାଇପାରିବ ଏବଂ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ବିପୁଳ ଭୋଟ୍‌ରେ ବିଜୟୀ କରାଯାଇପାରିବ, ସେ ନେଇ ଶ୍ରୀ ମୋକିମ୍ ୱାର୍ଡର ସକ୍ରିୟ କର୍ମୀଙ୍କ ସହ ଘଣ୍ଟା




ଘଣ୍ଟା ଧରି ବିସ୍ତୃତ ଆଲୋଚନା କରିଥିଲେ। ଏହା ସହିତ ୫୮ ନମ୍ବର ୱାର୍ଡରେ ଲାଗି ରହିଥିବା ବିଭିନ୍ନ ସ୍ଥାନୀୟ ମୌଳିକ ସମସ୍ୟାଗୁଡ଼ିକୁ ସାମ୍ନାକୁ ଆଣିବା ସହ ଦଳର ସମସ୍ତ କର୍ମୀ ସାଧାରଣ ଜନସାଧାରଣଙ୍କ ହକ୍ ଏବଂ ହିତ ପାଇଁ ସର୍ବଦା କାର୍ଯ୍ୟ କରିବା ଉଚିତ୍ ବୋଲି ସେ ଜୋରଦାର ଆହ୍ୱାନ ଦେଇଥିଲେ। ଏହି ସମ୍ମିଳନୀରେ ଦଳର ବରିଷ୍ଠ ନେତ୍ରୀ ଗିରିବାଳା ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦଳୀୟ ସଂଗଠନକୁ ଅଧିକ ମଜବୁତ କରିବା ଦିଗରେ ମହିଳା କର୍ମୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ପୌର ନିର୍ବାଚନରେ ମହିଳା ଶକ୍ତିର ସହଯୋଗ ଦଳକୁ ଏକ ନୂଆ ଦିଗ ଦେବ ବୋଲି ସେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ବୀରେନ୍ଦ୍ର ଦାସ, ସେକ ଲିଆକତ୍ ଉଦ୍ଦିନ ଅହମ୍ମଦ ଏବଂ ଶରତ ଚନ୍ଦ୍ର ସେଠୀ ସଭାରେ ଉପସ୍ଥିତ ରହି ୱାର୍ଡସ୍ତରରେ ଓଡ଼ିଶା ଜନତା କଂଗ୍ରେସକୁ ଏକ ପ୍ରମୁଖ ବିକଳ୍ପ ରାଜନୈତିକ ଶକ୍ତି ଭାବେ ସୁଦୃଢ଼ କରିବା ପାଇଁ ଯୁବ ଓ ମହିଳା କର୍ମୀମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ ବରିଷ୍ଠ ନେତା ଅନୀଲ ବେଉରା ଉପସ୍ଥିତ ସମସ୍ତ ଦଳୀୟ

**➤ ପୌର ନିର୍ବାଚନ ପାଇଁ ରଣନୀତି**
**➤ ତୃଣମୂଳ ସଙ୍ଗଠନ ଉପରେ ମୋକିମ୍‌ଙ୍କ ଗୁରୁତ୍ୱ**

ନେତୃବୃନ୍ଦ ଏବଂ କର୍ମୀମାନଙ୍କୁ ସେମାନଙ୍କର ସହଯୋଗ ପାଇଁ ବିଧିବଦ୍ଧ ଭାବେ ଧନ୍ୟବାଦ ଦେଇଥିଲେ। ଏହି କର୍ମୀ ସମ୍ମିଳନୀରେ ସନ୍ତୋଷ ନାୟକ, ସୁଧୀର ଦାସଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଶତାଧିକ ସଚେତନ ନାଗରିକ ଓ ବହୁ ସଂଖ୍ୟାରେ ମହିଳା କର୍ମୀ ସାମିଲ ହୋଇ ଆଗାମୀ ନିର୍ବାଚନ ପାଇଁ ସଂକଳ୍ପବଦ୍ଧ ହୋଇଥିଲେ।

# ସମ୍ପାଦକୀୟ



ଅତୀତର ଅଭିଜ୍ଞତାକୁ ପାଥେୟ କରି ତଥା ଭବିଷ୍ୟତର ଆଶାନେଇ, ଆଜିର ଜୀବନ ବଂଚିବା ଶିଖ !
-ଆଲବର୍ଟ ଆଇନଷ୍ଟାଇନ

THE SAKALA

## ଏକ ଯଥାର୍ଥ ଆନ୍ଦୋଳନ

ଐତିହାସିକ ଓ ପୌରାଣିକ ଗୁରୁତ୍ୱ ବହନ କରୁଥିବା ଦକ୍ଷିଣ ଓଡ଼ିଶାର ମହେନ୍ଦ୍ରଗିରି ପର୍ବତର ପ୍ରାକୃତିକ ସୁରକ୍ଷା ପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ଉଦ୍ୟମ ପ୍ରଶଂସନୀୟ। ଇକୋ ଟୁରିଜିମ୍ ଓ ରାମାୟଣ କରିଡର ଆଳରେ ବିରଳ ଖଣିଜ ଓ ଜୈବ ବିବିଧତାପୂର୍ଣ୍ଣ ମହେନ୍ଦ୍ରଗିରିକୁ ଯେଭଳି ବିପଦ ମୁହଁକୁ ଠେଲି ଦିଆଯାଇଛି ସେହ ଧାରା ଜାରି ରହିଲେ ଖୁବ୍‌ଶୀଘ୍ର କେରଳର ୱାଇନାଡ୍ ଭଳି ସ୍ଥିତି ଓଡ଼ିଶାରେ ସୃଷ୍ଟି ହେବ ଏବଂ ପୃଥିବୀ ପୃଷ୍ଠରୁ ଏକ ଜୈବ ବିବିଧତାପୂର୍ଣ୍ଣ ଅଞ୍ଚଳ ଖୁବ୍‌ଶୀଘ୍ର ବିଲୁପ୍ତ ହୋଇଯିବ ବୋଲି ବିଶେଷଜ୍ଞମାନେ ଆଶଙ୍କା କରିଛନ୍ତି। ଏହି ପୃଷ୍ଠଭୂମିରେ ଏହି ସ୍ଥାନୀୟ ଜନ ଆନ୍ଦୋଳନ ଅନେକ ଗୁରୁତ୍ୱ ବହନ କରେ।

ବିରଳ ଜୈବବିବିଧତାରେ ପରିପୂର୍ଣ୍ଣ ଏବଂ ଐତିହାସିକ ଓ ପୌରାଣିକ ଦୃଷ୍ଟିରୁ ମହତ୍ତ୍ୱପୂର୍ଣ୍ଣ ଗଜପତି ଜିଲ୍ଲାର ପ୍ରସିଦ୍ଧ ମହେନ୍ଦ୍ରଗିରିକୁ ସଂରକ୍ଷିତ ଜୈବ ମଣ୍ଡଳ ମାନ୍ୟତା ପାଇଁ ବହୁଦିନରୁ ଦାବି ହୋଇ ଆସୁଛି। ସମସ୍ତ ଐତିହାସିକ, ବୈଜ୍ଞାନିକ ଓ ଭୌଗୋଳିକ ତଥ୍ୟ ପ୍ରମାଣ ସତ୍ତ୍ୱେ ଏହି ମାନ୍ୟତା ପାଇବାରେ ଓଡ଼ିଶା ଗତାନୁଗତିକ ଐତିହାସିକ ଅବହେଳାର ଶିକାର ହୋଇଛି। ସଂରକ୍ଷିତ ଜୈବମଣ୍ଡଳ ମାନ୍ୟତା ମିଳିଲେ ଏହି ଅଞ୍ଚଳର ଜୈବବିବିଧତା, ଐତିହ୍ୟ, କୀର୍ତ୍ତିରାଜୀ, ମୌଳିକ ସଂସ୍କୃତିର ସୁରକ୍ଷା ହୋଇପାରିବ। ମାନ୍ୟତା ଦୂରେ ଥାଉ ଏବେ ମହେନ୍ଦ୍ରଗିରିକୁ ପର୍ଯ୍ୟଟନ ଅର୍ଥନୀତିର ଏକ ଅଂଶ କରିବା ପାଇଁ ବିଧିବଦ୍ଧ ଷଡ଼ଯନ୍ତ୍ର ଆରମ୍ଭ ହୋଇସାରିଛି, ଯାହାଫଳରେ ଏହାର ଜୈବବିବିଧତା ପ୍ରତି ଗୁରୁତର ବିପଦ ସୃଷ୍ଟି ହୋଇଛି। ପ୍ରାପ୍ତ ସୂଚନା ଅନୁଯାୟୀ ମହେନ୍ଦ୍ରଗିରିରେ ପୁରାଣ ପ୍ରସିଦ୍ଧ ପର୍ଶୁରାମ ମନ୍ଦିରକୁ ଭାଙ୍ଗି ଏକ ଭବ୍ୟମନ୍ଦିର ନିର୍ମାଣ କରିବା ଲାଗି ଯୋଜନା ଚୂଡ଼ାନ୍ତ ହୋଇ ପ୍ରସ୍ତୁତି ଆରମ୍ଭ ହୋଇଛି। 'ମହେନ୍ଦ୍ରଗିରି ପରିକ୍ରମା ପ୍ରକଳ୍ପ' ନାମରେ ଯୁଧିଷ୍ଠିର ମନ୍ଦିରଠାରୁ ଦାରୁବ୍ରହ୍ମ ପର୍ଯ୍ୟନ୍ତ ସ୍ଥାନକୁ ଚିହ୍ନଟ କରାଯାଇଛି। ଆହୁରି ଉଦ୍‌ବେଗଜନକ ସୂଚନା ହେଲା ମହେନ୍ଦ୍ରଗିରି ସଂରକ୍ଷିତ ଜଙ୍ଗଲର ୦.୯ ହେକ୍ଟର ଜମିକୁ ଏହି ପ୍ରକଳ୍ପ ଲାଗି କିସମ ପରିବର୍ତ୍ତନ କରାଯାଇ ଜିଲ୍ଲା ରାଜସ୍ୱ ପ୍ରଶାସନକୁ ହସ୍ତାନ୍ତର କରାଯାଇଛି। ପେସା ଆଇନ ଅନୁଯାୟୀ ପଲ୍ଲୀସଭା କିମ୍ବା ଗ୍ରାମସଭାର ବିନା ଅନୁମୋଦନରେ କୌଣସି ଜଙ୍ଗଲ ଜମିର କିସମ ପରିବର୍ତ୍ତନ କରାଯାଇପାରିବ ନାହିଁ। ଜଙ୍ଗଲ ଅଧିକାର ଆଇନ-୨୦୦୬ର ମଧ୍ୟ ଏହା ବିରୁଦ୍ଧାଚରଣ କରୁଛି। କିନ୍ତୁ କିସମ ପରିବର୍ତ୍ତନ ବେଳେ ଗ୍ରାମସଭାକୁ ଅନ୍ଧାରରେ ରଖାଯାଇଥିବାର ଅଭିଯୋଗ ହୋଇଛି। କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ରାମାୟଣ ଚକ୍ରାକାର ଭ୍ରମଣ ମାର୍ଗରେ ଚିହ୍ନିତ ହୋଇଥିବା ୧୫ଟି ତୀର୍ଥ ସ୍ଥାନ ମଧ୍ୟରେ ମହେନ୍ଦ୍ରଗିରିକୁ ସ୍ଥାନିତ କରିଛନ୍ତି। ଏହିକ୍ରମରେ ସେଠାରେ ପର୍ଯ୍ୟଟନଶିଳ୍ପର ବ୍ୟାପକ ବିକାଶ ପାଇଁ ବହୁମୁଖୀ ଯୋଜନା ହାତକୁ ନିଆଯାଇଛି। ଭାରତର ପର୍ଯ୍ୟଟନ ଶିଳ୍ପରେ ଓଡ଼ିଶାର ଆଉ ଏକ ଐତିହ୍ୟ ସ୍ଥାନ ପାଇବା ଗୌରବର ବିଷୟ। କିନ୍ତୁ ଅର୍ଥନୀତି ପାଇଁ ପରିବେଶକୁ ଯଦି ବଳି ପକାଯାଏ ତେବେ ପରିସ୍ଥିତି କ'ଣ ହେବ ତାହା କେରଳର ୱାଇନାଡ଼ ଏବଂ ଉତ୍ତରାଖଣ୍ଡର ଉତ୍ତରକାଶୀ, ଯୋଶୀମଠ, କେଦାରନାଥ ପାର୍ବତ୍ୟାଞ୍ଚଳର ଦୁର୍ବିପାକ ଆମକୁ ବାରମ୍ବାର ଚେତାଇ ଦେଇଛି।

ଜୈବବିବିଧତା ଆଇନ ୨୦୦୨ର ଧାରା ୩୭ ଅନୁସାରେ ରାଜ୍ୟ ସରକାର ୨୦୨୨ ମସିହା ନଭେମ୍ବର ମାସରେ ମହେନ୍ଦ୍ରଗିରିକୁ ଜୈବବିବିଧତା ଐତିହ୍ୟସ୍ଥଳୀ ଭାବେ ଘୋଷଣା କରିଛନ୍ତି। ଅର୍ଥାତ୍ ମହେନ୍ଦ୍ରଗିରିର ପାରିବେଶିକ ପରିସଂସ୍ଥା ଯେ ବିପଦାପନ୍ନ ତାହା ପରୋକ୍ଷରେ ସ୍ୱୀକାର କରାଯାଇଛି। ଅପରପକ୍ଷରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଏବେ ସେଠାରେ ଅନେକ କୁଟୀର, ଶିବିର, ଆଶ୍ରୟସ୍ଥଳ ନିର୍ମାଣ ହୋଇସାରିଲାଣି। ପ୍ରାକୃତିକ ଜଙ୍ଗଲ ଅପସାରଣ, କାଠ ଚୋରାଚାଲାଣ, ମାତ୍ରାଧିକ ଲଘୁ ବନ ସମ୍ପଦ ସଂଗ୍ରହ, ପଥର କଟା ଆଦି କାରଣରୁ ମହେନ୍ଦ୍ରଗିରି ପାର୍ବତ୍ୟାଞ୍ଚଳରେ ମୃତ୍ତିକା କ୍ଷରଣ ସହିତ ପ୍ରାକୃତିକ ପରିବେଶର ଅବକ୍ଷୟ କ୍ଷିପ୍ର ହେଉଛି। ମହେନ୍ଦ୍ରତନୟା ନଦୀ ଓ ଏକାଧିକ ଝରଣାର ଜଳଧାର ଶୁଖିଯିବା ସହିତ ଭୂତଳ ଜଳସ୍ତର ନିମ୍ନଗାମୀ ହେଉଥିବା ଭୂବିଜ୍ଞାନୀମାନେ ଆଶଙ୍କା ପ୍ରକଟ କରିଛନ୍ତି। ଅବସ୍ଥା ଏପରି ହେଲାଣି ଯେ ଯେଉଁ ଅଞ୍ଚଳ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶର ଏକ ବିକ୍ଷିପ୍ତ ଅଞ୍ଚଳକୁ ଜଳ ଯୋଗାଇ ଆସୁଥିଲା ସେହି ଅଞ୍ଚଳର ଅଧିବାସୀ ଏବେ ପିଇବା ପାଣି ସଂଗ୍ରହ କରିବା ପାଇଁ କୋଶକୋଶ ବାଟ ଚାଲିବାକୁ ପଡୁଛି। ତିତିଲି ଏବଂ ପରବର୍ତ୍ତୀ ସମୟରେ ଘଟିଥିବା ପ୍ରାକୃତିକ ବିପର୍ଯ୍ୟୟ ଏହାର ପ୍ରାକୃତିକ ପରିବେଶକୁ ବହୁଗୁଣରେ ବିନିଷ୍ଟ କରିଚାଲିଛି।

ରାଜ୍ୟ ସରକାରଙ୍କ ଇକୋ ଟୁରିଜିମ୍‌ର ବିକାଶ ଫଳରେ ଏବେ ସେଠାରେ ରାଜ୍ୟସ୍ତରୀୟ ମହୋତ୍ସବମାନ ନିୟମିତ ଆୟୋଜିତ ହେଉଛି। ଧନାଢ୍ୟଙ୍କ ମନୋରଞ୍ଜନ ଓ ପ୍ରମୋଦ କିନ୍ତୁ ମହେନ୍ଦ୍ରଗିରିର ପ୍ରାକୃତିକ ଅବସ୍ଥିତି ପ୍ରତି ବିପଦ ସୃଷ୍ଟି କରୁଛି। ଏହାର ପ୍ରତିରୋଧ ଓ ମହେନ୍ଦ୍ରଗିରିର ସୁରକ୍ଷା ସ୍ଥାନୀୟ ଜନଜାତିଙ୍କ ସହଯୋଗ ବିନା ସମ୍ଭବ ନୁହେଁ। ଓଡ଼ିଶାର ସୌଭାଗ୍ୟ ଯେ ବିଳମ୍ବରେ ହେଲେ ମଧ୍ୟ ସ୍ଥାନୀୟ ଜନଜାତି ଏ ସମ୍ପର୍କରେ ଚେତିଛନ୍ତି ଏବଂ ଆନ୍ଦୋଳନ ଆରମ୍ଭ କରିଛନ୍ତି। ମହେନ୍ଦ୍ରଗିରିରେ ଶିଖରରେ ଚାଲିଥିବା ଅନୈତିକ ଖନନ, ନିର୍ମାଣ କାର୍ଯ୍ୟ, ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ନିୟମର ଖୋଲାଖୋଲି ଉଲ୍ଲଂଘନ ସହ ବନ ବିଭାଗର ମନମୁଖି କାର୍ଯ୍ୟକଳାପ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଛନ୍ତି। ଏଥିସହିତ ଜୁନ୍ ୧ରୁ ୯ ପର୍ଯ୍ୟନ୍ତ ହେବାକୁ ଥିବା 'ମହେନ୍ଦ୍ର ମେଳା'କୁ ବିରୋଧ କରିଛନ୍ତି। ମହେନ୍ଦ୍ରଗିରି ଅଞ୍ଚଳର ଆଦିବାସୀ ସମ୍ପ୍ରଦାୟ, ମହେନ୍ଦ୍ରଗିରି ପୂଜା କମିଟି (ବାରଘର)ର ପୁରୋହିତ ସଦସ୍ୟ ଏବଂ ବିଶ୍ୱାବସୁ ଶବର ସଂସ୍କୃତି ସୁରକ୍ଷା ମଞ୍ଚର ଶତାଧିକ ମହିଳା ଓ ପୁରୁଷ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ୧୩ ଦଫା ସମ୍ବଳିତ ଏକ ସ୍ମାରକପତ୍ର ଜିଲ୍ଲା ପ୍ରଶାସନକୁ ପ୍ରଦାନ କରି କହିଛନ୍ତି ଯେ ମହେନ୍ଦ୍ରଗିରି କେବଳ ଏକ ପାହାଡ଼ ନୁହେଁ, ଏହା ଅନାଦି କାଳରୁ ଆଦିବାସୀ ସମ୍ପ୍ରଦାୟର ବିଶ୍ୱାସ, ପ୍ରାଚୀନ ଐତିହ୍ୟ, ସଂସ୍କୃତି, ପରମ୍ପରା, ବଂଶ ପ୍ରଥା, ସାମାଜିକ ପ୍ରଥା ଏବଂ ଆଧ୍ୟାତ୍ମିକ ପରିଚୟ ସହିତ ଗଭୀର ଭାବରେ ଜଡ଼ିତ। ଅଥଚ ଏବେ ବିଭିନ୍ନ ମାଫିଆ, ଦଲାଲ ଏବଂ ରାଜନୈତିକ ପ୍ରଭାବଶାଳୀ ବ୍ୟକ୍ତି ଆଦିବାସୀଙ୍କୁ ସେମାନଙ୍କ ପୈତୃକ ଘରୁ ବଳପୂର୍ବକ ବିସ୍ଥାପିତ କରୁଛନ୍ତି ଏବଂ ସେମାନଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ କରିବାକୁ ଷଡ଼ଯନ୍ତ୍ର କରୁଛନ୍ତି। ଏଣୁ ତୁରନ୍ତ ଏହାର ପ୍ରତିକାର ପାଇଁ ସେମାନେ ଦାବି କରିଛନ୍ତି।

ମହେନ୍ଦ୍ରଗିରିର ବିରଳ ପ୍ରାକୃତିକ ସମ୍ପଦ ଜମି ମାଫିଆ ଓ ଲାଭଖୋର ଶିଳ୍ପପତିଙ୍କ ହାତକୁ ଚାଲିଯିବା ପୂର୍ବରୁ ସ୍ଥାନୀୟ ଜନଜାତିଙ୍କ ଆନ୍ଦୋଳନ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ ଓ ସମୟୋପଯୋଗୀ। ଆଦିବାସୀଙ୍କ ଏହି ଦାବିକୁ ଅଣଦେଖା କଲେ ହୁଏତ ପୁଣି ଏକ 'ଚିପ୍‌କୋ ଆନ୍ଦୋଳନ' କିମ୍ବା 'ହିମାଳୟ ପରିବେଶ ବଞ୍ଚାଅ ଆନ୍ଦୋଳନ' ଭଳି 'ମହେନ୍ଦ୍ରଗିରି ବଞ୍ଚାଅ ଆନ୍ଦୋଳନ' ଜନ୍ମ ନେଇପାରେ। ପର୍ଯ୍ୟଟନ ଶିଳ୍ପ ସ୍ୱାଗତଯୋଗ୍ୟ। କିନ୍ତୁ ତା'ପାଇଁ ଜୈବବିବିଧତାର ମୌଳିକତା କୌଣସି ମୂଲ୍ୟରେ କ୍ଷୁଣ୍ଣ ହେବା ଅନୁଚିତ। ଏଥିସହିତ ଐତିହ୍ୟର ପ୍ରାଚୀନତା ମଧ୍ୟ ଅକ୍ଷୁଣ୍ଣ ରହିବା ବିଧେୟ।

## ସ୍ୱାଧୀନ ଦେଶର ନିରବ ବନ୍ଦୀ

**ଡ ପଦ୍ମଲୋଚନ ରାଉତ**

ସ୍ୱାଧୀନତାର ଅର୍ଥ କେବଳ ବିଦେଶୀ ଶାସନରୁ ମୁକ୍ତି ନୁହେଁ; ନିଜ ଜୀବନ, ନିଜ ପରିଶ୍ରମ ଓ ନିଜ ଅଧିକାର ଉପରେ ନିଜର ନିୟନ୍ତ୍ରଣ ରହିବା। କିନ୍ତୁ ଆଜିର ସମୟରେ ସାଧାରଣ ନାଗରିକଙ୍କ ମନରେ ଏକ ପ୍ରଶ୍ନ ଉଠୁଛି ଆମେ ସତରେ କେତେଦୂର ସ୍ୱାଧୀନ? ଗତ ଏକଦଶକରୁ ଅଧିକ ସମୟ ଧରି ଦେଶର ସାଧାରଣ ଲୋକ ଦୈନନ୍ଦିନ ଜୀବନରେ ବିଭିନ୍ନ ନିୟମ, କଟକଣା ଓ ଅର୍ଥନୈତିକ ଚାପର ମଧ୍ୟରେ ବଞ୍ଚୁଛନ୍ତି। ଜଣେ ମଧ୍ୟବିତ୍ତ କିମ୍ବା ଗରିବ ପରିବାର ନିଜ ଝିଅର ବିବାହ ପାଇଁ ସୁନା କିଣିବାକୁ ଗଲେ ମଧ୍ୟ ଅନେକ ନିୟମ ଓ ଅର୍ଥନୈତିକ ଚାପର ସମ୍ମୁଖୀନ ହେଉଛନ୍ତି। ବ୍ୟାଙ୍କରେ ଜମା ଥିବା ନିଜ ପରିଶ୍ରମର ଟଙ୍କା ଉଠାଇବାକୁ ଯାଇ ମଧ୍ୟ ସାଧାରଣ ଲୋକଙ୍କୁ ବହୁ ସମୟରେ ଅସୁବିଧା ଭୋଗିବାକୁ ପଡୁଛି। ଏହା ଜନମନରେ ଏକ ଅସୁବିଧାଜନକ ପ୍ରଶ୍ନ ସୃଷ୍ଟି କରୁଛି ଯେ ଯେଉଁ ଟଙ୍କା ଜଣେ ନାଗରିକ ନିଜ ପରିଶ୍ରମରେ ଉପାର୍ଜନ କରିଛି, ସେହି ଟଙ୍କା ବ୍ୟବହାର କରିବାର ସ୍ୱାଧୀନତା ମଧ୍ୟ ଆଜି ସୀମିତ ହୋଇଯାଇଛି?

ଆଜି ସବୁଠି ଲାଇନ୍, ଅପେକ୍ଷା ଓ ଅସହାୟତାର ଚିତ୍ର ଦେଖାଯାଉଛି। ପେଟ୍ରୋଲ ଓ ଡିଜେଲ ପାଇଁ ଘଣ୍ଟା ଘଣ୍ଟା ଧରି ଲମ୍ବା ଲାଇନ୍, ରନ୍ଧନ ଗ୍ୟାସ ପାଇଁ ଚିନ୍ତା, ବ୍ୟାଙ୍କରେ ଟଙ୍କା ବଦଳେଇବା କିମ୍ବା ଉଠାଇବା ପାଇଁ ଅସୀମ ଭିଡ଼, ପିଇବା ପାଣି ପାଇଁ ଲୋକଙ୍କ ହାହାକାର, ଡାକ୍ତରଖାନାରେ ଚିକିତ୍ସା ପାଇଁ ଲମ୍ବା ପ୍ରତୀକ୍ଷା - ଏହିସବୁ ଦୃଶ୍ୟ ଆଜି ସାଧାରଣ ଜୀବନର ଅଂଶ ହୋଇଯାଇଛି। ଜଣେ ସାଧାରଣ ଲୋକ ନିଜ ଜୀବନର ମୌଳିକ ଆବଶ୍ୟକତା ପାଇଁ ମଧ୍ୟ ଆଜି ସଂଘର୍ଷ କରିବାକୁ ବାଧ୍ୟ ହେଉଛି। ଏହି ପରିସ୍ଥିତି ସାଧାରଣ ଜନତାଙ୍କ ମନରେ ଗଭୀର ଅସନ୍ତୋଷ ଓ ହତାଶା ସୃଷ୍ଟି କରୁଛି। ସବୁଠି ଅକଥନୀୟ ଦୁର୍ଦ୍ଦଶାର ଚିତ୍ର। ଜନଜୀବନରେ ଅନିଶ୍ଚିତତା ବଢୁଛି ଏବଂ ଲୋକମାନେ ନିଜକୁ ଅସହାୟ ଭାବୁଛନ୍ତି। ଦିନରାତି ପରିଶ୍ରମ କରିଥିବା ଲୋକ ଯେତେବେଳେ ନିଜ ପରିବାରର ମୌଳିକ ଆବଶ୍ୟକତା ମଧ୍ୟ ସହଜରେ ପୂରଣ କରିପାରୁନାହାନ୍ତି, ସେତେବେଳେ ସମାଜରେ କ୍ଷୋଭ ଓ ନିରାଶା ବଢ଼ିବା ସ୍ୱାଭାବିକ। ଅନେକ ସ୍ଥାନରେ ଲୋକ ନିର୍ଯାତନା ଓ ଅବ୍ୟବସ୍ଥାରେ ଅତିଷ୍ଠ ହୋଇ 'ତ୍ରାହି ତ୍ରାହି' ଡାକୁଛନ୍ତି।

ଏହାସହିତ ଅନେକ ଲୋକଙ୍କ ମନରେ ଏହି ଭାବନା ମଧ୍ୟ ଜନ୍ମ ନେଉଛି ଯେ, ସାଧାରଣ ଲୋକଙ୍କ ପାଇଁ ଏକ ନିୟମ ଓ ଶକ୍ତିଶାଳୀ ଶ୍ରେଣୀ ପାଇଁ ଅନ୍ୟ ନିୟମ ଚାଲୁଛି। ଯେଉଁଠାରେ ଜନସାଧାରଣ ଦୈନନ୍ଦିନ ଜୀବନର ଖର୍ଚ୍ଚ ସମ୍ଭାଳିବା ପାଇଁ ଲଢୁଛନ୍ତି, ସେଠାରେ ରାଜନୈତିକ କ୍ଷମତାର କେନ୍ଦ୍ରରେ ଥିବା ଲୋକଙ୍କ ଆଡ଼ମ୍ବରପୂର୍ଣ୍ଣ ଜୀବନ, ବଡ଼ ବଡ଼ ରୋଡ୍ ଶୋ, ଅତ୍ୟଧିକ ସରକାରୀ ବ୍ୟୟ ଓ ବିଦେଶ ଗସ୍ତ ସାଧାରଣ ଲୋକଙ୍କ ମନରେ ଅସନ୍ତୋଷ ସୃଷ୍ଟି କରୁଛି। ଲୋକମାନେ ଭାବୁଛନ୍ତି ଯଦି ଦେଶର ଅର୍ଥନୀତି ସାଧାରଣ ଲୋକଙ୍କ ଉପରେ କଟକଣା ଲାଗୁ କରୁଛି, କ୍ଷମତାରେ ଥିବା ଲୋକଙ୍କ ଜୀବନରେ ସେହି ସଂଯମ କାହିଁକି ଦେଖାଯାଉନାହିଁ? ଗଣତନ୍ତ୍ରରେ ସରକାର ହେଉଛି ଜନତାଙ୍କ ପ୍ରତିନିଧି, ମାଲିକ ନୁହେଁ। ନାଗରିକଙ୍କ ଟିକସ ଟଙ୍କାରେ ଚାଲୁଥିବା ଶାସନ ବ୍ୟବସ୍ଥାର ପ୍ରଥମ କର୍ତ୍ତବ୍ୟ ହେଉଛି ଜନତାଙ୍କ ପ୍ରତ ଉତ୍ତରଦାୟୀ ରହିବା। କିନ୍ତୁ ଯେତେବେଳେ ସାଧାରଣ ଲୋକ ପ୍ରଶ୍ନ କରନ୍ତି ଏବଂ ସେହି ପ୍ରଶ୍ନକୁ ଅସହିଷ୍ଣୁତା କିମ୍ବା ଅସନ୍ତୋଷ ଭାବେ ଦେଖାଯାଏ, ସେତେବେଳେ ଗଣତନ୍ତ୍ରର ମୂଳ ଆତ୍ମା ଦୁର୍ବଳ ହୋଇଯାଏ।

ଅନେକ ଲୋକ ଏହା ମଧ୍ୟ ଅନୁଭବ କରୁଛନ୍ତି ଯେ, ଏପରି ଯନ୍ତ୍ରଣା, ଅବ୍ୟବସ୍ଥା ଓ ନିରବ ଶୋଷଣରୁ ମୁକ୍ତି ପାଇବା ପାଇଁ ସମାଜରେ ଏକ ନୂଆ ସଚେତନତାର ଆବଶ୍ୟକତା ରହିଛି। ଏହି 'ଚେତନାସଂଗ୍ରାମ' କୌଣସି ହିଂସା କିମ୍ବା ଅସହିଷ୍ଣୁତାର ଆହ୍ୱାନ ନୁହେଁ; ଏହା ହେଉଛି ସଚେତନ ନାଗରିକତା, ଗଣତାନ୍ତ୍ରିକ ଅଧିକାର ଓ ଉତ୍ତରଦାୟୀ ଶାସନ ପାଇଁ ଏକ ନୈତିକ ଆହ୍ୱାନ। ପ୍ରଶ୍ନ କରିବା କୌଣସି ଅପରାଧ ନୁହେଁ। ବରଂ ଏହା ଏକ ସଚେତନ ନାଗରିକର ଅଧିକାର ଓ କର୍ତ୍ତବ୍ୟ। ଜଣେ ସାଧାରଣ ଲୋକ ଯଦି ନିଜ ପରିଶ୍ରମର ଟଙ୍କା, ନିଜ ଜୀବନର ସୁରକ୍ଷା ଓ ନିଜର ଭବିଷ୍ୟତକୁ ନେଇ ପ୍ରଶ୍ନ କରେ, ତାହା ଗଣତନ୍ତ୍ରର ସ୍ୱାଭାବିକ ପ୍ରକ୍ରିୟା। କାରଣ ଏହି ଦେଶ କୌଣସି ଏକ ଦଳ, ଏକ ନେତା କିମ୍ବା ଏକ କ୍ଷମତାଶାଳୀ ଶ୍ରେଣୀର ପୈତୃକ ସମ୍ପତ୍ତି ନୁହେଁ; ଏହା ଦେଶର କୋଟି କୋଟି ସାଧାରଣ ଲୋକଙ୍କ ପରିଶ୍ରମ, ସଂଘର୍ଷ ଓ ତ୍ୟାଗରେ ଗଢ଼ା।

ଆଜି ଆବଶ୍ୟକ ଦ୍ୱନ୍ଦ୍ୱ ନୁହେଁ, ବରଂ ସଚେତନତା। ଆବଶ୍ୟକ ଅନ୍ଧ ଭକ୍ତି ନୁହେଁ, ବରଂ ଯୁକ୍ତି ଓ ପ୍ରଶ୍ନ। କାରଣ ଯେତେବେଳେ ଜନତା ନିଜର ଅଧିକାର, ନିଜର ଶକ୍ତି ଓ ନିଜର ଗଣତାନ୍ତ୍ରିକ ଦାୟିତ୍ୱକୁ ବୁଝିପାରିବେ, ସେତେବେଳେ ହିଁ ଏକ ସତ୍ୟ, ସ୍ୱାଧୀନ ଓ ଉତ୍ତରଦାୟୀ ରାଷ୍ଟ୍ର ଗଢ଼ିଉଠିବ। ପ୍ରତ୍ୟେକ ଯୁଗରେ ସମାଜ କୌଣସି ନା କୌଣସି ସଙ୍କଟର ସମ୍ମୁଖୀନ ହୋଇଛି। ପ୍ରତ୍ୟେକ ସଙ୍କଟରୁ ମୁକ୍ତି ପାଇଁ ଲୋକଙ୍କୁ ସଂଗ୍ରାମ କରିବାକୁ ପଡ଼ିଛି। ଭାରତର ସ୍ୱାଧୀନତା ସଂଗ୍ରାମ ମଧ୍ୟ ସେହିପରି ଏକ ଐତିହାସିକ ଲଢ଼େଇ ଥିଲା, ଯେଉଁଠାରେ ଲକ୍ଷ ଲକ୍ଷ ଲୋକ ଅନ୍ୟାୟ ଓ ଶୋଷଣ ବିରୋଧରେ ଏକତ୍ର ହୋଇଥିଲେ। ଆଜି ପୁଣିଥରେ ସମୟ ଆସିଛି ଏକ ନୂଆ ମୁକ୍ତି ସଂଗ୍ରାମର। କିନ୍ତୁ ଏହି ସଂଗ୍ରାମ ବିଦେଶୀ ଶାସକ ବିରୋଧରେ ନୁହେଁ; ଏହା ଭୟ, ଅନ୍ୟାୟ, ଭ୍ରଷ୍ଟାଚାର, ଅନ୍ଧଭକ୍ତି ଓ ମିଥ୍ୟା ଅପପ୍ରଚାର ବିରୋଧରେ। ଏହି ନୂଆ ସଂଗ୍ରାମର ସବୁଠାରୁ ବଡ଼ ଶକ୍ତି ହେଉଛି ସଚେତନତା। ଯେତେବେଳେ ଜନତା ପ୍ରଶ୍ନ କରିବା ଆରମ୍ଭ କରନ୍ତି, ସେତେବେଳେ ଗଣତନ୍ତ୍ର ଶକ୍ତିଶାଳୀ ହୁଏ। ଅନ୍ଧ ଭକ୍ତି କେବେ ମଧ୍ୟ ଦେଶକୁ ଉନ୍ନତିର ପଥରେ ନେଇଯାଇପାରେ ନାହିଁ। ସଚେତନ ନାଗରିକ ହିଁ ଏକ ସୁସ୍ଥରାଷ୍ଟ୍ରର ମୂଳ ଆଧାର।

ଏହି ସଂଗ୍ରାମରେ ଅସ୍ତ୍ର ହେବ ଶିକ୍ଷା, ଲେଖନୀ, ଚିନ୍ତା, ସତ୍ୟ ଓ ଗଣତାନ୍ତ୍ରିକ ପ୍ରତିବାଦ। ଛାତ୍ର, ଯୁବକ, ଚାଷୀ, ଶ୍ରମିକ, ନାରୀ ଓ ସାଧାରଣ ନାଗରିକ ସମସ୍ତଙ୍କ ଏହି ଜାଗରଣରେ ଭୂମିକା ଅଛି। କାରଣ ଗଣତନ୍ତ୍ର କେବଳ ସରକାରର ନୁହେଁ; ଏହା ଜନତାଙ୍କ ସକ୍ରିୟ ଭାଗିଦାରୀରେ ବଞ୍ଚିଥାଏ। ଯୁବପିଢ଼ି ଏହି ପରିବର୍ତ୍ତନର ସବୁଠାରୁ ବଡ଼ ଆଶା। ଇତିହାସର ପ୍ରତ୍ୟେକ ବଡ଼ ପରିବର୍ତ୍ତନରେ ଯୁବଶକ୍ତି ଅଗ୍ରଣୀ ଭୂମିକା ନେଇଛି। ଆଜି ମଧ୍ୟ ଯଦି ଯୁବସମାଜ ନିଜର ଶକ୍ତିକୁ ଚିହ୍ନିପାରେ, ସତ୍ୟ ଓ ନ୍ୟାୟ ପାଇଁ ସ୍ୱର ଉଠାଇପାରେ ଦେଶର ଭବିଷ୍ୟତ ନିଶ୍ଚୟ ବଦଳିପାରିବ। ଏହି ନୂଆ ଚେତନାସଂଗ୍ରାମ କୌଣସି ଏକ ଦଳ କିମ୍ବା ବ୍ୟକ୍ତି ବିରୋଧରେ ନୁହେଁ; ବରଂ ଏ ଦେଶକୁ ପୁଞ୍ଜିପତିଙ୍କ ହାତରେ ଟେକି ଦେଉଥିବା ଭ୍ରଷ୍ଟାଚାରୀ ସ୍ୱାର୍ଥପର ବ୍ୟବସ୍ଥା ଓ ଚିନ୍ତାଧାରା ବିରୋଧରେ, ଯାହା ମଣିଷକୁ ଭାଗ କରେ, ଭୟଭୀତ କରେ ଓ ନିରବ କରି ରଖେ। ଏହି ଚେତନାସଂଗ୍ରାମ ସଂବିଧାନ, ଗଣତନ୍ତ୍ର ଓ ମଣିଷତ୍ୱକୁ ବଞ୍ଚାଇ ରଖିବାର ଆହ୍ୱାନ।

ସମୟ ଆସିଛି ନିଜକୁ ପଚାରିବାର ଆମେ କି ନିରବ ଦର୍ଶକ ହୋଇ ରହିବୁ, ନା ସତ୍ୟ ଓ ନ୍ୟାୟର ପକ୍ଷରେ ଦୃଢ଼ ହୋଇ ଠିଆ ହେବୁ? କାରଣ ପରିବର୍ତ୍ତନ ସେତେବେଳେ ଆସେ, ଯେତେବେଳେ ସାଧାରଣ ଲୋକ ନିଜର ନିରବତା ଭାଙ୍ଗି ସଚେତନ ହୋଇ ଉଠନ୍ତି। ଆଜି ଆବଶ୍ୟକ ଏକ ନୂଆ ବ୍ୟବସ୍ଥା, ଯେଉଁଠି ଜନତା ନିଜର ଅଧିକାରକୁ ଚିହ୍ନିବେ, ମିଥ୍ୟାବାଦୀ ଓ ଛଦ୍ମବେଶୀଙ୍କ ଅସଲ ସ୍ୱରୂପ ଜାଣିବେ, ଶାସନ ନିଜର ଦାୟିତ୍ୱକୁ ବୁଝିବ ଏବଂ ଗଣତନ୍ତ୍ର ପୁନର୍ବାର ଗଣଙ୍କ ପାଖକୁ ଫେରିଆସିବ। କାରଣ ଦେଶ କେବେ ମଧ୍ୟ କୌଣସି କ୍ଷମତାଶାଳୀର ପୈତୃକ ସମ୍ପତ୍ତି ନୁହେଁ। ଏହା କୋଟି କୋଟି ଶ୍ରମଜୀବୀ ଲୋକଙ୍କ ରକ୍ତ ଓ ପରିଶ୍ରମରେ ଗଢ଼ା ଏକ ଜୀବନ୍ତ ଗଣତନ୍ତ୍ର। ଯେଉଁଦିନ ଜନତା ଭୟକୁ ଭାଙ୍ଗି, ନିରବତାକୁ ଛାଡ଼ି, ସତ୍ୟ ପାଇଁ ସ୍ୱର ଉଠାଇବେ ସେଦିନଠାରୁ ଆରମ୍ଭ ହେବ ଏକ ନୂଆ ଜାଗରଣ, ଏକ ନୂଆ ଗଣତନ୍ତ୍ର ଏବଂ ଏକ ସତ୍ୟ ସ୍ୱାଧୀନ ଭାରତ। ଯେଉଁଦିନ ଜନତା ଭୟକୁ ଜିତି ପ୍ରଶ୍ନ କରିବା ଆରମ୍ଭ କରିବେ, ସେଦିନଠାରୁ ଆରମ୍ଭ ହେବ ନୂଆ ଚେତନାର ସ୍ୱାଧୀନତା ସଂଗ୍ରାମ।

(ଆସୋସିଏଟ୍ ପ୍ରଫେସର)
ଅରୁଣାଚଳ ପ୍ରଦେଶ, ମୋ: ୯୬୭୮୦୯୧୩୦୦

## ଛାତ୍ର ଆତ୍ମହତ୍ୟା: ଏକ ସାମାଜିକ କଳଙ୍କ

**ବିଦ୍ୟାଧର ମହାରଣା**

ପ୍ରତି ପିତାମାତା ଚାହାନ୍ତି ସେମାନଙ୍କର ପିଲାମାନେ ଭଲ ପଢ଼ି ଉଚ୍ଚ ଚାକିରିରେ ଅଧିଷ୍ଠିତ ହୁଅନ୍ତୁ। କିନ୍ତୁ ଆଜିର ଶିକ୍ଷା ବ୍ୟବସ୍ଥା ବହୁ ସମସ୍ୟା ଦେଇ ଗତି କରୁଛି। ପ୍ରତିଦ୍ୱନ୍ଦ୍ୱିତାମୂଳକ ଶିକ୍ଷାରେ ପ୍ରଶ୍ନପତ୍ର ବିକ୍ରି ଏକ ସାଧାରଣ ଘଟଣା ହେଲାଣି। ଏଣୁ ଛାତ୍ରଛାତ୍ରୀମାନେ ଅତ୍ୟଧିକ ମାନସିକ ଚାପରେ ଜୀବନଯାପନ କରୁଛନ୍ତି। ପରୀକ୍ଷାର ଚାପ, ଅଭିଭାବକଙ୍କ ଅତ୍ୟଧିକ ଆଶା, ବେରୋଜଗାରୀର ଭୟ, ସାମାଜିକ ତୁଳନା ଏବଂ ମନୋସ୍ୱାସ୍ଥ୍ୟ ସମସ୍ୟା ଆଜିର ଯୁବପିଢ଼ିକୁ ଗଭୀର ଭାବେ ପ୍ରଭାବିତ କରୁଛି। ଏହାର ଭୟାବହ ପରିଣାମ ହେଉଛି ଛାତ୍ର ଆତ୍ମହତ୍ୟା ବୃଦ୍ଧି। ଭାରତର ଜାତୀୟ ଅପରାଧିକ ତଥ୍ୟ ବ୍ୟୁରୋ(ଏନ୍‌ସିଆରବି) ୨୦୨୪ ରିପୋର୍ଟ ଅନୁସାରେ ଦେଶରେ ୧୪, ୪୮୮ ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି, ଯାହା ୨୦୨୩ ଅପେକ୍ଷା ପ୍ରାୟ ୪.୩% ଅଧିକ। ଏହି ସଂଖ୍ୟା ଦେଶର ସମୁଦାୟ ଆତ୍ମହତ୍ୟା ଘଟଣାର ୮.୫%। ନିକଟରେ 'ନିଟ୍' ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ହେବା ପରେ କେତେକ ଛାତ୍ର ଆତ୍ମହତ୍ୟା କରିଥିବା ଖବର ମିଳିଛି। ମୋଟାମୋଟି ଗତ ଦଶବର୍ଷରେ ଛାତ୍ର ଆତ୍ମହତ୍ୟାର ହାର ପ୍ରାୟ ୮୦% ବୃଦ୍ଧି ପାଇଛି। ୨୦୧୪ ମସିହାରେ ଏହି ସଂଖ୍ୟା ୮, ୦୬୮ ଥିଲା, ଯାହା ୨୦୨୪ରେ ୧୪, ୪୮୮ କୁ ବଢ଼ିଛି।

ଏପରି ଅତ୍ୟନ୍ତ ଚିନ୍ତାଜନକ ପରିସ୍ଥିତି ପଛରେ ଅନେକ କାରଣ ରହିଛି। ପ୍ରଥମତଃ, ଆଜିର ଶିକ୍ଷା ବ୍ୟବସ୍ଥାରେ ପରୀକ୍ଷାରେ ମାର୍କ ଓ ରାଙ୍କିଙ୍ଗ ଉପରେ ଅଧିକ ମୂଲ୍ୟ ଦିଆଯାଉଛି। ଛାତ୍ରମାନେ ନିଜ ରୁଚି ଓ ସୃଜନଶୀଳତାକୁ ହରାଇ କେବଳ ପରୀକ୍ଷାମୁଖୀ ହୋଇପଡୁଛନ୍ତି। ଅନେକ ଅଭିଭାବକ ନିଜ ସନ୍ତାନଙ୍କ ଉପରେ ଆଇଏସ, ଡାକ୍ତର, ଇଞ୍ଜିନିୟର ହେବା ପାଇଁ ଅଧିକ ମାର୍କ ଆଣିବା ପାଇଁ ଚାପ ପକାନ୍ତି। ସେମାନେ ବହୁ ଅର୍ଥ ବ୍ୟୟ କରି ଘରୋଇ କୋଚିଙ୍ଗ କେନ୍ଦ୍ରରେ ନାମ ଲେଖନ୍ତି। ଏହାଫଳରେ ଛାତ୍ରମାନେ ଅଧିକ ଚାପଗ୍ରସ୍ତ, ଭୟ, ଅସଫଳତା ଓ ହୀନମନ୍ୟତାର ଶିକାର ହୁଅନ୍ତି। ଦ୍ୱିତୀୟତଃ, ଫେସବୁକ, ଇନ୍‌ଷ୍ଟାଗ୍ରାମ ଆଦି ସାମାଜିକ ଗଣମାଧ୍ୟମରେ ଛାତ୍ରମାନେ ନିଜକୁ ଅନ୍ୟମାନଙ୍କ ସହ ତୁଳନା କରି ମାନସିକ ସ୍ତରରେ ଅସ୍ଥିର ହୋଇପଡୁଛନ୍ତି। ଅନଲାଇନ ବୁଲିଙ୍ଗ ଓ ଏକାକୀପଣ ମଧ୍ୟ ସେମାନଙ୍କ ମନୋବଳକୁ ଆହୁରି ଦୁର୍ବଳ କରୁଛି। ଏନ୍‌ସିଆରବି ତଥ୍ୟ ଅନୁସାରେ ପାରିବାରିକ ସମସ୍ୟା ମଧ୍ୟ ଆତ୍ମହତ୍ୟାର ପ୍ରମୁଖ କାରଣ ଭାବେ ଚିହ୍ନଟ ହୋଇଛି। ଓଡ଼ିଶାରେ ୨୦୨୪ ମସିହାରେ ୫, ୭୯୧ ଆତ୍ମହତ୍ୟା ଘଟଣା ରେକର୍ଡ ହୋଇଥିଲା, ଯାହାର ଅଧିକାଂଶ ପାରିବାରିକ ଓ ମାନସିକ ସମସ୍ୟା ସହ ଜଡ଼ିତ ଥିଲା।

ବେସରକାରୀ କୋଚିଂ ସେଣ୍ଟରଗୁଡ଼ିକ ଆଜିର ଶିକ୍ଷା ବ୍ୟବସ୍ଥାର ଏକ ଅଂଶ ହୋଇପଡ଼ିଛି। ସେଠାରେ ଅତ୍ୟଧିକ ପ୍ରତିଯୋଗିତାମୂଳକ ପରିବେଶ, ମାନସିକ ଚାପ ଓ ବ୍ୟାବସାୟିକ ମନୋଭାବ ଛାତ୍ରଛାତ୍ରୀଙ୍କୁ ଗଭୀର ଅବସାଦକୁ ଠେଲିଦେଉଛି। ଫଳସ୍ୱରୂପ କେତେକ ଛାତ୍ର ଆତ୍ମହତ୍ୟା ଭଳି ପଦକ୍ଷେପ ନେଉଛନ୍ତି। କୋଚିଂ ସେଣ୍ଟରରେ ପ୍ରତିଦିନ ଦୀର୍ଘ ସମୟ ପଢ଼ା, ପରୀକ୍ଷା, ରାଙ୍କିଙ୍ଗ ଓ ମାର୍କ ନେଇ ଚାପ ଛାତ୍ରମାନଙ୍କୁ ମାନସିକ ଭାବେ କ୍ଲାନ୍ତ କରିଦେଇଥାଏ। ଅନେକ ସଂସ୍ଥା କେବଳ ଶ୍ରେଷ୍ଠ ରାଙ୍କିଙ୍ଗ ଆଣିବାକୁ ଲକ୍ଷ୍ୟ କରେ, ଛାତ୍ରଙ୍କ ମାନସିକ ସ୍ୱାସ୍ଥ୍ୟକୁ ନୁହେଁ। କୋଚିଂ ସେଣ୍ଟରମାନେ ପ୍ରାୟତଃ ଛାତ୍ରମାନଙ୍କ ମଧ୍ୟରେ ଅସ୍ୱସ୍ତିକର ପ୍ରତିଯୋଗିତା ସୃଷ୍ଟି କରନ୍ତି। ଟପର ତାଲିକା, ଅଲଗା ବ୍ୟାଚ୍ ଓ ସର୍ବସାଧାରଣ ସମ୍ମୁଖରେ ତୁଳନା କରିବା ଦ୍ୱାରା ଦୁର୍ବଳ ଛାତ୍ରମାନେ ନିଜକୁ ଅଯୋଗ୍ୟ ଭାବିବାକୁ ଲାଗନ୍ତି। ଏହା ତାଙ୍କ ଆତ୍ମବିଶ୍ୱାସକୁ ଭାଙ୍ଗିଦେଇଥାଏ। ଅଭିଭାବକମାନେ ଅଧିକ ଟଙ୍କା ଖର୍ଚ୍ଚ କରୁଥିବାରୁ ଛାତ୍ରମାନେ ଫଳାଫଳ ନେଇ ଅଧିକ ଭୟରେ ରହନ୍ତି। ସେମାନେ ଭାବନ୍ତି ଯଦି ସଫଳ ହେବେ ନାହିଁ, ତେବେ ପରିବାରକୁ ନିରାଶ କରିବେ। ଏହି ଭୟ ଧୀରେ ଧୀରେ ଅବସାଦର ରୂପ ନେଇଥାଏ।

ମଧ୍ୟବିତ୍ତ ପରିବାରର ପିଲା ବହୁ ଆଶା ନେଇ ରାଜସ୍ଥାନର କୋଟା ସହରକୁ ଦଉଡନ୍ତି। ଘରୋଇ କୋଚିଂ କେନ୍ଦ୍ର ଯେପରି ଏକ କୁହୁକ ପେଡ଼ି। ତ୍ୱରିତ ସ୍ମରଣ ନିମନ୍ତେ ସଂକ୍ଷିପ୍ତ ସାର, ନିର୍ଦ୍ଧାରିତ ପ୍ରଶ୍ନ ଓ ଉତ୍ତର ଇତ୍ୟାଦି ଛାତ୍ରମାନଙ୍କ ଏକଲା ପଣିଆକୁ ଦୃଢ଼ୀଭୂତ କରେ। ଛାତ୍ରମାନେ ଥରେ ବା ଦୁଇଥର ଅସଫଳ ହେଲେ ଚାପଗ୍ରସ୍ତ ହୋଇ ପଡ଼ନ୍ତି ଏବଂ ଶେଷ ରାସ୍ତା ବାଛିବାକୁ ବାଧ୍ୟ ହୁଅନ୍ତି। ଅନେକ କୋଚିଂ ସେଣ୍ଟରରେ କାଉନସେଲିଂ ବା ମାନସିକ ସହାୟତା ବ୍ୟବସ୍ଥା ନଥାଏ। ଛାତ୍ରମାନେ ନିଜ ଚିନ୍ତା, ଭୟ କିମ୍ବା ଅସଫଳତା ବିଷୟରେ କାହା ସହ କଥାହେବାର ସୁଯୋଗ ପାଆନ୍ତି ନାହିଁ। କେତେକ କୋଚିଂ କେନ୍ଦ୍ରରେ ଭିତ୍ତିଭୂମି ଅଧିକ ନୈରାଶ୍ୟଜନକ, ଯାହାକି ଛାତ୍ରମାନଙ୍କ ମନରେ ଅବସାଦ ଆଣିଥାଏ। କିଛିଦିନ ତଳେ ଦିଲ୍ଲୀରେ ଏକ କୋଚିଂ ସେଣ୍ଟର ମଧ୍ୟରେ ଅଚାନକ ବର୍ଷା ଜଳ ପ୍ରବେଶ କରି କେତେକ ଛାତ୍ରଙ୍କ ଜୀବନ ନେଇଥିଲା।

ଏହି ସମସ୍ୟାର ପ୍ରତିକାର ପାଇଁ ସମାଜର ଏକ ଗୁରୁଦାୟିତ୍ୱ ରହିଛି। ସମାଜ, ପରିବାର ଓ ଶିକ୍ଷାନୁଷ୍ଠାନକୁ ସାମୂହିକ ଭାବେ ଏହି ସମସ୍ୟାର ସମାଧାନ ପାଇଁ କାମ କରିବାକୁ ପଡ଼ିବ। ପ୍ରଥମେ, ପରିବାରରେ ସକାରାତ୍ମକ ପରିବେଶ ଗଢ଼ିଉଠିବା ଆବଶ୍ୟକ। ଅଭିଭାବକମାନେ ସନ୍ତାନଙ୍କ ସହ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଗଢ଼ିବା ଉଚିତ। ତାଙ୍କ ମନର କଥା ଶୁଣିବା, ଭୁଲକୁ କ୍ଷମା କରିବା ଓ ସେମାନଙ୍କୁ ଆତ୍ମବିଶ୍ୱାସ ଦେବା ଦରକାର। ଦ୍ୱିତୀୟତଃ, ବିଦ୍ୟାଳୟଓ ମହାବିଦ୍ୟାଳୟରେ କାଉନସେଲିଂ ବ୍ୟବସ୍ଥା ଅନିବାର୍ଯ୍ୟ କରାଯିବା ଉଚିତ। ସରକାରୀ ଶିକ୍ଷାନୁଷ୍ଠାନରେ ଅଭିଜ୍ଞ ଶିକ୍ଷକ ଓ ଉତ୍ତମ ଶିକ୍ଷା ବାତାବରଣ ଥିଲେ ଛାତ୍ରମାନେ କାହିଁକି ଘରୋଇ କୋଚିଂ ପସନ୍ଦ କରିବେ? ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ମନୋବିଜ୍ଞାନୀ ଓ ପରାମର୍ଶଦାତା ଥିବା ଆବଶ୍ୟକ। ଛାତ୍ରମାନଙ୍କୁ କେବଳ ପାଠ୍ୟପୁସ୍ତକ ନୁହେଁ, ଜୀବନ ଦକ୍ଷତା, ଭାବନା ନିୟନ୍ତ୍ରଣ ଓ ଚାପ ପରିଚାଳନା ଶିଖାଇବା ପାଇଁ ସେମାନେ ଅଧିକ ତତ୍ପରତାର ସହ କାମ କରିବା ଆବଶ୍ୟକ। ତୃତୀୟତଃ, ସରକାରଙ୍କ ପକ୍ଷରୁ ଯୁବମାନଙ୍କ ମନୋସ୍ୱାସ୍ଥ୍ୟ ପାଇଁ ଅଧିକ ସଚେତନତା ଅଭିଯାନ ଆୟୋଜିତ ହେବା ଆବଶ୍ୟକ। ହେଲ୍ପଲାଇନ, ମାଗଣା ପରାମର୍ଶ ଓ ମାନସିକ ସ୍ୱାସ୍ଥ୍ୟ ସେବା ସମସ୍ତଙ୍କ ପାଇଁ ସହଜ ହେବା ଦରକାର।

ଶେଷରେ କୁହାଯାଇପାରେ ଯେ ଛାତ୍ର ଆତ୍ମହତ୍ୟା କେବଳ ଏକ ବ୍ୟକ୍ତିଗତ ସମସ୍ୟା ନୁହେଁ, ଏହା ସମଗ୍ର ମାନବ ସମାଜ ପାଇଁ ଏକ ଚେତାବନୀ। ଦେଶର ପ୍ରତ୍ୟେକ ଛାତ୍ରର ଜୀବନ ଅତୀବ ମୂଲ୍ୟବାନ। ସମୟ ଉପଯୋଗୀ ସହଯୋଗ, ସ୍ନେହ ଓ ସଠିକ୍ ମାର୍ଗଦର୍ଶନ ଦିଆଗଲେ ଅନେକ ମୂଲ୍ୟବାନ ଜୀବନ ବଞ୍ଚାଯାଇପାରିବ। ତେଣୁ ଆମେ ସମସ୍ତେ ମିଳିମିଶି ଏକ ସୁସ୍ଥ, ଭୟମୁକ୍ତ ଓ ଛାତ୍ରବନ୍ଧୁ ସମାଜ ଗଢ଼ିବାକୁ ଆଗେଇ ଆସିବା ଆବଶ୍ୟକ। ସରକାର ମଧ୍ୟ ଘରୋଇ କୋଚିଂ ସେଣ୍ଟରଗୁଡ଼ିକର କାର୍ଯ୍ୟକଳାପ ଉପରେ ତୀକ୍ଷ୍ଣ ନଜର ରଖିବା ସହିତ ସରକାରୀ କୋଚିଂ ବ୍ୟବସ୍ଥା ଗ୍ରହଣ କରିବା ଜରୁରୀ। ଜାତୀୟ ଶିକ୍ଷା ନୀତି ୨୦୨୦ ଛାତ୍ର ଆତ୍ମହତ୍ୟା କମାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରେ। କିନ୍ତୁ ଏହାର ସଫଳତା ନୀତିର ଠିକ୍ ରୂପାୟନ ଉପରେ ନିର୍ଭର କରିବ।

ଭୁବନେଶ୍ୱର, ମୋ: ୯୪୩୭୦ ୭୧୧୯୦

## ବାରମାସୀ ଧାନ

**ବିଜ୍ଞାନ ବାର୍ତ୍ତା**

**ଶ୍ରୀନନ**

ପୃଥିବୀର ଅର୍ଦ୍ଧାଧିକ ଲୋକଙ୍କୁ ଖାଦ୍ୟ ଯୋଗାଇଥାଏ ଧାନ। ବିଗତ ହଜାର ହଜାର ବର୍ଷ ଧରି ଚାଷ ହୋଇ ଆସୁଛି ଏହାର ପ୍ରାୟ ୪୦ ହଜାର କିସମ। ଏହା ଏକ ଋତୁଗତ ଫସଲ। ଅର୍ଥାତ୍ ଏକ ନିର୍ଦ୍ଦିଷ୍ଟ ଋତୁରେ ଏହାକୁ ଚାଷ କରାଯାଏ ଏବଂ ଏକ ନିର୍ଦ୍ଦିଷ୍ଟ ସମୟ ପରେ ସେଥିରୁ ଶସ୍ୟ ଉତ୍ପାଦନ କରାଯାଏ। ତତ୍ପରେ ଗଛଟି ମୃତ୍ୟୁବରଣ କରେ। ଆମ ଦେଶରେ ତିନୋଟି ଋତୁରେ ତିନି ଶ୍ରେଣୀର ଧାନ ଚାଷ ହୁଏ। ସେଗୁଡ଼ିକ ହେଲା ଖରିଫ, ରବି ଓ ଡାଲୁଆ। ତାହା ଭିନ୍ନ ଭିନ୍ନ ପରିମାଣରେ ତାପମାତ୍ରା, ଦିବସର ଆଲୋକ, ଜଳ ଆଦି ଆବଶ୍ୟକ କରିଥା'ନ୍ତି। ଅନ୍ୟପକ୍ଷରେ କେତେକ ଜଙ୍ଗଲୀ କିସମର ଧାନ ଅଛନ୍ତି, ଯେଉଁଗୁଡ଼ିକ ବର୍ଷବର୍ଷ ଧରି ବଞ୍ଚି ରହନ୍ତି ଏବଂ ବାରମ୍ବାର ଫୁଲ ଫଳ ଧାରଣ କରନ୍ତି। ଅବଶ୍ୟ ଏଗୁଡ଼ିକ କମ ଉତ୍ପାଦନକ୍ଷମ। କେତେକ ବିଶେଷ ଜିନ୍‌ର କ୍ରିୟାଶୀଳତା ଏମାନଙ୍କୁ ଦୀର୍ଘଜୀବନ ପ୍ରଦାନ କରିଥାଏ। ନିକଟରେ କୃଷି ବିଜ୍ଞାନୀମାନେ ସେଗୁଡ଼ିକର ସନ୍ଧାନ ପାଇଛନ୍ତି। ତାହାକୁ ବ୍ୟବହାର କରି ସେମାନେ ଚାଷ ହେଉଥିବା ଋତୁଗତ ଧାନକୁ ଦୀର୍ଘଜୀବୀ ଅର୍ଥାତ୍ ବାରମାସୀ କରିବାରେ ସଫଳତା ହାସଲ କଲେଣି।

ଏହି ବିସ୍ମୟକୁ ବାସ୍ତବରେ ପରିଣତ କରିଛନ୍ତି 'ଚାଇନିଜ୍ ଏକାଡେମୀ ଅଫ୍ ସାଇନସେସ୍'ର 'ସେଣ୍ଟର ଫର୍ ଏକ୍ସଲେନ୍ସ ଇନ ମଲିକ୍ୟୁଲାର ପ୍ଲାଣ୍ଟ ସାଇନସେସ୍'ରେ କାର୍ଯ୍ୟରତ କିଛି ଗବେଷକ। ସେମାନେ ଏଥିପାଇଁ ଦୀର୍ଘଜୀବୀ ବା ତଥାକଥିତ ବାରମାସୀ ହୋଇଥିବା ୪୪୬ ଟି ବିଭିନ୍ନ କିସମର ଜଙ୍ଗଲୀ ଧାନକୁ ବିଶ୍ଳେଷଣ କରିଛନ୍ତି। ଏଗୁଡ଼ିକଠାରେ ବାରମ୍ବାର ଡାଳପତ୍ର କଅଁଳୁଥିଲା ଏବଂ ସେଥିରେ ନୂଆ ହୋଇ ଫୁଲ ଫଳ ଧରୁଥିଲା। ଏ ପ୍ରକ୍ରିୟା ଚାଲୁ ରହୁଥିଲା ବର୍ଷ ବର୍ଷ ଧରି। ଉପରୋକ୍ତ ଗବେଷକମାନେ ଏହି କିସମଗୁଡ଼ିକୁ ଦୀର୍ଘଜୀବୀ କରୁଥିବା ଜିନ୍‌ଗୁଡ଼ିକୁ ଆବିଷ୍କାର କରିବାକୁ ଚାଷ ହେଉଥିବା ଋତୁଗତ ଧାନ ସହିତ ଏହାର ଜଙ୍ଗଲୀ ସଂପର୍କୀୟମାନଙ୍କ ସଙ୍କର ପ୍ରଜନନ କରାଇଲେ। ଏଥିରୁ ଜାତ ସଙ୍କର ବିହନଗୁଡ଼ିକରେ ରହିଲା ଉଭୟ ଶ୍ରେଣୀର ଜିନ୍‌ମାନଙ୍କର ମିଶ୍ରଣ। ପୁନଶ୍ଚ ସେଗୁଡ଼ିକୁ ବାରମ୍ବାର ଚାଷ ହେଉଥିବା ଋତୁଗତ ଧାନ ସହିତ ପ୍ରଜନନ କରାଇ ସେମାନେ ଜିନ୍‌ର କେଉଁ ଅଂଶ ଜଙ୍ଗଲୀଧାନକୁ ବର୍ଷ ବର୍ଷ ଧରି ବଞ୍ଚି ରହିବାର ଦକ୍ଷତା ପ୍ରଦାନ କରେ ତାହା ଚିହ୍ନଟ କରିପାରିଲେ। ପୁନଶ୍ଚ ସେମାନେ କିଛି ସଙ୍କର କିସମ ମଧ୍ୟ ଆବିଷ୍କାର କଲେ, ଯାହାକି ଋତୁଗତ ଚାଷ ହେଉଥିବା ଧାନ ଭଳି ଦେଖାଯାଏ; ଅଥଚ ଜଙ୍ଗଲୀଧାନ ଭଳି ବାରମ୍ବାର ଡାଳପତ୍ର କଅଁଳାଇ ଫୁଲ ଧରେ।

ଏହି ସଙ୍କରଜାତ ବିହନଗୁଡ଼ିକରେ ଏଥିପାଇଁ ଦାୟୀ ହେଉଥିବା ଜିନ୍‌ର ନିର୍ଦ୍ଦିଷ୍ଟ ଅଂଶଗୁଡ଼ିକ ମଧ୍ୟ ସେମାନେ ଚିହ୍ନଟ କରି ପାରିଲେ ଏବଂ ତାହାର ନାମ ଦେଲେ 'ଏଣ୍ଡଲେସ୍ ବ୍ରାଞ୍ଚେସ୍ ଆଣ୍ଡ ଟିଲରସ୍ - ୧'(ଇବିଟି-୧)। ସେଠାରେ ଥାଏ ଦୁଇଟି ସୂକ୍ଷ୍ମ ଆର୍‌ଏନ୍‌ଏ ଅଣୁ। ଏହାପରେ ଗବେଷକମାନେ ଜଙ୍ଗଲୀ ଧାନର ଇବିଟି୧କୁ ଅକ୍ଷମ କରି ଏହାର ଭୂମିକା ନିଶ୍ଚିତ କରିବାକୁ ଚେଷ୍ଟା କଲେ। ଫଳରେ ଏଗୁଡ଼ିକ ନୂତନ ଡାଳପତ୍ର ଓ ଫୁଲ ଫଳ ଧାରଣ କରିବାର ସାମର୍ଥ୍ୟ ହରାଇଲା। ଅନ୍ୟପକ୍ଷରେ ଚାଷ ହେଉଥିବା ଋତୁଗତ ଧାନରେ ଇବିଟି୧ ଯୋଗ କରିବାରୁ ଏହାର ଜୀବନଚକ୍ର ପୁନଃ ନିର୍ଦ୍ଧାରିତ ହେଲା ଏବଂ ଏହା ବାରମ୍ବାର ଡାଳପତ୍ର ଓ ଫୁଲ ଫଳ ଧାରଣ କରିବାକୁ ଲାଗିଲା। ଅତଏବ ତାହା ପରିଣତ ହେଲା ବାରମାସୀ କିସମରେ।

ଗବେଷକମାନଙ୍କ ମତରେ ଏହି ଆବିଷ୍କାର ଫଳରେ ଚାଷ ହେଉଥିବା ଋତୁଗତ ଧାନକୁ ଦୀର୍ଘଜୀବୀ କରିବାର ବାଟ ଖୋଲିବ। ଅତଏବ ତାହାକୁ ପ୍ରତ୍ୟେକ ଋତୁରେ ବାରମ୍ବାର ଚାଷ କରିବାକୁ ପଡ଼ିବ ନାହିଁ। ଫଳରେ ଧାନଚାଷ ଶସ୍ତା ଓ ସହଜ ହେବା ସଙ୍ଗେ ସଙ୍ଗେ ପରିବେଶ ସହାୟକ ମଧ୍ୟ ହେବ। ପୁନଶ୍ଚ କ୍ରମେ ଏ ପ୍ରକ୍ରିୟାକୁ ଅନ୍ୟାନ୍ୟ ଶସ୍ୟ ଓ ଫସଲକୁ ମଧ୍ୟ ସଂପ୍ରସାରିତ କରାଯାଇପାରିବ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯ ୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଅବଶିଷ୍ଟାଂଶ...

## ଅନ୍‌ଲାଇନ୍ ପରୀକ୍ଷା...

ବାୟୋମେଟ୍ରିକ୍ ବ୍ୟବସ୍ଥାର ବ୍ୟବହାର କରିବାକୁ ଦାବି କରାଯାଇଥିଲା। ଅନ୍ୟପଟେ କଂଗ୍ରେସ ସାଂସଦ ଦିଗବିଜୟ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଂସଦୀୟ କମିଟି ବୈଠକରେ ମଧ୍ୟ ଏହି ବିଷୟରେ ଆଲୋଚନା ହୋଇଛି, ଯେଉଁଠାରେ ଡାକ୍ତରୀ ସଂଗଠନଗୁଡ଼ିକ ଏହି ସଂସ୍ଥାର ଉଚ୍ଛେଦ ଏବଂ ଏକ ନୂତନ ସ୍ୱଚ୍ଛ ବ୍ୟବସ୍ଥା ଗଠନ ପାଇଁ ଦାବି କରିଛନ୍ତି। ସୂଚନାଯୋଗ୍ୟ ।।ଯେ ଦେଶରେ ୧ ଲକ୍ଷରୁ ଅଧିକ ମେଡିକାଲ ସିଟ୍ ପାଇଁ ପ୍ରାୟ୨୩ ଲକ୍ଷ ପରୀକ୍ଷାର୍ଥୀ ଏହି ପରୀକ୍ଷା ଦେଇଥିଲେ।

## ସ୍ୱେଚ୍ଛାକୃତ ବେଶ୍ୟାବୃତ୍ତି...

ପାର୍ଦ୍ଦିୱାଲା ଏବଂ ବିଚାରପତି ଆର୍ ମହାଦେବନଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି ଯେ, କୌଣସି ଯୌନକର୍ମୀଙ୍କୁ ତାଙ୍କ ଇଚ୍ଛା ବିରୋଧରେ ପୁନର୍ବାସ କରାଯାଇପାରିବ ନାହିଁ। ଏହି ପ୍ରକ୍ରିୟା ବାଧ୍ୟତାମୂଳକ ନହୋଇ ସମ୍ପୂର୍ଣ୍ଣ ସ୍ୱେଚ୍ଛାକୃତ ହେବା ଉଚିତ। ରାଜ୍ୟ କେବଳ ପୁନର୍ବାସ ପାଇଁ ସହାୟତା ଏବଂ ମାଧ୍ୟମ ଯୋଗାଇ ଦେଇପାରିବ, ମାତ୍ର କାହା ଉପରେ ଏହାକୁ ଜବରଦସ୍ତ ଲଦି ଦେଇପାରିବ ନାହିଁ। ବରିଷ୍ଠ ଆଇନଜୀବୀ ଅପର୍ଣ୍ଣା ଭଟ୍ଟଙ୍କ ଦ୍ୱାରା ଉପସ୍ଥାପିତ 'ପୀଡ଼ିତା ସୁରକ୍ଷା ଯୋଜନା'ର ବିଚାର କରି କୋର୍ଟ କହିଛନ୍ତି ଯେ, ଉଦ୍ଧାର ଓ ପୁନର୍ବାସ ସମୟରେ ପୀଡ଼ିତାମାନଙ୍କୁ କେବଳ ଏକ ବସ୍ତୁ ଭାବେ ଦେଖାଯିବା ଅନୁଚିତ, ବରଂ ସେମାନଙ୍କର ପସନ୍ଦ ଏବଂ ସ୍ୱାଧୀନତାକୁ ସମ୍ମାନ ଦିଆଯିବା ଆବଶ୍ୟକ। ଅଦାଲତ ପ୍ରଚଳିତ ଆଇନର ଧାରା ୧୭ ର ପୁରୁଣା ଚିନ୍ତାଧାରାକୁ ପ୍ରତ୍ୟାଖ୍ୟାନ କରିଛନ୍ତି, ଯେଉଁଥିରେ ସ୍ୱେଚ୍ଛାକୃତ ଭାବେ କାମ କରୁଥିବା ଏବଂ ଚାଲାଣର ଶିକାର ହୋଇଥିବା ସମସ୍ତ ବ୍ୟକ୍ତିଙ୍କୁ ଗୋଟିଏ ନଜରରେ ଦେଖାଯାଉଥିଲା।

## ଥାର୍ଡ ଡିଗ୍ରୀ ଦେଇ...

ନେଇ ପୂରା ରାଜ୍ୟ ହୁଲସ୍ଥୁଲ ହେଉଥିବା ବେଳେ ପୁଣି ଏପରି ଏକ ଘଟଣା ଉଭୟ ପୁଲିସ ପ୍ରଶାସନ ଓ ରାଜ୍ୟ ସରକାରଙ୍କ ପାଇଁ ବଡ଼ ଅଡୁଆ ସୃଷ୍ଟି କରିଛି। ଘଟଣାକୁ ନେଇ ରାଜ୍ୟବ୍ୟାପୀ ପ୍ରତିକ୍ରିୟା ପ୍ରକାଶ ପାଇବାରୁ ପୁଲିସ୍ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଗଞ୍ଜାମ ଏସ୍‌ପି ହରୀଶ ବିଶି କବିସୂର୍ଯ୍ୟନଗର ଥାନା ପରିଦର୍ଶନ କରିବା ସହ କେଉଁଭଳି ପରିସ୍ଥିତିରେ ସୁଶାନ୍ତଙ୍କୁ ଥାନାରେ ଏତେ ଦିନ ଅଟକ ରଖାଯାଇଥିଲା, ତାହାର ତଦନ୍ତ କରାଯିବ ବୋଲି କହିଛନ୍ତି। ସେହିପରି, ଦକ୍ଷିଣାଞ୍ଚଳ ପୁଲିସ ଆଇଜି ନିତିଶେଖର କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ପ୍ରାଥମିକ ତଦନ୍ତ ଆଧାରରେ କବିସୂର୍ଯ୍ୟନଗର ଥାନାରେ ନିୟୋଜିତ ପ୍ରୋବେସନର ଆଇପିଏସ୍ ଅଧିକାରୀ ନିତେଶ କୁମାର ମିଶ୍ରାଙ୍କୁ ତୁରନ୍ତ ଜିଲ୍ଲା ମୁଖ୍ୟାଳୟକୁ ବଦଳି କରିଛନ୍ତି। ଏହାସହ ଏସ୍‌ଆଇ ସମୀର କୁମାର ରାଉତ, ବାଲିଛାଇ ଫାଣ୍ଡିର ଏଏସ୍‌ଆଇ ବୈକୁଣ୍ଠ ଜେନା ଏବଂ କନେଷ୍ଟବଳ ସୁମନ କୁମାର ସାହୁଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ଡ୍ରାଇଭର୍ ତଥା ହୋମଗାର୍ଡ କୃଷ୍ଣଚନ୍ଦ୍ର ପ୍ରଧାନଙ୍କୁ କୌଣସି ଡ୍ୟୁଟି ନଦେଇ ତୁରନ୍ତ ବହିଷ୍କାର ପାଇଁ ପଦକ୍ଷେପ ନେବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ନିରପେକ୍ଷତା ରକ୍ଷା କରିବାକୁ କବିସୂର୍ଯ୍ୟନଗର ଥାନା ଓ ବାଲିଛାଇ ଫାଣ୍ଡିରେ ନିୟୋଜିତ ସମସ୍ତ ପୁଲିସ କର୍ମଚାରୀଙ୍କୁ ଅନ୍ୟ ଉପଖଣ୍ଡକୁ ବଦଳି ପାଇଁ ଗଞ୍ଜାମ ଏସପିଙ୍କୁ କୁହାଯାଇଛି।

ସୂଚନାଯୋଗ୍ୟ, ଏକ ପଥର ଖାଦାନରେ ଗଣ୍ଡୋଗୋଳ ଘଟଣାକୁ ନେଇ ପୁଲିସ ଗତ ୨୫ ତାରିଖରେ ସୁଶାନ୍ତଙ୍କୁ ତାଙ୍କ ଘରୁ ଉଠାଇ ନେଇଥିଲା। ଥାନାରେ ଅଟକ ରଖି ତାଙ୍କୁ ନିସ୍ତୁକ ମାଡ଼ ମରାଯାଇଥିଲା। ଏପରିକି, ତାଙ୍କ ଗୋଡ଼ରେ ଗରମ ପାଣି ପକାଇ ମାଡ଼ ମରାଯାଇଥିବା ବୋଲି ସୁଶାନ୍ତଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ସୁଶାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ଗତ ୩୧ ତାରିଖରେ ପୁଲିସ ତାଙ୍କୁ ତାଙ୍କ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରିଥିଲେ। ସୁଶାନ୍ତଙ୍କ ଅବସ୍ଥା ଗୁରୁତର ହେବାରୁ ପରିବାରଲୋକେ ପ୍ରଥମେ ତାଙ୍କୁ କବିସୂର୍ଯ୍ୟନଗର, ପରେ ଆସିକା ଏବଂ ସେଠାରୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରିଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହା ଜାଣିବା ପରେ ପୁଲିସ ଏହାକୁ ଚପାଇବାକୁ ଉଦ୍ୟମ କରିଥିଲା। ଜଣେ ପ୍ରୋବେସନ ଆଇପିଏସଙ୍କ ସମ୍ପୃକ୍ତି ଥିବାରୁ ଘଟଣାକୁ ଚପାଇବାକୁ ଉଭୟ ଗଞ୍ଜାମ ଓ ବ୍ରହ୍ମପୁର ପୁଲିସ ପକ୍ଷରୁ ବହୁ ଉଦ୍ୟମ କରାଯାଇଥିଲା। ସୁଶାନ୍ତଙ୍କ ବାପା ଓ ଭାଇଙ୍କୁ କବିସୂର୍ଯ୍ୟନଗର ଥାନାକୁ ଡାକି ଧମକଚମକ ଦେବା ସହ ସୁଶାନ୍ତଙ୍କୁ ୩୧ତାରିଖରେ ହିଁ ପୁଲିସ ଆଣିଥିଲା ବୋଲି ଲେଖି ଦସ୍ତଖତ କରିବାକୁ ବାଧ୍ୟ କରିଥିଲା ବୋଲି ସୁଶାନ୍ତଙ୍କ ଭାଇ ଅଭିଯୋଗ କରିଛନ୍ତି। ନଚେତ ସେମାନଙ୍କ ବିରୁଦ୍ଧରେ ମଧ୍ୟ ମାମଲା ରୁଜୁ କରାଯିବ ବୋଲି ପୁଲିସ ଧମକ ଦେଇଥିଲା। କିନ୍ତୁ, ପରିବାର ସଦସ୍ୟଙ୍କ ଅଭିଯୋଗ, ସ୍ଥାନୀୟ ଲୋକଙ୍କ ଅସନ୍ତୋଷ ଓ ଗଣମାଧ୍ୟମର ଚାପ ଆଗରେ ଘଟଣାକୁ ଚପାଇବାରେ ପୁଲିସ ବିଫଳ ହୋଇଥିଲା।

ସେପଟେ, ଘଟଣାର ତଦନ୍ତ ପୁଲିସର ମାନବାଧିକାର ସୁରକ୍ଷା ସେଲ ଜରିଆରେ କରାଯିବାକୁ ପୁଲିସ ଡିଜି ନିର୍ଦ୍ଦେଶ ଦେଇଛନ୍ତି। ସୁଶାନ୍ତଙ୍କ ଶବ ବ୍ୟବଚ୍ଛେଦ ଜଣେ ମାଜିଷ୍ଟ୍ରେଟ୍ ଓ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ଗଞ୍ଜାମ ଜିଲ୍ଲାପାଳଙ୍କ ଦ୍ୱାରା ଗଠିତ ଏମକେସିଜି ମେଡିକାଲର ଅଧୀକ୍ଷକ ତଥା ଏଫଏମ୍‌ଟିର ମୁଖ୍ୟ ପ୍ରଫେସର୍ ଡାକ୍ତର ସୁଦୀପା ଦାଶ, ଫୁଲବାଣୀ ମେଡିକାଲ କଲେଜର ଏଫଏମଟି ବିଭାଗ ମୁଖ୍ୟ ପ୍ରଫେସର୍ ଡାକ୍ତର ହେମନ୍ତ ପାଣିଗ୍ରାହୀ ଏବଂ ଆସିଷ୍ଟାଣ୍ଟ ପ୍ରଫେସର୍ ଡାକ୍ତର ଦୀପାଳି ପୃଷ୍ଟିଙ୍କୁ ନେଇ ୩ ଜଣିଆ ସ୍ୱତନ୍ତ୍ର ଟିମ୍ ଜରିଆରେ କରାଯାଇଛି। ସୁଶାନ୍ତଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଥିବା ବେଳେ ଅଧିକ ତଦନ୍ତ ପାଇଁ ତାଙ୍କ ଶରୀରର କିଛି ନମୁନା ସଂଗ୍ରହ କରାଯାଇ ଲାବ୍ରୋଟାରୀକୁ ପଠାଯିବ। ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ଜାତୀୟ ମାନବାଧିକାର କମିଶନଙ୍କ ମାର୍ଗଦର୍ଶିକାକୁ ଆନୁପାଳନ କରି ସମସ୍ତ ତଦନ୍ତ କରାଯିବ ବୋଲି ସ୍ପଷ୍ଟ କହିଛନ୍ତି ଏମକେସିଜି ମେଡିକାଲ ଅଧୀକ୍ଷକ ପ୍ରଫେସର୍ ଡାକ୍ତର ସୁଦୀପା ଦାସ। ପୁଲିସର ଏଭଳି ଅମାନୁଷିକ ତଥା ବର୍ବର କାଣ୍ଡକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଏହି ପରିପ୍ରେକ୍ଷୀରେ ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ, ପରିବାରର ଜଣଙ୍କୁ ସରକାରୀ ନିଯୁକ୍ତି ଦେବା ସହିତ ଘଟଣାର ବିଚାର ବିଭାଗୀୟ ତଦନ୍ତ କରିବାକୁ କଂଗ୍ରେସ ପକ୍ଷରୁ ଦେବକାନ୍ତ ଶର୍ମା ଦାବି କରିଛନ୍ତି।

ଉଲ୍ଲେଖଯୋଗ୍ୟ, ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ରସାତଳଗାମୀ ହେଉଥିବା ବେଳେ ପୁଲିସ ସାଧାରଣ ଲୋକଙ୍କ ଉପରେ ଦାଉ ସାଧିବାରେ ବ୍ୟସ୍ତ ବୋଲି ଚର୍ଚ୍ଚା ଜୋର୍ ଧରିଛି। ଅପରାଧୀଙ୍କୁ ସାବାଡ୍ କରି ଆଇନଶୃଙ୍ଖଳା ବ୍ୟବସ୍ଥାରେ ସୁଧାର ଆଣିବାରେ ବିଫଳ ପୁଲିସ ଅଧିକାରୀ ସାଧାରଣ ଲୋକଙ୍କୁ ଥାନାରେ 'ଥାର୍ଡ ଡିଗ୍ରୀ' ଦେବାକୁ ପଛାଉନାହାନ୍ତି। ଗୋଟିଏ ପରେ ଗୋଟିଏ ଘଟଣାରେ ପୁଲିସର ବର୍ବରତା ସାମ୍ନାକୁ ଆସୁଥିବା ବେଳେ ଏହା ପୁଲିସର ଭାବମୂର୍ତ୍ତିକୁ ନଷ୍ଟ କରିବାରେ ଲାଗିଛି। ମାତ୍ର କିଛି ଦିନ ମଧ୍ୟରେ ରାଜ୍ୟର ଏକାଧିକ ଥାନାରୁ ପୁଲିସର ଥାର୍ଡ ଡିଗ୍ରୀ ଘଟଣା ପଦାକୁ ଆସିଛି। ଗଞ୍ଜାମ ଜିଲ୍ଲାର ବେଲଗାଁ ଥାନା, କଟକ ଜିଲ୍ଲା ବାରଙ୍ଗ ଥାନା, କେନ୍ଦ୍ରାପଡ଼ା ଜିଲ୍ଲା ତାଳଚୁଆ ସାମୁଦ୍ରିକ ଥାନା ପରେ ବର୍ତ୍ତମାନ କବିସୂର୍ଯ୍ୟନଗର ଥାନା ପୁଲିସର ବର୍ବରତା ପୁଲିସକୁ କାଠଗଡ଼ାରେ ଛିଡ଼ା କରାଇଛି।

ଏହି ପ୍ରସଙ୍ଗରେ ରାଜ୍ୟସଭା ସାଂସଦ ତଥା ବିଜେଡି ସଂସଦୀୟ ଦଳ ନେତା ମାନସ ମଙ୍ଗରାଜ କ୍ଷୋଭ ପ୍ରକାଶ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ସେ ଉଲ୍ଲେଖ କରିଛନ୍ତି, ହାଜତ ମୃତ୍ୟୁ କେବଳ ଏକ ଅପରାଧ ନୁହେଁ; ଏହା ସମ୍ବିଧାନର ଧାରା-୨୧ ଅନ୍ତର୍ଗତ ପ୍ରଦତ୍ତ ଜୀବନ ଜିଇଁବାର ଏବଂ ବ୍ୟକ୍ତି ସ୍ୱାଧୀନତାର ସବୁଠାରୁ ବଡ଼ ମୌଳିକ ଅଧିକାରର ଉଲ୍ଲଂଘନ। ଯେତେବେଳେ ପୁଲିସ ହେପାଜତରେ ଜଣେ ନାଗରିକଙ୍କ ମୃତ୍ୟୁ ହୁଏ, ସେତେବେଳେ ଏହା ଉତ୍ତରଦାୟିତ୍ୱ, ଆଇନର ଶାସନ ଏବଂ ମାନବୀୟ ମର୍ଯ୍ୟାଦା ଉପରେ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି କରେ। ଗଞ୍ଜାମ ଜିଲ୍ଲାରେ ହାଜତରେ ଜଣେ ଯୁବକଙ୍କ ମୃତ୍ୟୁ ମାନବାଧିକାର ଉଲ୍ଲଂଘନର ସବୁଠାରୁ ଜଘନ୍ୟ ରୂପ। ଓଡ଼ିଶା ସରକାର ଏହାର ଏକ ସ୍ୱଚ୍ଛ ତଦନ୍ତ କରିବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଶ୍ଚିତ କରିବା ଆବଶ୍ୟକ ବୋଲି ଶ୍ରୀ ମଙ୍ଗରାଜ କହିଛନ୍ତି।

## ଆତ୍ମସୁରକ୍ଷା ଲାଗି...

ନିଜକୁ ଆଇନଠାରୁ ଊର୍ଦ୍ଧ୍ୱରେ ଓ ନିଜ ଅଞ୍ଚଳର ସର୍ବେସର୍ବା ମନେ କରୁଥିବା ଆଇପିଏସ୍ ଅଧିକାରୀମାନେ ଲଗାମଛଡ଼ା ହୋଇ ଚଳାଇଥିବା କାର୍ଯ୍ୟ ପୁଲିସ ବାହିନୀର ସର୍ବୋଚ୍ଚ ଅଧିକାରୀ ଓ ରାଜ୍ୟ ସରକାରଙ୍କ ଚିନ୍ତା ବଢ଼ାଇଛି। ଗତ କେଇ ସପ୍ତାହ ମଧ୍ୟରେ ୩ଟି ଘଟଣାରେ ୩ ଜଣ ଆଇପିଏସ୍‌ଙ୍କ ସମ୍ପୃକ୍ତି ଅଭିଯୋଗ ରାଜ୍ୟରେ ଆଇନଶୃଙ୍ଖଳା ବ୍ୟବସ୍ଥାକୁ କାଠଗଡ଼ାରେ ଠିଆ କରିଛି।

ସାଂଘାତିକ ନିର୍ଯାତନା, ନିସ୍ତୁକ ମାଡ଼ ଓ ଥାଡର୍ ଡ଼ିଗ୍ରୀ ଯୋଗୁ କବିସୂର୍ଯ୍ୟନଗର ଥାନା ହାଜତରେ ସୁଶାନ୍ତ ସାହୁ ନାମକ ଜଣେ ଯୁବକ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଛନ୍ତି। ଏହି ଘଟଣାରେ ଥାନା ଦାୟିତ୍ୱରେ ଥିବା ଏଏସ୍‌ପି ତଥା ଆଇପିଏସ୍ ନିତେଶ କୁମାର ମିଶ୍ରଙ୍କ ସଂପୃକ୍ତି ଅଭିଯୋଗ ଆସିଛି। ଏହାପରେ ତାଙ୍କୁ ତତ୍‌କ୍ଷଣାତ୍ ଜିଲ୍ଲା ପୁଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି। ସେହିପରି ନିକଟରେ ଘଟିଥିବା ବାଲିଅନ୍ତା ସୌମ୍ୟରଞ୍ଜନ ହତ୍ୟା ଘଟଣାରେ ବିବାଦକୁ ଆସିଛନ୍ତି ବରିଷ୍ଠ ଆଇପିଏସ୍ ଦୟାଲ ଗଙ୍ଗୱାର। ସେ ରେଳବାଇ କନଷ୍ଟେବଳ ସୌମ୍ୟରଞ୍ଜନଙ୍କୁ ମାନସିକ ଓ ଶାରୀରିକ ନିର୍ଯ୍ୟାତନା ଦେଉଥିବା ଅଭିଯୋଗ ପରେ ତାଙ୍କୁ ଗୃହ ବିଭାଗର ଓଏସଡି ଭାବେ ବଦଳି କରାଯାଇଛି। ପୁନଶ୍ଚ ସୌମ୍ୟରଞ୍ଜନଙ୍କ ହତ୍ୟା ଘଟଣା ସମୟରେ କ୍ରାଇମ ମିଟିଂ କରୁଥିବା ଭୁବନେଶ୍ୱର ଡ଼ିସିପି ଜଗମୋହନ ମୀନାଙ୍କ ଭୂମିକାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଅନୁରୂପ ଭାବରେ ବାରଙ୍ଗ ଥାନାରେ ଚଣ୍ଡିପ୍ରସାଦ ଗାଁର ରାକେଶ ବେହେରାଙ୍କୁ ଥାର୍ଡ ଡିଗ୍ରୀ ଘଟଣାରେ କଟକରେ ଅବସ୍ଥାପିତ ଜଣେ ଆଇପିଏସ୍ ଋଷିକେଶ ଦ୍ୟାନଦେଓ ଖିଲାରୀଙ୍କ ସିଧାସଳଖ ସଂପୃକ୍ତ ରହିଥିବା ଅଭିଯୋଗ ହୋଇଛି। ବାରଙ୍ଗ ଥାନା ଅଧିକାରୀଙ୍କୁ ବଦଳି କରାଯାଇଥିଲେ ମଧ୍ୟ ଏଯାଏଁ ସଂପୃକ୍ତ ଆଇପିଏସ୍ ଅଧିକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ।

ଭିନ୍ନ ଭିନ୍ନ ସ୍ଥାନରେ ଘଟିଥିବା ଏହି ତିନିଟି ଘଟଣାରେ ତିନିଜଣ ଆଇପିଏସ୍‌ଙ୍କ ସଂପୃକ୍ତି ଅଭିଯୋଗ ମଧ୍ୟରେ ଗୋଟିଏ କଥା ସମାନ ରହିଛି। ତାହା ହେଉଛି ସର୍ବଭାରତୀୟ ସେବା ବର୍ଗର ପୁଲିସ ଅଧିକାରୀଙ୍କ ସ୍ୱେଚ୍ଛାଚାରିତା। ରାଜ୍ୟରେ ଆଇପିଏସ୍‌ଙ୍କ ମଧ୍ୟରେ ଗୋଷ୍ଠୀ ବିବାଦ ନୂଆ କଥା ନୁହେଁ, ଅନେକ ଦିନରୁ ଏପରି ଅଭିଯୋଗ ହୋଇ ଆସିଛି। ମାତ୍ର ପୁଲିସ ଅଧିକାରୀମାନଙ୍କ ଉପରେ ପୁଲିସ ପ୍ରଶାସନ ନିୟନ୍ତ୍ରଣ ହରାଇବା ଏବଂ ଅଧିକାରୀମାନେ ସ୍ୱେଚ୍ଛାଚାରିତାର ସୀମା ଅତିକ୍ରମ କରିବା ରାଜ୍ୟର ପୁଲିସ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛି। ବିଭିନ୍ନ ଘଟଣାରେ ଆଇପିଏସମାନଙ୍କ ସଂପୃକ୍ତି ଆସିବା ପରେ ଏସବୁ ଘଟଣାରେ ତଦନ୍ତ କେତେ ସ୍ୱଚ୍ଛ ଓ ନିରପେକ୍ଷ ହେବ, ତାହା ଆଦୌ ବିଶ୍ୱାସଯୋଗ୍ୟ ହୋଇପାରୁ ନାହିଁ।

## ଗାନ୍ଧୀମାର୍ଗରେ ବିଷ...

ବସିଥିଲେ। ମାତ୍ର ସେମାନଙ୍କ ଦାବି କେହି ଶୁଣିଲେ ନାହିଁ। ନ୍ୟାୟ ପାଇବାର ସମସ୍ତ ବାଟ ବନ୍ଦ ହେବା ଦେଖି ଦୁଇଜଣ ମହିଳା ଆତ୍ମହତ୍ୟା କରିଥିଲେ। ଖୋର୍ଦ୍ଧା ବାଣପୁର କୁମ୍ଭଗାଡ଼ି ଗାଁର ବିଜ୍ଞାନୀ ପଣ୍ଡା ଓ ଚମ୍ପାଦେଇପୁର ଗାଁର ମାନସୀ ବେହେରା ଗତକାଲି ରାତିରେ ବିଷ ପିଇ ଦେଇଥିଲେ। ଅନ୍ୟମାନେ ସେମାନଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ସେମାନଙ୍କର ଚିକିତ୍ସା ଚାଲିଛି। ବର୍ତ୍ତମାନ ସେମାନେ ସୁସ୍ଥ ଥିବା ନେଇ କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି।

## ବୃଦ୍ଧଙ୍କ ଆତ୍ମଦାହ...

କକ୍ଷରେ ଚାଲିଥିବା ଯୁଗ୍ମ ଜନଶୁଣାଣି ଶିବିରକୁ ଅଭିଯୋଗ ଧରି ଆସିଥିଲେ। କିନ୍ତୁ, ସେଠାରୁ ମଧ୍ୟ ତାଙ୍କୁ ନିରୁତ୍ସାହିତ ହେବାକୁ ପଡ଼ିଥିଲା। ଏଥିରେ ସେ ଅତିଷ୍ଠ ହୋଇ ବାହାରକୁ ଆସି ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ପୁଲିସ୍ ତାଙ୍କୁ କାବୁ କରିନେଇଥିଲା। ତେବେ ଏହି ଘଟଣା ପରେ ତାଙ୍କ ସମସ୍ୟାର ଶୀଘ୍ର ସମାଧାନ କରିବାକୁ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।

## ପୁଲିସ, କ୍ରାଇମ୍‌ବ୍ରାଞ୍ଚ..

କ୍ରାଇମ୍‌ବ୍ରାଞ୍ଚ ଅଧିକାରୀମାନଙ୍କୁ ତଦନ୍ତ ସମ୍ପର୍କରେ ପ୍ରଶ୍ନ କରିଛନ୍ତି। ସେହିପରି କମିସନରେଟ୍ ପୁଲିସ ଅଧୀନସ୍ଥ ପୂର୍ବତନ ବାଲିଅନ୍ତା ଥାନା ଅଧିକାରୀ ଅନିଲ ପରିଡ଼ାଙ୍କୁ ମଧ୍ୟ ଘଟଣା ସମ୍ପର୍କରେ ଏକାଧିକ ପ୍ରଶ୍ନ କରାଯାଇଛି। ଜିଆର୍‌ପି ଅଧିକାରୀଙ୍କୁ ସୌମ୍ୟଙ୍କ ଚାକିରୀ ସମ୍ପର୍କରେ ପଚରାଉଚରା କରାଯାଇଛି। କେଉଁ ପରିସ୍ଥିତିରେ ସୌମ୍ୟଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଥିଲା ବୋଲି ପ୍ରଶ୍ନ କରାଯାଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଏହି ଅବସରରେ ପୁଲିସ ଓ ଜିଆର୍‌ପି ପକ୍ଷରୁ କିଛି ଦସ୍ତାବିଜ ଏନ୍‌ଏଚ୍‌ଆର୍‌ସିଙ୍କୁ ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ ଏହି ମାମଲାରେ ଏଡିଜି ଦୟାଲ ଗଙ୍ଗୱାରଙ୍କୁ ମଧ୍ୟ ପଚରାଉଚରା କରିବାକୁ ଏନ୍‌ଏଚ୍‌ଆର୍‌ସି ପକ୍ଷରୁ ନୋଟିସ ଜାରି ହୋଇଛି। ପରିବାର ଲୋକଙ୍କୁ ଏନଏଚଆରସି ଟିମ୍ ତାଙ୍କ ଗ୍ରାମ ମଉଜପୁରରେ ଭେଟି ପଚରାଉଚରା କରିଥିଲେ।

## କଟକ ମାଛ...

କର୍ତ୍ତୃପକ୍ଷ କହିଛନ୍ତି। ବ୍ୟାଙ୍କ୍‌ରେ ଆଦୌ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନଥିଲା। ତଳ ମହାଲାରେ ଥିବା ରଙ୍ଗ ଗୋଦାମ ମଝିରେ ଶିଡ଼ିଘର ରହିଥିବା ବେଳେ ଏହା ଥିଲା ବ୍ୟାଙ୍କ୍‌କୁ ଯିବାକୁ ଏକମାତ୍ର ବାଟ। ଫଳରେ ନିଆଁ ଲିଭାଇବା କଷ୍ଟକର ହୋଇପଡ଼ିଥିଲା। ଝରକା ଓ ସ୍କାଏ ଲାଇଟ୍ ଭାଙ୍ଗି ପାଣି ମାଡ଼ କରିବା ବେଳକୁ ବ୍ୟାଙ୍କ୍‌ଟି ସମ୍ପୂର୍ଣ୍ଣ ଭାବେ ଜଳିଯାଇଥିଲା। ନିଆଁକୁ ଲିଭାଇବା ପାଇଁ ଦୀର୍ଘ ୯ ଘଣ୍ଟା ସମୟ ଲାଗିଥିବା ବେଳେ ୭୦ରୁ ଅଧିକ ଅଗ୍ନିକ ନିୟୋଜିତ ହୋଇଥିଲେ। ଏହି ଅଗ୍ନିକାଣ୍ଡରେ କେହି ପ୍ରାଣ ହରାଇନଥିବା ବେଳେ ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ିନାହିଁ ବୋଲି ବକ୍ସିବଜାର ଅଗ୍ନିଶମ କାର୍ଯ୍ୟାଳୟର ଡେପୁଟି ଫାୟାର୍ ଅଫିସର ଅବନୀ ସ୍ୱାଇଁ ସୂଚନା ଦେଇଛନ୍ତି।

ଅଗ୍ନିଶମ ବିଭାଗର ସୂଚନା ଅନୁସାରେ, ଗତକାଲି ରାତି ୨ଟା ୨୮ରେ ଚାଉଳିଆଗଞ୍ଜ ଅଗ୍ନିଶମ କାର୍ଯ୍ୟାଳୟକୁ ୧୧୨ପୁଲିସ ପିସିଆର୍ ଭ୍ୟାନ ତରଫରୁ ନିଆଁ ଲାଗିଥିବା ସୂଚନା ମିଳିଥିଲା। ତୁରନ୍ତ ଚାଉଳିଆଗଞ୍ଜ ଅଗ୍ନିଶମର ୨ଟି ଟିମ୍ ଏବଂ ୨ଟି ଦମକଳ ଗାଡ଼ି ଘଟଣାସ୍ଥଳରେ ପହଞ୍ଚିଥିଲା। ମାଛ ମାର୍କେଟରେ ନିଆଁର ପ୍ରକୋପ ଦେଖି ବକ୍ସିବଜାର ଦମକଳ କେନ୍ଦ୍ରକୁ ଖବର ଦିଆଯିବା ପରେ ସେଠାରୁ ୨ଟି ଟିମ୍ ସହ ୨ଟି ଦମକଳ ଗାଡ଼ି ଆସି ପହଞ୍ଚିଥିଲା। ସେହିପରି ମର୍କତନଗର ଅଗ୍ନିଶମ ବାହିନୀ ଓ ୧ଟି ଦମକଳ ଗାଡ଼ି ଆସି ରେସ୍କ୍ୟୁ ଅପରେସନ୍‌ରେ ସାମିଲ୍ ହୋଇଥିଲେ। ଦୀର୍ଘ ୨ ଘଣ୍ଟା ମାଛ ମାର୍କେଟରେ ପାଣି ମାଡ଼ କରାଗଲା ପରେ ନିଆଁ ଲିଭିଥିଲା। ସେତେବେଳକୁ ମାଛ ମାର୍କେଟରେ ଥିବା ୧୯ଟି ମାଛ ଗୋଦାମ ଜଳିପୋଡ଼ି ପାଉଁଶ ହୋଇଯାଇଥିଲା। ଏହା ଭିତରେ ନିକଟରେ ରହିଥିବା ୩ମହାଲା ବିଲ୍ଡିଂକୁ ନିଆଁ ବ୍ୟାପି ଯାଇଥିଲା। ତଳ ମହଲାରେ ରଙ୍ଗ ଓ କେମିକାଲ ଗୋଦାମ ଥିବାରୁ ନିଆଁର ପ୍ରକୋପ ଆହୁରି ବଢ଼ିଯାଇଥିଲା। ଯାହାକୁ ୫ଟି ଦମକଳ ଓ ୫୦ରୁ ଅଧିକ ଅଗ୍ନିକ ନିଆଁକୁ ଆୟତ୍ତ କରି ପାରିନଥିଲେ। ପରେ ସ୍ୱତନ୍ତ୍ର ଭାବେ ୨ଟି ଷ୍ଟ୍ରାଇକିଂ ଫାୟାର୍ ଫୋର୍ସ ୟୁନିଟ୍‌କୁ ମୁତୟନ କରାଯାଇଥିଲା। କେବଳ ଦମକଳ ଗାଡ଼ିରୁ ପାଣି ମାଡ଼ କରିବା ଦ୍ୱାରା ନିଆଁ ଲିଭିନଥିଲା। ତୁରନ୍ତ ଘଟଣାସ୍ଥଳରେ ୨ଟି ଆର୍ଟିକୁଲେଟ୍ ମନିଟର୍, ଗୋଟିଏ ରୋବଟିକ୍ ମନିଟର୍ ଓ ଗୋଟିଏ ହାଇଡ୍ରୋଲିକ୍ ମନିଟର ନିୟୋଜିତ କରାଯାଇଥିଲା। ଯେହେତୁ ବିଲ୍ଡିଂର ପ୍ରବେଶ ଓ ପ୍ରସ୍ଥାନ ବାଟ ଗୋଟିଏ, ତେଣୁ ନିୟୋଜିତ ଅଗ୍ନିକ ଉପର ମହାଲାକୁ ଯିବା ସମ୍ଭବପର ହୋଇନଥିଲା। ଜିଲ୍ଲା ପ୍ରଶାସନ ସହାୟତାରେ ୨ଟି ଜେସିବି ଲଗାଯାଇ ବିଲ୍ଡିଂର ଝରକା ଓ କେତେକ ସ୍ଥାନରେ କାନ୍ଥକୁ ଭଙ୍ଗାଯାଇଥିଲା। ପରେ ଉକ୍ତ ସ୍ଥାନ ଦେଇ ପାଣିମାଡ଼ କରାଯିବା ପରେ ନିଆଁ ଲିଭିଥିଲା।

ଜିଲ୍ଲାପାଳ ଦତ୍ତାତ୍ରୟ ଭାଉ ସାହେବ ଶିନ୍ଦେଙ୍କ ନିର୍ଦ୍ଦେଶ କ୍ରମେ ଉକ୍ତ ବିଲ୍ଡିଂକୁ ଅସୁରକ୍ଷିତ ଘୋଷଣା କରାଯାଇଛି। ଆରଆଣ୍ଡବି କର୍ତ୍ତୃପକ୍ଷ ଯାଞ୍ଚ କରି ରିପୋର୍ଟ ଦେବାକୁ କୁହାଯାଇଛି। ଅଗ୍ନିକାଣ୍ଡର ସମ୍ପୂର୍ଣ୍ଣ କ୍ଷୟକ୍ଷତି ଆକଳନ କରାଯାଇ ନଥିବା ବେଳେ ଖୁବଶୀଘ୍ର ଏହାର ଆକଳନ ରିପୋର୍ଟ ପ୍ରସ୍ତୁତ କରାଯିବ ବୋଲି ବକ୍ସିବଜାର ଅଗ୍ନିଶମ କାର୍ଯ୍ୟାଳୟର ଫାୟାର୍ ଅଫିସର ପ୍ରଶାନ୍ତ ଧଳ ସୂଚନା ଦେଇଛନ୍ତି।

## ୭ ଦିନିଆ ଦିଲ୍ଲୀ...

ନବୀନଙ୍କୁ ଶୁଭେଚ୍ଛା ଜଣେଇବା ପାଇଁ ଦଳର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ଭୁବନେଶ୍ୱର ଜିଲ୍ଲା ବିଜେଡି ସଭାପତି ଅଶୋକ ପଣ୍ଡା, ବରିଷ୍ଠ ଉପସଭାପତି ପ୍ରତାପ ଜେନା, ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ, ଛାତ୍ର ବିଜେଡ଼ି ସଭାପତି ଇପ୍ସିତା ସାହୁ, ମୁଖପାତ୍ର ଡ. ଲେନିନ ମହାନ୍ତି, ଯୁବ ନେତା ଅରୂପ ଶ୍ରୀଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ।

## ୨୪ ଘଣ୍ଟିଆ ପାଣି...

ଇନ୍ଦୋର ସମେତ ଅନ୍ୟ କେତେକ ରାଜ୍ୟ ଓ ବିଦେଶୀ ପ୍ରତିନିଧିମାନେ ମଧ୍ୟ ଅଞ୍ଚଳ ଗସ୍ତ କରି ଯୋଜନାର ପ୍ରଶଂସା କରିଥିଲେ। ତେବେ ରାଜ୍ୟରେ ସରକାର ପରିବର୍ତ୍ତନ ପରେ ୨୦୨୬ ଜାନୁଆରୀରେ ସମ୍ବଲପୁର ଆଦି ଅନ୍ୟାନ୍ୟ ସ୍ଥାନରେ ନୂଆ ପ୍ରକଳ୍ପ ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ ହେଲେ ରାଜ୍ୟର ସମସ୍ତ ୧୧୫ଟି ସହରାଞ୍ଚଳରେ ଏହି ଯୋଜନାକୁ ପ୍ରସାରିତ କରିବା ପାଇଁ ଯେଉଁ ଲକ୍ଷ୍ୟ ରହିଥିଲା, ତାହା କେବେ ଫଳ ପ୍ରଦ ହେବ ତାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ତଥ୍ୟ ଅନୁଯାୟୀ ଓଡ଼ିଶା ଜଳ ନିଗମ (ୱାଟକୋ) ଜରିଆରେ ବର୍ତ୍ତମାନ ୧୧ଟି ସହରାଞ୍ଚଳରେ ଚବିଶି ଘଣ୍ଟିଆ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କରାଯାଉଛି ଓ ଅନ୍ୟ ୧୭ଟି ସହରରେ ଏହାର ସମ୍ପ୍ରସାରଣ କାର୍ଯ୍ୟ ଜୋରଦାର ହୋଇଛି। ୱାଟକୋର ବର୍ତ୍ତମାନ ମୋଟ ଜଳ ଯୋଗାଣ କ୍ଷମତା ୯୮୮.୮୯ ଏମ୍‌ଏଲ୍‌ଡିରେ ପହଞ୍ଚିଥିବା ବେଳେ ସହରାଞ୍ଚଳର ବର୍ତ୍ତମାନ ଚାହିଦା ୭୦୦.୬୭ ଏମ୍‌ଏଲ୍‌ଡି ରହିଛି। ଜଳର ଗୁଣବତ୍ତା ଓ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେଇ ୱାଟକୋ ରାଜ୍ୟରେ ୧୪ଟି ଆଧୁନିକ ପରୀକ୍ଷାଗାର ପରିଚାଳନା କରୁଛି। ଏହା ସହ ଆଇଆଇଟି ଭୁବନେଶ୍ୱର ସହ ବୈଷୟିକ ସହଯୋଗ ମାଧ୍ୟମରେ ଜଳ ପରିଚାଳନାରେ ନୂତନ ପ୍ରଯୁକ୍ତିର ପ୍ରୟୋଗକୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି ବୋଲି କୁହାଯାଉଛି।

# ବଡ଼ ଭାଇର ଟାଙ୍ଗିଆ ଚୋଟରେ ସାନ ମୃତ

ତୁମୁଡ଼ିବନ୍ଧ, ୧।୬(ସମିସ): ବଡ଼ଭାଇର ଟାଙ୍ଗିଆ ଚୋଟରେ ସାନ ମୃତ। କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ଥାନା କଦମପଦର ଗ୍ରାମରେ ଏଭଳି ଏକ ଆପରାଧିକ ଘଟଣା ଘଟିଛି। ମୃତକ ହେଲେ, ଗାଁର ମୁଦ୍ରୁ ପାତ୍ର(୬୨)। ଏହି ଘଟଣାରେ ତୁମୁଡ଼ିବନ୍ଧ ପୁଲିସ ଅଭିଯୁକ୍ତ ବଡ଼ ଭାଇ ଗାଉଁଟିଆ ପାତ୍ରଙ୍କୁ ଗିରଫ କରିବା ସହ ନମ୍ବର ୭୩/୨୬ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହାସହ ମୁଦ୍ରୁ ପାତ୍ରଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ତୁମୁଡ଼ିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ସୂଚନାନୁଯାୟୀ, ମୁଦ୍ରୁ ଏବଂ ଗାଉଁଟିଆଙ୍କ ମଧ୍ୟରେ ଦୀର୍ଘ ଦିନରୁ ଜମିଜମାକୁ ନେଇ ବିବାଦ ରହିଥିଲା। ଏହାକୁ ନେଇ ଦୁଇ ଭାଇଙ୍କ ମଧ୍ୟରେ ବିଭିନ୍ନ ସମୟରେ ଲାଗି ରହୁଥିବା କଳି ଝଗଡ଼ା ଆଜି ଉଗ୍ରରୂପ ନେଇଥିଲା। ଗାଉଁଟିଆ ପାଖରେ ପଡ଼ିଥିବା ଏକ ଟାଙ୍ଗିଆରେ ମୁଦ୍ରୁକୁ ଆକ୍ରମଣ କରିବାରୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା।


**MISSING OF ORIGINAL LINK DEEDS**

I, **SOUMEE SHARMEELA PATTNAIK**, aged about 34 years, W/o: Alok Parija is Resident at Plot No.: 233/240, Road No.10, Mahaveer Nagar, Samantarapur, P.O.: Old Town, P.S.: Sri Lingaraj, Bhubaneswar, Khurda, PIN No.: 751002, Mobile Number-7032906175.
Wish to create a mortgage on the property Dist.: Khurda, Tahasil.: Balianta, P.S.: Balianta, PS No.19, Dist Sub-Registrar: Balianta, **Mouza: Tiranpada,** Khata No.: 180/838, Plot No.: 83/1025, Area: Ac.0.034.4decs, with Status-Stitiban, (Freehold), Kissam: Gharabari (Homestead) Loan from LIC HFL BHUBANESWAR the Previous link Deeds as follows Original Regd. Sale Deed bearing Document No.: 11821600542, Dtd.: 14.03.2016 executed by M/s. Maa Tarini Eastcon Pvt. Ltd. represented through its Managing Director Sri Niranjan Rana son of Late Bansidhar Rana in favour of Alok Parija son of Ashok Kumar Parija, of my property was lost on Dtd.01.07.2024 at **Samantarapur Road** area in this regard, I filed a lost report at **Lingaraj** Police Station, Old Town, Bhubaneswar-751002, Khurda, **Sl. No.: 04/24, Dtd.03.07.2024** if someone gets the said Sale Deed kindly contact at LIC HFL, IPICOL, House, BBSR, Within 15 days. This deed is a vital loan document of my client. If someone claims for the said documents, LIC HFL will not be held responsible.
**CONTACT: LIC HFL, IPICOL, House, Bhubaneswar**
**Manas Kumar Nayak, Advocate, Mob. No.: 8908257113**



**OFFICE OF THE DIVISIONAL FOREST OFFICER: REDHAKHOL FOREST DIVISION**
8001/118/2627
Telephone No:- 06644-299949,
Email ID:- dfo.redhakhol@odisha.gov.in
Notice No.- 14 Date: 01/06/26

**Short Tender Cancellation Notice**

Tender for procurement of "18 nos. of Hiring Vehicles for use in different Ranges under Redhakhol Forest Division" during the year 2026-27 of Divisional Forest Officer, Redhakhol vide Tender Call Notice No-F&E/RKL-010(Offline)/2026-27 dated 14.05.2026 is hereby cancelled as no bids were received up to the scheduled closing date and time.

OIPR-8001/8146/1/26-27/0016
Divisional Forest Officer
Redhakhol Forest Division



GOVERNMENT OF ODISHA, "e"-PROCUREMENT NOTICE 34001/289/2627
OFFICE OF THE SUPERINTENDING ENGINEER, KHARIAR (R&B) DIVISION, KHARIAR
E-mail: eeroads.khr@rediffmail.com
**E-Procurement Notice-04**
No. 2279 **Invitation For Bids** Date: 29.05.2026
**Bid Identification No. SER&BKHR - 04/2026-27**

| | | |
|---|---|---|
| 1 | The Superintending Engineer, Khariar (R&B) Division, Khariar on behalf of Governor of Odisha, invites percentage rate bids in Single Cover system for Civil Road work in ONLINE MODE only. The Office Memorandum of Govt. of Works Department No.07764600022025-173/W, Bhubaneswar Dt.03.01.2026 of Principal Secretary to Govt. Sub-amendment of Codal & Contractual Provisions to be followed scrupulously. | |
| 2 | Nature of work | Providing Pothole repair to Roads |
| 3 | No. of work | 17 Nos. works |
| 4 | Tender Paper cost | As specified in the notice for the respective work, to be remitted online only |
| 5 | Class of Contractor | As specified in the notice for the respective work |
| 6 | Availability of Bid Documents in the website | 10.00 hours of 05.06.2026 to 17.00 Hours of 11.06.2026 |
| 7 | Date of opening of Bid | Dt. 12.06.2026 at 11:00 hours |
| 8 | EMD/Bid Security | As specified in the notice to be remitted online only |
| 9 | The Bidders shall have to participate in ONLINE bidding only. Further details can be seen from the website: https://www.tendersodisha.gov.in. Any addendum / corrigendum / cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | |

OIPR-34001/34062/1/26-27/0005
Superintending Engineer
Khariar (R&B) Division, Khariar



GOVERNMENT OF ODISHA 34001/285/2627
Office of the Superintending Engineer
Bhanjanagar (R&B) Division, Bhanjanagar
(Phone/Fax: (06821) 241133 / E-mail: eernbhngr@yahoo.in)
Ltr. No. 4851 / / Dtd.27.05.2026
**INVITATIONS FOR BIDS (IFB)**
**E-Procurement Bid Identification No. S.E.–BNJ.R&B- 02 / 2026-27**

| | | |
|---|---|---|
| 1 | Name of work | S/R to Bhanjanagar-Tilisingi-Tarasingi-Dasapalla Road (SH-37) such as repair of distressed patches and potholes from Ch. 26/000 to 48/800 Km. |
| 2 | No. of works | S/R to Bhanjanagar-Tilisingi-Tarasingi-Dasapalla Road (SH-37) such as repair of distressed patches and potholes from Ch. 26/000 to 48/800 Km. |
| 3 | No. of Covers | Double Cover |
| 4 | Estimated cost | Rs. 52.81 lakhs |
| 5 | Period of Completion | Twenty days |
| 6 | Date of time of availability of bid document in the portal | From 12.00 Noon of dated 03.06.2026 to 5.00 P.M. of dated 09.06.2026 |
| 7 | Last date/time for receipt of bids in the portal | Up to 5.00 P.M. of dated 09.06.2026 |
| 8 | Date of opening of bid documents | At 11.00 A.M. of 10.06.2026 |
| 9 | Class of Contractor | "B" Class Contractor |
| 10 | Name and address of officer inviting Bid | Superintending Engineer, Bhanjanagar (R&B) Division, Bhanjanagar |

Further details can be seen from the e-Procurement portal www.tendersodisha.gov.in. The Addendum / Corrigendum if any will be hosted in the website only.
OIPR-34001/34015/1/26-27/0003
Superintending Engineer
Bhanjanagar (R&B) Division



**'e' PROCUREMENT NOTICE NO.03/2026-27**
25001/281/2627
1. Name of work : Building Works
2. Total No. of Work : 11 (Eleven) works
3. Estimated Cost : Rs. 58.84 to 79.77 lakhs
4. Period of Completion : 09 (Nine) Calendar Month
5. Class of contractors : 'B' Class only

**Other details as follows:**
**a) Procurement officer:** : Superintending Engineer, Rural Works Division, Cuttack.
**b) Availability of tender online for bidding:** : From dt.05.06.2026 at 11.00 A.M. to dt.17.06.2026 up to 5.00 P.M.
**c) Last date & time of seeking of tender clarification:** : dt.16.06.2026 up to 5.00 P.M.
**d) Date & Time of Opening Technical Bid:** : dt.18.06.2026 at 11.00 A.M.
Further details can be seen from the Govt. website www.tenderodisha.gov.in
OIPR-25001/25053/1/26-27/0003
Superintending Engineer
Rural Works Division Cuttack



**ANGEL ONE LIMITED**
Regd. Off: 601, 6th Floor, ACKRUTI STAR, CENTRAL ROAD, MIDC, ANDHERI EAST, MUMBAI -400093
Centralized desk : 18001020 Email id : support@angelone.in
Member of : NSE / BSE / BSE REMISIER / MCX / MCX SX / NCDEX
Member IDs: NSE : 12798, BSE : 612, MCX : 12685,
NCDEX : 00220 SEBI Registration No: INZ000161534
**NOTICE**
This is to inform all concerned that we have initiated the process of cancellation of registration of our below mentioned Authorised Person (AP) due to regulatory reasons/concerns.

| Name Of Authorised Person | Trade Name of AP | Address of AP | AP Registration No. |
|---|---|---|---|
| SHRIMANTA KUMAR PATRI | SHRIMANTA KUMAR PATRI | FLAT NO. B-102 1ST FLOOR, MAHENDRA DEV TOWERBOMIKHAL, BHUBANESWAR, DIST-KHURDA . BHUBANESWAR-751006 ODISHA | NSE : AP0397612411 |
| BALAJI PRASAD DAS | BALAJI PRASAD DAS | PLOT NO.20/154, GROUND FLOOR AUM GARDEN, MAITRI VIHARVTC: S.E RLY.PROJ. COMPLEX, PO:S.E RLY.PROJ. COMPLEX, DISTRICT : KHORDA . BHUBANESWAR-751023 ODISHA | NSE : AP0397633111 |

Any person dealing with the above-mentioned Authorised Person henceforth shall do so at their own risk. **ANGEL ONE LTD.** shall not be liable for any dealings with the said entity post the issuance of this notice. Investors having any queries or concerns regarding this matter are requested to contact **ANGEL ONE LTD.** within **15 days** from the date of issuing this notice.
Date : 02.06.2026
Place : Odisha
For ANGEL ONE LTD
Sd/-, Authorised Signatory



**AFFIDAVIT**
By virtue of an affdavit before the Executive Magistrate, Baramba vide No-2030/25.5.2026 I Prakash Samal S/o Paramananda Samal of Vill/Po-Gopamathura, Ps-Baramba, Dist-Cuttack that I have changed my minor son's name from Akash Chandra Samal to Akasha Chandra Samal. Henceforth, he shall be known as **Akasha Chandra Samal** for all purposes.

**AFFIDAVIT**
Vide affidavit No. 82AA119227, I, Mohammad Laiquddin Sk, S/o Late Sk Kiutubuddin, At: Kantabania, Balasore-756003, Odisha, declare my correct name is Mohammad Laiquddin Sk and DOB is 12/08/1973 (as per PAN AFDPL6563P & Aadhaar No. 825560487734). Passport No. M6797058 wrongly records my name as Mohammed Liaquddin and DOB as 06/07/1973. Both belong to the same person. Notice is given for passport and official record correction.

**AFFIDAVIT**
**By virtue of an affidavit sworn before the Executive Magistrate, Ranpur, CF NO. 36/1, SL NO 1083, on dated 26/05/2025, I MAHESWAR MATTA, S/o Santosh Kumar Matta resident of Village At- Subhadrapur, Po - Raj-Ranpur, Ps- Ranpur, Dist-Nayagarh, Pin- 752026 Odisha declare that I have changed my name from MAHESH MATTA to MAHESWAR MATTA. Henceforth, I shall be known as MAHESWAR MATTA for all future purposes.**
**Sd- MAHESWAR MATTA**

**AFFIDAVIT**
I, Shaik Asim Bakhas, son of Late Shaik Ibraar Bakhas, aged about 41 years, residing at At/Post-Gop, Dist-Puri, Pin - 752110, Odisha declared by this affidavit No 17052 on dtd 01.06.2026 that now onwards I Shall be known as **SHAIK ASHIM BAKHAS** for all future purposes.

**AFFIDAVIT**
By virtue of an affidavit sworn before Executive Magistrate Kesinga, Dt. 29.05.2026, I, Arpita Chandan, W/o Aswin Chandan, At/Po-Naktiguda, Ps-Bhawanipatna, Dist-Kalahandi, declare that I have changed my name from Kunti Harijan to Arpita Chandan, Henceforth, I shall be known as Arpita Chandan for all purposes.
**Sd/- Arpita Chandan**

**ଘୋଷଣାପତ୍ର**
ଆମେ ତା.୧୭.୦୪.୨୦୨୬ରିଖରେ କ୍ରମିକ ନଂ. ୧୨୭୪ରେ ଆନନ୍ଦପୁର ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ଙ୍କ ଇଜିଲାସରେ ସତ୍ୟପାଠ କରି ଘୋଷଣା କରୁଅଛୁ ଯେ ଆମ ନାମ ରଶ୍ମିପ୍ରଭା ଘଡେଇ ପରିବର୍ତ୍ତେ ସଞ୍ଜୁଲତା ବାରିକ ଅଟେ। ଆମେ ଆମର ବିବାହର ପରେ ସଞ୍ଜୁଲତା ବାରିକ ନାମ ରେ ପରିଚିତ ହୋଇ ସମସ୍ତ ଡକ୍ୟୁମେଣ୍ଟରେ କାର୍ଯ୍ୟକାରୀ କରୁଅଛୁ। ରଶ୍ମିପ୍ରଭା ଘଡେଇ ଓ ସଞ୍ଜୁଲତା ବାରିକ ଏକବ୍ୟକ୍ତି ଅଟନ୍ତି।

**AFFIDAVIT**
By virtue of an affidavit no. 321 before Notary Public, Dabugaon, Nabarangpur, Dt. 18.05.2026, I, Jitendra Bhatra, Vill-Ghusarabeda, P.O.-Manigaon, P.S.-Dabugaon, Dist.-Nabarangpur hereby declare that my daughter's correct name is RIYA BHATRA But her name wrongly recorded as RUBI BHATRA in Sukanya Samriddhi Yojana Passbook. That RIYA BHATRA and RUBI BHATRA are one and the same person.
**Sd/- Jitendra Bhatra**

**ହଜିଛି**
ମୁଁ ଶ୍ରୀମତୀ ସୁକାନ୍ତି ଲତା ମହାନ୍ତି, ସ୍ୱାମୀ: ଲକ୍ଷ୍ମଣ ପ୍ରସାଦ ମହାନ୍ତି, ପ୍ଲଟ୍ ନଂ.: ୧୨୮୧/୨୯୦୩, ଶ୍ରୀରାମ ନଗର, ଓଲ୍ଡ ଟାଉନ, ପୋ: ଓଲ୍ଡ ଟାଉନ, ଥାନା: ଶ୍ରୀ ଲିଙ୍ଗରାଜ, ଭୁବନେଶ୍ୱର-୭୫୧୦୦୨, ଜିଲ୍ଲା: ଖୋର୍ଦ୍ଧା ଘୋଷଣା କରୁଅଛି କି ଶ୍ରୀବତ୍ସ ବତ୍ସଙ୍କ ଦ୍ୱାରା ସାବିତ୍ରୀ ପଣ୍ଡାଙ୍କ ନାମରେ ସମ୍ପାଦିତ ମୂଳ ପଞ୍ଜିକୃତ ବିକ୍ରୟ ଦଲିଲ ନଂ.: ୯୬୬୪ ତା ୧୯.୧୨.୧୯୮୩ ଏବଂ ଶ୍ରୀମତୀ ସାବିତ୍ରୀ ପଣ୍ଡାଙ୍କ ଦ୍ୱାରା ଶ୍ରୀ ବାଳକୃଷ୍ଣ ପାଠୀଙ୍କ ନାମରେ ସମ୍ପାଦିତ ମୂଳ ପଞ୍ଜିକୃତ ବିକ୍ରୟ ଦଲିଲ ନଂ.: ୨୧୭୫, ତା୨୦.୦୪.୧୯୯୯ ଏବଂ ସାବିତ୍ରୀ ପଣ୍ଡାଙ୍କ ନାମୋରେ ଜାରି ହୋଇଥିବା ପଟ୍ଟା ଯାହାର ମୌଜା: ଭୁବନେଶ୍ୱର ସହର, ୟୁନିଟ୍ ନଂ.: ୨୭, ଭୁବନେଶ୍ୱର, ଖାତା ନଂ.: ୮୮୧, ମୋର ବାସସ୍ଥାନ (ଶ୍ରୀରାମ ନଗର)ରୁ ପଳାଶପଲ୍ଲୀ, ଭୁବନେଶ୍ୱରରେ ଥିବା ମୋର ଝିଅ ଘରକୁ ଯାଉଥିବା ସମୟରେ ତା୨୪.୦୫.୨୦୨୬ରିଖରେ କେଉଁଠାରେ ହଜିଯାଇଛି। ମୋର ସର୍ବୋତ୍ତମ ଚେଷ୍ଟା ସତ୍ତ୍ୱେ ମୁଁ ଉପରୋକ୍ତ ଦଲିଲଗୁଡ଼ିକ ଓ ପଟ୍ଟା ମିଳୁନାହିଁ। ଯଦି କୌଣସି ବ୍ୟକ୍ତିଙ୍କର ଏହି ସମ୍ପତ୍ତି ଉପରେ କୌଣସି ଦାବି / ଅଭିଯୋଗ ଥାଏ ତେବେ ଏହି ନୋଟିସ୍ ପ୍ରକାଶନର ୧୫ ଦିନ ମଧ୍ୟରେ **ଶ୍ରୀଯୁକ୍ତ ଫଗୁ ସାମଲ, ମୋ.୯୪୩୮୬୭୦୮୫୭** ଏବଂ **ଶ୍ରୀମତୀ ସୁକାନ୍ତି ଲତା ମହାନ୍ତି, ମୋ.୭୯୭୮୨୮୬୫୨୩** ମାଧ୍ୟମରେ ନିଜର ପକ୍ଷ ରଖିପାରିବେ।

## ପୃଥକ୍ ଦୁର୍ଘଟଣା; ୪ ଗୁରୁତର

ଟାଙ୍ଗୀ,୧।୬(ସମିସ): ଟାଙ୍ଗୀ ରେଳ ଓଭରବ୍ରିଜ୍ ଉପରେ ଏବଂ ଏହାର ସମ୍ମୁଖରେ ଦୁଇଟି ପୃଥକ ସଡ଼କ ଦୁର୍ଘଟଣା ଘଟି ଚାରିଜଣ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ରବିବାର ବିଳମ୍ବିତ ରାତିରେ କଟକରୁ ନିହଳପ୍ରସାଦ ଅଭିମୁଖେ ଯାଉଥିବା ଏକ କାର୍ ସହ ସ୍କୁଟିର ମୁହାଁମୁହିଁ ଧକ୍କା ହୋଇଥିଲା। ସ୍କୁଟିଟି ସମ୍ପୂର୍ଣ୍ଣ ଚୁରମାର ହୋଇଯାଇଥିବା ବେଳେ ଦୁଇଜଣ ଗୁରୁତର ହୋଇଛନ୍ତି। ସେମାନଙ୍କ ପରିଚୟ ମିଳି ନ ଥିବା ବେଳେ ଜଣଙ୍କ ଅବସ୍ଥା ଅତ୍ୟନ୍ତ ସଂକଟାପନ୍ନ ରହିଛି। ରାଜପଥ ପହରା ପୁଲିସ୍ ଓ ଟାଙ୍ଗୀ ପୁଲିସ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଆହତଦ୍ୱୟଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇବା ସହ ଦୁଇଟିଯାକ ଗାଡ଼ିକୁ ଜବତ କରିଛି। ସେହିପରି ସୋମବାର ଅପରାହ୍ନରେ ଉକ୍ତ ଓଭରବ୍ରିଜ୍ ସମ୍ମୁଖରେ ଅନ୍ୟ ଏକ ଦୁର୍ଘଟଣା ଘଟିଛି। ରାସ୍ତାକଡ଼ରେ ଏକ ସ୍ୱିଫ୍ଟ ଡିଜାୟାର କାର୍ ଛିଡ଼ା ହୋଇଥିବା ସମୟରେ ପଛପଟୁ ଏକ ୱାଗନର ଗାଡ଼ି ଦ୍ରୁତଗତିରେ ଆସି ଧକ୍କା ଦେଇଥିଲା ଏବଂ ପରେ ରାସ୍ତାକଡ଼ ବ୍ୟାରିକେଡ୍‌ରେ ପିଟି ହୋଇ ଚୁରମାର ହୋଇଯାଇଥିଲା। ଏହି ଦୁର୍ଘଟଣାରେ ଉଭୟ ଗାଡ଼ିର ଚାଳକ ଗୁରୁତର ଆହତ ହୋଇ ରାଜପଥ ପ୍ରହରା ଆମ୍ବୁଲାନ୍ସ ଯୋଗେ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତରିତ ହୋଇଛନ୍ତି। ପୁଲିସ ଦୁର୍ଘଟଣାଗ୍ରସ୍ତ ଉଭୟ ଗାଡ଼ିକୁ ଜବତ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

## ଜଳଖିଆ ଦୋକାନରେ ଅଗ୍ନିକାଣ୍ଡ

ନରସିଂହପୁର,୧।୬(ସମିସ): ନରସିଂହପୁର ବ୍ଲକ ଅନ୍ତର୍ଗତ ରଷିପଡ଼ା ଛକରେ ଥିବା ଏକ ଜଳଖିଆ ଦୋକାନରେ ସୋମବାର ବୈଦ୍ୟୁତିକ ସର୍ଟ ସର୍କିଟ୍ ଯୋଗୁଁ ଏକ ଭୟାବହ ଅଗ୍ନିକାଣ୍ଡ ଘଟିଯାଇଛି। ଏହି ଦୁର୍ଘଟଣାରେ ଦୋକାନର ସମସ୍ତ ଆସବାବପତ୍ର ସମେତ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ସମ୍ପୂର୍ଣ୍ଣ ଛାରଖାର ହୋଇଯାଇଛି। ଅଗ୍ନିକାଣ୍ଡ ସମ୍ପର୍କରେ ଖବର ପାଇ ବାଲିଝରୀ ଦମକଳ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲା। ଏଥିସହିତ କାନପୁର ଥାନା ପୁଲିସ୍ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାର କାରଣ ଏବଂ କ୍ଷୟକ୍ଷତିର ଅଧିକ ତଦନ୍ତ ଜାରି ରଖିଛି।

## ନାବାଳିକାକୁ ଦୁଷ୍କର୍ମ; ଯୁବକ ଗିରଫ

ସାଲେପୁର,୧।୬(ସମିସ): ଜଣେ ନାବାଳିକା ସହ ପ୍ରେମ ସମ୍ପର୍କ ସ୍ଥାପନ କରି ତାଙ୍କୁ ଦୁଷ୍କର୍ମ କରିବା ଅଭିଯୋଗରେ ସାଲେପୁର ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୁଲିସ ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ଜିଲ୍ଲାର ସମ୍ପୃକ୍ତ ଯୁବକଜଣକ ସାଲେପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ସହ ପ୍ରେମ ସମ୍ପର୍କ ଗଢ଼ି ତୋଳିବା ସହ ତାଙ୍କୁ ଦୁଷ୍କର୍ମ କରିଥିଲେ। ଏନେଇ ନାବାଳିକାଙ୍କ ପରିବାର ପକ୍ଷରୁ ସାଲେପୁର ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଥିଲା। ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରିବା ସହ ତ୍ୱରିତ ପଦକ୍ଷେପ ନେଇ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିଥିଲା। ସୋମବାର ଉଭୟଙ୍କର ଡାକ୍ତରୀ ମାଇନା କରାଯିବା ପରେ ପୁଲିସ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

## ୩ ଦିନ ପାଳିତ ହେବ ସାଲେପୁର ରଜ ମହୋତ୍ସବ

ସାଲେପୁର,୧।୬(ସମିସ): ଚଳିତ ବର୍ଷ ଜୁନ୍ ମାସରେ ୩ ଦିନ ଧରି ସାଲେପୁର ରଜ ମହୋତ୍ସବ ପାଳନ କରିବା ନେଇ ଶ୍ରୀ ଲକ୍ଷ୍ମୀଠାକୁରାଣୀଙ୍କ ମନ୍ଦିର ପରିସରରେ ଡଃ ଗିରୀଶ ସାହୁଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକର ନିଷ୍ପତ୍ତି ଅନୁଯାୟୀ, ଆସନ୍ତା ଜୁନ୍ ୧୩, ୧୪ ଓ ୧୫ ତାରିଖରେ ସାଲେପୁର ହାଇସ୍କୁଲ ପରିସରରେ ଏହି ମହୋତ୍ସବ ଆୟୋଜିତ ହେବ। କମିଟିର ଆବାହକ ହରିବନ୍ଧୁ ଶତପଥି, ବରିଷ୍ଠ ଉପଦେଷ୍ଟା ବିଜୟ କେତନ ନାୟକ ଓ ସଂଯୋଜକ ଅକ୍ଷୟ କୁମାର ଦାଶଙ୍କ ସମେତ ଡଃ ନିଖିଳେଶ ମହାନ୍ତି ଓ ବିଷ୍ଣୁଚରଣ ମିଶ୍ର ପ୍ରମୁଖ ଯୋଗଦେଇ ରଜ ଉତ୍ସବର ପାରମ୍ପରିକ ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ଏହି ୩ ଦିନିଆ ମହୋତ୍ସବ ଅବସରରେ ରଜ କୁଇନ୍, ଅଳତା, ପିଠାପଣା, ନୃତ୍ୟଗୀତ, ରଜପାନ, ପୁଚି, କୁଇଜ୍ ଏବଂ କବିତା ପ୍ରତିଯୋଗିତା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ସ୍ଥାନୀୟ ଅଞ୍ଚଳର କଳାକାର ଓ ଛାତ୍ରଛାତ୍ରୀମାନଙ୍କୁ ଭାଗନେବା ପାଇଁ ନିବେଦନ କରାଯାଇଛି। ମହୋତ୍ସବର ଦ୍ୱିତୀୟ ପ୍ରସ୍ତୁତି ବୈଠକ ଆସନ୍ତା ୩୧ ତାରିଖ ରବିବାର ସକାଳ ୧୧ଟାରେ ସାଲେପୁର ଜଗନ୍ନାଥ ମନ୍ଦିରରେ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି।

### ଆଠଗଡ଼ ଓରିଙ୍ଗା ସଂରକ୍ଷିତ ଜଙ୍ଗଲରେ ଭିଜିଲାନ୍ସ ଚଢ଼ଉ

# ଗଛ ଗଣୁଛି ଦୁର୍ନୀତି ନିବାରଣ ବିଭାଗର ୯ ଜଣିଆ ଟିମ୍

ତିଗିରିଆ,୧।୬(ସମିସ)

କଟକ ଜିଲ୍ଲା ଆଠଗଡ଼ ବନଖଣ୍ଡ ଅନ୍ତର୍ଗତ କୁଲାଇଲୋ ବିଟ୍ ଏବଂ ଓରିଙ୍ଗା ସଂରକ୍ଷିତ ଜଙ୍ଗଲରେ ବନୀକରଣ ନାମରେ ହୋଇଥିବା କୋଟି କୋଟି ଟଙ୍କାର ଚାରାରୋପଣ ଦୁର୍ନୀତି ଅଭିଯୋଗ ଏବେ ଦାଣ୍ଡରେ ପଡ଼ି ହାଟରେ ଗଡୁଛି। ଗତ ଅପ୍ରେଲ ମାସ ୧୬ ତାରିଖରେ ଲୋକପ୍ରିୟ ଦୈନିକ ସମ୍ବାଦପତ୍ର "ସକାଳ'ରେ "ଆଠଗଡ଼ ବନଖଣ୍ଡରେ ବନୀକରଣ ନାମରେ ଘୋଟାଲା" ଏବଂ "କାଗଜପତ୍ରରେ ଗଛ,

**ଚାରା ଆତ୍ମସାତ ଓ ୭ ଲକ୍ଷରୁ ଅଧିକ ଟଙ୍କା ହରିଲୁଟ୍ ଅଭିଯୋଗ**

ପକେଟରେ ଲକ୍ଷ ଲକ୍ଷ ଟଙ୍କା" ଶୀର୍ଷକ ପ୍ରକାଶିତ ଏକ ତଥ୍ୟଭିତ୍ତିକ ସମ୍ବାଦକୁ ନେଇ ଆଜି ରାଜ୍ୟ ଦୁର୍ନୀତି ନିବାରଣ (ଭିଜିଲାନ୍ସ) ବିଭାଗ ପକ୍ଷରୁ ଓରିଙ୍ଗାବାଡ଼ି ସଂରକ୍ଷିତ ଜଙ୍ଗଲରେ ବ୍ୟାପକ ଛାନଭିନ ଓ ଚଢ଼ଉ ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଭିଜିଲାନ୍ସ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ହୋଇଥିବା ଗୁରୁତର ସଙ୍ଗୀନ ଅଭିଯୋଗ ଅନୁଯାୟୀ, ଆଜି ଭିଜିଲାନ୍ସ ବିଭାଗର ଏକ ଉଚ୍ଚସ୍ତରୀୟ ୯ ଜଣିଆ ସ୍ୱତନ୍ତ୍ର ଟିମ୍ ଓଡ଼ିଶା ବନ ବିଭାଗର ଏସିଏଫ୍ ବବିତା ସୋରେନ ଏବଂ ଭିଜିଲାନ୍ସ ନିରୀକ୍ଷକ ସପଳିନା ସୁଚରିତା ସାହୁଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ ପ୍ରଥମେ ଆଠଗଡ଼ ବନଖଣ୍ଡ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରୁ ଟିମ୍ ଆଠଗଡ଼ ସଦର ରେଞ୍ଜ କାର୍ଯ୍ୟାଳୟରେ ପହଞ୍ଚି ସରଜମିନ ତଦନ୍ତ ପାଇଁ କୁଲାଇଲୋ ବିଟ୍ ଓରିଙ୍ଗାବାଡ଼ି ସଂରକ୍ଷିତ ଜଙ୍ଗଲ ଅଭିମୁଖେ ବାହାରିଥିଲେ। ଭିଜିଲାନ୍ସ ଅଧିକାରୀମାନେ ଜଙ୍ଗଲ ଭିତରେ ପଶି ପ୍ରତ୍ୟେକଟି ଧାଡ଼ି ଯାଞ୍ଚ କରିବା ସହ ଗଛ ଗଣତି ପ୍ରକ୍ରିୟା ଆରମ୍ଭ କରିଛନ୍ତି ଏବଂ ଏହି ସମ୍ପୂର୍ଣ୍ଣ ସୂକ୍ଷ୍ମ ତଦନ୍ତ ଆଗାମୀ ଦୁଇରୁ ତିନି ଦିନ ଧରି ଚାଲିବ ବୋଲି ତଦନ୍ତକାରୀ ଦଳ ପକ୍ଷରୁ ସୂଚନା ମିଳିଛି।



ସରକାରୀ ରିପୋର୍ଟ ଅନୁଯାୟୀ, ଓରିଙ୍ଗା ସଂରକ୍ଷିତ ଜଙ୍ଗଲର ୨୫ ହେକ୍ଟର ଜମିରେ ସବୁଜିମା ସୃଷ୍ଟି କରିବା ପାଇଁ ମୋଟ ୧୨ ହଜାର ୫ ଶହଟି ଚାରାରୋପଣ କରିବାର ଯୋଜନା ରହିଥିଲା। ଏଥିପାଇଁ ପ୍ରାଥମିକ ସର୍ଭେ, ଗାତ ଖୋଳା, ସାର ପ୍ରୟୋଗ, ଚାରା ପରିବହନ ଏବଂ ତାହାର ଦୀର୍ଘକାଳୀନ ରକ୍ଷଣାବେକ୍ଷଣ ବାବଦକୁ ସରକାରଙ୍କ ପକ୍ଷରୁ ମୋଟ ୧୨ ଲକ୍ଷ ୭୬ ହଜାର ୨୭୫ ଟଙ୍କାର ମୋଟା ଅଙ୍କର ବଜେଟ୍ ମଞ୍ଜୁର କରାଯାଇଥିଲା। ମାତ୍ର ବନ ବିଭାଗର କିଛି ଅସାଧୁ କର୍ମଚାରୀଙ୍କ ପକେଟ୍ ଗରମ କରିବା ଏବଂ ସବୁକିଛି ଚଳୁ କରିଯିବାର ଚତୁର ଯୋଜନା ଯୋଗୁଁ

**'ସକାଳ' ପ୍ରଭାବ**

ସରକାରଙ୍କର ଏହି କୋଟି କୋଟି ଟଙ୍କାର ଯୋଜନା ଏବେ ପାଣିରେ ପଡ଼ିଛି। ବାସ୍ତବରେ ଏହି ବିଟ୍‌ରେ କାର୍ଯ୍ୟରତ ଜଣେ ଚତୁର୍ଥ ଶ୍ରେଣୀ ମହିଳା ଫରେଷ୍ଟ ଗାର୍ଡ ହିଁ ବିଭାଗ ଭିତରେ ଚାଲିଥିବା ଏହି ମହାଦୁର୍ନୀତିକୁ ସାହସର ସହ ଲିଖିତ ଭାବେ ଆଠଗଡ଼ ବନଖଣ୍ଡ ଅଧିକାରୀଙ୍କ ନିକଟରେ ଅଭିଯୋଗ କରି ପ୍ରଶାସନର ନିଦ ହଜାଇ ଦେଇଥିଲେ। ଅଭିଯୋଗ ଅନୁଯାୟୀ, ଜଙ୍ଗଲରେ ବନୀକରଣ ନାମରେ ବାସ୍ତବ ସ୍ଥିତିରେ ମାତ୍ର ୬ ରୁ ୭ ହଜାର ଚାରା ଲଗାଯାଇ ବଳକା ୬ ହଜାର ୫ ଶହ ଚାରା ପାଇଁ ଆସିଥିବା ସରକାରୀ ଅନୁଦାନକୁ ସମ୍ପୂର୍ଣ୍ଣ ରୂପେ ଆତ୍ମସାତ କରାଯାଇଛି, ଯାହାଦ୍ୱାରା ପ୍ରାୟ ୭ ଲକ୍ଷରୁ ଅଧିକ ଟଙ୍କାର ବ୍ୟାପକ ହରିଲୁଟ୍ ହୋଇଥିବା ଅଭିଯୋଗ ଉଠିଛି। ଲିଖିତ ସଙ୍ଗୀନ ଅଭିଯୋଗ ପରେ ବନ ବିଭାଗର ବଡ଼ ପଦାଧିକାରୀମାନେ ନିଜ ପାପ ଲୁଚାଇବା ପାଇଁ ଅତି ତରବରିଆ ଭାବେ ଚଳିତ ଖରାଦିନେ ବିଭିନ୍ନ ଅଞ୍ଚଳରୁ ଶୁଖିଲା ଓ ମଲା ଚାରା ସଂଗ୍ରହ କରି ମାଟିରେ ପୋତୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ଏହି ମହାଘୋଟାଲାର ସବୁଠାରୁ ଆଶ୍ଚର୍ଯ୍ୟଜନକ ବିଷୟ ହେଉଛି ପୂର୍ବରୁ ହୋଇଥିବା ବିଭାଗୀୟ ତଦନ୍ତରେ ଚଞ୍ଚକତା ଓ ଅନିୟମିତତା। ପୂର୍ବରୁ ଉକ୍ତ ବିଟ୍‌ରେ କାର୍ଯ୍ୟରତ ଫରେଷ୍ଟର ଆଶିଷ ନାଏକ ପ୍ରକୃତରେ ମାତ୍ର ୭ ହଜାର ଗଛ ଲଗାଇ, କାଗଜପତ୍ରରେ ୧୨ ହଜାର ଗଛ ଲଗାଯାଇଥିବା ଦର୍ଶାଇ ଲକ୍ଷ ଲକ୍ଷ ଟଙ୍କା ଚଳୁ କରିଥିବା ନେଇ ଫରେଷ୍ଟ ଗାର୍ଡ ଅଭିଯୋଗ କରିଥିଲେ। ଏହି ଅଭିଯୋଗର ଭିତ୍ତିରେ ଗତ ଏପ୍ରିଲ ମାସରେ ଆଠଗଡ଼ ସହକାରୀ ବନସଂରକ୍ଷକ ମନୋଜ କୁମାର ପାତ୍ର ଏହାର ବିଭାଗୀୟ ତଦନ୍ତ କରିଥିଲେ। ମାତ୍ର ସେ ମଧ୍ୟ ଦୁର୍ନୀତିକୁ ସମ୍ପୂର୍ଣ୍ଣ ଭାବେ ଘଣ୍ଟ ଘୋଡ଼ାଇବା ପାଇଁ ଚଞ୍ଚକତାପୂର୍ଣ୍ଣ ଭାବେ ଜଙ୍ଗଲରେ ୧୧ ହଜାର ଗଛ ବଞ୍ଚି ରହିଥିବା ନେଇ ଏକ ମିଥ୍ୟା ଗଣତି ରିପୋର୍ଟ ପ୍ରକାଶ କରିଥିବା ନେଇ ପରବର୍ତ୍ତୀ ସମୟରେ ଭିଜିଲାନ୍ସ କାର୍ଯ୍ୟାଳୟରେ ଫେରାଦ ହୋଇଥିଲା। ବିଭାଗୀୟ ଅଧିକାରୀମାନେ ମିଳିଭଗତ ହୋଇ ସରକାରୀ ତହବିଲ୍‌କୁ ଲୁଟ୍ କରିବା ପ୍ରସଙ୍ଗ ଏବେ ସ୍ପଷ୍ଟ ହୋଇଛି। ବର୍ତ୍ତମାନ ସୁଦ୍ଧା ଭିଜିଲାନ୍ସ ବିଭାଗର ପ୍ରାଥମିକ ଗଛ ଗଣତିର ଚୂଡ଼ାନ୍ତ ଆଧାରିତ ଫଳାଫଳ ହସ୍ତଗତ ହୋଇନଥିଲେ ମଧ୍ୟ, ଏହି ସ୍ୱତନ୍ତ୍ର ଛାନଭିନ ପରେ ବନଖଣ୍ଡରେ ହୋଇଥିବା ମହାଦୁର୍ନୀତିର ଅସଲ ମୁଖା ଖୋଲିବ ବୋଲି ଆଶା କରାଯାଉଛି। ତଦନ୍ତ ପ୍ରକ୍ରିୟା ଶେଷ ହେବା ପରେ ଦୁର୍ନୀତିଗ୍ରସ୍ତ ଫରେଷ୍ଟର, ଚଞ୍ଚକତା କରିଥିବା ଏସିଏଫ୍ ଏବଂ ଏଥିରେ ସଂପୃକ୍ତ ଥିବା ସମସ୍ତ ଅସାଧୁ ବନ କର୍ମଚାରୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦୃଢ଼ ଦାବି ହୋଇଛି।

## ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ଚାଉଳ ବଣ୍ଟନରେ ବିଳମ୍ବ

**ହିତାଧିକାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ**

ନିଶ୍ଚିନ୍ତକୋଇଲି,୧।୬(ସମିସ): ରାଜ୍ୟ ସରକାରଙ୍କ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ମାଗଣା ଚାଉଳ ମିଳିବାରେ ଅହେତୁକ ବିଳମ୍ବ ହେଉଥିବାରୁ ନିଶ୍ଚିନ୍ତକୋଇଲି ବ୍ଲକର ହିତାଧିକାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସରକାରଙ୍କ ଘୋଷଣା ଅନୁଯାୟୀ, ରେସନ ଓ ଅନ୍ତ୍ୟୋଦୟ କାର୍ଡଧାରୀମାନଙ୍କୁ ମୁଣ୍ଡପିଛା ମାସିକ ୫ କେଜି ହିସାବରେ ଏପ୍ରିଲ, ମେ ଏବଂ ଜୁନ୍ ମାସର ମୋଟ ୧୫ କିଗ୍ରା ମାଗଣା ଚାଉଳ ମିଳିବା ପାଇଁ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ବିଗତ ଏକ ମାସ ହେବ ବ୍ଲକର ପ୍ରତ୍ୟେକ ଡିଲର ପଏଣ୍ଟକୁ ଚାଉଳ ଯୋଗାଇ ଦିଆଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ବଣ୍ଟନ କାର୍ଯ୍ୟ ଆରମ୍ଭ ହୋଇ ନ ଥିବାରୁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ ଯେ ନିଶ୍ଚିନ୍ତକୋଇଲି ବ୍ଲକରେ ମୋଟ ୪୩ ହଜାର ୨୧୩ ଜଣ କାର୍ଡଧାରୀ ରହିଥିବା ବେଳେ ପ୍ରାୟ ୧ ଲକ୍ଷ ୫୧ ହଜାର ହିତାଧିକାରୀ ଏହି ଯୋଜନାରେ ସୁବିଧା ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏପ୍ରିଲ ଓ ମେ ମାସ ସରି ଜୁନ୍ ମାସ ଆରମ୍ଭ ହୋଇଥିଲେ ସୁଦ୍ଧା ଗରିବ ହିତାଧିକାରୀମାନେ ନିଜର ପ୍ରାପ୍ୟ ପାଇବାରୁ ବଞ୍ଚିତ ଅଛନ୍ତି। ଏହି ସମସ୍ୟାର ତୁରନ୍ତ ସମାଧାନ କରି ଡିଲରମାନଙ୍କ ଜରିଆରେ ଚାଉଳ ବଣ୍ଟନ ପ୍ରକ୍ରିୟା ଶୀଘ୍ର ଆରମ୍ଭ କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଓ ହିତାଧିକାରୀମାନେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦୃଢ଼ ଦାବି କରିଛନ୍ତି।

## ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ଅମ୍ରିତାଙ୍କ କୃତିତ୍ୱ



ଟାଙ୍ଗୀ,୧।୬(ସମିସ): ଉଚ୍ଚ ମାଧ୍ୟମିକ ସେକେଣ୍ଡାରୀ ସାର୍ଟିଫିକେଟ୍ (ଯୁକ୍ତ ୨) ବିଜ୍ଞାନ ପରୀକ୍ଷାରେ କଟକ ଜିଲ୍ଲା ଟାଙ୍ଗୀ ଅଞ୍ଚଳର ଛାତ୍ରୀ ଅମ୍ରିତା ଭୂୟାଁ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। କୋଟସାହି ପଞ୍ଚାୟତ କନ୍ଦରାକଣା ଗ୍ରାମର ତଥା ଟେଟ୍ରାହେଡ୍ରନ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ଅମ୍ରିତା ମୋଟ ୯୧.୬ ପ୍ରତିଶତ ଅର୍ଥାତ୍ ୫୫୦ ନମ୍ବର ରଖି ଗୌରବ ଆଣିଛନ୍ତି। ନିଜର ଏହି ସଫଳତା ପାଇଁ ସେ ଟେଟ୍ରାହେଡ୍ରନ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରା ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସାଧୁବାଦ ଜଣାଇଛନ୍ତି। ଡାକ୍ତର ପ୍ରକାଶ କୁମାର ଭୂୟାଁ ଓ ସ୍ୱପ୍ନଲତା ଭୂୟାଁଙ୍କ କନ୍ୟା ଅମ୍ରିତା ଆଗକୁ ଉଚ୍ଚଶିକ୍ଷା ଗ୍ରହଣ କରି ଜଣେ ଦକ୍ଷ ଡାକ୍ତରାଣୀ ହେବା ସହ ସମାଜର ସେବା କରିବାକୁ ନିଜର ଲକ୍ଷ୍ୟ ରଖିଛନ୍ତି। ତାଙ୍କର ଏହି କୃତିତ୍ୱ ପାଇଁ ସ୍ଥାନୀୟ ଅଞ୍ଚଳରେ ଶୁଭେଚ୍ଛାର ସୁଅ ଛୁଟିଛି।

### ଦରଦାମ ବୃଦ୍ଧି ଓ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ବିରୋଧ

## ୩ରେ ନରସିଂହପୁର ବିଜେଡିର ବିକ୍ଷୋଭ

ନରସିଂହପୁର,୧।୬(ସମିସ): ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ଏବଂ ଗ୍ୟାସ, ତେଲ ସମେତ ନିତ୍ୟବ୍ୟବହାର୍ଯ୍ୟ ଖାଦ୍ୟ ସାମଗ୍ରୀର ଅହେତୁକ ଦରଦାମ ବୃଦ୍ଧି ପ୍ରତିବାଦରେ ଆସନ୍ତା ୩ ତାରିଖରେ ବିଜୁ ଜନତା ଦଳ ପକ୍ଷରୁ ଏକ ବ୍ୟାପକ ଆନ୍ଦୋଳନ କରାଯିବ। ଏନେଇ ନରସିଂହପୁର ବିଜେଡି ପକ୍ଷରୁ ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ରଙ୍କ ଡ଼ମକଟାସ୍ଥିତ ବାସଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିସ୍ତୃତ ସୂଚନା ଦିଆଯାଇଛି। ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ଶ୍ରୀ ମିଶ୍ରଙ୍କ ସମେତ କଟକ ଜିଲ୍ଲା ପରିଷଦ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର, ବ୍ଲକ ଉପାଧ୍ୟକ୍ଷ ନାରାୟଣ ନାୟକ ଏବଂ ଯୁବ ବିଜେଡି ବ୍ଲକ ସଭାପତି ନିର୍ମଳ କୁମାର ଜେନା ପ୍ରମୁଖ ଯୋଗଦେଇ ବିଜେପି ସରକାରଙ୍କ ବିଫଳତା ଉପରେ କଡ଼ା ସମାଲୋଚନା କରିଥିଲେ। ଦଳୀୟ ନେତୃବୃନ୍ଦ ଅଭିଯୋଗ କରିଛନ୍ତି ଯେ, ବର୍ତ୍ତମାନର ସରକାରଙ୍କ



ଦୁଇ ବର୍ଷ ବିତିଯାଇଥିଲେ ମଧ୍ୟ କୌଣସି ଉଲ୍ଲେଖନୀୟ ବିକାଶମୂଳକ କାର୍ଯ୍ୟ ହୋଇନାହିଁ। ଅଞ୍ଚଳରେ ଉତ୍କଟ ପାନୀୟ ଜଳ ସମସ୍ୟା ଲାଗି ରହିଥିବା ବେଳେ ବିକାଶ କେବଳ ଭାଷଣରେ ସୀମିତ ରହିଛି। ଏହାର ଦୃଢ଼ ପ୍ରତିବାଦ କରିବା ପାଇଁ ଆସନ୍ତା ୩ ତାରିଖରେ ଶତାଧିକ ସମର୍ଥକଙ୍କୁ ନେଇ ନରସିଂହପୁର ବିଜେଡି ରାଜରାସ୍ତାକୁ ଓହ୍ଲାଇବ। ସେଦିନ ସ୍ଥାନୀୟ ତହସିଲଦାର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର (ଦାବିପତ୍ର) ପ୍ରଦାନ କରାଯିବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି।

## ଟେଟ୍ରାହେଡ୍ରନ୍ ପକ୍ଷରୁ ରକ୍ତଦାନ ଶିବିର

**୭୫ ୟୁନିଟ୍ ରକ୍ତ ସଂଗୃହିତ**



ଟାଙ୍ଗୀ,୧।୬(ସମିସ): ଟାଙ୍ଗୀସ୍ଥିତ ଟେଟ୍ରାହେଡ୍ରନ୍ ଏଜୁକେସନାଲ ଟ୍ରଷ୍ଟ ଆନୁକୂଲ୍ୟରେ ଭଗତପୁର କଲ୍ୟାଣ ମଣ୍ଡପ ପରିସରରେ ରବିବାର ସନ୍ଧ୍ୟାରେ ଏକ ରକ୍ତଦାନ ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଏମବିବିଏସ୍ କ୍ରିକେଟ୍ କ୍ଲବ ଓ ମା' ଦୁର୍ଗା ନାଟ୍ୟକଳା ପରିଷଦର ସହଯୋଗରେ ଆୟୋଜିତ ଏହି ଶିବିରରୁ ମୋଟ ୭୫ ୟୁନିଟ୍ ରକ୍ତ ସଂଗୃହିତ ହୋଇଛି। କେନ୍ଦ୍ରୀୟ ରେଡକ୍ରସ ରକ୍ତ କେନ୍ଦ୍ର କଟକର ଡାକ୍ତରୀ ଦଳ ଏହି ରକ୍ତ ସଂଗ୍ରହ କରିଥିଲେ। ଜିଲ୍ଲା ରେଡ଼କ୍ରସ୍ ସମ୍ପାଦିକା ଡଃ. ସସ୍ମିତା ପଟ୍ଟନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟେଟ୍ରାହେଡ୍ରନ୍ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ ଅଧ୍ୟକ୍ଷ ତ୍ରିଦେବ ବେହେରା ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିରକୁ ସୁଚାରୁରୂପେ ପରିଚାଳନା କରିବାରେ ବିଶ୍ୱଜିତ ଅଞ୍ଚଳ, ଦୀନବନ୍ଧୁ ନାଥ, ହିମାଂଶୁ ସାହୁ, ରବିନାରାୟଣ ପଣ୍ଡା, ପପୁ ଅଞ୍ଚଳ ଏବଂ ସନ୍ଦୀପ ସେଠୀଙ୍କ ସମେତ ଉଭୟ କ୍ଲବର ଅନ୍ୟ ସଦସ୍ୟମାନେ ସକ୍ରିୟ ସହାୟତା କରିଥିଲେ।

## ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଗଣଧାରଣା

ସାଲେପୁର,୧।୬(ସମିସ)

ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିବା ଏବଂ ଦୀର୍ଘ ଦିନ ଧରି ଖାଲିପଡ଼ିଥିବା ଡାକ୍ତର ପଦବୀଗୁଡ଼ିକୁ ତୁରନ୍ତ ପୂରଣ କରିବା ଦାବିରେ ସୋମବାର ଠାରୁ ମେଡିକାଲ ସମ୍ମୁଖରେ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଏକ ଅନିର୍ଦ୍ଦିଷ୍ଟ କାଳୀନ ଗଣଧାରଣା ଆରମ୍ଭ ହୋଇଛି। ସାଲେପୁର ସହରାଞ୍ଚଳ ବିକାଶ ପରିଷଦ ଏବଂ ଜନସାଧାରଣଙ୍କ ମିଳିତ ଆନୁକୂଲ୍ୟରେ ଏହି ଆନ୍ଦୋଳନ କରାଯାଉଥିବା ବେଳେ, ଦାବି ପୂରଣ ନ

**● ଡାକ୍ତର ପଦ ପୂରଣ ସହ ୧୦ ଦଫା ଦାବି**
**● ଧାରଣାରେ ସାମିଲ ହେଲେ ବିଧାୟକ**

ହେବା ପର୍ଯ୍ୟନ୍ତ ଏହି ପ୍ରତିବାଦ ଜାରି ରହିବ ବୋଲି ପରିଷଦର ଅଧ୍ୟକ୍ଷ ନନ୍ଦ କିଶୋର ଭୂୟାଁ ସ୍ପଷ୍ଟ କରିଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ଏହା ଅଧୀନରେ ଥିବା ୪ଟି ଉପ-ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଡାକ୍ତର ନ ଥିବାରୁ ଚିକିତ୍ସା ସେବା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଏ ସମ୍ପର୍କରେ ପୂର୍ବରୁ କଟକ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ବିଭାଗର ବହୁ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଲିଖିତ ଭାବେ ଅବଗତ କରାଯାଇଥିଲେ ହେଁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ଶେଷରେ ଜନସାଧାରଣ ରାଜପଥକୁ ଓହ୍ଲାଇଛନ୍ତି। ଏହି ଗଣଆନ୍ଦୋଳନକୁ ସମ୍ପୂର୍ଣ୍ଣ ସମର୍ଥନ ଜଣାଇ



ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଧାରଣା ସ୍ଥଳରେ ସାମିଲ ହୋଇଛନ୍ତି। ମେଡିକାଲରେ ସ୍ଥାୟୀ ଡାକ୍ତର ନିଯୁକ୍ତ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନରୁ ପଛକୁ ହଟିବାର ପ୍ରଶ୍ନ ଉଠୁନାହିଁ ବୋଲି ବିଧାୟକ ଶ୍ରୀ ବେହେରା ସରକାରଙ୍କୁ ଚେତାବନୀ ଦେଇଛନ୍ତି। ଅଭିଯୋଗକାରୀଙ୍କ ମୁଖ୍ୟ ୧୦ ଦଫା ଦାବି ମଧ୍ୟରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲି ପଡ଼ିଥିବା ସମସ୍ତ ୧୭ଟି ଡାକ୍ତରୀ ଓ ସ୍ୱାସ୍ଥ୍ୟ କର୍ମଚାରୀ ପଦବୀ ପୂରଣ କରିବା, ସ୍ଥାୟୀ ମେଡିକାଲ ସୁପରିଟେଣ୍ଡେଣ୍ଟ ନିଯୁକ୍ତି ଦେବା, ଗର୍ଭବତୀ ଓ ପ୍ରସୂତି ମହିଳାମାନଙ୍କ ପାଇଁ ଜରୁରୀକାଳୀନ ଅସ୍ତ୍ରୋପଚାର (ସିଜେରିଆନ) ଏବଂ ଅଲଟ୍ରାସାଉଣ୍ଡ ବ୍ୟବସ୍ଥା ତୁରନ୍ତ କାର୍ଯ୍ୟକ୍ଷମ କରିବା ସାମିଲ ରହିଛି। ଏହା ସହିତ ବିଶେଷଜ୍ଞ ଡାକ୍ତରମାନଙ୍କ ଦ୍ୱାରା ନିୟମିତ ଆଉଟ୍‌ଡୋର ସେବା ପ୍ରଦାନ, ଡାକ୍ତରଖାନାରେ ୨୪ ଘଣ୍ଟିଆ ମାଗଣା ଔଷଧ ଯୋଗାଣ ସୁନିଶ୍ଚିତ କରିବା, ସରକାରୀ କ୍ୱାର୍ଟର୍ସରେ ଡାକ୍ତରମାନଙ୍କ ରହିବା ନିୟମକୁ କଡ଼ାକଡ଼ି ଲାଗୁ କରିବା ଏବଂ ସିଟିଜେନ୍ ଚାର୍ଟର ମାଧ୍ୟମରେ ରୋଗୀମାନଙ୍କୁ ଉପଲବ୍ଧ ସେବା ବିଷୟରେ ସ୍ୱଚ୍ଛ ସୂଚନା ପ୍ରଦାନ କରିବା ଭଳି ପ୍ରସଙ୍ଗ ଉପରେ ଜୋର ଦିଆଯାଇଛି।

ଆଜିର ଏହି ବିଶାଳ ଗଣଧାରଣାରେ ପ୍ରୀତିରଞ୍ଜନ ମହାନ୍ତି, ପ୍ରସନ୍ନ କୁମାର ମିଶ୍ର, ରଶ୍ମିରଞ୍ଜନ ଲେଙ୍କା, ବିନୋଦ ମଲ୍ଲିକ, ସରପଞ୍ଚ ଜ୍ଞାନରଞ୍ଜନ ପଟ୍ଟନାୟକ, ପବିତ୍ର ସାମଲ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଚିତ୍ତରଞ୍ଜନ ମହାନ୍ତି, ପୂର୍ବତନ ସରପଞ୍ଚ କୈଳାସ ଚନ୍ଦ୍ର ବେହେରା, ବିଭୁତିଭୂଷଣ ଦାଶ, ଅଶ୍ୱିନୀ କୁମାର ଦାସ, ଗୁଲରେଜ ଅଲ୍ଲି, ଆର୍ତ୍ତତ୍ରାଣ ତ୍ରିପାଠୀ, ରାଜେଶ ମହାନ୍ତି, ପରୀକ୍ଷିତ ବେହେରା, ଧ୍ରୁବଚରଣ ଖୁଣ୍ଟିଆ, ଶ୍ରୀପତୀ ଷଡ଼ଙ୍ଗୀ, ଜୟରାମ ବେହେରା, ନିରଞ୍ଜନ ମଲ୍ଲିକ, ଦୀପକ କୁମାର ରାଉତ, ଜୟଦେବ ଶତପଥି, ଗୋପବନ୍ଧୁ ଭୂୟାଁ, ସନ୍ତୋଷ କୁମାର ଦାଶ ଓ ବିଜୟ କୁମାର କାଣ୍ଡିଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଶତାଧିକ ମହିଳା ଓ ପୁରୁଷ କର୍ମୀ ଉପସ୍ଥିତ ରହି ପ୍ରଶାସନ ବିରୋଧରେ ସ୍ଲୋଗାନବାଜି କରିବା ସହ ଆନ୍ଦୋଳନକୁ ତୀବ୍ରତର କରିଛନ୍ତି।

## କଣ୍ଟାପଡ଼ାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର




କଣ୍ଟାପଡ଼ା,୧।୬(ସମିସ): କଟକ ଜିଲ୍ଲା କଣ୍ଟାପଡ଼ା ବ୍ଲକ ପରିସରରେ ସୋମବାର ଏକ ସ୍ୱତନ୍ତ୍ର ଯୁଗ୍ମ ଜନଶୁଣାଣି ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ବିଡିଓ, ଏବିଡିଓ ଓ ବ୍ଲକ ଉପାଧ୍ୟକ୍ଷଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ସାଧାରଣ ଜନତାଙ୍କ ମୋଟ ୫୩ଟି ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ଅଞ୍ଚଳବାସୀ ସେମାନଙ୍କର ରାସ୍ତାଘାଟ, ପାନୀୟ ଜଳ, ବିଦ୍ୟୁତ, ରାସନ କାର୍ଡ, ସାମାଜିକ ସୁରକ୍ଷା ଭତ୍ତା ଏବଂ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କିତ ସମସ୍ୟା ପ୍ରଶାସନ ସମ୍ମୁଖରେ ଉପସ୍ଥାପନ କରିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଅନେକ ସମସ୍ୟାର ତୁରନ୍ତ ସମାଧାନ କରାଯାଇଥିବା ବେଳେ ବାକି ରହିଯାଇଥିବା ଅଭିଯୋଗଗୁଡ଼ିକର ଶୀଘ୍ର ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଅବସରରେ ଜିଲ୍ଲାପାଳ ନିଜ ଅଭିଭାଷଣରେ କହିଥିଲେ ଯେ, ଜନଶୁଣାଣି ଶିବିର ମାଧ୍ୟମରେ ସାଧାରଣ ଲୋକଙ୍କ ସମସ୍ୟାକୁ ସିଧାସଳଖ ଜାଣି ତାହାର ତ୍ୱରିତ ସମାଧାନ କରିବା ପ୍ରଶାସନର ମୁଖ୍ୟ ଲକ୍ଷ୍ୟ ଅଟେ। ସରକାରୀ ସେବା ଓ ଯୋଜନାର ସୁବିଧା ଯେପରି ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ପହଞ୍ଚିପାରିବ, ସେଥିପାଇଁ ପ୍ରଶାସନ ପ୍ରତିବଦ୍ଧ ବୋଲି ସେ ପ୍ରକାଶ କରିଥିଲେ। ପ୍ରଶାସନର ଏଭଳି ପଦକ୍ଷେପକୁ ସ୍ଥାନୀୟ ଲୋକେ ଉଚ୍ଚ ପ୍ରଶଂସା କରିଥିବା ବେଳେ ବ୍ଲକର ସମସ୍ତ କର୍ମଚାରୀ ଓ ସ୍ଥାନୀୟ ପୁଲିସର ସହାୟତାରେ ଶିବିରଟି ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଥିଲା।

**୫୩ଟି ଅଭିଯୋଗର ସମୀକ୍ଷା**

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୫.୭୦ ● ପାଉଣ୍ଡ ୧୨୯.୩୬
- ୟୁରୋ ୧୧୧.୯୪ ● ୟେନ୍ ୦.୬୦

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୫,୮୦୦ (ଭୁବନେଶ୍ୱର)
- ରୁପା : ୨,୯୫,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୫,୪୧୫.୦୦
- ନିଫ୍ଟି ୨୩,୭୧୯.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୬.୩୬ (ଭୁବନେଶ୍ୱର)
- ଡିଜେଲ୍ - ୯୭.୯୨



### ରେକର୍ଡସ୍ତରରେ ବିଦ୍ୟୁତ୍ ଚାହିଦା

# ପିକ୍ ଆୱାରରେ ଟପିଲା ୨.୭ ଲକ୍ଷ ମେଗାୱାଟ

**ମେ ମାସରେ ବିଦ୍ୟୁତ୍ ବ୍ୟବହାର ୧୧.୫% ବୃଦ୍ଧି**

**ଚିନ୍ତା ବଢ଼ାଇଲା ସିଆଇଏଲ୍‌ର କୋଇଲା ଉତ୍ପାଦନ**



ନୂଆଦିଲ୍ଲୀ, ୩୧ (ଏଜେନ୍ସି): ଦେଶବ୍ୟାପୀ ପ୍ରଚଣ୍ଡ ଖରା ଓ ଗ୍ରୀଷ୍ମ ପ୍ରବାହ ମଧ୍ୟରେ ବିଦ୍ୟୁତ ଚାହିଦା ସର୍ବୋଚ୍ଚସ୍ତରରେ ପହଞ୍ଚିଛି। ତେବେ ଏହି ସମୟରେ କୋଇଲା ଉତ୍ପାଦନରେ ଉଲ୍ଲେଖନୀୟ ହ୍ରାସ ସାରା ଦେଶ ପାଇଁ ଚିନ୍ତାର କାରଣ ହୋଇଛି।

ବିଦ୍ୟୁତ ମନ୍ତ୍ରଣାଳୟର ତଥ୍ୟ ଅନୁସାରେ ମେ ୨୦୨୬ରେ ଦେଶର ମୋଟ ବିଦ୍ୟୁତ ବ୍ୟବହାର ୧୧.୫୫ ପ୍ରତିଶତ ବୃଦ୍ଧି ପାଇ ୧୬୪.୯୮ ବିଲିୟନ ୟୁନିଟ୍(ବିୟୁ)ରେ ପହଞ୍ଚିଛି। ଗତବର୍ଷ ମେ ମାସରେ ଏହି ବ୍ୟବହାର ୧୪୭.୮୯ ବିୟୁ ଥିଲା। ସେହିପରି ପିକ୍ ଆୱର୍‌ରେ ବିଦ୍ୟୁତ ଚାହିଦା ୨.୭୦୮୨ ଲକ୍ଷ ମେଗାୱାଟକୁ ଛୁଇଁଛି। ଗତବର୍ଷ ଅର୍ଥାତ୍ ୨୦୨୫ ମେ ମାସରେ ଏହି ଚାହିଦା ୨.୩୦୯୯ ଲକ୍ଷ ମେଗାୱାଟ ଥିଲା। ଚଳିତ ବର୍ଷ ମେ୧୮ରୁ ୨୧ ତାରିଖ ମଧ୍ୟରେ ଚାରି ଦିନ ଧରି ବିଦ୍ୟୁତ୍ ବ୍ୟବହାର କ୍ରମାଗତ ରେକଡର୍ ପରେ ରେକଡର୍ ଭାଙ୍ଗିଛି। ମେ ୧୮ ତାରିଖରେ ବିଦ୍ୟୁତ୍ ଚାହିଦା ୨.୫୭ ଲକ୍ଷ ମେଗାୱାଟ ଥିବାବେଳେ ୨୧ ତାରିଖରେ ଏହା ୨.୭୧ ଲକ୍ଷ ମେଗାୱାଟ ଅତିକ୍ରମ କରିଛି।

ଏପଟେ ଦେଶର ସର୍ବବୃହତ କୋଇଲା ଉତ୍ପାଦନକାରୀ ସଂସ୍ଥା କୋଲ ଇଣ୍ଡିଆ ଲିମିଟେଡ୍ (ସିଆଇଏଲ୍)ର ଉତ୍ପାଦନ ଚିନ୍ତାଜନକ ଭାବେ ହ୍ରାସ ପାଇଛି। ମେ ୨୦୨୬ରେ କମ୍ପାନୀର କୋଇଲା ଉତ୍ପାଦନ ୧୧.୬ ପ୍ରତିଶତ କମି ୫.୬୧ କୋଟି ଟନ୍‌ରେ ସୀମିତ ରହିଛି। ଗତବର୍ଷ ଏହି ସମୟରେ ଏହା ୬.୩୫ କୋଟି ଟନ୍ ଥିଲା। ଦେଶର ମୋଟ କୋଇଲା ଉତ୍ପାଦନର ପ୍ରାୟ ୮୦ ପ୍ରତିଶତ ଅଂଶ ସିଆଇଏଲ୍‌ରୁ ଆସୁଥିବାରୁ ଏହି ହ୍ରାସକୁ ଗୁରୁତ୍ୱର ସହ ଦେଖାଯାଉଛି। କୋଇଲା ମନ୍ତ୍ରାଳୟର ତଥ୍ୟ ଅନୁଯାୟୀ, ଏପ୍ରିଲ-ମେ ୨୦୨୬ ଅବଧିରେ ଦେଶର ମୋଟ କୋଇଲା ଉତ୍ପାଦନ ୧୦.୬ ପ୍ରତିଶତ କମି ୧୧.୨୨ କୋଟି ଟନ୍‌ରେ ପହଞ୍ଚିଛି। ଯଦିଓ ଦେଶରେ ପର୍ଯ୍ୟାପ୍ତ କୋଇଲା ମହଜୁଦ ରହିଥିବା ସିଆଇଏଲ୍ କହିଛି, ତଥାପି ଉତ୍ପାଦନ ହ୍ରାସକୁ ଶିଳ୍ପ ବିଶେଷଜ୍ଞ ଏକ ସତର୍କ ସଙ୍କେତ ବୋଲି ମନେ କରୁଛନ୍ତି। ମୌସୁମୀ ବର୍ଷା ଯୋଗୁଁ ଜୁଲାଇରୁ ସେପ୍‌ଟେମ୍ବର ମଧ୍ୟରେ ସାଧାରଣତଃ କୋଇଲା ଉତ୍ପାଦନ ହ୍ରାସ ପାଉଥିବା ଯୋଗୁଁ ବିଦ୍ୟୁତ ସଙ୍କଟ ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି। ଏହି ପରିପ୍ରେକ୍ଷୀରେ ବର୍ଦ୍ଧିତ ବିଦ୍ୟୁତ ଚାହିଦା ଓ କୋଇଲା ଉତ୍ପାଦନ ହ୍ରାସ ମଧ୍ୟରେ ସନ୍ତୁଳନ ରକ୍ଷା କରିବା ସରକାରଙ୍କ ପାଇଁ ଆହ୍ୱାନ ହୋଇପାରେ ବୋଲି ମନେ କରାଯାଉଛି।

### ଋଣ ପାଇଁ ରାଜ୍ୟମାନଙ୍କ ମଧ୍ୟରେ ପ୍ରତିଯୋଗିତା

# ରାଜ୍ୟ ଉପରେ ବଢୁଛି ଋଣ ଚାପ: ଆର୍‌ବିଆଇ




ନୂଆଦିଲ୍ଲୀ, ୩୧ (ଏଜେନ୍ସି): ଦେଶର ରାଜ୍ୟ ସରକାରମାନେ ନିଜର ଆବଶ୍ୟକତା ପୂରଣ ପାଇଁ ବଜାରରୁ କରଜ କରିବାକୁ ପ୍ରତିଯୋଗିତା ଚଳାଇଛନ୍ତି। ନିର୍ବାଚନୀ ପ୍ରତିଶ୍ରୁତି ପୂରଣ ପାଇଁ ଏହି ଅବାଞ୍ଛିତ ପ୍ରତିଯୋଗିତା ସମ୍ପୃକ୍ତ ରାଜ୍ୟଗୁଡ଼ିକର ଆର୍ଥିକ ସ୍ୱାସ୍ଥ୍ୟକୁ ଗୁରୁତର ପ୍ରଭାବିତ କରିଛି ଏବଂ ଲୋକମାନଙ୍କ ଉପରେ ସାମଗ୍ରୀକ ଋଣ ବୋଝ ବଢ଼ିବାରେ ଲାଗିଛି। କରଜ ଉପରେ ରାଜ୍ୟଗୁଡ଼ିକର ଏପରି ନିର୍ଭରଶୀଳତାକୁ ନେଇ ଚିନ୍ତାବ୍ୟକ୍ତ କରିଛି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)। ସଦ୍ୟ ପ୍ରକାଶିତ ଆର୍‌ବିଆଇ ରିପୋର୍ଟରେ ରାଜ୍ୟଗୁଡ଼ିକର ଗତବର୍ଷ ତୁଳନାରେ ଚଳିତ ବର୍ଷ ରାଜ୍ୟଗୁଡ଼ିକର କରଜ ଯଥେଷ୍ଟ ବୃଦ୍ଧି ପାଇଛି।

ରିପୋର୍ଟ ଅନୁସାରେ ଦେଶର ବିଭିନ୍ନ ରାଜ୍ୟ ୨୦୨୫-୨୬ ମସିହାରେ ପ୍ରାୟ ୨.୭୬ ଲକ୍ଷ କୋଟି ଟଙ୍କା ଋଣ ସଂଗ୍ରହ କରିଛନ୍ତି। ୨୭ଟି ରାଜ୍ୟ ଓ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ୨ରୁ ୩୮ ବର୍ଷ ପର୍ଯ୍ୟନ୍ତ ମିଆଦ ବିଶିଷ୍ଟ ପ୍ରତିଭୂତି ଜାରି କରିଛନ୍ତି। ୧୯ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ 'ସ୍ପେଶାଲ ଡ୍ରଇଂ ଫାସିଲିଟି' ବ୍ୟବହାର କରିଛନ୍ତି ଏବଂ ୧୧ଟି ରାଜ୍ୟ 'ୱେଜ୍ ଆଣ୍ଡ ମିନ୍ସ ଆଡଭାନ୍‌ସେସ୍' ବ୍ୟବହାର କରିଛନ୍ତି। ଅନ୍ୟପକ୍ଷରେ ଆବଶ୍ୟକତା ପୂରଣ ପାଇଁ ୧୦ଟି ରାଜ୍ୟ ଓଭରଡ୍ରାଫ୍ଟ କରିଛନ୍ତି। ରାଜ୍ୟମାନଙ୍କର ବଢୁଥିବା ବଜାର ଉଧାର ନିର୍ଭରଶୀଳତା ଭବିଷ୍ୟତରେ ଋଣ ଭାର ବୃଦ୍ଧିର କାରଣ ହୋଇପାରେ ବୋଲି ଅର୍ଥନୀତିଜ୍ଞମାନେ ଆଶଙ୍କାପ୍ରକଟ କରିଛନ୍ତି। ତେଣୁ ରାଜସ୍ୱ ବୃଦ୍ଧି ଏବଂ ବ୍ୟୟ ପରିଚାଳନା ଉପରେ ଅଧିକ ଗୁରୁତ୍ୱ ଦେବା ସମୟର ଆବଶ୍ୟକତା ବୋଲି ସେମାନେ ମତ ପ୍ରକାଶ କରିଛନ୍ତି।

■ ଛତିଶଗଡ଼ ମଦ ଦୁର୍ନୀତି ମାମଲା

# ୧୦୦୦ କୋଟିରୁ ଅଧିକ ସମ୍ପତ୍ତି ଜବତ



ରାୟପୁର, ୩୧ (ଏଜେନ୍ସି): ଛତିଶଗଡ଼ର ବହୁଚର୍ଚ୍ଚିତ ମଦ ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡ଼ି) ୧୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ସମ୍ପତ୍ତି ଜବତ କରିଛି। ମେ ୨୮ ତାରିଖରେ ମନି ଲଣ୍ଡରିଂ ନିବାରଣ ଆଇନ ଅଧୀନରେ ତିନୋଟି ଅଲଗା ଅସ୍ଥାୟୀ ଜବତ ଆଦେଶ ଆଧାରରେ ଏହି ସମ୍ପତ୍ତି ଜବତ ହୋଇଛି। ଏହି ମାମଲାରେ ଇଡ଼ି ଏପର୍ଯ୍ୟନ୍ତ ଛଅଟି ଚାର୍ଜସିଟ୍ ଦାଖଲ କରିଛି। ସମ୍ପ୍ରତି ଆଉ ଚାରିଜଣଙ୍କୁ ଅଭିଯୁକ୍ତ ଭାବେ ଯୋଡ଼ାଯାଇଥିବା ବେଳେ ମୋଟ ଅଭିଯୁକ୍ତଙ୍କ ସଂଖ୍ୟା ୮୫ରେ ପହଞ୍ଚିଛି। ଇଡ଼ି ପକ୍ଷରୁ କୁହାଯାଇଛି ଯେ ଅଭିଯୁକ୍ତମାନେ ଅବୈଧ ଆୟକୁ ବିଭିନ୍ନ କମ୍ପାନୀ, ଜମି ଓ ନିବେଶରେ ଲଗାଇଥିଲେ। ଅନୁସନ୍ଧାନ ପରେ ଉତ୍ତର ଗୋଆରେ ଏକ ବିଳାସପୂର୍ଣ୍ଣ ହୋଟେଲ 'ୱେଷ୍ଟିନ୍ ଗୋଆ'କୁ ଜବତ କରାଯାଇଛି। ଅବୈଧ ଆୟରୁ ୧୧୦ କୋଟି ଏହି ହୋଟେଲ କ୍ରୟରେ ବିନିଯୋଗ ହୋଇଥିବା କୁହାଯାଉଛି। ଏହି କଥିତ ମଦ ସିଣ୍ଡିକେଟରେ କିଛି ବରିଷ୍ଠ ସରକାରୀ ଅଧିକାରୀ, ଡିଷ୍ଟିଲେରୀ ମାଲିକ ଏବଂ ବ୍ୟବସାୟୀ ସାମିଲ ଥିଲେ। ମଦ କ୍ରୟ ଦରରେ ହେରଫେର, ହିସାବ ବାହାରେ ମଦ ଉତ୍ପାଦନ ଓ ବିକ୍ରୟ, ଲାଇସେନ୍ସଧାରୀଙ୍କ ଠାରୁ ଅବୈଧ ଆଦାୟ ମାଧ୍ୟମରେ ୨୮୮୩ କୋଟି ଟଙ୍କାରୁ ଅଧିକ ସଂଗ୍ରହ କରାଯାଇଥିଲା।

ପ୍ରଥମ ଆଦେଶ ଅନୁସାରେ ବ୍ୟବସାୟୀ ବିକାଶ ଅଗ୍ରୱାଲ ଓ ଅନୱର ଢେବରଙ୍କ ସହ ଜଡ଼ିତ ଅନେକ ସମ୍ପତ୍ତିକୁ ଜବତ କରାଯାଇଛି। ଏହି ଦୁଇଜଣ ସିଣ୍ଡିକେଟର ଆର୍ଥିକ ପରିଚାଳନାରେ ମୁଖ୍ୟ ଭୂମିକା ନେଇଥିଲେ। ରାୟପୁରର 'ଢେବର ସିଟି ହୋମ୍ସ'ରେ ଥିବା ଫ୍ଲାଟ ଏବଂ ବିଭିନ୍ନ ସଂସ୍ଥା ନାମରେ କିଣାଯାଇଥିବା ଜମିଗୁଡ଼ିକୁ ମଧ୍ୟ ଅଟାଚ୍ କରାଯାଇଛି।

# ଇନ୍ଧନ ପରେ ଡାଲି ଦର ବୃଦ୍ଧି

**ହରଡ଼ ଡାଲିର ମୂଲ୍ୟ ବଢ଼ିଲା ୧୨ ପ୍ରତିଶତ**

**ବିଗିଡ଼ିବ ଗରିବ ଓ ମଧ୍ୟବିତ୍ତଙ୍କ ବଜେଟ**



ନୂଆଦିଲ୍ଲୀ, ୩୧ (ଏଜେନ୍ସି): ଦେଶର ସାଧାରଣ ଉପଭୋକ୍ତା ଦୁଇଆଡ଼ୁ ସଙ୍କଟର ସମ୍ମୁଖୀନ ହେବାକୁ ଯାଉଛନ୍ତି। ଗତ କେଇ ସପ୍ତାହ ମଧ୍ୟରେ ପେଟ୍ରୋଲ, ଡିଜେଲ ଏବଂ ରନ୍ଧନ ଗ୍ୟାସ ମୂଲ୍ୟ ବୃଦ୍ଧି ପାଇଥିବାବେଳେ ଏବେ ଡ଼ାଲିର ମୂଲ୍ୟ ବୃଦ୍ଧି ପାଇବାରେ ଲାଗିଛି। ଡାଲିର ମୂଲ୍ୟରେ ମଧ୍ୟ ଉଲ୍ଲେଖନୀୟ ବୃଦ୍ଧି ଦେଖାଦେଇଛି। ଫଳରେ ଘରୋଇ ରୋଷେଇ ବଜେଟ ଉପରେ ଅତିରିକ୍ତ ଚାପ ସୃଷ୍ଟି ହୋଇଛି।

ବଜାରରେ ହରଡ଼ ଡ଼ାଲିର ମୂଲ୍ୟ ଏବେ ଡାଲିର ଦରରେ ସର୍ବାଧିକ ବୃଦ୍ଧି ପାଇଥିବା କୁହାଯାଉଛି। ପାଇକାରୀ ବଜାରରେ ହରଡ଼ ଡ଼ାଲିର ମୂଲ୍ୟ ୧୨% ବୃଦ୍ଧି ପାଇଛି। ୯ ହଜାର ଟଙ୍କା କ୍ୱିଣ୍ଟାଲ ଥିବା ହରଡ଼ ଡ଼ାଲି ଏବେ ୧୨,୫୦୦ ଟଙ୍କାରେ ପହଞ୍ଚିଛି। ଉତ୍ତର ପ୍ରଦେଶର ବିଭିନ୍ନ ମଣ୍ଡିରେ ହରଡ଼ ଡ଼ାଲିର ପାଇକାରୀ ମୂଲ୍ୟ ୧୦,୪୪୦ ଟଙ୍କା ପ୍ରତି କ୍ୱିଣ୍ଟାଲ ଥିବାବେଳେ, ସିଲିଗୁଡ଼ିରେ ଏହା ୧୧,୦୦୦ ଟଙ୍କା ପ୍ରତି କ୍ୱିଣ୍ଟାଲ ହୋଇଛି। ଭାରତ ନିଜର ଚାହିଦା ପୂରଣ ପାଇଁ ବହୁ ପରିମାଣ ହରଡ଼ ଡ଼ାଲି ମିଆଁମାର ଓ ଆଫ୍ରିକୀୟ ଦେଶରୁ ଆମଦାନୀ କରିଥାଏ। ମାତ୍ର ପଶ୍ଚିମ ଏସିଆ ଯୁଦ୍ଧ ପରିପ୍ରେକ୍ଷୀରେ ତୈଳ ମୂଲ୍ୟ ଓ ପରିବହନ ବ୍ୟୟ ବୃଦ୍ଧି ଯୋଗୁଁ ଆମଦାନୀ ହେଉଥିବା ହରଡ଼ଡ଼ାଲି ମହଙ୍ଗା ହୋଇଛି। ସେହିପରି ବିଭିନ୍ନ ମଣ୍ଡିରୁ ଖୁଚୁରା ବଜାରକୁ ଡାଲି ପହଞ୍ଚାଇବା ପାଇଁ ଟ୍ରକ୍ ପରିବହନ ଉପରେ ନିର୍ଭର କରାଯାଏ। ଡିଜେଲ ମୂଲ୍ୟ ବୃଦ୍ଧି ଯୋଗୁଁ ଟ୍ରକ୍ ଭଡ଼ା ବୃଦ୍ଧି ମଧ୍ୟ ଏହାର ଅନ୍ୟତମ କାରଣ ବୋଲି କୁହାଯାଉଛି।

**ବିଭିନ୍ନ ଡାଲିର ମୂଲ୍ୟ ବୃଦ୍ଧି**

| | | |
|---|---|---|
| ହରଡ଼ | : | ୧୧୫ ରୁ ୧୫୦ ଟଙ୍କା |
| ବିରି | : | ୧୧୦ ରୁ ୧୪୦ ଟଙ୍କା |
| ମୁଗ | : | ୯୫ ରୁ ୧୩୦ ଟଙ୍କା |
| ମସୁର | : | ୮୫ ରୁ ୧୧୦ ଟଙ୍କା |
| ଚଣା | : | ୮୦ ରୁ ୯୫ ଟଙ୍କା |

# ବାଣିଜ୍ୟିକ ସିଲିଣ୍ଡର ୫୩.୫ ଟଙ୍କା ମହଙ୍ଗା

### ୫ କିଲୋ ଫ୍ରି ଟ୍ରେଡ୍ ସିଲିଣ୍ଡର ଦାମ ବଢ଼ିଲା ୧୧ ଟଙ୍କା



ନୂଆଦିଲ୍ଲୀ, ୩୧ (ଏଜେନ୍ସି): ଜୁନ୍ ପହିଲାରୁ ତୈଳ ବିପଣନ କମ୍ପାନୀଗୁଡ଼ିକ କମର୍ସିଆଲ୍ ଏଲପିଜି ସିଲିଣ୍ଡର ଦାମରେ ବୃଦ୍ଧି କରିଥିବା ବେଳେ ୫ କିଲୋଗ୍ରାମ୍‌ର ଫ୍ରି ଟ୍ରେଡ୍ ଏଲପିଜି ସିଲିଣ୍ଡର ମୂଲ୍ୟ ବୃଦ୍ଧି କରିଛନ୍ତି। ବାଣିଜ୍ୟକ ଗ୍ୟାସ ମୂଲ୍ୟ ୫୩.୫ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଫଳରେ ରାଜଧାନୀ ଦିଲ୍ଲୀରେ ବାଣିଜ୍ୟକ ସିଲିଣ୍ଡର ମୂଲ୍ୟ ସିଲିଣ୍ଡର ୩,୦୭୧.୫୦ ଟଙ୍କାରୁ ୩,୧୨୩.୫୦କୁ ବୃଦ୍ଧି ପାଇଛି। ସେହିପରି କଲକତାରେ ବାଣିଜ୍ୟକ ସିଲିଣ୍ଡର ମୂଲ୍ୟ ୩,୨୫୫.୫୦ ଟଙ୍କା ଓ ପାଟନାରେ ୩,୪୧୪.୫୦ ଟଙ୍କାରେ ପହଞ୍ଚିଛି। କମର୍ସିଆଲ୍ ଏଲପିଜି ସିଲିଣ୍ଡରର ଦାମ ବୃଦ୍ଧି ପରେ ହୋଟେଲ, ରେଷ୍ଟୁରାଣ୍ଟ, ଢାବା ଓ କ୍ୟାଟରିଂ ବ୍ୟବସାୟୀଙ୍କ ଖର୍ଚ୍ଚ ବୃଦ୍ଧି ପାଇବ ଏବଂ ଏହା ସିଧାସଳଖ ଖାଦ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି କରିବ ବୋଲି ଆଶଙ୍କା କରାଯାଉଛି। ଅପରପକ୍ଷରେ ପ୍ରବାସୀ ଶ୍ରମିକ, ଛାତ୍ରଛାତ୍ରୀ ଓ ଛୋଟ ଦୋକାନୀମାନେ ବ୍ୟବହାର କରୁଥିବା ୫ କେଜିର ଫ୍ରି ଟ୍ରେଡ୍ ଏଲ୍‌ପିଜି ସିଲିଣ୍ଡର ଦାମ ମଧ୍ୟ ୧୧ ଟଙ୍କା ବୃଦ୍ଧି ପାଇଛି। ପୂର୍ବରୁ ଏହାର ଦର ୮୧୦.୫୦ ଟଙ୍କା ଥିବା ବେଳେ ବର୍ତ୍ତମାନ ଏହା ୮୨୧.୫୦ ଟଙ୍କାରେ ଉପଲବ୍ଧ ହେବ। ତେବେ ନିୟମିତ ଘରୋଇ ଏଲପିଜି ସଂଯୋଗ ସହିତ ମିଳୁଥିବା ୫ କିଲୋଗ୍ରାମ୍ ସିଲିଣ୍ଡରର ଦର ୩୩୯ ଟଙ୍କାରେ ଅପରିବର୍ତ୍ତିତ ରହିଛି।

### ଫ୍ରାନ୍ସକୁ ଭାରତ ପଠାଇଲା 'ଲେଟର ଅଫ୍ ରିକ୍ୱେଷ୍ଟ'

# ୩.୨୫ ଲକ୍ଷ କୋଟିରେ କିଣିବ ୧୧୪ ରାଫେଲ୍



ନୂଆଦିଲ୍ଲୀ, ୩୧ (ଏଜେନ୍ସି): ଭାରତ ସରକାର ଫ୍ରାନ୍ସକୁ ୧୧୪ଟି ରାଫେଲ ଯୁଦ୍ଧବିମାନ କ୍ରୟପାଇଁ ଆନୁଷ୍ଠାନିକ ଭାବେ 'ଲେଟର ଅଫ୍ ରିକ୍ୱେଷ୍ଟ' ପଠାଇଛନ୍ତି। ପ୍ରାୟ ୩.୨୫ ଲକ୍ଷ କୋଟି ଟଙ୍କା ମୂଲ୍ୟର ଏହି ଚୁକ୍ତି ଭାରତର ସବୁଠାରୁ ବଡ଼ ପ୍ରତିରକ୍ଷା କ୍ରୟ ପ୍ରକଳ୍ପମାନଙ୍କ ମଧ୍ୟରୁ ଗୋଟିଏ ବୋଲି ମନେ କରାଯାଉଛି। ଏହି ମେଗା ଚୁକ୍ତିର ସବୁଠାରୁ ବଡ଼ ବିଶେଷତା ହେଉଛି 'ମେକ୍ ଇନ୍ ଇଣ୍ଡିଆ' ଉପରେ ଗୁରୁତ୍ୱ। ପ୍ରସ୍ତାବ ଅନୁସାରେ ୧୧୪ଟି ବିମାନ ମଧ୍ୟରୁ ପ୍ରାୟ ୯୦ରୁ ୯୬ଟି ଯୁଦ୍ଧବିମାନ ଫ୍ରାନ୍ସର ଡାସଲ୍ଟ ଏଭିଏସନ ଓ ଏକ ଭାରତୀୟ ସହଯୋଗୀ କମ୍ପାନୀର ସହଭାଗିତାରେ ଭାରତରେ ନିର୍ମାଣ କରାଯିବ। ଅବଶିଷ୍ଟ ବିମାନଗୁଡ଼ିକ ସିଧାସଳଖ ଫ୍ରାନ୍ସରୁ ଆଣାଯିବ। ଏହା ଦେଶର ରକ୍ଷା ଉତ୍ପାଦନ କ୍ଷେତ୍ରକୁ ନୂଆ ଗତି ଦେବା ସହିତ ସ୍ୱଦେଶୀ ଉତ୍ପାଦନ ଓ ରୋଜଗାର ସୃଷ୍ଟିରେ ମଧ୍ୟ ସହାୟକ ହେବ।

ବର୍ତ୍ତମାନ ଭାରତୀୟ ବାୟୁସେନାର ଯୁଦ୍ଧ ବିମାନ ସ୍କ୍ୱାଡ୍ରନ ସଂଖ୍ୟା ଆବଶ୍ୟକ ସ୍ତରଠାରୁ ଅନେକ କମ୍ ରହିଛି। ପୁରୁଣା ମିଗ୍ ସିରିଜ୍ ବିମାନଗୁଡ଼ିକ ଧୀରେଧୀରେ ସେବାରୁ ବିଦାୟ ନେଉଥିବା ବେଳେ ଚୀନ ଓ ପାକିସ୍ତାନର ବଢୁଥିବା ସାମରିକ କ୍ଷମତାକୁ ମୁକାବିଲା ପାଇଁ ଆଧୁନିକ ମଲ୍ଟିରୋଲ୍ ଯୁଦ୍ଧବିମାନର ଆବଶ୍ୟକତା ବଢ଼ିଛି। ଏହି ପରିପ୍ରେକ୍ଷୀରେ ରାଫେଲ ବିମାନକୁ ବାୟୁସେନାର ଶକ୍ତିବୃଦ୍ଧିର ମୁଖ୍ୟ ଅସ୍ତ୍ର ଭାବେ ଦେଖାଯାଉଛି। ନୂଆ ରାଫେଲ ବିମାନଗୁଡ଼ିକ ଭାରତରେ ବିକଶିତ ଅସ୍ତ୍ର ପ୍ରଣାଳୀ ସହ ସୁସଂଗତ କରାଯିବ। ଏଥିରେ ଆକାଶରୁ ଆକାଶ ମିସାଇଲ, ଆଧୁନିକ ସ୍ମାର୍ଟ ଅସ୍ତ୍ର ଓ ଅନ୍ୟାନ୍ୟ ସ୍ୱଦେଶୀ ପ୍ରଣାଳୀ ସଂଯୋଜନା କରାଯିବ। ସଂପ୍ରତି ଭାରତୀୟ ବାୟୁସେନା ପ୍ରମୁଖ ଏୟାର ଚିଫ୍ ମାର୍ଶାଲ ଅମରପ୍ରୀତ ସିଂହ ଫ୍ରାନ୍ସ ଗସ୍ତରେ ଅଛନ୍ତି। ତାଙ୍କ ଏହି ଗସ୍ତକୁ ରାଫେଲ ଚୁକ୍ତି ସହ ଜଡ଼ିତ ଏକ ଗୁରୁତ୍ୱପୂର୍ଣ୍ଣ କୂଟନୈତିକ ଓ ସାମରିକ ପଦକ୍ଷେପ ଭାବେ ଦେଖାଯାଉଛି।

୨୦୧୬ ମସିହାରେ ଭାରତ ୩୬ଟି ରାଫେଲ ଯୁଦ୍ଧବିମାନ କ୍ରୟ କରିଥିଲା। ଏହାଛଡ଼ା ଭାରତୀୟ ନୌସେନା ପାଇଁ ୨୬ଟି ରାଫେଲ-ଏମ୍ ବିମାନ କ୍ରୟ ପ୍ରକ୍ରିୟା ମଧ୍ୟ ଚାଲିଛି। ନୂଆ ୧୧୪ ରାଫେଲ ଚୁକ୍ତି ସଫଳ ହେଲେ ଭାରତ-ଫ୍ରାନ୍ସ ରକ୍ଷା ସହଯୋଗ ଆହୁରି ଗଭୀର ହେବ ଏବଂ ଭାରତୀୟ ବାୟୁସେନାର ଆଧୁନିକୀକରଣରେ ଏହା ଏକ ବଡ଼ ମାଇଲଖୁଣ୍ଟ ହେବ।

# ସିଜିମାଳି ଅଞ୍ଚଳରେ ବେଦାନ୍ତ ଆଲୁମିନିୟମ୍‌ର ବୃକ୍ଷରୋପଣ ଅଭିଯାନ





ଭୁବନେଶ୍ୱର, ୩୧(ସମିସ):

ବିଶ୍ୱ ପରିବେଶ ଦିବସର ଠିକ୍ ପୂର୍ବରୁ, ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ ବେଦାନ୍ତ ଆଲୁମିନିୟମ୍, ସିଜିମାଳି ଅଞ୍ଚଳରେ ଏକ ବ୍ୟାପକ ବୃକ୍ଷରୋପଣ ଅଭିଯାନ ମାଧ୍ୟମରେ ଓଡ଼ିଶାର କଳାହାଣ୍ଡି ଏବଂ ରାୟଗଡ଼ା ଜିଲ୍ଲାରେ ସବୁଜ ଆବରଣକୁ ବୃଦ୍ଧି କରିବା ପାଇଁ ଏହାର ପ୍ରୟାସକୁ ତ୍ୱରାନ୍ୱିତ କରୁଛି।

ଗତ ବର୍ଷ ମଧ୍ୟରେ କମ୍ପାନୀ ଦ୍ୱାରା ଏହିସବୁ ଅଞ୍ଚଳର ଗ୍ରାମ ଏବଂ ବିଦ୍ୟାଳୟଗୁଡ଼ିକରେ ହଜାର ହଜାର ଚାରାରୋପଣ କରାଯାଇଥିବାବେଳେ କମ୍ପାନୀର ଏହି ନୂଆ ଅଭିଯାନ ଦ୍ୱାରା ପରିବେଶ ସଂରକ୍ଷଣ ନେଇ ପ୍ରୋତ୍ସାହିତ ହେଉଛି ବୋଲି ସ୍ପଷ୍ଟ ଭାବେ ପ୍ରତୀୟମାନ ହେଉଛି। ଗତ କିଛି ଦିନ ମଧ୍ୟରେ "ମୋ ଗଛ, ମୋ ପରିବାର" ଅଭିଯାନ ଅଧୀନରେ, କଳାହାଣ୍ଡି ଏବଂ ରାୟଗଡ଼ା ଜିଲ୍ଲାରେ ୧,୦୦,୦୦୦ରୁ ଅଧିକ ଚାରାରୋପଣ କରାଯାଇଥିଲା। ସିଜିମାଳି ଅଞ୍ଚଳର ପାଞ୍ଚଟି ଗ୍ରାମପଞ୍ଚାୟତ ଯଥା- ସୁଙ୍ଗେର, ତାଲମ୍ପାପଦର, ନକରୁଣ୍ଡି, ଆଡାଜୋର ଏବଂ ସିନ୍ଦୁରଘାଟିର ୨୨ଟି ଗ୍ରାମ ଏବଂ ୨୫ଟି ସ୍କୁଲରେ ଚାରାରୋପଣ ଅଭିଯାନ ବେଶ ସଫଳତାର ସହ ସମ୍ପନ୍ନ ହୋଇଥିଲା। ଏହି ଅଭିଯାନରେ ସ୍ଥାନୀୟ ସମ୍ପ୍ରଦାୟର ନେତା, ଶିକ୍ଷକ, ସ୍ୱେଚ୍ଛାସେବୀ ଏବଂ ପଞ୍ଚାୟତ ପ୍ରତିନିଧିମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ।

ଏହି ଚାରାରୋପଣ କାର୍ଯ୍ୟକ୍ରମର ପ୍ରମୁଖ ଲକ୍ଷ୍ୟ ହେଉଛି ସ୍ଥାନୀୟ ଅଞ୍ଚଳର ସବୁଜ ପରିବେଷ୍ଟନୀକୁ ସୁଦୃଢ କରିବା। ଏତଦ୍‌ବ୍ୟତୀତ ଛାତ୍ର ଏବଂ ସମ୍ପ୍ରଦାୟ ମଧ୍ୟରେ ପରିବେଶଗତ ସଚେତନତାକୁ ପ୍ରୋତ୍ସାହନ ପ୍ରଦାନ କରିବା ସହ ପରିବେଶ ସଂରକ୍ଷଣ ଦିଗରେ ସାମୂହିକ ଯୋଗଦାନକୁ ଉତ୍ସାହିତ କରିବା ମଧ୍ୟ ଏହି କାର୍ଯ୍ୟକ୍ରମର ଅନ୍ୟତମ ଉଦ୍ଦେଶ୍ୟ ଅଟେ। ବେଦାନ୍ତ ଆଲୁମିନିୟମର ନିରନ୍ତର ବିକାଶକୁ ଆଖିଆଗରେ ରଖି କାମ କରିଥାଏ। ଏହି ପ୍ରସଙ୍ଗରେ ବେଦାନ୍ତ ଆଲୁମିନିୟମର ସିଇଓ ଶ୍ରୀ ରାଜେଶ କୁମାର କହନ୍ତି ଯେ ବେଦାନ୍ତ ଆଲୁମିନିୟମର ଦୃଷ୍ଟିକୋଣ ହେଉଛି, ସମ୍ପ୍ରଦାୟ ଏବଂ ପରିବେଶ ପାଇଁ ଦୀର୍ଘକାଳୀନ ମୂଲ୍ୟ ସୃଷ୍ଟି କରିବା। ବ୍ୟାପକ ପରିମାଣର ବୃକ୍ଷରୋପଣ, ଜୈବ ବିବିଧତା ସଂରକ୍ଷଣ ଏବଂ ସମ୍ପ୍ରଦାୟ ଅଂଶଗ୍ରହଣ ଆଦି କାର୍ଯ୍ୟକ୍ରମ ଭଳି ପଦକ୍ଷେପ ମାଧ୍ୟମରେ, ଆମେ କଳାହାଣ୍ଡି ଏବଂ ରାୟଗଡ଼ାରେ ସବୁଜ ଦୃଶ୍ୟକୁ ବଜାୟ ରଖିବା ଏବଂ ଜଳବାୟୁ-ନିରୋଧୀ ସମ୍ପ୍ରଦାୟ ନିର୍ମାଣ କରିବାକୁ ପ୍ରତିବଦ୍ଧ। ଆଗାମୀ ପିଢ଼ି ପାଇଁ ପରିବେଶଗତ ପ୍ରଭାବ ଯେପରି ଅର୍ଥପୂର୍ଣ୍ଣ ହେବ, ତାହା ସୁନିଶ୍ଚିତ କରିବା ପାଇଁ ଆମେ ସ୍ଥାନୀୟ ଅଂଶୀଦାରମାନଙ୍କ ସହିତ ଘନିଷ୍ଠ ଭାବରେ କାମ କରିବୁ। ବେଦାନ୍ତ ଆଲୁମିନିୟମର ନିରନ୍ତର ବିକାଶ କାର୍ଯ୍ୟସୂଚୀ ଯେଉଁଥିରେ ପରିବେଶ ସୁରକ୍ଷା, ଜୈବ ବିବିଧତା ବୃଦ୍ଧି, ଜଳ ସଂରକ୍ଷଣ ଏବଂ ଜଳବାୟୁ କାର୍ଯ୍ୟ ଉପରେ ଧ୍ୟାନ ଦିଆଯାଏ, ତାହାର ଅନ୍ୟତମ ଅଂଶ ବିଶେଷ ହେଉଛି ଚାରାରୋପଣ ଅଭିଯାନ। ସ୍ଥାନୀୟ ସମ୍ପ୍ରଦାୟର ସମ୍ପୃକ୍ତି ଏବଂ ସେମାନଙ୍କ ସହଯୋଗରେ ଆବଶ୍ୟକୀୟ ପରିବେଶଗତ ପଦକ୍ଷେପ ମାଧ୍ୟମରେ, କମ୍ପାନୀ ଏହି କ୍ଷେତ୍ର ପାଇଁ ଏକ ସବୁଜ ଏବଂ ଅଧିକ ସ୍ଥାୟୀ ଭବିଷ୍ୟତ ପାଇଁ ଏହାର ନିରନ୍ତର ଅବଦାନ ଜାରି ରଖିଛି।

# ବର୍ବରତାର ସବୁ ସୀମା ଟପିସାରିଲାଣି ପୁଲିସ: ବିଜେଡି

ଭୁବନେଶ୍ୱର,୧।୬(ସମିସ): ରାଜ୍ୟରେ ପୁଲିସ ପ୍ରଶାସନର ବର୍ବରତା ସବୁ ସୀମା ଟପିସାରିଲାଣି। ଥାନା ଭିତରେ ଥାର୍ଡ ଡିଗ୍ରି ଘଟଣା ବୃଦ୍ଧି ପାଇବାରେ ଲାଗିଛି। ରାଜ୍ୟରେ ଘଟୁଥିବା ହିଂସା ଘଟଣାରେ ପୀଡ଼ିତଙ୍କୁ ନ୍ୟାୟ ଦେବାରେ ବିଫଳ ପୁଲିସ ପ୍ରଶାସନ ଅମାନୁଷିକ ଭାବେ ସାଧାରଣ ଲୋକଙ୍କ ଉପରେ ଥାର୍ଡ ଡିଗ୍ରୀ ପ୍ରୟୋଗ କରୁଛି ବୋଲି ଅଭିଯୋଗ କରିଛି ବିଜେଡି। ସୋମବାର ଶଙ୍ଖ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଲେଲିନ ମହାନ୍ତି ଓ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ ଏହି ପ୍ରସଙ୍ଗରେ ରାଜ୍ୟ ସରକାର ଓ ପୁଲିସକୁ କଡ଼ା ସମାଲୋଚନା କରିଛନ୍ତି।

ଲେଲିନ୍ କହିଛନ୍ତି ଯେ ଓଡ଼ିଶାର ବିଭିନ୍ନ ସ୍ଥାନରେ ବର୍ବରତା ଓ ହିଂସାକାଣ୍ଡ ବଢ଼ିଚାଲିଥିବା ବେଳେ ପୋଲିସ୍ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେବାରେ ବିଫଳ ହୋଇଛି। ପୁଲିସ ଅପରାଧ ନିୟନ୍ତ୍ରଣ କରିବାରେ ବିଫଳ ହୋଇଥିବାବେଳେ ସାଧାରଣ ଲୋକଙ୍କୁ ଥାନାକୁ ଡକାଇ ଅକଥନୀୟ ନିର୍ଯାତନା ଦେଉଛି। କିଛି ଦିନ ତଳେ କମିଶନରେଟ ପୁଲିସ ଅଧୀନସ୍ଥ ବାରଙ୍ଗ ଥାନାରେ ନିଜ ସ୍ତ୍ରୀ ନିଖୋଜ ଥିବାର ମାମଲା ଦାୟର କରିବାକୁ ଯାଇଥିବା ରାକେଶ ବେହେରାଙ୍କୁ ପୁଲିସ ଅଟକ ରଖି ଏଭଳି ଥାର୍ଡଡିଗ୍ରି ପ୍ରୟୋଗ କଲେ; ଆଜି ସେ ଜୀବନ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି। ରାଜଗଙ୍ଗପୁର ତାଳକୁଆ ସାମୁଦ୍ରିକ ଥାନା ଭିତରେ



ଆଇଆଇସି ଜଣେ ଗରିବ ମାଆ ଓ ପୁଅଙ୍କୁ ଅସଭ୍ୟ ଗାଳିଗୁଲଜ କରିବା ସହ ମାଆଙ୍କୁ ଅର୍ଦ୍ଧଉଲଗ୍ନ କରି ଅମାନୁଷିକ ଭାବେ ପିଟିଲେ। ଲୋକଙ୍କ ପ୍ରତିବାଦ ଯୋଗୁଁ ଉଭୟ ଥାନାର ଆଇଆଇସିଙ୍କୁ ବଦଳି କରି ପୁଲିସ ପ୍ରଶାସନ ଚୁପ୍ ହୋଇ ବସିରହିଛି। ଗତକାଲି ଗଞ୍ଜାମ ଜିଲ୍ଲାର କବିସୂର୍ଯ୍ୟନଗର ଥାନାର ଆଇଆଇସି ଲଘୁ ଖଣିଜ ସମ୍ପଦ ଚୋରା କାରବାରର ମୁଖ୍ୟ କାର୍ଯ୍ୟକର୍ତ୍ତାଙ୍କୁ ପଚାରିବାକୁ ସାହସ ଜୁଟାଇ ନ ପାରି ଜଣେ ନିରୀହ ଭିନ୍ନକ୍ଷମ ଯୁବକଙ୍କୁ ଉଠାଇ ଆଣି ଦୀର୍ଘ ୩ ଦିନ ଧରି ହାଜତ ଭିତରେ ଥାର୍ଡଡିଗ୍ରୀ ଦେଲେ ଓ ଏହି ଘଟଣାରେ ତାଙ୍କର ମୃତ୍ୟୁ ଘଟିଲା। ୨୦ ଦିନ ଭିତରେ ଗଞ୍ଜାମ ଜିଲ୍ଲାରେ ୧୦ଟି ମର୍ଡର ହୋଇଛି। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ସଂସଦରେ ଉପସ୍ଥାପନ କରିଥିବା ରିପୋର୍ଟ ଅନୁଯାୟୀ ୨୦୨୫-୨୬ ବର୍ଷରେ ଓଡ଼ିଶାରେ ହାଜତ ମୃତ୍ୟୁ ସଂଖ୍ୟା ୧୦ରେ ପହଞ୍ଚିଲାଣି। ଗଞ୍ଜାମ ଜିଲ୍ଲାରେ ଥାନାର ଏସଡିପିଓ ମାନେ ଯଦି ବିଧାୟକଙ୍କ ଘରୁ ନିଜ ଅଫିସ୍ ପରିଚାଳନା କରିବେ, ତାହେଲେ ସାଧାରଣ ଜନତା କିପରି ନ୍ୟାୟ ପାଇବେ ବୋଲି ଡ. ମହାନ୍ତି ପ୍ରଶ୍ନ କରିଛନ୍ତି।

ଇପ୍‌ସିତା କହିଛନ୍ତି ଯେ ଓଡ଼ିଶାରେ ବିଜେପି ସରକାର ୨ ବର୍ଷ ପୂର୍ତ୍ତିର୍ ପାଳନ କରିବାକୁ ଯାଉଥିବା ବେଳେ ପୁଲିସ ସାଧାରଣ ଲୋକଙ୍କୁ ଥାନାରେ ବିନା କାରଣରେ ନିର୍ଯାତନା ଦେବା ସହ ପିଟି ପିଟି ମାରିଦେବା ଘଟଣା ସମଗ୍ର ରାଜ୍ୟବାସୀଙ୍କୁ ବିଚଳିତ କରିଛି ଏବଂ ବିଜେପି ସରକାରର ଅପାରଗତାକୁ ପଦାରେ ପକାଇଛି। ଗତକାଲି କବିସୂର୍ଯ୍ୟନଗର ହାଜତ ମୃତ୍ୟୁ ଘଟଣାରେ

- ନ୍ୟାୟ ଦେବାରେ ବିଫଳ ପୁଲିସ ଥାର୍ଡ ଡିଗ୍ରୀରେ ସଫଳ
- ୨ ବର୍ଷରେ ହାଜତରେ ମୃତ୍ୟୁବରଣ କଲେଣି ୧୦ ଜଣ
- ଗଞ୍ଜାମ ଜିଲ୍ଲା ଲଘୁ ଖଣିଜ ଚୋରା କାରବାରରେ ପ୍ରଥମ

ମୃତକଙ୍କ ଭାଇଙ୍କୁ ପୁଲିସ ଗଣମାଧ୍ୟମକୁ ସାମ୍ନାକୁ ନ ଛାଡ଼ିବା, ସାଧାରଣରେ ସନ୍ଦେହ ସୃଷ୍ଟି କରୁଛି। କବିସୂର୍ଯ୍ୟନଗରରେ ଲଘୁ ଖଣିଜ ଚୋରା କାରବାରରେ ବିଜେପି ନେତାମାନଙ୍କ ସଂପୃକ୍ତି ଥିବାରୁ ପୁଲିସ ପ୍ରଶାସନ ଜଣେ ନିରୀହ ଶ୍ରମଜୀବୀଙ୍କୁ ଥାନାକୁ ଡକାଇ ପିଟି ପିଟି ମାରିଦେବା ଘଟଣାରେ ନିରପେକ୍ଷ ତଦନ୍ତ କରାଯାଇ ଦୋଷୀମାନଙ୍କ ଉପରେ ଯଦି କଠୋର ଦଣ୍ଡବିଧାନ ବ୍ୟବସ୍ଥା କରାନଯାଏ, ତେବେ ବିଜେଡି ଜାତୀୟ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହେବ ବୋଲି ସେ କହିଛନ୍ତି।

# ବୃଦ୍ଧଙ୍କୁ ଖାଇଗଲା ବାଘ!

ବାରିପଦା/କରଞ୍ଜିଆ, ୧।୬(ସମିସ): ଶିମିଳିପାଳ ଜାତୀୟ ଉଦ୍ୟାନର କରଞ୍ଜିଆ ବନଖଣ୍ଡ ଅଧୀନ ଦୁଧିଆଣୀ ରେଞ୍ଜ କୁମୁଡାବାଡି ଜଙ୍ଗଲରେ ଜଣେ ବୃଦ୍ଧଙ୍କ କ୍ଷତବିକ୍ଷତ ଦେହାବଶେଷ ବନ ବିଭାଗ ଠାବ କରିଛି। ମହାବଳ ଆକ୍ରମଣରେ ବୃଦ୍ଧଜଣଙ୍କ ପ୍ରାଣ ହରାଇଥିବା ପାରିପାର୍ଶ୍ୱିକ ପରିସ୍ଥିତିରୁ ଆଶଙ୍କା କରାଯାଉଛି। ମୃତକ ହେଲେ, ଯଶିପୁର ଥାନା ଅନ୍ତର୍ଗତ ବସନ୍ତପୁର ଗ୍ରାମର



ସାଧୁ ନାୟକ। ସେ ରବିବାର ସକାଳୁ ଜଙ୍ଗଲକୁ ଡାଳପତ୍ର ସଂଗ୍ରହ କରିବାକୁ ଯାଇଥିଲେ। ସନ୍ଧ୍ୟା ସୁଦ୍ଧା ଘରକୁ ନ ଫେରିବାରୁ ପରିବାରଲୋକେ ଖୋଜାଖୋଜି କରିଥିଲେ ହେଁ ପାଇନଥିଲେ। ଆଜି ସକାଳୁ ଜଙ୍ଗଲ ଭିତରେ ତାଙ୍କ ଶରୀର ଅଂଶବିଶେଷ ଓ ଛୋଟ ଦୁଇଖଣ୍ଡ ହାଡ଼ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ବନବିଭାଗ ଏବଂ ପୁଲିସକୁ ଖବର ଦେଇଥିଲେ। କେହି ଜନ୍ତୁ ମୃତଦେହର ଅଧା ଅଂଶ ଖାଇଯାଇଥିବା ବେଳେ ଗୋଟିଏ ଗୋଡ଼ ପଡ଼ି ରହିଥିଲା। ଅନ୍ୟ ଗୋଡ଼ର ପାଦଠାରୁ ଉପରକୁ କେବଳ ହାଡ ପଡ଼ି ରହିଥିଲା। ଅଣ୍ଟା ପାଖରୁ ଉପର ଶରୀରକୁ ଖାଇଥିବା ବେଳେ ମୁଣ୍ଡ କିମ୍ବା ଅନ୍ୟ ଅଂଶ ଦେଖିବାକୁ ମିଳିନାହିଁ। ଖବର ପାଇ ବନବିଭାଗ ଅଧିକାରୀ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୁଲିସ ଶବ ଅଂଶବିଶେଷ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବାରିପଦା ଡାକ୍ତରଖାନାକୁ ପଠାଇଛି। ବନ ବିଭାଗ ପକ୍ଷରୁ ଜନ୍ତୁର ପାଦଚିହ୍ନ ଓ ଅନ୍ୟାନ୍ୟ ପ୍ରମାଣ ସଂଗ୍ରହ କରାଯାଇଛି। ତେବେ ଆକ୍ରମଣକାରୀ ପ୍ରାଣୀ ମହାବଳ ବାଘ କି ନୁହେଁ, ତାହାର ସ୍ପଷ୍ଟ ତଥ୍ୟ ଯାଞ୍ଚ କରାଯାଉଛି। ଏହି ଘଟଣା ପରେ ଦୁଧିଆଣୀ ରେଞ୍ଜ ଓ ଆଖପାଖ ଗ୍ରାମଗୁଡ଼ିକରେ ଭୟର ବାତାବରଣ ଖେଳିଯାଇଛି। ଗ୍ରାମବାସୀମାନଙ୍କୁ ଅନାବଶ୍ୟକ ଭାବେ ଜଙ୍ଗଲକୁ ଏକାକୀ ନ ଯିବାକୁ ବନ ବିଭାଗ ପକ୍ଷରୁ ସତର୍କ କରାଯାଇଛି।

ଶିମିଳିପାଳର ଇତିହାସରେ ବାଘ ମଣିଷକୁ ମାରି ଖାଇବାର ନଜିର ନାହିଁ। ବାଘ ମଣିଷକୁ ମାରିଲେ ମୁଣ୍ଡ ଖାଇବ ନାହିଁ। ବାଘର ପାଦଚିହ୍ନ ନେଇ କୌଣସି ସ୍ପଷ୍ଟତା ମିଳି ନଥିବା ବେଳେ ଏହା ସନ୍ଦେହ ଉପୁଜିଛି ବୋଲି ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି।

ଅନ୍ୟପକ୍ଷରେ ବାଘର ବୟସ ବଢ଼ିଲେ ବନ୍ୟଜନ୍ତୁ ଶିକାର କରିବା କଷ୍ଟକର ହୋଇଥାଏ। ଏପରିସ୍ଥଳେ ବାଘ ଶିକାର କରିବା ସହଜ ହୋଇଥାଏ। ତେବେ ମଣିଷର ମୁଣ୍ଡକୁ ବାଘ ଖାଇନଥାଏ। ଯଦି ବାଘ ମଣିଷକୁ ଶିକାର କରିଥିବ, ତେବେ ଅବଶିଷ୍ଟ ଶରୀରକୁ ଖାଇବା ପାଇଁ ନିଶ୍ଚିତ ଆସିବ। ଏହାର ପ୍ରମାଣ ପାଇଁ ବନ ବିଭାଗ ପକ୍ଷରୁ କ୍ୟାମେରା ଲଗାଇ ଜନ୍ତୁର ପ୍ରମାଣ ପାଇବା ଜରୁରୀ ବୋଲି ସେ କହିଛନ୍ତି।

ଅପରପକ୍ଷେ, ଆଖାପାଖ ଲୋକମାନଙ୍କୁ ଜଙ୍ଗଲକୁ ନଯିବା ପାଇଁ ବନବିଭାଗ ପକ୍ଷରୁ ସଚେତନ କରାଯାଇଛି। ଘଟଣାକୁ ନେଇ ବନ ବିଭାଗ ପକ୍ଷରୁ ତଦନ୍ତ ଜାରି ରହିଛି। ପ୍ରାଥମିକ ତଦନ୍ତରୁ କୌଣସି ପାଦଚିହ୍ନ ମିଳିପାରି ନାହିଁ। ମୃତ୍ୟୁର କାରଣ ଖୋଜିବା ପାଇଁ ନମୁନା ଓ ଅନ୍ୟାନ୍ୟ ପ୍ରମାଣ ସଂଗ୍ରହ କରାଯାଇ ପରୀକ୍ଷାଗାରକୁ ବିଶ୍ଳେଷଣ ପାଇଁ ପଠାଯାଇଛି।

# ରାଜ୍ୟସଭା ଉପନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ

ଭୁବନେଶ୍ୱର,୧।୬(ସମିସ): ଓଡ଼ିଶାରୁ ଖାଲି ପଡ଼ିଥିବା ଗୋଟିଏ ରାଜ୍ୟସଭା ଆସନରେ ଉପନିର୍ବାଚନ ପାଇଁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି।

ବିଜ୍ଞପ୍ତି ଅନୁଯାୟୀ ଏହି ଉପନିର୍ବାଚନ ପ୍ରକ୍ରିୟାକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ଭାରତର ନିର୍ବାଚନ କମିଶନ ଦୁଇଜଣ ବରିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ ଦେଇଛନ୍ତି। ରିଟର୍ଣ୍ଣିଂ ଅଧିକାରୀ

**ଆସନ୍ତା ୮ ତାରିଖ ଯାଏଁ ନାମାଙ୍କନ, ଆବଶ୍ୟକ ସ୍ଥଳେ ୧୮ ତାରିଖରେ ମତଦାନ**

ଭାବେ ଓଡ଼ିଶା ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ଏବଂ ସହାୟକ ରିଟର୍ଣ୍ଣିଂ ଅଧିକାରୀ ଭାବେ ବିଧାନସଭାର ଯୁଗ୍ମ ସଚିବ ବିଦ୍ୟାଧର ମାଝୀଙ୍କ ଭାରତୀୟ ନିର୍ବାଚନ ଆୟୋଗ ନିଯୁକ୍ତି ଦେଇଛନ୍ତି। ଆୟୋଗଙ୍କ ଦ୍ୱାରା ଜାରି ହୋଇଥିବା ସୂଚୀ ଅନୁଯାୟୀ ସମସ୍ତ ପ୍ରକ୍ରିୟା ଓଡ଼ିଶା ବିଧାନସଭା ପରିସରରେ ଅନୁଷ୍ଠିତ ହେବ। ସୋମବାରଠାରୁ ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ସରକାରୀ ଛୁଟିଦିନ ବ୍ୟତୀତ ପ୍ରତିଦିନ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ମଧ୍ୟରେ ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରିପାରିବେ। ଆସନ୍ତା ୯ ତାରିଖ ପୂର୍ବାହ୍ନ ୧୧:୩୦ ଟାରେ ଓଡ଼ିଶା ବିଧାନସଭାର କେନ୍ଦ୍ରୀୟ ସମ୍ମିଳନୀ କକ୍ଷ ନାମାଙ୍କନ ପତ୍ର ଯାଞ୍ଚ ହେବାକୁ ଥିବାବେଳେ ଆସନ୍ତା ୧୧ ତାରିଖ ଅପରାହ୍ନ ୩ଟା ପୂର୍ବରୁ ପ୍ରାର୍ଥୀମାନେ ନିଜର ନାମ ପ୍ରତ୍ୟାହାର କରିପାରିବେ। ଯଦି ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତାମୂଳକ ହୁଏ ତେବେ ଆସନ୍ତା ୧୮ ତାରିଖ ଦିନ ମତଦାନ ସାଙ୍ଗକୁ ଫଳାଫଳ ପ୍ରକାଶ ପାଇବ। ମତଦାନ ସମୟ ପୂର୍ବାହ୍ନ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି। ଆୟୋଗଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବାକୁ ଥିବା ଏହି ସମଗ୍ର ନିର୍ବାଚନ ପ୍ରକ୍ରିୟା ଆସନ୍ତା ୨୦ ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ ହେବ ବୋଲି ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ ଯେ ବିଜେଡି ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ନିଜ ପଦରୁ ଇସ୍ତଫା ଦେବା ପରେ ଏହି ଆସନ ଖାଲି ପଡ଼ିଥିଲା।

■ ସିବିଏସ୍‌ଇକୁ ଛାଡୁନି ବିବାଦ

# ଦିନ ତମାମ ଖୋଲିଲାନି ପୁନଃ ମୂଲ୍ୟାୟନ ଓ ରିଚେକିଂ ପୋର୍ଟାଲ୍

ଭୁବନେଶ୍ୱର, ୧।୬(ସମିସ): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ପରିଚାଳିତ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳକୁ ନେଇ ବିବାଦ ଥମିବାର ନାଁ ନେଉନି। ଆଜିଠାରୁ ପୁନଃ ମୂଲ୍ୟାୟନ ଓ ରିଚେକିଂ ପାଇଁ ଆବେଦନ ଆରମ୍ଭ ହେବାକୁ ସିବିଏସ୍‌ଇ ବିଜ୍ଞପ୍ତି ପ୍ରକାଶ କରିଥିଲେ ମଧ୍ୟ ୱେବସାଇଟ୍ କାର୍ଯ୍ୟକ୍ଷମ ହୋଇପାରିନି। ଯାହାକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଅଧିକ ତୀବ୍ର ହୋଇଛି।

**ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ**

ସିବିଏସ୍‌ଇର ପୂର୍ବ ବିଜ୍ଞପ୍ତି ଅନୁଯାୟୀ ଆଜି ଠାରୁ ପରୀକ୍ଷା ଖାତା ପୁନଃ ମୂଲ୍ୟାଙ୍କନ ଓ ମାର୍କ ଯାଞ୍ଚ (ରିଚେକିଂ) ପାଇଁ ଆବେଦନ ଆରମ୍ଭ ହେବ। ମାତ୍ର ରାତି ପ୍ରାୟ ୧୦ଟା ସୁଦ୍ଧା ପୋର୍ଟାଲ୍ କାର୍ଯ୍ୟକ୍ଷମ ହୋଇପାରିନି। ଆଇଆଇଟି କାନପୁରର ବିଶେଷଜ୍ଞମାନେ ପୋର୍ଟାଲ୍ କାର୍ଯ୍ୟକ୍ଷମ ପାଇଁ କାର୍ଯ୍ୟରତ ଥିଲେ ମଧ୍ୟ ସିବିଏସ୍‌ଇକୁ ସଫଳତା ମିଳିପାରିନି। ଆଜି ଅପରାହ୍ଣ ପ୍ରାୟ ୨ଟାରେ ସିବିଏସ୍‌ଇ ପକ୍ଷରୁ ଅଧିକାରିକ ଭାବେ ସାମାଜିକ ଗଣମାଧ୍ୟମ ଏକ୍ସରେ ଏକ ପୋଷ୍ଟ କରି ପୋର୍ଟାଲ୍ ଖୁବଶୀଘ୍ର କାର୍ଯ୍ୟକ୍ଷମ ହେବ ବୋଲି କୁହାଯାଇଥିଲା। ମାତ୍ର ଏହାକୁ ପ୍ରାୟ ୮ ଘଣ୍ଟା ବିତିଥିଲେ ମଧ୍ୟ ପୋର୍ଟାଲ୍ ଖୋଲି ପାରିନି। ଓଏସ୍‌ଏମ୍ ପ୍ରଣାଳୀରେ ପରୀକ୍ଷା ଖାତା ଦେଖାକୁ ନେଇ ବହୁ ଛାତ୍ରଛାତ୍ରୀ ଅସନ୍ତୋଷ ଜାହିର କରିଥିବାବେଳେ ଏକାଧିକ ସାଂଘାତିକ ତ୍ରୁଟି ମଧ୍ୟ ପଦାକୁ ଆସିଥିଲା। ଫଳରେ ପ୍ରତି ପିଲା ସେମାନଙ୍କ ମାର୍କ ପୁନଃ ଯାଞ୍ଚ କରିବାକୁ ଅପେକ୍ଷା କରିଛନ୍ତି। ଏପରି ସ୍ଥଳେ ପୋର୍ଟାଲ୍ କାର୍ଯ୍ୟକ୍ଷମ ହୋଇ ନ ପାରିବା ଛାତ୍ରଛାତ୍ରୀଙ୍କ ସମେତ ଅଭିଭାବକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି।

ସୂଚନାଯୋଗ୍ୟ, ଛାତ୍ରଛାତ୍ରୀଙ୍କ ତୀବ୍ର ପ୍ରତିକ୍ରିୟାକୁ ଦୃଷ୍ଟିରେ ରଖି ଚଳିତବର୍ଷ ପରୀକ୍ଷା ଖାତା ପୁନଃ ମୂଲ୍ୟାଙ୍କନ ସହିତ ପରୀକ୍ଷା ଖାତା ନକଲ ଓ ମାର୍କ ଯାଞ୍ଚ ପାଇଁ ଫି' ହ୍ରାସ କରାଯାଇଛି। ପୂର୍ବରୁ ଛାତ୍ରଛାତ୍ରୀମାନେ ନିଜ ଉତ୍ତରଖାତାର ସ୍କାନ୍ କପି ପାଇବା ପାଇଁ ୭ଶହ ଟଙ୍କା ପ୍ରଦାନ କରୁଥିଲେ। ଏହାକୁ ହ୍ରାସ କରାଯାଇ ୧୦୦ ଟଙ୍କା କରାଯାଇଛି। ସେହିପରି ମାର୍କ ଭେରିଫିକେସନ ପାଇଁ ପୂର୍ବରୁର ୫୦୦ ଟଙ୍କା ଫି' ରହିଥିବାବେଳେ ଏହାକୁ ମଧ୍ୟ ୧୦୦ ଟଙ୍କାକୁ ହ୍ରାସ କରାଯାଇଛି। ଅନୁରୂପ ଭାବେ ପ୍ରତି ପ୍ରଶ୍ନକୁ ଚ୍ୟାଲେଞ୍ଜ ପାଇଁ ୧୦୦ ଟଙ୍କା ବଦଳରେ ଏଣିକି ୨୫ ଟଙ୍କା ଧାର୍ଯ୍ୟ କରାଯାଇଛି।

**୩ରୁ ପୁରୀରେ ବ୍ରିକ୍ସ ବୈଠକ**

# ଉଦ୍‌ଘାଟନୀ ଉତ୍ସବରେ ଯୋଗଦେବେ ମୁଖ୍ୟମନ୍ତ୍ରୀ

## ବିଶ୍ୱ ସମ୍ମୁଖରେ ଉପସ୍ଥାପିତ ହେବ ରାଜ୍ୟର ବିପର୍ଯ୍ୟୟ ପରିଚାଳନା ମଡେଲ

ଭୁବନେଶ୍ୱର,୧।୬(ସମିସ): ଆସନ୍ତା ୩-୫ ତାରିଖ ପର୍ଯ୍ୟନ୍ତ ପୁରୀଠାରେ ଅନୁଷ୍ଠିତ ହେବ ବ୍ରିକ୍ସ ବିପର୍ଯ୍ୟୟ ବିପଦ ହ୍ରାସ କାର୍ଯ୍ୟଗୋଷ୍ଠୀର ଦ୍ୱିତୀୟ ବୈଷୟିକ ବୈଠକ। ଏପରି ଏକ ଅନ୍ତର୍ଜାତୀୟ ବୈଠକ ପୁରୀଠାରେ ଅନୁଷ୍ଠିତ ହେବାକୁ ନେଇ ରାଜ୍ୟ ସରକାର ଉତ୍ସାହୀ ଥିବା ବେଳେ ଏହା ସଭିଙ୍କ ପାଇଁ ଏକ ଗର୍ବର ବିଷୟ ବୋଲି କହିଛନ୍ତି ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ। ରାଜ୍ୟର ପ୍ରାରମ୍ଭିକ ସତର୍କ ସୂଚନା ବ୍ୟବସ୍ଥା ବିପର୍ଯ୍ୟୟ ପରିଚାଳନାରେ ସଫଳ ମଡେଲକୁ ବିଶ୍ୱ ସମ୍ମୁଖରେ ଉପସ୍ଥାପନ କରାଯିବ। ଅନ୍ତର୍ଜାତୀୟ ସହଯୋଗ ଏବଂ ଓଡ଼ିଶାର ବିଶ୍ୱସ୍ତରୀୟ ପରିଚିତିକୁ ଏହି ସମ୍ମିଳନୀ ଆହୁରି ସମୃଦ୍ଧ କରିବ ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି।

ସୋମବାର ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପୂଜାରୀ କହିଛନ୍ତି ଏହି ସମ୍ମିଳନୀର ଉଦ୍‌ଘାଟନୀ ଅଧିବେଶନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ବ୍ରିକ୍ସ ରାଷ୍ଟ୍ରସମୂହଙ୍କ ସହ ଭାରତର ବିଭିନ୍ନ ରାଜ୍ୟର ପ୍ରତିନିଧି ଏବଂ ବିଶେଷଜ୍ଞବୃନ୍ଦ ମଧ୍ୟ ଏହି ତିନିଦିନିଆ ବୈଠକରେ ଯୋଗ ଦେବେ। ବିପର୍ଯ୍ୟୟ ପ୍ରସ୍ତୁତି, ବାତ୍ୟା



ପରିଚାଳନା ଏବଂ ପ୍ରାରମ୍ଭିକ ସତର୍କ ସୂଚନା ବ୍ୟବସ୍ଥାରେ ଓଡ଼ିଶାର ବିଶ୍ୱସ୍ତରୀୟ ସଫଳତାକୁ ଦୃଷ୍ଟିରେ ରଖି ଆମ ରାଜ୍ୟକୁ ଆୟୋଜକ ଭାବେ ଚୟନ କରାଯାଇଛି। ବ୍ରିକ୍ସ ସଦସ୍ୟ ଓ ସହଯୋଗୀ ଦେଶଗୁଡ଼ିକର ପ୍ରତିନିଧି, ନୀତି-ନିର୍ଦ୍ଧାରକ ଏବଂ ବିପର୍ଯ୍ୟୟ ପରିଚାଳନା ବିଶେଷଜ୍ଞମାନେ ଏଥିରେ ଅଂଶଗ୍ରହଣ କରିବେ। ବୈଠକରେ ସ୍ଥାୟୀ ଡିଆରଆର ପରିଚାଳନା, ଭିତ୍ତିଭୂମି, ପୂର୍ବାନୁମାନ ଆଧାରିତ ପ୍ରତିକ୍ରିୟା ଏବଂ ପାରମ୍ପରିକ ଜ୍ଞାନର ସମନ୍ୱୟ ଭଳି ବିଭିନ୍ନ ବିଷୟ ଉପରେ ଆଲୋଚନା ହେବ। ବିପର୍ଯ୍ୟୟ ପ୍ରତିରୋଧୀ କ୍ଷମତା, ନୂତନ ଜ୍ଞାନକୌଶଳ, ସହଯୋଗ ଏବଂ ସ୍ଥାୟୀତ୍ୱର ବିକାଶ ଆଦି ଥିମ୍ ସହ ଏହି କାର୍ଯ୍ୟକ୍ରମ ହେବାକୁ ଥିବା ବେଳେ ଏଥିରେ ବ୍ରିକ୍ସ ସଦସ୍ୟ ଦେଶ ଓ ସହଯୋଗୀ ସଂସ୍ଥାମାନଙ୍କର ପ୍ରତିନିଧିବୃନ୍ଦ ଅଂଶଗ୍ରହଣ କରିବେ। ଏହି ସମ୍ମିଳନୀ ଦ୍ୱାରା ବିପର୍ଯ୍ୟୟ ବିପଦ ହ୍ରାସ କ୍ଷେତ୍ରରେ ବ୍ରିକ୍ସ ଦେଶମାନଙ୍କ ମଧ୍ୟରେ ସହଯୋଗ ସୁଦୃଢ଼ ହେବ ବୋଲି ଲକ୍ଷ୍ୟ ରହିଥିବା ବେଳେ ସଦସ୍ୟ ଦେଶମାନଙ୍କ ମଧ୍ୟରେ ଜ୍ଞାନ ବିନିମୟ ବ୍ୟବସ୍ଥା ଅଧିକ ସୁଦୃଢ଼ ହେବ। ଏହାସହିତ ବିପର୍ଯ୍ୟୟ ପ୍ରତିରୋଧ କ୍ଷେତ୍ରରେ ଓଡ଼ିଶାକୁ ବିଶ୍ୱସ୍ତରୀୟ ନେତୃତ୍ୱ ସ୍ଥାନ ପ୍ରଦାନ କରିବାରେ ମଧ୍ୟ ଏହି କାର୍ଯ୍ୟକ୍ରମ ସହାୟକ ହେବ ବୋଲି ରାଜ୍ୟ ସରକାର ଆଶା ରଖିଛନ୍ତି।

**ଭକ୍ତି ଓ ବିଶ୍ୱାସ ସହ ଖେଳ**

# ନିର୍ମାଲ୍ୟ ପୁଡ଼ିଆରେ ଚାଉଳ!

ପୁରୀ,୧।୬(ସମିସ): ମହାପ୍ରଭୁଙ୍କ ଦର୍ଶନ ପରେ ଶ୍ରଦ୍ଧାଳୁମାନେ ଭକ୍ତି ଓ ବିଶ୍ୱାସରେ ଯେଉଁ ନିର୍ମାଲ୍ୟ ପୁଡ଼ିଆ କିଣନ୍ତି, ସେଥିରେ ବି ଠକେଇ ହେଉଥିବା ଅଭିଯୋଗ ହୋଇଛି। ନିର୍ମାଲ୍ୟ ନାଁରେ ଭକ୍ତଙ୍କୁ ଶୁଖିଲା ମହାପ୍ରସାଦ ବଦଳରେ ଚାଉଳ ଦିଆଯାଉଛି। ସବୁ ନିର୍ମାଲ୍ୟ ବିକ୍ରେତା ଏଭଳି କରୁନାହାନ୍ତି। କିନ୍ତୁ, ନିର୍ଦ୍ଦିଷ୍ଟ ଭାବେ ଏକ ଗୋଷ୍ଠୀ ଅର୍ଥ ପାଇଁ ଭକ୍ତଙ୍କ ଭକ୍ତି ଓ ବିଶ୍ୱାସ ସହ ଖେଳୁଛନ୍ତି।

ମହାପ୍ରସାଦ ଅନ୍ନକୁ ଶୁଖାଇ ନିର୍ମାଲ୍ୟ ପ୍ରସ୍ତୁତ ହୁଏ। ଏହା ଆମର ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟ, ପୂଜା, ବ୍ରତ ଓ ଶୁଭ କାମରେ ଲାଗିଥାଏ। ସେଥିପାଇଁ ଶ୍ରୀକ୍ଷେତ୍ର ଆସୁଥିବା ଭକ୍ତ ଦର୍ଶନ ପରେ ନିର୍ମାଲ୍ୟ ପୁଡ଼ିଆଟିଏ ଘରକୁ ନେବାକୁ କେବେ ଭୁଲନ୍ତି ନାହିଁ। ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ସମେତ ଏବେ କିଛି ଖଜା ଦୋକାନରେ ଏହା ବିକ୍ରି ହେଉଛି। ଆମ ଆଦମୀ ପାର୍ଟିର ଜିଲ୍ଲା ସଭାପତି ସଞ୍ଜୀବ ମହାନ୍ତି ଅଭିଯୋଗ କରିଛନ୍ତି, ଏବେ ନିର୍ମାଲ୍ୟ ପୁଡ଼ିଆରେ ସାଦା ଚାଉଳ ଭର୍ତ୍ତି କରି ଦିଆଯାଉଛି। ପୂର୍ବରୁ ୧୦ଟଙ୍କାରେ ମିଳୁଥିବା ପୁଡ଼ିଆ ଏବେ ୨୦ ଟଙ୍କା ହୋଇଛି। ଭକ୍ତ କେବେ ମୂଲଚାଲ କରନ୍ତି ନାହିଁ। ବିଶ୍ୱାସରେ ବିକ୍ରେତା ଯାହା ମାଗନ୍ତି, ଦେଇଦିଅନ୍ତି। ହେଲେ ସେହି ବିଶ୍ୱାସରେ ହିଁ କୁଠାରାଘାତ ହେଉଛି। ଏହା କେବଳ ଠକେଇ ନୁହେଁ, ଆସ୍ଥା ପ୍ରତି କୁଠାରାଘାତ। ଭକ୍ତମାନେ ମହାପ୍ରଭୁଙ୍କ ପ୍ରତି ଗଭୀର ଭକ୍ତି ଓ ବିଶ୍ୱାସ ରଖି ନିର୍ମାଲ୍ୟ କିଣନ୍ତି। ନିର୍ମାଲ୍ୟ ନାଁରେ ଚାଉଳ ପୂରାଇ ବିକ୍ରି କରିବା କେତେଦୂର ଯଥାର୍ଥ? ଏହାଦ୍ୱାରା ସେମାନେ ଭକ୍ତି ଓ ବିଶ୍ୱାସକୁ କୁଠାରାଘାତ କରୁନାହାନ୍ତି, ପୁରୀକୁ ମଧ୍ୟ ବଦ୍‌ନାମ କରୁଛନ୍ତି। ଏହା ପଛରେ ଏକ ଗୋଷ୍ଠୀ କାମ କରୁଛନ୍ତି। ସେମାନେ ନିର୍ମାଲ୍ୟ ବିକ୍ରି ଅର୍ଥ ଭାଗବାଣ୍ଟି ନେଉଛନ୍ତି ବୋଲି ସଞ୍ଜୀବ କହିଛନ୍ତି। ଯେଉଁମାନେ ଏହା ପଛରେ ରହିଛନ୍ତି, ତୁରନ୍ତ ଏଭଳି ମାନସିକତାରୁ ଦୂରେଇ ଯିବାକୁ ଶ୍ରୀ ମହାନ୍ତି ଅନୁରୋଧ କରିଛନ୍ତି। କିଛି ଟଙ୍କା ପାଇଁ ଭକ୍ତି ଓ ଭାବନା ସହ ନ ଖେଳନ୍ତୁ। ଶ୍ରୀମନ୍ଦିର ପ୍ରଶାସନ ଏହାର ଅନୁସନ୍ଧାନ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଉ ବୋଲି ସେ ଦାବି କରିଛନ୍ତି।

# ତଦନ୍ତରେ ମନ୍ଥରତା ନ୍ୟାୟିକ ବ୍ୟବସ୍ଥା ଉପରୁ ଜନସାଧାରଣଙ୍କ ବିଶ୍ୱାସ ହ୍ରାସ କରେ: ହାଇକୋର୍ଟ

କଟକ, ୧।୬ (ସମିସ): ଦୀର୍ଘ ଏକ ଦଶନ୍ଧିରୁ ଅଧିକ ସମୟ ଧରି ଚାଲିଆସୁଥିବା ଏକ ଭିଜିଲାନ୍ସ ମାମଲାର ଶୁଣାଣି କରି ହାଇକୋର୍ଟ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ତଦନ୍ତ ପ୍ରକ୍ରିୟାରେ ଅଯଥା ବିଳମ୍ବ ଓ ଶିଥିଳତାକୁ ନେଇ ହାଇକୋର୍ଟ ଗଭୀର ଚିନ୍ତା ପ୍ରକଟ କରି କହିଛନ୍ତି ଯେ ତଦନ୍ତରେ ମନ୍ଥରତା ଓ ଅବହେଳା କେବଳ ଅଭିଯୁକ୍ତଙ୍କ ତ୍ୱରିତ ନ୍ୟାୟ ପାଇବାର ଅଧିକାରକୁ କ୍ଷୁଣ୍ଣ କରେ ନାହିଁ, ବରଂ ଅପରାଧିକ ନ୍ୟାୟିକ ବ୍ୟବସ୍ଥା ଉପରୁ ଜନସାଧାରଣଙ୍କ ବିଶ୍ୱାସ ହ୍ରାସ କରେ। ବାରଙ୍ଗ ତହସିଲର ଜଣେ ତତ୍କାଳୀନ ତହସିଲଦାର ଏବଂ ଜଣେ ଅମିନଙ୍କ ବିରୋଧରେ ସେପ୍ଟେମ୍ବର ୨୦୧୫ରେ ରୁଜୁ ହୋଇଥିବା ଦୁର୍ନୀତି ମାମଲାକୁ ରଦ୍ଦ କରିବା ପାଇଁ ଦାୟର ଆବେଦନର ଶୁଣାଣି କରି ଡ. ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି ରାୟ ଦେଇଛନ୍ତି। ଭିଜିଲାନ୍ସ ବିଭାଗକୁ ଆସନ୍ତା ୨ ମାସ ମଧ୍ୟରେ ଭୁବନେଶ୍ୱରର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ନିକଟରେ ଚୂଡ଼ାନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ। ଏଥିସହ ନିମ୍ନ ଅଦାଲତକୁ

**ଦୁଇ ମାସ ମଧ୍ୟରେ ଚୂଡ଼ାନ୍ତ ରିପୋର୍ଟ ଦାଖଲ ପାଇଁ ଭିଜିଲାନ୍ସକୁ ନିର୍ଦ୍ଦେଶ**

ମଧ୍ୟ ଏହି ମାମଲାର ବିଚାର ଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ନିମ୍ନ ଅଦାଲତଙ୍କ ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ତଦନ୍ତକାରୀ ସଂସ୍ଥା ଦୀର୍ଘ ସମୟ ଧରି ଚୂଡ଼ାନ୍ତ ରିପୋର୍ଟ ଦାଖଲ କରିବାରେ ବିଫଳ ହୋଇଥିଲା ବେଳେ କେବଳ ମାମଲାର ତାରିଖ ଘୁଞ୍ଚାଇ ଚାଲିଥିବା ମାମଲା ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା।

ମାମଲାରୁ ପ୍ରକାଶ ଯେ ୨୦୧୫ ମସିହାରେ ବାରଙ୍ଗ ତହସିଲର ତହସିଲଦାର ଓ ଜଣେ ଅମିନ ଜନୈକ ଅଭିଯୋଗକାରୀଙ୍କଠାରୁ ୪ଲକ୍ଷ ଟଙ୍କା ଲାଞ୍ଚ ଦାବି କରିଥିବା ନେଇ ଅଭିଯୋଗ ହୋଇଥିଲା। ଯାହାର ପ୍ରଥମ କିସ୍ତିସ୍ୱରୂପ ୫୦ ହଜାର ଟଙ୍କା ଦେବାର ଥିଲା। ଅଭିଯୋଗ ଆଧାରରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ଟ୍ରାପ୍ ଅପରେସନ ଯୋଜନା କରାଯାଇଥିଲା। ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ଅଭିଯୋଗକାରୀ ସେହି ଟଙ୍କା ଅମିନଙ୍କୁ ହସ୍ତାନ୍ତର କରିଥିଲେ। ତେବେ ଏହି ଟ୍ରାପ୍ ସମୟରେ ଲାଞ୍ଚ ଟଙ୍କା ଜବତ କରାଯାଇପାରିନଥିଲା। ତଦନ୍ତ ପରେ, ଡିସେମ୍ବର ୨୦୧୬ରେ ଭିଜିଲାନ୍ସ ବିଭାଗ କୋର୍ଟରେ ଏକ ଫାଇନାଲ୍ ରିପୋର୍ଟ ଦାଖଲ କରି କହିଥିଲା ଯେ ଟଙ୍କା ଜବତ ନ ହେବା ଏବଂ କୌଣସି ସାକ୍ଷୀଙ୍କ ସହଯୋଗ ନ ମିଳିବା କାରଣରୁ ପ୍ରାଥମିକ ଦୃଷ୍ଟିରୁ ମାମଲା ପ୍ରମାଣିତ ହୋଇପାରୁନାହିଁ। ଏହି ଘଟଣା ଡିସେମ୍ବର ୨୦୧୭ରେ ନୂଆ ମୋଡ଼ ନେଇଥିଲା, ଯେତେବେଳେ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଏହି ଚୂଡ଼ାନ୍ତ ରିପୋର୍ଟକୁ ଗ୍ରହଣ କରିବାକୁ ମନା କରିଦେଇଥିଲେ ଏବଂ ମାମଲାର ପୁନଃ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ, ଏହାପରେ ଦୀର୍ଘବର୍ଷ ଧରି ତଦନ୍ତ ପ୍ରକ୍ରିୟା ସମ୍ପୂର୍ଣ୍ଣ ସ୍ଥାଣୁ ପାଲଟିଯାଇଥିଲା। ବିଚାରାଧୀନ ମାମଲା ରଦ୍ଦ କରିବା ପାଇଁ ଆବେଦନକାରୀ ବାରଙ୍ଗର ତତ୍କାଳୀନ ତହସିଲଦାର ଓ ଅମିନ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

**କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀଙ୍କ ସହିତ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା**

# କେନ୍ଦ୍ରଠାରୁ ଲୋଡ଼ିଲେ ଓଡ଼ିଶାର ଖଣିଜ କ୍ଷେତ୍ରକୁ ସୁଦୃଢ଼ ସହଯୋଗ

ଭୁବନେଶ୍ୱର,୧।୬(ସମିସ): ସୋମବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି. କିଷନ ରେଡ୍ଡୀଙ୍କ ମଧ୍ୟରେ ହୋଇଛି ସାକ୍ଷାତ ଆଲୋଚନା। ଓଡ଼ିଶାର ଖଣିଜ କ୍ଷେତ୍ରକୁ ସୁଦୃଢ଼ କରିବା ଏବଂ ଜାତୀୟ ଅର୍ଥନୀତିରେ ଓଡ଼ିଶାର ଅବଦାନକୁ ଆହୁରି ବୃଦ୍ଧି କରିବା କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କ ସହଯୋଗ କାମନା କରିଛନ୍ତି। ଦେଶର ଖଣିଜ ଅର୍ଥନୀତି ଓ ଶିଳ୍ପ ଅଭିବୃଦ୍ଧିରେ ଓଡ଼ିଶାର ଗୁରୁତ୍ୱ କ୍ରମାଗତ ଭାବେ ବୃଦ୍ଧି ପାଇ ଚାଲିଛି। ୨୦୨୫-୨୬ ଆର୍ଥିକ ବର୍ଷରେ ଓଡ଼ିଶାରେ ପ୍ରାୟ ୪୭୧ ମିଲିଅନ୍ ଟନ୍ ଖଣିଜ ପଦାର୍ଥ ଉତ୍ପାଦନ ହୋଇଥିବା ବେଳେ ଏଥିରୁ ପ୍ରାୟ ୪୬ ହଜାର କୋଟି ଟଙ୍କାର ରାଜସ୍ୱ ସଂଗ୍ରହ ହୋଇଛି। ତେବେ ଏ କ୍ଷେତ୍ରରେ ଓଡ଼ିଶାର ଅଭିବୃଦ୍ଧିକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ର ସରକାରଙ୍କ ଅହୁରି ସକ୍ରିୟ ସହଯୋଗ କାମନା କରିଛନ୍ତି ମୁଖ୍ୟମନ୍ତ୍ରୀ। ଓଡ଼ିଶାରେ ଯେଉଁ ଖଣିଜ ବ୍ଲକ୍ ଗୁଡ଼ିକ ନିଲାମ ହୋଇଛି, ତାହାର ଜଙ୍ଗଲ ଓ ପରିବେଶ ମଞ୍ଜୁରୀ ତ୍ୱରାନ୍ୱିତ କରିବା ସହିତ ଶାଶୁବୋହୂମାଳୀ ବକ୍‌ସାଇଟ ବ୍ଲକ୍ ଓ ଠାକୁରାଣୀ ଲୁହାପଥର ବ୍ଲକ୍



ଓଏମସିକୁ ପ୍ରଦାନ କରିବା ଅନୁରୋଧ କରିଛନ୍ତି।

ଏହି ଅବସରରେ ରାଜ୍ୟରେ ଖଣିଜ ଓ ପରିବହନକୁ ଅଧିକ ଦକ୍ଷ ଓ ସ୍ୱଳ୍ପ ଖର୍ଚ୍ଚ ବିଶିଷ୍ଟ କରିବା ପାଇଁ ରେଳ ଓ ବନ୍ଦରଭିତ୍ତି ଭୂମିର ତ୍ୱରିତ ବିକାଶ ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ ମତ ପ୍ରକାଶ କରିଥିଲେ। ପରିବେଶ ସୁରକ୍ଷା ଦୃଷ୍ଟିରୁ ପରିତ୍ୟକ୍ତ କୋଇଲା ଖଣି ଗୁଡ଼ିକ ଫ୍ଲାଇଆସ୍ ଜରିଆରେ ପୁର୍ନଭରଣ କରିବା ପାଇଁ ଏକ ଉପଯୁକ୍ତ ଫ୍ରେମୱାର୍କ ପ୍ରସ୍ତୁତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହାସହିତ ଖଣିଜ ପଦାର୍ଥର ଉନ୍ନତ ବିଶ୍ଳେଷଣ ପାଇଁ ଆଧୁନିକ ଟେକ୍ନୋଲୋଜି ଯୋଗାଇ ଦେବା ପାଇଁ ସେ କେନ୍ଦ୍ରମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କେନ୍ଦ୍ରମନ୍ତ୍ରୀ ଶ୍ରୀ ରେଡ୍ଡୀ କହିଥିଲେ ଯେ ଖଣି କ୍ଷେତ୍ରର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ରେଳ, ବନ୍ଦର, ଜଙ୍ଗଲ ଓ ପରିବେଶ ଆଦି ବିଭିନ୍ନ ବିଭାଗର ସହଯୋଗର ଆବଶ୍ୟକତା ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମସ୍ତ ଯୋଜନାଗୁଡ଼ିକୁ ସାଚୁରେସନ୍ ମୋଡରେ କାର୍ଯ୍ୟକାରୀ କରିବା ପାଇଁ ପରାମର୍ଶ ଦେଇଛନ୍ତି। ତେଣୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନା ତଥା ସିଏସଆର ପାଣ୍ଠି ଏବଂ କମ୍ପାନୀମାନଙ୍କର ଉଦ୍ଦଜ ପାଣ୍ଠିକୁ ଖଣିଜ ଅଞ୍ଚଳରେ ଏକ ସମନ୍ୱିତ ପ୍ରଣାଳୀରେ କାର୍ଯ୍ୟକାରୀ କରି ସମ୍ପୂର୍ଣ୍ଣତା ହାସଲର ଆବଶ୍ୟକତା ରହିଛି।

ବୈଠକରେ ବିଭିନ୍ନ କେନ୍ଦ୍ରୀୟ ଖଣି ପିଏସୟୁମାନଙ୍କର ବିଭିନ୍ନ ସମସ୍ୟା ଓ ସମାଧାନ ସମ୍ପର୍କରେ ଆଲୋଚନା ହୋଇଛି। ଏଥିରେ ମହାନଦୀ କୋଲ୍ ଫିଲ୍‌ଡସ

- ଓଏମ୍‌ସିକୁ ଶାଶୂବୋହୂମାଳୀ ବକ୍‌ସାଇଟ, ଠାକୁରାଣୀ ଲୁହାପଥର ବ୍ଲକ୍ ପ୍ରଦାନ ଦାବି
- ନିଲାମ୍ ଖଣି ବ୍ଲକ୍ ଗୁଡ଼ିକ ପାଇଁ ଜଙ୍ଗଲ ଓ ପରିବେଶ ମଞ୍ଜୁରୀ ଶୀଘ୍ର ପ୍ରଦାନ ଅନୁରୋଧ

ଲିମିଟେଡ, ନେଭେଲି ଲିଗନାଇଟ କର୍ପୋରେସନ, ସିଙ୍ଗାରେନୀ କୋଲିଆରିଜ୍ କମ୍ପାନୀ ଲିମିଟେଡ, ନାଲ୍‌କୋ, ଇଣ୍ଡିଆନ ବ୍ୟୁରୋ ଅଫ୍ ମାଇନ୍ସ ଆଦି ସଂସ୍ଥାର ଉଚ୍ଚ ପଦାଧିକାରୀମାନେ ଯୋଗ ଦେଇ ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ସଚିବ , ଉନ୍ନୟନ କମିଶନର, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଶିଳ୍ପ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ଅତିରିକ୍ତ ମୁଖ୍ୟ ଶାସନ ସଚିବ (ଇଡ୍‌କୋ ଅଧ୍ୟକ୍ଷା) ପ୍ରମୁଖ ଉପସ୍ଥିତ ଥିଲେ।

# ସରକାର କିଣିବେ ଟାଟା, ମହିନ୍ଦ୍ରା, ମାରୁତି କମ୍ପାନୀ ଇଭି ଗାଡ଼ି

ଭୁବନେଶ୍ୱର, ୧।୬ (ସମିସ): ପଶ୍ଚିମ ଏସିଆ ସଙ୍କଟ ଯୋଗୁଁ ସୃଷ୍ଟି ହୋଇଥିବା ଜାଳେଣି ସମସ୍ୟା ଏବଂ ରାଜ୍ୟ କୋଷାଗାର ଉପରେ ବଢୁଥିବା ତୈଳ ଖର୍ଚ୍ଚକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ସରକାରୀସ୍ତରରେ ବୈଦ୍ୟୁତିକ ଯାନ ବ୍ୟବହାର ପାଇଁ ପୂର୍ବରୁ ନିଷ୍ପତ୍ତି ନିଆଯାଇଥିବା ବେଳେ ଅର୍ଥ ବିଭାଗ ପକ୍ଷରୁ ଏନେଇ ବିସ୍ତୃତ ମାର୍ଗଦର୍ଶିକା ଜାରି କରାଯାଇଛି। ଜୁନ୍ ୧ରୁ ଏହା କାର୍ଯ୍ୟକାରୀ ହେବ। ଅର୍ଥ ବିଭାଗ ଦ୍ୱାରା ଜାରି ଏହି ନିର୍ଦ୍ଦେଶନାମା ଅନୁଯାୟୀ ବିଭିନ୍ନ ସରକାରୀ ପଦାଧିକାରୀଙ୍କ ପାଇଁ ଇଭି ଯାନ କିଣିବା ସକାଶେ ସର୍ବାଧିକ ବଜେଟ୍ ବା ମୂଲ୍ୟ ସୀମା ନିର୍ଦ୍ଧାରଣ କରାଯାଇଛି। ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ହାଇକୋର୍ଟର ମୁଖ୍ୟ ବିଚାରପତି ଓ ଅନ୍ୟାନ୍ୟ ବିଚାରପତି ଏବଂ ମନ୍ତ୍ରୀମାନଙ୍କ ଗାଡ଼ି ପାଇଁ ସର୍ବାଧିକ ୩୦ଲକ୍ଷ ଟଙ୍କା ମୂଲ୍ୟର ଗାଡ଼ି କ୍ରୟ କରାଯିବ। ସେହିପରି ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, କୃଷି ଉତ୍ପାଦନ କମିଶନର, ବିଭିନ୍ନ ବିଭାଗର ପ୍ରମୁଖ ସଚିବ/ ସଚିବ ଏବଂ ସମକକ୍ଷ ପାହ୍ୟାର ଅଧିକାରୀଙ୍କ ପାଇଁ ସର୍ବାଧିକ ୨୫ଲକ୍ଷ ଟଙ୍କା ମୂଲ୍ୟର ଗାଡ଼ି କିଣାଯାଇପାରିବ। ଏହାବ୍ୟତୀତ ଜିଲ୍ଲା ଜଜ୍, ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ଗାଡ଼ି ପାଇଁ ସର୍ବାଧିକ ୨୦ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ସମସ୍ତ ନୂତନ ବୈଦ୍ୟୁତିକ ଯାନ କେବଳ ଅର୍ଥ ବିଭାଗର ପୂର୍ବ ଅନୁମତି ଏବଂ ସମ୍ମତିକ୍ରମେ

**■ ମନ୍ତ୍ରୀଙ୍କ ପାଇଁ ୩୦ ଲକ୍ଷ ଓ ବଡ଼ ଅଫିସରଙ୍କ ପାଇଁ ୨୫ ଲକ୍ଷ ଟଙ୍କିଆ ଗାଡ଼ି**

କିଣାଯାଇପାରିବ। ସେହିପରି ବର୍ତ୍ତମାନ ବ୍ୟବହାର ହେଉଥିବା ଗାଡ଼ିର ନିର୍ଦ୍ଧାରିତ ସମୟସୀମା ଶେଷ ହେବା ଏବଂ ତାହାକୁ ସ୍କ୍ରାପ୍/ କଣ୍ଡେମନେସନ କରାଯିବା ପରେ ହିଁ ନୂଆ ଗାଡ଼ି କିଣାଯାଇପାରିବ। କେବଳ ଭାରତୀୟ ନିର୍ମାତା ଟାଟା, ମହିନ୍ଦ୍ରା ଏବଂ ମାରୁତି କମ୍ପାନୀ ଦ୍ୱାରା ପ୍ରସ୍ତୁତ ବୈଦ୍ୟୁତିକ ଯାନ ହିଁ ସରକାର କିଣିବେ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ଜୁନ୍ ୧ରୁ କେବଳ ଅତି ଜରୁରୀ କିମ୍ବା ବ୍ୟତିକ୍ରମ ପରିସ୍ଥିତିକୁ ଛାଡ଼ିଦେଲେ ସରକାରୀ କାର୍ଯ୍ୟ ପାଇଁ କୌଣସି ପେଟ୍ରୋଲ କିମ୍ବା ଡିଜେଲ ଗାଡ଼ି କିଣାଯାଇପାରିବ ନାହିଁ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି।

## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ସାମାଜିକ କାର୍ଯ୍ୟ ପାଇଁ ସମୟ ବାହାର କରିବେ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିପାରେ। ସାହିତ୍ୟ ପ୍ରତି ରୁଚି ବଢ଼ିବ। ଲୋକସମ୍ପର୍କ ବୃଦ୍ଧି ପାଇବ।

**ବୃଷ:** ପୁରୁଣା ବନ୍ଧୁଙ୍କ ସହିତ ଭେଟ ହୋଇପାରେ। ଆୟ ବ୍ୟୟ ସମାନ ରହିବ। ଧାର୍ମିକ କାର୍ଯ୍ୟରେ ସାମିଲ ହୋଇପାରନ୍ତି। ବ୍ୟବସାୟକୁ ନେଇ ଚିନ୍ତାରେ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁ ନାହିଁ।

**ମିଥୁନ:** ଦିନଟି ବ୍ୟସ୍ତ ଭିତରେ ଅତିବାହିତ ହେବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ। ନାଚ, ଗୀତରେ ପ୍ରଶଂସା ମିଳିବ।

**କର୍କଟ:** ଆଶା କରିଥିବା ଦିଗରୁ ଧନ ମିଳିପାରେ। ପାରିବାରିକ ଜୀବନରେ ସୁଖ, ସମୃଦ୍ଧି ବୃଦ୍ଧି ପାଇବ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଇଚ୍ଛା ମୁତାବକ କାମ କରିବେ।

**ସିଂହ:** ଯୋଜନା ଅନୁଯାୟୀ କାମ କରିବେ। ଯାତ୍ରା ସମୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି। କୋର୍ଟ କଚେରୀ ମାମଲାରୁ ଦୂରେଇ ରହିବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ।

**କନ୍ୟା:** ମାନ ସମ୍ମାନ ବୃଦ୍ଧି ପାଇବ। ବ୍ୟବସାୟରେ ଲାଭ ମିଳିବ। ବରିଷ୍ଠ ଅଧିକାରୀଙ୍କ ପରାମର୍ଶରେ କାମରେ ଆଗକୁ ବଢ଼ିବେ। ନୂଆ କାମ ଆରମ୍ଭ କରିବେ। ସାମାଜିକ କାର୍ଯ୍ୟରେ ସାମିଲ ରହିବେ।

**ତୁଳା:** ଅଚାନକ ଖୁସି ଖବର ମିଳିପାରେ। ପ୍ରତିଯୋଗିତା ମନୋଭାବ ନେଇ ବିଦ୍ୟାର୍ଥୀ ଆଗକୁ ବଢ଼ିବେ। ପାରିବାରିକ ସମସ୍ୟାର ସମାଧାନ ହେବ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ।

**ବିଛା:** ବୈବାହିକ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଅଫିସ୍ କାମରେ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ନିଜ ଲୋକ ଶତ୍ରୁ ସାଜିବେ। ସଙ୍ଗୀତ ପ୍ରତି ରୁଚି ବଢ଼ିବ।

**ଧନୁ:** ଆଶା କରିଥିବା ଦିଗରୁ ନିରାଶ ହୋଇପାରନ୍ତି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଗୁରୁଜନଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିପାରନ୍ତି। ଧୈର୍ଯ୍ୟର ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ।

**ମକର:** ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ। ଚାକିରିଆଙ୍କୁ ନୂତନ ନିଯୁକ୍ତି ମିଳିପାରେ। ସନ୍ତାନ ସୁଖ ପ୍ରାପ୍ତ ହେବ। ପ୍ରେମ ସମ୍ବନ୍ଧରେ ଭୁଲ ବୁଝାମଣା ସୃଷ୍ଟି ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**କୁମ୍ଭ:** ଧାରକରଜରୁ ଦୂରେଇ ରହିବେ। ନୂତନ ବ୍ୟବସାୟ ଆରମ୍ଭ କରିବାକୁ ଅନୁକୂଳ ସମୟ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ମଜାମସ୍ତିରେ ଦିନଟି ଅତିବାହିତ ହେବ।

**ମୀନ:** ବିଦ୍ୟାର୍ଥୀ ପରୀକ୍ଷାରେ ସଫଳ ହେବେ। ବିଭିନ୍ନ କାରଣରୁ ମନ ଭଲ ରହି ନ ପାରେ। ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରି ନେବେ। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି।

## ଆଜିର ଇତିହାସ

- ୧୯୫୩- ବ୍ରିଟିଶ ରାଜଗାଦି ଆରୋହଣ କଲେ ମହାରାଣୀ ଏଲିଜାବେଥ ଦ୍ୱିତୀୟ।
- ୧୯୬୬-ଆମେରିକାର ପ୍ରଥମ ମହାକାଶଯାନ ଚନ୍ଦ୍ରପୃଷ୍ଠରେ ଅବତରଣ କଲା।
- ୧୯୮୮- ବଲିଉଡ୍‌ର ମହାନ୍ ଅଭିନେତା ରାଜ କପୁରଙ୍କ ଦେହାନ୍ତ।
- ୨୦୦୬- ଆମେରିକା କୁଖ୍ୟାତ୍ ଡନ୍ ଦାଉଦ୍ ଇବ୍ରାହିମ୍ ଓ ଏହାର ସଂଗଠନ ଉପରେ ପ୍ରତିବନ୍ଧକ ଲଗାଇଲା।

# ମହିଳା ଖାଆନ୍ତି ସାବୁନ ଓ ସର୍ଫ



ଆମେରିକାର ଫ୍ଲୋରିଡାରେ ରହୁଥିବା ଟେମ୍ପେଷ୍ଟ ହ୍ୟାଣ୍ଡରସନଙ୍କ ଅଜବ ଖାଦ୍ୟାଭ୍ୟାସ ସଭିଙ୍କ ଦୃଷ୍ଟି ଆକର୍ଷଣ କରିଛି। ଟିଏଲ୍‌ସି ଟିଭି ନେଟ୍‌ୱର୍କର ଲୋକପ୍ରିୟ ଶୋ' 'ମାଇଁ ଷ୍ଟ୍ରେଞ୍ଜ ଆଡିକସନ୍'ରେ ସେ ତାଙ୍କର ଏଭଳି ଅଜବ ଖାଦ୍ୟାଭାସ ସମ୍ପର୍କରେ ଆଲୋଚନା କରିଛନ୍ତି। ତାଙ୍କର ଡିଟରଜେଣ୍ଟ ଏବଂ ସାବୁନ ଖାଇବା ଅଭ୍ୟାସ ରହିଛି। ଦିନରେ ସାତ ଥର ଡିଟରଜେଣ୍ଟ ଏବଂ ଗାଧୋଇବା ବେଳେ ସାବୁନ ଖାଇବା ଏବେ ତାଙ୍କର ଏକ ନିତିଦିନିଆ ଅଭ୍ୟାସ ପାଲଟିଛି। ପ୍ରାରମ୍ଭିକ ସମୟରେ ଗାଧୋଇବାବେଳେ ତାଙ୍କୁ ସାବୁନ ଫେଣ ଏବଂ ଏହାର ବାସ୍ନା ପସନ୍ଦ ଆସୁଥିଲା। ଧୀରେ ଧୀରେ ଏହା ତାଙ୍କର ଅଭ୍ୟାସରେ ପରିଣତ ହୋଇଗଲା। ତାଙ୍କୁ ବିଶେଷକରି ସବୁଜ ରଙ୍ଗର ସାବୁନ ପସନ୍ଦ ଥିଲା। ସେ ଗାଧୋଇବାବେଳେ ସାବୁନ ଫେଣ ତିଆରି କରି ତାକୁ ଚାଖିଲେ। ଏହାପରେ ସେ ସାବୁନର ଛୋଟ ଛୋଟ ଖଣ୍ଡ ଖାଇବା ଆରମ୍ଭ କଲେ। ସାବୁନ ଖାଇଲେ ତାଙ୍କୁ ଆତ୍ମସନ୍ତୋଷ ମିଳେ ବୋଲି ଟେମ୍ପେଷ୍ଟ କୁହନ୍ତି। ସେହିପରି ଗାଧୋଇବା ଠାରୁ ସାବୁନ ଖାଇବା ପରେ ସେ ନିଜକୁ ଅଧିକ ପରିଷ୍କାର ଅନୁଭବ କରୁଥିବା କହିଛନ୍ତି। ତେବେ ସେ କେବଳ ସାବୁନ ନୁହେଁ, ଡିଟରଜେଣ୍ଟ ପାଉଡର ବି ଖାଆନ୍ତି। ଏହି ଅଭ୍ୟାସ ତାଙ୍କର ଏତେ ବଢ଼ି ଯାଇଥିଲା ଯେ, ସପ୍ତାହରେ ସେ ଏକାଧିକ ସାବୁନ୍ ଖାଇ ଦିଅନ୍ତି। ତାଙ୍କର ଏପରି ଅଭ୍ୟାସ ଦେଖି ପରିବାର ଲୋକେ ଚିନ୍ତାପ୍ରକଟ କଲେ ଏବଂ ଡାକ୍ତରଙ୍କ ପାଖକୁ ନେଲେ। ସାବୁନ ଏବଂ ଡିଟରଜେଣ୍ଟ ଭଳି ରସାୟାନ ପଦାର୍ଥ ଶରୀର ପାଇଁ କ୍ଷତିକାରକ ବୋଲି ଡାକ୍ତର କହିଲେ। ଏହାକୁ ଖାଇବା ଦ୍ୱାରା ଅନ୍ତନଳୀ, ଲିଭର ତଥା ଅନ୍ୟାନ୍ୟ ଅଙ୍ଗକୁ କ୍ଷତି ପହଞ୍ଚିଥାଏ। ପରେ ସେ 'ପିକା' ରୋଗରେ ପୀଡ଼ିତ ଥିବା ଡାକ୍ତର କହିଲେ। ଏହା ଏମିତି ଏକ ରୋଗ, ଯେଉଁଥିରେ ଲୋକେ ଅଖାଦ୍ୟକୁ ଖାଇବା ପାଇଁ ଆକର୍ଷିତ ହୋଇଥାନ୍ତି। ଏହି ରୋଗରେ ପୀଡ଼ିତ ଲୋକେ ମାଟି, ଚକ୍, କାଗଜ, ଧାତୁ, ବ୍ୟାଟେରି କିମ୍ବା ଅନ୍ୟାନ୍ୟ ଜିନିଷ ଖାଇବା ଆରମ୍ଭ କରନ୍ତି। ବିଶେଷଜ୍ଞଙ୍କ କହିବା କଥା, ଶରୀରରେ ପୋଷକ ତତ୍ତ୍ୱର ଅଭାବ ଏବଂ ମାନସିକ ଅଶାନ୍ତି ହେଉଛି ଏହା ପଛର କାରଣ। ଅବଶ୍ୟ ଟେମ୍ପେଷ୍ଟଙ୍କୁ ଏବେ ଏକ ବିଶେଷ ପ୍ରକାର ଥେରାପି ପ୍ରଦାନ କରାଯାଉଛି। ସାବୁନ ଓ ଡିଟରଜେଣ୍ଟ ଥିବା ସ୍ଥାନରୁ ଦୂରରେ ରହିବାକୁ ତାଙ୍କୁ ଡାକ୍ତର କହିଛନ୍ତି। ଏବେ ଯେତେବେଳେ ତାଙ୍କୁ ସାବୁନ ଖାଇବାକୁ ଇଚ୍ଛା ହେଉଛି, ସେ ଅନ୍ୟ ଜିନିଷରେ ମନୋନିବେଶ କରିବାକୁ ଚେଷ୍ଟା କରୁଥିବା ଟେମ୍ପେଷ୍ଟ କହିଛନ୍ତି। ସାମାଜିକ ଗଣମାଧ୍ୟମରେ ଏହାକୁ ନେଇ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ରଖିଛନ୍ତି।

# ବିଶ୍ୱର ସବୁଠୁ ବିଷାକ୍ତ ପକ୍ଷୀ



ଏମିତି ଏକ ପକ୍ଷୀ ଅଛି, ଯାହାକୁ ଛୁଇଁବାମାତ୍ରେ ମଣିଷର ଜୀବନ ମଧ୍ୟ ଯାଇପାରେ। ଏହି ବିଷାକ୍ତ ପକ୍ଷୀର ନାମ ହେଉଛି ହୁଡେଡ୍ ପିଟୋହୁଇ। ଏହା ଗୁଇନିଆ ପିଟୋହୁଇ ଭାବେ ମଧ୍ୟ ଜଣାଯାଏ। ନ୍ୟୁଗିନିର ଜଙ୍ଗଲରେ ଏହି ପକ୍ଷୀ ଦେଖାଯାଏ। ଏହାକୁ ବିଶ୍ୱର ସବୁଠାରୁ ବିଷାକ୍ତ ପକ୍ଷୀ ବୋଲି କୁହାଯାଏ। ଏକ ରିପୋର୍ଟ ଅନୁଯାୟୀ, ୧୯୮୦ରେ ପ୍ରଥମ ଥର ପାଇଁ କାଲିଫର୍ଣ୍ଣିଆ ଏକାଡେମୀ ଅଫ୍ ସାଇନ୍ସର ଇକୋଲଜିଷ୍ଟ ଜ୍ୟାକ୍ ଡମ୍ବାଚର୍ ଏହା ବିଷାକ୍ତ ବୋଲି ଆବିଷ୍କାର କଲେ। ସେ ନ୍ୟୁଗିନିରେ କାର୍ଯ୍ୟ କରିବା ସମୟରେ ପ୍ରଥମ ଥର ପାଇଁ ଏକ ହୁଡେଡ୍ ପିଟୋହୁଇ ପକ୍ଷୀକୁ ଧରିଥିଲେ। ପକ୍ଷୀକୁ ଧରିବାର କିଛି ସମୟ ମଧ୍ୟରେ ତାଙ୍କ ହାତ, ଆଖି ଏବଂ ପାଟିରେ ପ୍ରବଳ ପୋଡ଼ାଜଳା ହେବା ସହ ଝିମ୍‌ଝିମ୍ ହେବା, ବିନ୍ଧିବା ଭଳି ଅନୁଭବ କଲେ। ଯନ୍ତ୍ରଣା ଅସହ୍ୟ ହେବାରୁ ସେ ଚେତାଶୂନ୍ୟ ହୋଇ ପଡ଼ିଥିଲେ। ତୁରନ୍ତ ତାଙ୍କୁ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ଅନୁସନ୍ଧାନରୁ ଜଣାପଡ଼ିଲା ଯେ, ଏହି ପକ୍ଷୀର ଚର୍ମ ଏବଂ ଡେଣା ଅତ୍ୟନ୍ତ ବିଷାକ୍ତ ହୋଇଥାଏ। ହୁଡେଡ୍ ପିଟୋହୁଇ ଶରୀରରେ ବେଟ୍ରାକୋଟକ୍ସିନ୍ ନାମକ ବିଷାକ୍ତ ତତ୍ତ୍ୱ ମିଳିଥାଏ। ଏହି ତତ୍ତ୍ୱ କିଛି ବିଷାକ୍ତ ବେଙ୍ଗରୁ ମଧ୍ୟ ମିଳିଥାଏ। ଏହି ବିଷାକ୍ତ ତତ୍ତ୍ୱ ପକ୍ଷୀଟିକୁ ଶିକାରୀମାନଙ୍କ କବଳରୁ ରକ୍ଷା କରିଥାଏ। ଯଦି କେହି ପକ୍ଷୀକୁ ଖାଇବାକୁ ଚେଷ୍ଟା କରନ୍ତି ଏହା ତାଙ୍କ ପାଇଁ ଘାତକ ସାବ୍ୟସ୍ତ ହୋଇପାରେ। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ଏହି ପକ୍ଷୀଟି ତା' ଶରୀରରେ ବିଷ ତିଆରି କରେ ନାହିଁ। ବୈଜ୍ଞାନିକଙ୍କ ମତରେ, ହୁଡେଡ୍ ପିଟୋହୁଇ ନିଜ ଖାଦ୍ୟରୁ ଏହି ବିଷ ସଂଗ୍ରହ କରିଥାଏ। ଏହା 'ମେଲିରିଡ୍ ବିଟଲ୍ସ' ନାମକ ବିଷାକ୍ତ ପୋକକୁ ଖାଇଥାଏ, ଯେଉଁଥିରେ 'ବ୍ୟାଟ୍ରାଚୋଟକ୍ସିନ୍' ନାମକ ବିଷ ରହିଥାଏ। ପରେ ଏହି ବିଷ ପକ୍ଷୀର ଚର୍ମ ଏବଂ ଡେଣାରେ ଜମା ହୋଇଯାଏ। ସେହିଭଳି ଏହି ପକ୍ଷୀର ଉଜ୍ଜ୍ୱଳ କଳା ଏବଂ ନାରଙ୍ଗୀ ରଙ୍ଗ ମଧ୍ୟ ଏକ ବିଶେଷ ଉଦ୍ଦେଶ୍ୟ ପୂରଣ କରିଥାଏ। ଏହାକୁ 'ଆପୋସେମେଟିଜମ୍' କୁହାଯାଏ, ଅର୍ଥାତ୍ ଏପରି ରଙ୍ଗ ଅନ୍ୟ ଜୀବମାନଙ୍କୁ ଚେତାବନୀ ଦେଇଥାଏ ଯେ, ଏହା ବିପଜ୍ଜନକ ହୋଇପାରେ। ଏହି କାରଣରୁ ସ୍ଥାନୀୟ ଲୋକେ ଏହି ପକ୍ଷୀଠାରୁ ଦୂରତା ବଜାୟ ରଖନ୍ତି। ବୈଜ୍ଞାନିକମାନେ ବିଶ୍ୱାସ କରନ୍ତି ଯେ, ସାରା ବିଶ୍ୱରେ ଏମିତି ପକ୍ଷୀ ବହୁତ କମ୍ ଅଛନ୍ତି ଯେଉଁମାନେ ଆତ୍ମରକ୍ଷା ପାଇଁ ବିଷର ବ୍ୟବହାର କରିଥାନ୍ତି।



# ଜୁନ୍ ୧୫ରେ 'ବଟୱାରା ୧୯୪୭'ର ଟିଜର୍

ବଲିଉଡ୍‌ର ଆକ୍ସନ୍ କିଙ୍ଗ୍ ସନ୍ନି ଦେଓଲ ପୁଣି ଥରେ ଏକ ଦମ୍‌ଦାର୍ ଆକ୍ସନ୍ ଫିଲ୍ମ ମାଧ୍ୟମରେ ପରଦାକୁ ଫେରୁଛନ୍ତି। ତାଙ୍କ ପାଖରେ ଏବେ ଅନେକ ବଡ଼ ଫିଲ୍ମ ଅଛି। ତନ୍ମଧ୍ୟରୁ ତିନୋଟି ଫିଲ୍ମ ଏହି ବର୍ଷ ହିଁ ରିଲିଜ୍ ହେବ। ଏହି ତାଲିକାରେ 'ବଟୱାରା ୧୯୪୭'ରହିଛି। ପୂର୍ବରୁ ଏହାର ଟାଇଟଲ୍ 'ଲାହୋର ୧୯୪୭' କୁହାଯାଉଥିଲା। ଏହା ଆସନ୍ତା ୧୩ ଅଗଷ୍ଟରେ ସିନେମା ହଲ୍‌ରେ ରିଲିଜ୍ ହେବ। ତେବେ ଜୁନ୍ ୧୫ରେ 'ବଟୱାରା ୧୯୪୭'ର ଟିଜର୍ ଆସିପାରେ ବୋଲି କୁହାଯାଉଛି। ଏହାର ପ୍ରଯୋଜନା ଦାୟିତ୍ୱରେ ଅମିର୍ ଖାନ୍ ଅଛନ୍ତି। ଏହାସହ ସେ ଏଥିରେ ଅତିଥି କଳାକାର ଭାବେ ମଧ୍ୟ ନଜର ଆସିବେ। 'ବଟୱାରା ୧୯୪୭' ରେ ସନ୍ନିଙ୍କ ସହ ପ୍ରୀତି ଜିନ୍‌ଟା ଲିଡ୍ ରୋଲରେ ନଜର ଆସିବେ। ସବାନା ଆଜ୍‌ମି, ଅଲ୍ଲୀ ଫଜଲଙ୍କୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ଟିଜର୍‌ର ପ୍ରଚ୍ଛଦପଟରେ ଅମିର୍‌ଙ୍କ ସ୍ୱର ଶୁଣାଯିବ। ଏହାର ନିର୍ଦ୍ଦେଶନା ଦେଇଛନ୍ତି ରାଜକୁମାର ସନ୍ତୋଷୀ। ପୂର୍ବରୁ ରାଜ୍‌କୁମାର ସନ୍ତୋଷୀ ଓ ସନ୍ନିଙ୍କ ଯୋଡ଼ି ବଲିଉଡ୍‌କୁ 'ଦାମିନୀ', 'ଘାୟଲ', 'ଘାତକ' ଭଳି ଫିଲ୍ମ ଦେଇଥିଲେ।



# ପ୍ରାକୃତିକ କୃଷିରୁ ବଦଳିଲା ଭାଗ୍ୟ

**ଚାଷ କାର୍ଯ୍ୟରେ ମାତ୍ରାଧିକ ରାସାୟନିକ ସାର ଓ କୀଟନାଶକ ମାଟିକୁ କ୍ଷତି ପହଞ୍ଚାଇବା ସହ ମନୁଷ୍ୟ ଶରୀରରେ ନାନା ପ୍ରକାର ରୋଗ ସୃଷ୍ଟି କରିଥାଏ। ଏହାକୁ ଗୁରୁତ୍ୱ ଦେଇ ଗୁଜୁରାଟ, ସୁରଟ ଜିଲ୍ଲା ସରସ ଗାଁ'ର କଲ୍‌ପେଶ ପଟେଲ ପ୍ରାକୃତିକ କୃଷି ମାଧ୍ୟମରେ ୫୦ରୁ ଅଧିକ ପ୍ରଜାତିର କଦଳୀ ଚାଷ କରୁଛନ୍ତି।**

କଲ୍‌ପେଶଙ୍କ ପିତା ରମଣଭାଇ ଜମିରେ ମାତ୍ରାଧିକ ରାସାୟନିକ ସାର ପ୍ରୟୋଗ କରୁଥିଲେ। ରାସାୟନିକ ଯୁକ୍ତ ଖାଦ୍ୟ ଖାଇ ସେ କର୍କଟରେ ପ୍ରାଣ ହରାଇବା ପରେ କଲ୍‌ପେଶ ପ୍ରାକୃତିକ କୃଷିକୁ ଆପଣାଇଥିଲେ। ଗୁଜୁରାଟ କୃଷି ବିଭାଗରୁ ତାଲିମ ନେଇ ସେ ପ୍ରାକୃତିକ ଉର୍ବରକ ପ୍ରସ୍ତୁତ କରିବା ଶିଖିଲେ। ଦୀର୍ଘ ୭ ବର୍ଷ ହେବ ସେ ପ୍ରାକୃତିକ ପଦ୍ଧତିରେ ଚାଷ କରି ଆସୁଛନ୍ତି। ସେ ଚାଷ ଜମିରେ ୫୦ରୁ ଅଧିକ କିସମ ଯଥା- ପୁଭନ, ଅର୍ଦ୍ଧପୁରୀ, ରାସ୍‌ଥାଲି, ନାଲି କଦଳୀ, ବ୍ଲୁ ଜାଭା, ବସ୍‌ରାଇ, ମହାଲକ୍ଷ୍ମୀ ଆଦି କିସମର କଦଳୀ ଚାଷ କରୁଛନ୍ତି। ଜମିରେ ଜୀବାମୃତ, ନିମ୍ବଖତ ପ୍ରୟୋଗ ଯୋଗୁଁ ଉତ୍ତମମାନର କଦଳୀ ଫଳୁଛି। ପ୍ରାକୃତିକ କୃଷି ପରିବେଶ ଅନୁକୂଳ, ଏହା ସହ କଦଳୀ ଉତ୍ପାଦନ ଭଲ ହୋଇଥାଏ ବୋଲି କୁହନ୍ତି କଲ୍‌ପେଶ। ଚାଷରୁ ସେ ବାର୍ଷିକ ୧୦ରୁ ୧୨ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ଏହି ଚାଷରୁ ତାଙ୍କ ଭାଗ୍ୟ ବଦଳିଛି। ସେ କେବଳ କଦଳୀ ବିକ୍ରି ଉପରେ ନିର୍ଭର ନ କରି କଦଳୀରୁ ଚିପ୍‌ସ, ଫିଗ ବନାଇ ବିକ୍ରି କରିଥାନ୍ତି। ପ୍ରାକୃତିକ କୃଷି ପାଇଁ କଲ୍‌ପେଶ ଜାତୀୟସ୍ତରରେ ନାଁ କମାଇବା ସହ ପ୍ରଶଂସିତ ହୋଇଛନ୍ତି।




# ଜୈବିକ ଉପାୟରେ କୀଟ ନିୟନ୍ତ୍ରଣ



କମଳା ଚୋପା ପାକଶାଳା ବଗିଚା ପାଇଁ ବରଦାନ ସଦୃଶ। ଏଥିରେ ଯବକ୍ଷାରଜାନ, ପୋଟାସିୟମ ଓ ଫସ୍‌ଫରସ୍ ଆଦି ପୋଷକତତ୍ତ୍ୱ ଥିବାରୁ ଏହା ଗଛ ବୃଦ୍ଧିରେ ସାହାଯ୍ୟ କରେ। ଚୋପାରେ ଥିବା ପ୍ରାକୃତିକ ଅମ୍ଳ ଏବଂ ସୁଗନ୍ଧ ଫସଲରେ ରୋଗପୋକ ନିୟନ୍ତ୍ରଣ କରିପାରେ।

କମଳା ଚୋପାରେ ଲିମୋନିନ୍ ନାମକ ପ୍ରାକୃତିକ ତେଲ ଥାଏ। ଏହାର ସୁଗନ୍ଧ ପିମ୍ପୁଡ଼ି, ଜଉପୋକ, କବକ ଆଦି କୀଟକୁ ଫସଲରୁ ଦୂରେଇ ରଖେ। ତେଣୁ କମଳା ଚୋପାକୁ ପାଣିରେ ଫୁଟାଇ ଏହାକୁ ଥଣ୍ଡା କରି ଏହି ତରଳକୁ ଏକ ସ୍ପ୍ରେ ବୋତଲରେ ଭର୍ତ୍ତି କରି ପତ୍ର ସିଞ୍ଚନ ଏବଂ ମାଟିରେ ପ୍ରୟୋଗ କରି ପାରିବେ। ବଗିଚାର ମାଟି ଟାଣ ଥିଲେ ବା ଗଛକୁ ସଠିକ ପୋଷଣ ମିଳୁ ନ ଥିଲେ କମଳା ଚୋପାକୁ ଛୋଟ ଛୋଟ କାଟି କୁଣ୍ଡରେ ପ୍ରୟୋଗ କରିପାରିବେ। ଏହି ଖତ ବା ତରଳ ଔଷଧ ମଲ୍ଲୀ, ଗୋଲାପ ଏବଂ କଞ୍ଚାଲଙ୍କା ଗଛରେ ଫୁଲ ଏବଂ ଫଳ ଆସିବାରେ ସାହାଯ୍ୟ କରେ।



# ଖରାଦିନେ ମହୁମାଛିଙ୍କ ଯତ୍ନ

ଅଧିକାଂଶ ଚାଷୀ ମହୁମାଛି ପାଳନ କରି ଜୀବିକା ନିର୍ବାହ କରନ୍ତି। ଅନ୍ୟଋତୁ ପରି ମହୁମାଛି ପାଳନ ପାଇଁ ସମସ୍ୟା ଆଣେ ଖରାଦିନ। ଏହି ଦିନେ ତାପମାତ୍ରା ବୃଦ୍ଧି ମହୁ ଉତ୍ପାଦନ ଉପରେ ପ୍ରଭାବ ପକାଏ। ତେଣୁ ମହୁମାଛିଙ୍କର ସଠିକ୍ ଦେଖାଶୁଣା କରିବା ଏକାନ୍ତ ଆବଶ୍ୟକ।

ମହୁମାଛି ପରାଗରେଣୁ ଓ ମକରନ୍ଦ ସନ୍ଧାନରେ ସକାଳୁ ବାହାରନ୍ତି। ହେଲେ ଖରାଦିନେ ଅତ୍ୟଧିକ ତାପମାତ୍ରା ବୃଦ୍ଧି ପାଇଁ ମହୁମାଛି ମହୁବାକ୍ସରୁ ବାହାରକୁ ବାହାରନ୍ତି ନାହିଁ। ତେଣୁ ମହୁବାକ୍ସ ଉପରେ ତାପମାତ୍ରା ନିୟନ୍ତ୍ରଣ ପାଇଁ ଝୋଟ ଅଖାକୁ ଓଦା କରି ପକାଇବା ଆବଶ୍ୟକ। ଗଛ ତଳେ ମହୁମାଛି ବାକ୍ସ ରଖିବା ମଧ୍ୟ ସର୍ବୋତ୍ତମ। ପ୍ରାକୃତିକ ଛାଇ ଉପଲବ୍ଧ ନ ଥିଲେ, କୁଟାରୁ ଛାତ, ଅଖା କିମ୍ବା ଅସ୍ଥାୟୀ ଛାତ ବନାଇ ମହୁମାଛିଙ୍କୁ ସୁରକ୍ଷା ଦିଆଯାଇ ପାରିବ। ତୁତ୍ ପରି ଗଛ ଲଗାଇବା ଦ୍ୱାରା ଛାଇ ଏବଂ ମକରନ୍ଦ ଉପଲବ୍ଧ ହୋଇଥାଏ। ସେହିପରି ମହୁମାଛି ପାଳନ କରାଯାଉଥିବା ସ୍ଥାନକୁ ସଫା ରଖିବା ସହ ସଫା ପାଣି ରଖାଯିବା ଉଚିତ। ବାକ୍ସକୁ ଭଲଭାବେ ବାୟୁଚଳାଚଳ କରିବାକୁ ପ୍ରବେଶ ଦ୍ୱାର ଖୋଲା ରଖିବା ଆବଶ୍ୟକ।

# ବାଲ୍‌କୋନିରେ ଲିଚୁ



ସହରରେ ସ୍ୱଳ୍ପ ସ୍ଥାନରେ ଚାଷ କରିବା ଚ୍ୟାଲେଞ୍ଜ ହୋଇଥାଏ। ଏଥିପାଇଁ ଅଧିକାଂଶ ଛାତ କିମ୍ବା ବାଲ୍‌କୋନିରେ ପନିପରିବା ଓ ଫୁଲ ଗଛ ଲଗାଇଥାନ୍ତି। ତେବେ ବାଲ୍‌କୋନିରେ ବି ଲିଚୁ ଫଳି ପାରିବ।

ଲିଚୁ ଗଛ ଲଗାଇବା ପାଇଁ ୧୮ ରୁ ୨୪ ଇଞ୍ଚର ବଡ଼ କୁଣ୍ଡ ଆବଶ୍ୟକ। ପ୍ଲାଷ୍ଟିକ୍ ବଦଳରେ ମାଟି କିମ୍ବା ସିମେଣ୍ଟ କୁଣ୍ଡ ବ୍ୟବହାର ଦ୍ୱାରା ବାୟୁ ଚଳାଚଳ ଭଲ ହୁଏ। ଉର୍ବରଯୁକ୍ତ ଦୋରସା ମାଟି, ଜିଆଖତ, କୋକୋପିଟ୍‌କୁ ମିଶାଇ କୁଣ୍ଡ ପାଇଁ ମାଟି ପ୍ରସ୍ତୁତ କରାଯାଏ। ପଞ୍ଜୀକୃତ ନର୍ସରୀରୁ କଲମୀ ଲିଚୁ ଚାରା କିଣି ଗଛ ଲଗାଇ ହାଲୁକା ସିଞ୍ଚନ କରାଯାଏ। ଗଛକୁ ପ୍ରତିଦିନ ୫ରୁ ୬ଘଣ୍ଟା ସୂର୍ଯ୍ୟକିରଣ ଆବଶ୍ୟକ। ଖରାଦିନେ ସକାଳେ ହାଲୁକା ଜଳ ସେଚନ ଦ୍ୱାରା ମାଟିର ଆର୍ଦ୍ରତା ବଜାୟ ରୁହେ। ପ୍ରତି ୨ରୁ୩ ମାସ ମଧ୍ୟରେ ଗଛ ମୂଳରେ ଜିଆଖତ ପ୍ରୟୋଗ କରିବା ସହ ପୋକ ରୋଗର ସମ୍ଭାବନା ଥିଲେ, ନିମ୍ବ ତେଲ ପ୍ରୟୋଗ କରିବା ଫଳପ୍ରଦ।

# ଏ ମାସର ଚାଷ

**ଜୁନ୍ ମାସରେ ଚାଷୀଭାଇ ଧାନ ଚାଷ ସହିତ ସବୁଜ ପନିପରିବା ଚାଷ କରି ପାରିବେ। ଏଥିପାଇଁ ଜମିକୁ ଲଙ୍ଗଳ, ଟ୍ରାକ୍ଟର କିମ୍ବା ପାୱାର ଟିଲରରେ ଚାଷ କରି ରୋଟାଭେଟର ଦ୍ୱାରା ସମତୁଲ କରି ଚାଷ କାର୍ଯ୍ୟ ଆରମ୍ଭ କରିବା ଆବଶ୍ୟକ।**

- ଧାନ ବିହନକୁ ବିଶୋଧନ କରି ତଳି ପକାଇ ପାରିବେ।
- ମକା ଓ ଲଘୁଶସ୍ୟ ଯଥା- ମାଣ୍ଡିଆ, ସୁଆଁ, ଗୁଳୁଚି ବୁଣିବା ଆବଶ୍ୟକ। ବର୍ତ୍ତମାନ ଖମ୍ବଆଳୁ ଲଗାଇବାର ଉପଯୁକ୍ତ ସମୟ।
- ଚିନାବାଦାମ ବିହନକୁ ବିଶୋଧନ କରି ଓ ଜୀବାଣୁ କଲଚର ଦ୍ୱାରା ଉପଚାର କରି ବୁଣି ପାରିବେ। ସେହିପରି ନଳିତା ବୁଣାବୁଣି କାର୍ଯ୍ୟ ଶେଷ କରିବା ଆବଶ୍ୟକ।
- ଜମିପ୍ରସ୍ତୁତ କରି ନିଗିଡ଼ା ଢିପ ଜମିମାନଙ୍କରେ ହରଡ଼, ମୁଗ, ବିରି କିମ୍ବା ଝୁଡ଼ଙ୍ଗ ବିହନ ଧାଡ଼ିରେ ବୁଣାଯାଏ। ଏହି ମାସ ଶେଷ ସୁଦ୍ଧା କପାବୁଣା ଶେଷ କରିପାରିବେ।
- ବର୍ଷାଦିନିଆ ପନିପରିବା ପାଇଁ ତଳିଘେରା ପ୍ରସ୍ତୁତି କରି ତଳି ପକାଇ ପାରିବେ। ଭେଣ୍ଡି, କଖାରୁ, କଲରା, ଜହ୍ନି, ଛଚିନ୍ଦ୍ରା, ଝୁଡଙ୍ଗ, ଶାଗ ଆଦି ପନିପରିବା ଓ ଫଳ ଚାରା ଲଗାଇବା ଆବଶ୍ୟକ।

# କୃଷି ପାଣିପାଗ

**ଏ ସପ୍ତାହ ପାଇଁ କେତେକ ପରାମର୍ଶ**

- କାଳବୈଶାଖୀ ବର୍ଷା ଓ ଝଟକା ପବନ ହେତୁ ଲତାଜାତୀୟ ପନିପରିବା ପ୍ରଭାବିତ ହେବାର ସମ୍ଭାବନା ଥିବାରୁ ଅମଳ ଉପଯୋଗୀ ପନିପରିବାକୁ ତୋଳି ଦିଅନ୍ତୁ। ଆମ୍ବ ଗଛର ଫଳକୁ ନେଟ୍ ଲଗାଇ ପବନରୁ ରକ୍ଷା କରନ୍ତୁ।
- ଅମଳ ହୋଇଥିବା ଧାନ କିସମ ଅନୁସାରେ ଅଲଗା ଅଲଗା କରି ବଜାରରେ ମିଳୁଥିବା ସୁପରଗ୍ରେନ୍ ବସ୍ତାରେ ଭର୍ତ୍ତି କରି ସାଇତି ରଖିଲେ ଏହାର ଗୁଣ, ରଙ୍ଗ, ବାସନା ଓ ସ୍ୱାଦ ବହୁତ ଦିନ ପର୍ଯ୍ୟନ୍ତ ସୁରକ୍ଷିତ ରହିବ।
- ଆଖୁ ଫସଲରେ ଘାସୁଆ ରୁଗୁଡ଼ିଆ ରୋଗର ନିୟନ୍ତ୍ରଣ ପାଇଁ ଆକ୍ରାନ୍ତ ଗଛକୁ ଓପାଡ଼ି ଦୂରରେ ପୋଡ଼ି ନଷ୍ଟ କରିଦିଅନ୍ତୁ। ଏହି ରୋଗର ବାହକ ଜଉ ପୋକର ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ ଥାୟୋମେଥୋକ୍ସାମ କିମ୍ବା ୫୦ ଗ୍ରାମ ଏସିଟାମିପ୍ରିଡ, ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ଗାଈଗୋରୁମାନଙ୍କୁ ପରିଷ୍କାର ଏବଂ ଉଚିତ ପରିମାଣର ପାଣି ଯୋଗାନ୍ତୁ। ବର୍ଷା ହେଉନଥିଲେ ଘାସ ଚରିବା ପାଇଁ ପଶୁମାନଙ୍କୁ କେବଳ ସକାଳ ଏବଂ ସନ୍ଧ୍ୟା ସମୟରେ ଛାଡ଼ନ୍ତୁ।

# ଆଇପିଏଲ୍ ସୁପରଷ୍ଟାର ସୂର୍ଯ୍ୟବଂଶୀ







ନୂଆଦିଲ୍ଲୀ,୧୬(ଏଜେନ୍ସି): ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୫ ୱିକେଟରେ ଗୁଜରାଟ ଜାଏଣ୍ଟସକୁ ହରାଇ ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ରେ କ୍ରମାଗତ ଦ୍ୱିତୀୟ ଟାଇଟଲ ହାସଲ କରିଛି। ପ୍ଲେ ଅଫ୍‌ରେ ପରାଜିତ ହୋଇ ପ୍ରତିଯୋଗିତାରୁ ରାଜସ୍ଥାନ ରୟାଲ୍ସ ପ୍ରତିଯୋଗିତାରୁ ବିଦାୟ ନେଇଛି। କିନ୍ତୁ ଏହି ଦଳର ଯୁବ ଖେଳାଳି ବୈଭବ ସୂର୍ଯ୍ୟବଂଶୀ ନିଜର ବ୍ୟାଟିଂ ଶୈଳୀ ବଳରେ ଅନ୍ୟ ସମସ୍ତ ଶ୍ରେଷ୍ଠ ପୁରସ୍କାର ହାସଲ କରିନେଇଛି। ଏହି ଟୁର୍ଣ୍ଣାମେଣ୍ଟରେ ସେ ସର୍ବଶ୍ରେଷ୍ଠ ଦୁଇ ପୁରସ୍କାର ମୋଷ୍ଟ ଭାଲ୍ୟୁଏବଲ (ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ) ଓ ଇମର୍ଜିଂ (ଶ୍ରେଷ୍ଠ ଉଦୀୟମାନ) ଖେଳାଳି ପୁରସ୍କାର ପାଇଛନ୍ତି। ଗୋଟିଏ ଟୁର୍ଣ୍ଣାମେଣ୍ଟରେ ଉଭୟ ପୁରସ୍କାର ଜିତିବାରେ ସୂର୍ଯ୍ୟବଂଶୀ ପ୍ରଥମ ଖେଳାଳି। ଏହାଛଡ଼ା ସେ ଟୁର୍ଣ୍ଣାମେଣ୍ଟର ସର୍ବାଧିକ ୭୭୬ ରନ୍ କରି ପର୍ପଲ କ୍ୟାପ୍, ସୁପର ଷ୍ଟ୍ରାଇକର ଅଫ୍ ଦ ଟୁର୍ଣ୍ଣାମେଣ୍ଟ (୨୩୭.୩୦) ଓ ୭୨ଟି ଛକା ମାରି ସୁପର ସିକ୍ସର୍ସ ଅଫ୍ ଦି ସିଜନ ପୁରସ୍କାର ହାସଲ କରିଛନ୍ତି। ଆଇପିଏଲ୍ ଇତିହାସରେ ଏକାଥରରେ ଏତେ ପୁରସ୍କାର କେହି କେବେ ଜିତି ନ ଥିଲେ। ସେ ତାଙ୍କ ବ୍ୟାଟିଂ ବଳରେ ଚଳିତ ଟୁର୍ଣ୍ଣାମେଣ୍ଟରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଥିଲେ। ଏହି ସିଜନରେ ସେ କ୍ରିସ୍ ଗେଲଙ୍କ ସର୍ବାଧିକ ଛକା ମାରିବାର ରେକର୍ଡକୁ ମଧ୍ୟ ଅତିକ୍ରମ କରିଥିଲେ। ଏହି ପ୍ରଦର୍ଶନ ଲାଗି ତାଙ୍କୁ ଆଇପିଏଲ୍‌ରେ ୫ଟି ପୁରସ୍କାର ମିଳିଛି। ପୁରସ୍କାର ବାବଦରେ ୪୫ଲକ୍ଷ ଓ ଗୋଟିଏ ସୁପର ସ୍ପୋର୍ଟ୍ସ କାର ପାଇଛନ୍ତି ଏହି ଖେଳାଳି।

'ସୂର୍ଯ୍ୟବଂଶୀ ବଲ୍‌କୁ ଜୋରରେ ମାରୁନାହାନ୍ତି। କିନ୍ତୁ ଅନ୍ୟ ଖେଳାଳିଙ୍କ ଅପେକ୍ଷା ସେ ଶୀଘ୍ର ବଲ୍‌ରୁ ଲାଇନ୍ ଓ ଲେଙ୍ଗ୍‌ଥକୁ ପଢ଼ିପାରୁଛନ୍ତି। ମୁଁ ତାଙ୍କ ବ୍ୟାଟିଂକୁ ଦେଖିଛି ଓ ଉପଭୋଗ କରିଛି। ସେ ଟ୍ରୁଲି ସ୍ପେଶାଲ' ବୋଲି କ୍ରିକେଟରେ ଈଶ୍ୱର ସଚିନ ତେନ୍ଦୁଲକର କହନ୍ତି। ମାତ୍ର ୧୫ ବର୍ଷରେ ସେ ତାଙ୍କ ପ୍ରଦର୍ଶନ ବଳରେ କିଂବଦନ୍ତି ଖେଳାଳିଙ୍କଠାରୁ ଏହି ସମ୍ମାନ ପାଇଛନ୍ତି। ପ୍ରକୃତରେ ସେ ଜଣେ ଅନନ୍ୟ ପ୍ରତିଭାବାନ ଖେଳାଳି। ପୁରସ୍କାର ଗ୍ରହଣ ଉତ୍ସବରେ ଆଉଜଣେ କିଂବଦନ୍ତି ଖେଳାଳି ରବି ଶାସ୍ତ୍ରୀ ସାକ୍ଷାତକାର ସମୟରେ ପଚାରିଥିଲେ, ବୈଭବ ଆଜି ଓ ଏବେ କେତେ କ୍ଷୀର ପିଉଛ। ଏହାର ଉତ୍ତରରେ ବୈଭବ କହିଥିଲେ ଏବେ ମୁଁ କ୍ଷୀର ପିଇବା ଛାଡ଼ିଦେଇଛି। ଗତ ଟୁର୍ଣ୍ଣାମେଣ୍ଟର ଶେଷ ଭାଗରେ ଶତକ ସହ ସୂର୍ଯ୍ୟବଂଶୀଙ୍କ ଆବିର୍ଭାବ ହୋଇଥିଲା। ଏହି ସିଜନରେ ସେ ଜଣେ ପ୍ରତିଭାବାନ ତଥା ଶ୍ରେଷ୍ଠ ଖେଳାଳି ହେବାର ସଫଳତା ଅର୍ଜନ କରିଛନ୍ତି। ସେ ଯେଉଁ ରେକର୍ଡ କରିଯାଇଛନ୍ତି ତାହା ନିଶ୍ଚିତଭାବେ ଅନେକ ଦିନ ତିଷ୍ଠି ରହିବ। ସେ ନିଜେ କିମ୍ବା ଅନ୍ୟ କେହି ଏହି ରେକର୍ଡକୁ ଏତେଶୀଘ୍ର ଅତିକ୍ରମ କରିବା ଏତେଟା ସହଜ ନୁହେଁ। ମାତ୍ର ଦ୍ୱିତୀୟ ସିଜନରେ ଶ୍ରେଷ୍ଠତ୍ୱ ଜାହିର କରିଥିବା ଏହି ୧୫ ବର୍ଷୀୟ ଖେଳାଳି ଏଥର ଦୁଇଟି ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ଜୁନ୍ ୯ରୁ ଶ୍ରୀଲଙ୍କାରେ ଖେଳାଯିବାକୁ ଥିବା ତ୍ରିରାଷ୍ଟ୍ରୀୟ ଦିନିକିଆ 'ଏ' ଟୁର୍ଣ୍ଣାମେଣ୍ଟରେ ସେ ତିଳକ ବର୍ମାଙ୍କ ଅଧିନରେ ଖେଳିବେ। ଏହା ପରେ ସେପ୍ଟେମ୍ବର ମାସରେ ଜାପାନରେ ଏସିଆନ ଗେମ୍ସ ଖେଳାଯିବ। ତାଙ୍କୁ ଏହି ଟୁର୍ଣ୍ଣାମେଣ୍ଟ ଲାଗି ଘୋଷଣା କରାଯାଇଥିବା ୩୦ ଜଣିଆ ସମ୍ଭାବ୍ୟ ଦଳରେ ସ୍ଥାନ ଦିଆଯାଇଛି। ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ସେ ତାଙ୍କ ପ୍ରତିଭାର ଚମକ ପ୍ରଦର୍ଶନ କରିସାରିଛନ୍ତି। ଭାରତ ଲାଗି ବରିଷ୍ଠ ଟିମ୍‌ରେ ପ୍ରବେଶ କରିବା ଲାଗି ପ୍ରଦର୍ଶନ କରିବା ସକାଶେ ତାଙ୍କ ନିକଟରେ ବର୍ତ୍ତମାନ ଦୁଇଟି ଟୁର୍ଣ୍ଣାମେଣ୍ଟ ରହିଛି। ସ୍ଥିତି ଓ ଖେଳାଳି ଚୟନ ଯେପରି କରାଯାଇଛି ସେଥିରେ ତାଙ୍କୁ ଉଭୟ ଦଳର ଚୂଡ଼ାନ୍ତ ଏକାଦଶରେ ଖେଳିବାକୁ ନିଶ୍ଚିତ ସୁଯୋଗ ମିଳିବ। ଜୁନିଅର ବିଶ୍ୱକପ୍ ଓ ଆଇପିଏଲ୍‌ର ପ୍ରଦର୍ଶନକୁ ସେ ଏହି ଟୁର୍ଣ୍ଣାମେଣ୍ଟରେ କିପରି ରୂପାନ୍ତରିତ କରିବେ ତାହା ଦେଖିବାକୁ ବାକି ରହିଛି।

### କ'ଣ ପାଇଲେ ପୁରସ୍କାର

| ପୁରସ୍କାର | : | ଅର୍ଥରାଶି |
|---|---|---|
| ଏମ୍‌ଭି ପ୍ଲେୟର | : | ୧୫ ଲକ୍ଷ |
| ଇମର୍ଜିଂ ପ୍ଲେୟର | : | ୧୦ ଲକ୍ଷ |
| ପର୍ପଲ କ୍ୟାପ୍ | : | ୧୦ ଲକ୍ଷ |
| ସୁପର ସିକ୍ସେସ | : | ୧୦ ଲକ୍ଷ |
| ସୁପର ଷ୍ଟ୍ରାଇକର | : | ସିଏରା କାର |

### ଆଇପିଏଲ୍-୨୦୨୬
### ସୂର୍ଯ୍ୟବଂଶୀଙ୍କ ପ୍ରଦର୍ଶନ

| | | |
|---|---|---|
| ମ୍ୟାଚ୍ | : | ୧୬ |
| ରନ୍ | : | ୭୭୬ |
| ସର୍ବୋଚ୍ଚ | : | ୧୦୩ |
| ହାରାହାରି | : | ୪୮.୫୦ |
| ବଲ୍ ସାମ୍ନା | : | ୩୨୭ |
| ଷ୍ଟ୍ରାଇକ୍ ରେଟ୍ | : | ୨୩୭.୩୦ |
| ଶତକ | : | ଏକ |
| ଅର୍ଦ୍ଧଶତକ | : | ପାଞ୍ଚ |
| ଚୌକା | : | ୬୩ |
| ଛକା | : | ୭୨ |

## ୩.୧୦ କୋଟି ଆୟ

ଚଳିତ ସିଜନରେ ସବୁଠୁ ଚର୍ଚ୍ଚାରେ ରହିଥିଲେ ରାଜସ୍ଥାନ ରୟାଲ୍ସର ବୈଭବ ସୂର୍ଯ୍ୟବଂଶୀ। ୧୫ ବର୍ଷୀୟ ସୂର୍ଯ୍ୟବଂଶୀ ୧୬ଟି ମ୍ୟାଚରୁ ୪୮.୫୦ ହାରରେ ୭୭୬ ରନ କରିଥିଲେ। ପ୍ରଭାବୀ ପ୍ରଦର୍ଶନ କରି ସୂର୍ଯ୍ୟବଂଶୀ ସମସ୍ତ ପୁରସ୍କାର ପୋଛି ନେଇଛନ୍ତି। ଏଥର ଆଇପିଏଲ୍‌ରେ ସେ ମୋଟ୍ ୩.୧୦ କୋଟି ଟଙ୍କା ରୋଜଗାର କରିଛନ୍ତି। ଟୁର୍ଣ୍ଣାମେଣ୍ଟର ମୋଷ୍ଟ ଭାଲ୍ୟୁଏବଲ୍ ଖେଳାଳି (୧୫ ଲକ୍ଷ), ଅରେଞ୍ଜ କ୍ୟାପ୍ (୧୦ ଲକ୍ଷ), ସିଜନର ଶ୍ରେଷ୍ଠ ଉଦୀୟମାନ ଖେଳାଳି (୧୦ ଲକ୍ଷ), ସର୍ବାଧିକ ଛକା (୧୦ ଲକ୍ଷ) ମାରିବା ଲାଗି ସେ ପୁରସ୍କୃତ ହୋଇଥିଲେ। ସୁପରଷ୍ଟ୍ରାଇକର ଅଫ୍ ଦି ସିଜନ ଲାଗି ତାଙ୍କୁ ୧୦ ଲକ୍ଷ ଟଙ୍କା ସହ ୨୧ ଲକ୍ଷ ଟଙ୍କା ମୂଲ୍ୟର ଏକ ଟାଟା ସିଏରା କାର ମିଳିଥିଲା। ଏହାବାଦ୍ ସୂର୍ଯ୍ୟବଂଶୀ ୧୬ଟି ମ୍ୟାଚରୁ ପାଉଣା ବାବଦକୁ ଏକ କୋଟି ୨୦ ଲକ୍ଷ ଟଙ୍କା ରୋଜଗାର କରିଥିଲେ। ସେହିଭଳି ଫ୍ରାଞ୍ଚାଇଜଠାରୁ ସେ ରିଟେନସନ ବାବଦକୁ ୧.୧୦ କୋଟି ଟଙ୍କା ପାଇଛନ୍ତି। ଫଳରେ ଆଇପିଏଲ୍-୧୯ରେ ସୂର୍ଯ୍ୟବଂଶୀ ମୋଟ୍ ଉପରେ ୩.୧୦ କୋଟି ଟଙ୍କା ଆୟ କରିଛନ୍ତି।

### ୨୦୨୬ରେ ଭାରତର ଖେଳସୂଚୀ

| ତାରିଖ | ଫର୍ମାଟ | ଭେନ୍ୟୁ |
|---|---|---|
| ବନାମ ଆଫଗାନିସ୍ତାନ (ଦେଶରେ) | | |
| ଜୁନ୍ ୬ | ଏକମାତ୍ର ଟେଷ୍ଟ | ମୁଲାନପୁର |
| ଜୁନ୍ ୧୩ | ପ୍ରଥମ ଦିନିକିଆ | ଧର୍ମଶାଳା |
| ଜୁନ୍ ୧୭ | ଦ୍ୱିତୀୟ ଦିନିକିଆ | ଲକ୍ଷ୍ନୌ |
| ଜୁନ୍ ୨୦ | ତୃତୀୟ ଦିନିକିଆ | ଚେନ୍ନଇ |
| ବନାମ ଆୟର୍ଲାଣ୍ଡ (ବିଦେଶରେ) | | |
| ଜୁନ୍ ୨୬ | ପ୍ରଥମ ଟି-୨୦ | ବେଲଫାଷ୍ଟ |
| ଜୁନ୍ ୨୮ | ଦ୍ୱିତୀୟ ଟି-୨୦ | ବେଲଫାଷ୍ଟ |
| ବନାମ ଇଂଲଣ୍ଡ (ବିଦେଶରେ) | | |
| ଜୁଲାଇ ୧ | ପ୍ରଥମ ଟି-୨୦ | ରିଭରସାଇଡ୍ |
| ଜୁଲାଇ ୪ | ଦ୍ୱିତୀୟ ଟି-୨୦ | ଓଲ୍ଡଟ୍ରାଫୋର୍ଡ |
| ଜୁଲାଇ ୭ | ତୃତୀୟ ଟି-୨୦ | ଟ୍ରେଣ୍ଟବ୍ରିଜ୍ |
| ଜୁଲାଇ ୯ | ଚତୁର୍ଥ ଟି-୨୦ | ବ୍ରିଷ୍ଟଲ |
| ଜୁଲାଇ ୧୧ | ପଞ୍ଚମ ଟି-୨୦ | ରୋଜ୍ ବାଉଲ୍ |
| ଜୁଲାଇ ୧୪ | ପ୍ରଥମ ଦିନିକିଆ | ଏଜ୍‌ବାଷ୍ଟନ |
| ଜୁଲାଇ ୧୬ | ଦ୍ୱିତୀୟ ଦିନିକିଆ | କାର୍ଡିଫ୍ |
| ଜୁଲାଇ ୧୯ | ତୃତୀୟ ଦିନିକିଆ | ଲର୍ଡ୍ସ |
| ବନାମ ଜିମ୍ବାୱେ (ବିଦେଶରେ) | | |
| ଜୁଲାଇ ୨୩ | ପ୍ରଥମ ଟି-୨୦ | ହରାରେ |
| ଜୁଲାଇ ୨୫ | ଦ୍ୱିତୀୟ ଟି-୨୦ | ହରାରେ |
| ଜୁଲାଇ ୨୬ | ତୃତୀୟ ଟି-୨୦ | ହରାରେ |
| ବନାମ ୱେଷ୍ଟଇଣ୍ଡିଜ୍ (ଦେଶରେ) | | |
| ସେପ୍ଟେମ୍ବର ୨୭ | ପ୍ରଥମ ଦିନିକିଆ | ତ୍ରିଭାନ୍ଦ୍ରମ୍ |
| ସେପ୍ଟେମ୍ବର ୩୦ | ଦ୍ୱିତୀୟ ଦିନିକିଆ | ଗୁଆହାଟୀ |
| ଅକ୍ଟୋବର ୩ | ତୃତୀୟ ଦିନିକିଆ | ମୁଲାନପୁର |
| ଅକ୍ଟୋବର ୬ | ପ୍ରଥମ ଟି-୨୦ | ଲକ୍ଷ୍ନୌ |
| ଅକ୍ଟୋବର ୯ | ଦ୍ୱିତୀୟ ଟି-୨୦ | ରାଞ୍ଚି |
| ଅକ୍ଟୋବର ୧୧ | ତୃତୀୟ ଟି-୨୦ | ଇନ୍ଦୋର |
| ଅକ୍ଟୋବର ୧୪ | ଚତୁର୍ଥ ଟି-୨୦ | ହାଇଦରାବାଦ୍ |
| ଅକ୍ଟୋବର ୧୭ | ପଞ୍ଚମ ଟି-୨୦ | ବେଙ୍ଗାଲୁରୁ |
| ବନାମ ଶ୍ରୀଲଙ୍କା (ଦେଶରେ) | | |
| ଡିସେମ୍ବର ୧୩ | ପ୍ରଥମ ଦିନିକିଆ | ଦିଲ୍ଲୀ |
| ଡିସେମ୍ବର ୧୬ | ଦ୍ୱିତୀୟ ଦିନିକିଆ | ବେଙ୍ଗାଲୁରୁ |
| ଡିସେମ୍ବର ୧୯ | ତୃତୀୟ ଦିନିକିଆ | ଅହମ୍ମଦାବାଦ୍ |
| ଡିସେମ୍ବର ୨୨ | ପ୍ରଥମ ଟି-୨୦ | ରାଜକୋଟ |
| ଡିସେମ୍ବର ୨୪ | ଦ୍ୱିତୀୟ ଟି-୨୦ | କଟକ |
| ଡିସେମ୍ବର ୨୭ | ତୃତୀୟ ଟି-୨୦ | ପୁଣେ |

■ ଟେଷ୍ଟ ପାଇଁ ଆଇସିସିର ନିଷ୍ପତ୍ତି

## ଖରାପ ଆଲୋକରେ ବ୍ୟବହାର ହେବ ପିଙ୍କ ବଲ୍

ଅହମ୍ମଦାବାଦ, ୧୬ (ଏଜେନ୍ସି): ଅହମ୍ମଦାବାଦରେ ଅନୁଷ୍ଠିତ ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି)ର ବୋର୍ଡ ବୈଠକରେ ଟେଷ୍ଟ ମ୍ୟାଚକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ସାଧାରଣତଃ ଏକାଧିକ ଟେଷ୍ଟ ମ୍ୟାଚରେ କମ୍ ଆଲୋକ ଲାଗି ଦିବସର ଖେଳକୁ ଶୀଘ୍ର ବନ୍ଦ କରିଦିଆଯାଇଥାଏ। ସେଘୁଆ ପରିସ୍ଥିତି ଲାଗି ଖରାପ ଆଲୋକ କ୍ଷେତ୍ରରେ ଖେଳକୁ ସର୍ବାଧିକ ସମୟ କରିବା ପାଇଁ ଆଇସିସି ଟେଷ୍ଟରେ ଗୋଲାପୀ ବଲ୍ ବ୍ୟବହାର ପରୀକ୍ଷା କରିବାକୁ ରାଜି ହୋଇଛି। ଉଭୟ ଦଳର ଅଧିନାୟକ ଏଥିରେ ରାଜି ହେବା ଆବଶ୍ୟକ ବୋଲି ସୁପାରିଶକୁ ଆଇସିସି ଅନୁମୋଦନ କରିଛି।

## ଗୁଜରାଟ ଟିମ୍ ବସ୍‌ରେ ଲାଗିଲା ନିଆଁ



ଅହମ୍ମଦାବାଦ, ୧୬ (ଏଜେନ୍ସି): ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଗୁଜରାଟ ଟାଇଟାନ୍ସ ଦ୍ୱିତୀୟଥର ଲାଗି ଆଇପିଏଲ୍ ଟ୍ରଫି ଜିତିବାରୁ ବଞ୍ଚିତ ହୋଇଛି। ଅହମ୍ମଦାବାଦରେ ଗତକାଲି ଖେଳାଯାଇଥିବା ଫାଇନାଲରେ ଆରସିବି ୫ ୱିକେଟରେ ଗୁଜରାଟକୁ ପରାସ୍ତ କରି କ୍ରମାଗତ ଦ୍ୱିତୀୟଥର ଚାମ୍ପିଅନ ହୋଇଥିଲା। ଫାଇନାଲରେ ପରାଜୟ ପରେ ମଧ୍ୟ ବିପର୍ଯ୍ୟୟ ଗୁଜରାଟ ଖେଳାଳିଙ୍କ ପିଛା ଛାଡ଼ି ନ ଥିଲା। ଖେଳାଳିମାନେ ଷ୍ଟାଡିୟମରୁ ଟିମ୍ ବସ ଯୋଗେ ହୋଟେଲକୁ ଫେରିବାକୁ ଯାଉଥିବାବେଳେ ଏକ ବଡ଼ ଅଘଟଣ ଘଟିଯାଇଥିଲା। ସର୍ଟ ସର୍କିଟ ଯୋଗୁ ଗୁଜରାଟର ଟିମ୍ ବସରେ ନିଆଁ ଲାଗିଯାଇଥିଲା। ସୌଭାଗ୍ୟବଶତଃ ଗୁଜରାଟର ସମସ୍ତ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ସୁରକ୍ଷିତ ଭାବେ ବସରୁ ବାହାର କରାଯାଇଥିଲା। କିଛି ସମୟର ଅପେକ୍ଷା ପରେ ଆଉ ଏକ ବସର ବ୍ୟବସ୍ଥା ହୋଇଥିଲା। ଯେଉଁଥିରେ ସମସ୍ତ ଖେଳାଳି ହୋଟେଲକୁ ଫେରିଥିଲେ। ଗୁଜରାଟ ପାଇଁ ଗତ ୩ ଦିନ ବେଶ୍ ସ୍ମରଣୀୟ ରହିବ। କ୍ୱାଲିଫାୟର-୨ରେ ବିଜୟ ହାସଲ କରିବା ପରେ ଗୁଜରାଟ ଖେଳାଳିମାନେ ପ୍ରବଳ ବର୍ଷା ଓ ଖରାପ ପାଗ ଲାଗି ଦୁଇଦିନ କାଳ ଚଣ୍ଡିଗଡ଼ରେ ଅଟକି ରହିଥିଲେ। ପରେ ଏକ ଚାର୍ଟର ଫ୍ଲାଇଟ ଯୋଗେ ଶନିବାର ବିଳମ୍ବିତ ରାତିରେ ଗିଲ୍ ବାହିନୀ ଅହମ୍ମଦାବାଦରେ ଫାଇନାଲ ଖେଳିବାକୁ ପହଞ୍ଚିଥିଲା। ଫଳରେ ସେମାନଙ୍କୁ ଫାଇନାଲ୍ ପୂର୍ବରୁ ପ୍ରସ୍ତୁତି ଲାଗି ସମୟ ମିଳି ନ ଥିଲା।

## ଏସିଆ କପ ହକିରେ ଭାରତୀୟ ପୁରୁଷ ଦଳର ବିଜୟ

ନୂଆଦିଲ୍ଲୀ,୧୬(ଏଜେନ୍ସି): ଦକ୍ଷିଣ କୋରିଆକୁ ୪-୧ ଗୋଲରେ ହରାଇ ଜାପାନରେ ଚାଲିଥିବା ୧୮ ବର୍ଷରୁ କମ୍ ଏସିଆ କପ୍ ହକିରେ ଭାରତୀୟ ପୁରୁଷ ଦଳ ଦ୍ୱିତୀୟ ବିଜୟ ହାସଲ କରିଛି। ଏହା ଫଳରେ ଗ୍ରୁପ୍‌ରେ ଅନ୍ୟ ପ୍ରତିଦ୍ୱନ୍ଦ୍ୱୀ ଜାପାନ ଓ ଦକ୍ଷିଣ କୋରିଆ ସହ ଭାରତର ପଏଣ୍ଟ ସଂଖ୍ୟା ସମାନ ରହିଛି। ଅନ୍ୟପକ୍ଷରେ ଆସନ୍ତାକାଲି ଝଡ଼ବାତ୍ୟା ହେବାର ଆଶଙ୍କା ଥିବାରୁ ମହିଳା ଦଳର ପରବର୍ତ୍ତୀ ମ୍ୟାଚ୍ ଜୁନ୍ ୩ରେ ଖେଳାଯିବ।

## ଭାରତୀୟ ଦର୍ଶକ ଆଶ୍ୱସ୍ତ; ଜି'ନେଟ୍‌ୱର୍କରେ ଫିଫା ବିଶ୍ୱକପ୍

ଅହମ୍ମଦାବାଦ, ୧୬ (ଏଜେନ୍ସି): ସମସ୍ତ କଳ୍ପନାଜଳ୍ପନାର ଅନ୍ତ ଘଟିଛି। ବିଶ୍ୱ ଫୁଟବଲର ସର୍ବୋଚ୍ଚ ଟୁର୍ଣ୍ଣାମେଣ୍ଟ ଫିଫା ବିଶ୍ୱକପର ଆଗାମୀ ସଂସ୍କରଣ ଭାରତରେ ସିଧାପ୍ରସାରଣ ହେବା ଲାଗି ରାସ୍ତା ପରିଷ୍କାର ହୋଇଯାଇଛି। ଜୀ ନେଟ୍‌ୱର୍କକୁ ଫିଫା ବିଶ୍ୱକପ୍‌ର ସିଧାପ୍ରସାରଣ ଲାଗି ମିଡିଆ ରାଇଟ୍ସ ମିଳିଯାଇଛି। ଆଗାମୀ ୩୯ଟି ଫିଫା ଇଭେଣ୍ଟର ପ୍ରସାରଣ ଅଧିକାର ହାସଲ କରିଥିବା ନେଇ ଜୀ ଏଣ୍ଟରଟେନମେଣ୍ଟ ପକ୍ଷରୁ ସୋମବାର ଘୋଷଣା କରାଯାଇଛି। ଯେଉଁଥିରେ ଜୁନ ୧୧ରୁ ଆରମ୍ଭ ହେବାକୁ ଥିବା ପୁରୁଷ ଫିଫା ବିଶ୍ୱକପ୍ ସମେତ ୨୦୨୭ ଫିଫା ମହିଳା ବିଶ୍ୱକପ୍ ଓ ୨୦୩୦ ପୁରୁଷ ଫିଫା ବିଶ୍ୱକପ୍ ପ୍ରମୁଖ ରହିଛି। ଏହି ଚୁକ୍ତି ଅନୁସାରେ ଜୀ ୨୦୨୬ ରୁ ୨୦୩୪ ପର୍ଯ୍ୟନ୍ତ ଭାରତରେ ଫିଫାର ସମସ୍ତ ଟୁର୍ଣ୍ଣାମେଣ୍ଟ ପ୍ରସାରଣ କରିବ। ଏହି ସମସ୍ତ ଇଭେଣ୍ଟ ଜି'ର ୟୁନାଇଟ-୮ ସ୍ପୋର୍ଟ୍ସ ଚ୍ୟାନେଲଗୁଡ଼ିକରେ ପ୍ରଦର୍ଶିତ ହେବ। ସେହିଭଳି ଅନଲାଇନରେ ଜୀ୫'ରେ ଲାଇଭ ଷ୍ଟ୍ରିମିଂ ହେବ ବୋଲି ଜଣାପଡ଼ିଛି। ଯଦିଓ ବିଶ୍ୱକପ୍ ପ୍ରସାରଣ ପାଇଁ ହୋଇଥିବା ଚୁକ୍ତି ପରିମାଣର କୌଣସି ଅଫିସିଆଲ ଘୋଷଣା କରାଯାଇନାହିଁ, ତଥାପି ୩୦ରୁ ୩୫ ନିୟୁତ ଡଲାର (ପ୍ରାୟ ୩୨୦ କୋଟି ଟଙ୍କା) ମଧ୍ୟରେ ଏହି ପ୍ରସାରଣ ଚୁକ୍ତି ହୋଇଥିବା ରିପୋର୍ଟ ପ୍ରକାଶ ପାଇଛି।

## ଫ୍ରେଞ୍ଚ୍ ଓପନ୍: ରୁଡ୍, କିଜ୍ ବିଦା; କ୍ୱାର୍ଟରରେ ଡାଏନା



ପ୍ୟାରିସ, ୧୬ (ଏଜେନ୍ସି): ଚଳିତ ଫ୍ରେଞ୍ଚ ଓପନ୍‌ର ୯ମ ଦିବସ ଖେଳ ସୋମବାର ଅନୁଷ୍ଠିତ ହୋଇଯାଇଛି। ପୁରୁଷ ସିଙ୍ଗଲ୍ସ ଇଟାଲୀର ଫ୍ଲାଭିଓ କୋବୋଲି, ବ୍ରାଜିଲର ଜୋଆଓ ଫୋନସେକା ବିଜୟୀ ହୋଇ କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ୨୮ତମ ସିଡ୍ ଫୋନସେକା ପ୍ରି-କ୍ୱାର୍ଟରରେ ୭-୫, ୭-୬ (୧୦/୮), ୫-୭, ୬-୨ରେ ବିଶ୍ୱର ୧୫ତମ ମାନ୍ୟତା କାସ୍ପର ରୁଡ୍‌ଙ୍କୁ ହରାଇ ବିଦାୟର ରାସ୍ତା ଦେଖାଇଥିଲେ। ସେହିଭଳି ୧୦ମ ସିଡ୍ କୋବୋଲି ୬-୨, ୬-୩, ୬-୭ (୩/୭), ୭-୬ (୭/୫) ସେଟରେ ଅଣସିଡେଡ ଆମେରିକାର ଜାଚେରୀ ଭାଜଦାଙ୍କୁ ହରାଇ କ୍ୱାର୍ଟରରେ ସ୍ଥାନ ପକ୍କା କରିଛନ୍ତି। ଅପରପକ୍ଷରେ ମହିଳା ବିଭାଗରେ ପୋଲାଣ୍ଡର ମାଜା ଚୱାଲିସ୍କା, ୨୫ତମ ସିଡ୍ ରୁଷିଆର ଡାଏନା ସ୍ନାଇଡର, ରୁଷିଆର ଆନ୍ନା କାଲିସ୍କାୟା ମଧ୍ୟ କ୍ୱାର୍ଟର ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ରାଉଣ୍ଡ-୧୬ ତଥା ପ୍ରି-କ୍ୱାର୍ଟରରେ ଡାଏନା ୬-୩, ୩-୬, ୬-୦ ସେଟରେ ୧୯ତମ ସିଡ୍ ଆମେରିକାର ମାଡିସନ କିଜ୍‌ଙ୍କୁ ପରାସ୍ତ କରିଥିଲେ। ଉଲ୍ଲେଖନୀୟ ସଫଳତା ହାସଲ କରି ଭାରତର ଏନ ଶ୍ରୀରାମ ବାଲାଜୀ ଓ ତାଙ୍କ ବ୍ରାଜିଲ ପାର୍ଟନର ମାର୍ସେଲୋ ଡେମୋଲିନର ପୁରୁଷ ଡବଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଏହି ଇଣ୍ଡୋ-ବ୍ରାଜିଲୀୟ ଯୋଡ଼ି ଏକ ଘଣ୍ଟା ୨୫ ମିନିଟରେ ଜର୍ମାନର କେଭିନ ଓ ଟିମ୍ ଯୋଡ଼ିଙ୍କୁ ପରାସ୍ତ କରିଥିଲେ। ତେବେ ମହିଳା ଅମ୍ପାୟରଙ୍କ ପ୍ରତି ଆପତ୍ତିଜନକ ମନ୍ତବ୍ୟ ଦେବା ପାରାଗୁଏ'ର ଆଡୋଲଫୋ ଡାନିଏଲଙ୍କ ପାଇଁ ମହଙ୍ଗା ପଡ଼ିଛି। ଫ୍ରେଞ୍ଚ ଓପନ୍ ଆୟୋଜକ ତାଙ୍କୁ ୭୧ ଲକ୍ଷ ଟଙ୍କା ଜରିମାନା କରିଛନ୍ତି।

## କାନାଡା କ୍ରିକେଟ୍‌କୁ ବାସନ୍ଦ କଲା ଆଇସିସି

ଅହମ୍ମଦାବାଦ, ୧୬ (ଏଜେନ୍ସି): ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଆଇସିସି ଏକ ବଡ଼ ନିଷ୍ପତ୍ତିକ୍ରମେ କାନାଡା କ୍ରିକେଟ୍ ବୋର୍ଡର ସଦସ୍ୟତା ପଦକୁ ରଦ୍ଦ କରିଦେଇଛି। କାନାଡା କ୍ରିକେଟ୍ ଏହାର ସଦସ୍ୟତା ଦାୟିତ୍ୱ ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଛି। ମେ ୩୧ ତାରିଖରେ ଅହମ୍ମଦାବାଦରେ ଅନୁଷ୍ଠିତ ଆଇସିସି ବୋର୍ଡ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବୋର୍ଡ ଉପରେ ନିଲମ୍ବନ ସତ୍ତ୍ୱେ ଏହାର ଖେଳାଳିମାନଙ୍କ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ। ସେମାନେ ପୂର୍ବଭଳି ଆଇସିସି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିପାରିବେ। ଏହି ନିଷ୍ପତ୍ତି ପ୍ରଶାସନିକ ସ୍ତରରେ ନିଆଯାଇଥିଲା। ତେଣୁ ଖେଳାଳିମାନେ ଆର୍ଥିକ ଭାବରେ ପ୍ରଭାବିତ ନ ହୁଅନ୍ତୁ ତାହା ନିଶ୍ଚିତ କରିବା ପାଇଁ, ଏକ ନିୟନ୍ତ୍ରିତ ବ୍ୟବସ୍ଥା ମାଧ୍ୟମରେ ପାଣ୍ଠି ବଣ୍ଟନ କରାଯିବ। କାନାଡା କ୍ରିକେଟ୍ ବୋର୍ଡର ପୁନଃସ୍ଥାପନ ପାଇଁ ଆଇସିସି କିଛି ସର୍ତ୍ତ ରଖିଛି।

ଓସିଏ ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା ଦିନିକିଆ କ୍ରିକେଟ୍

## ଆରଏସ୍‌ପି-ଭୁବନେଶ୍ୱର-ଏ ଫାଇନାଲ୍ ଲଢ଼େଇ





ଭୁବନେଶ୍ୱର, ୧୬ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା ଦିନିକିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଯାଇଛି। ବୁଧବାର ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆର୍‌ଏସପି) ଓ ଭୁବନେଶ୍ୱର-ଏ ମଧ୍ୟରେ ଟାଇଟଲ୍ ପାଇଁ ଲଢ଼େଇ ହେବ। ସୋମବାର ଖେଳାଯାଇଥିବା ସେମିଫାଇନାଲରେ ଭୁବନେଶ୍ୱର-ଏ ୫ ୱିକେଟରେ ସୁନ୍ଦରଗଡ଼କୁ ଏବଂ ଆରଏସପି ୭ ୱିକେଟରେ କଟକ-ଏ'କୁ ପରାସ୍ତ କରିଥିଲା। ରେଭେନସା ଗ୍ରାଉଣ୍ଡରେ ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ସୁନ୍ଦରଗଡ଼ ୩୫ ଓଭରରେ ୧୬୭ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ସୁନ୍ଦରଗଡ଼ର ଧୀରଜ ମାଝୀ ୫୪ ରନର ପାଳି ଖେଳିଥିଲେ। ପ୍ରତିପକ୍ଷ ଭୁବନେଶ୍ୱର-ଏ ପକ୍ଷରୁ ସଫଳ ବୋଲର ଭାବେ ସୁବାଶିଷ ମଲ୍ଲିକ ୫ଟି ୱିକେଟ୍ ନେଇଥିଲେ। ଜବାବରେ ସିଦ୍ଧାର୍ଥ ବେହେରାଙ୍କ ୫୫ ରନ ବଳରେ ଭୁବନେଶ୍ୱର ଦଳ ୨୫.୧ ଓଭରରେ ୫ଟି ୱିକେଟ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ସେହିଭଳି ଡ୍ରିମ୍ସ ଗ୍ରାଉଣ୍ଡରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ବିପକ୍ଷରେ ପ୍ରଥମେ ବ୍ୟାଟିଂ କରି କଟକ-ଏ ୧୭୧ ରନରେ ସୀମିତ ରହିଥିଲା। ମହେଶ କୁମାର ସାହୁ ୪ଟି ୱିକେଟ୍ ନେଇଥିଲେ। ଜବାବରେ ଆରଏସ୍‌ପି ୩୧.୫ ଓଭରରେ ୩ଟି ୱିକେଟ୍ ବିନିମୟରେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିଯାଇଥିଲା। ବିଜୟୀ ଦଳ ପକ୍ଷରୁ ବିଷ୍ଣୁ ବେହେରା ଓ କୌସ୍ତିକ ମହାନ୍ତି ୫ଟି ଲେଖାଏ ୱିକେଟ୍ ନେଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS